# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୨୫/୨୦୨୧ (୧୬ ପୃଷ୍ଠା) | Sambalpur, Saturday, September 25/2021 | ★★

୧୭ଶ ଭାଗ ୨୭୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




## ଆର୍‌ଟିଆଇ କର୍ମୀଙ୍କୁ ହତ୍ୟା

ବିହାର ଆର୍‌ଟିଆଇ କର୍ମୀ ବିପିନ ଅଗ୍ରୱାଲ୍ (୪୫)ଙ୍କୁ ଅଜଣା ଆତତାୟୀ ଗୁଳିକରି ହତ୍ୟା କରିଛନ୍ତି। ଶୁକ୍ରବାର ପୂର୍ବ ଚମ୍ପାରନ୍ ଜିଲାର ହର୍ସିଦ୍ଧି ବ୍ଲକ କାର୍ଯ୍ୟାଳୟ ନିକଟରେ ତାଙ୍କୁ ଗୁଳି କରାଯାଇଥିଲା। ସରକାରୀ ଜମି ଜବରଦଖଲ ତଥ୍ୟ ଜାଣିବା ପାଇଁ ସେ ସୂଚନା ଅଧିକାର ଆଇନରେ ପ୍ରାୟ ୯୦ଟି ଆବେଦନ କରିଥିଲେ। ପୂର୍ବରୁ ମଧ୍ୟ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ତାଙ୍କୁ ସୁରକ୍ଷା ଯୋଗାଇ ଦେବା ଲାଗି ସେ ନିକଟରେ ପୋଲିସକୁ ଅନୁରୋଧ କରିଥିଲେ।

## ସଂକ୍ଷେପରେ

### ୫୬ ସାମରିକ ବିମାନ କ୍ରୟ ଲାଗି ଏୟାରବସ୍ ସହ ଚୁକ୍ତି ସ୍ୱାକ୍ଷର

**ନୂଆଦିଲ୍ଲୀ, ୨୪।୯:** ସୈନ୍ୟବାହିନୀ ପାଇଁ ୫୬ଟି ପରିବହନ ବିମାନ କିଣିବା ଲାଗି ଏୟାରବସ୍ ସହ କେନ୍ଦ୍ର ସରକାର ଶୁକ୍ରବାର ୨୦,୦୦୦ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଚୁକ୍ତି ଅନୁଯାୟୀ ଦୁଇ ବର୍ଷ ମଧ୍ୟରେ ବାୟୁସେନାକୁ ପ୍ରଥମ ସି-୨୯୫ ଏମ୍‌ଡବ୍ଲ୍ୟୁ ପରିବହନ ବିମାନ ମିଳିବ। ପ୍ରଥମ ୧୬ଟି ବିମାନ ସ୍ପେନ୍‌ରୁ ଫ୍ଲାଏଆୱେ ସ୍ଥିତିରେ ଅଣାଯିବାକୁ ଥିବାବେଳେ ଅନ୍ୟ ୪୦ଟି ଭାରତରେ ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ଏବଂ ଏୟାରବସ୍ ମିଳିତ ଭାବେ ନିର୍ମାଣ କରିବେ। ଚୁକ୍ତି ସ୍ୱାକ୍ଷର ହେବାର ୨ରୁ ୪ ବର୍ଷ ମଧ୍ୟରେ ସ୍ପେନ୍‌ରୁ ୧୬ଟି ବିମାନ ମିଳିବାକୁ ଥିବାବେଳେ ୫ମ ବର୍ଷରୁ ଦଶମ ବର୍ଷ ମଧ୍ୟରେ ଭାରତରେ ନିର୍ମାଣ ହେବାକୁ ଥିବା ବିମାନ ମିଳିଯିବ ବୋଲି ଚୁକ୍ତିନାମାରେ କୁହାଯାଇଛି। ଚଳିତ ମାସ ଆରମ୍ଭରେ କ୍ୟାବିନେଟ କମିଟି ଉକ୍ତ ଚୁକ୍ତିନାମାକୁ ମଞ୍ଜୁରୀ ପ୍ରଦାନ କରିଥିଲା।

### ବଚସାରୁ ଗୁଳିକାଣ୍ଡ: ୨ ଯବାନ ନିହତ

**ନୂଆଦିଲ୍ଲୀ/ଅଗରତାଲା, ୨୪।୯(ପି.ଟି.):** ତ୍ରିପୁରାର ବାଂଲାଦେଶ ଅନ୍ତର୍ଜାତୀୟ ସୀମାରେ ଥିବା ଏକ ପୋଷ୍ଟରେ ଦୁଇ ଯବାନଙ୍କ ମଧ୍ୟରେ ବଚସାରୁ ଗୁଳିକାଣ୍ଡ ଘଟି ଦୁଇଜଣ ବିଏସ୍‌ଏଫ୍ ଯବାନଙ୍କ ମୃତ୍ୟୁ ଘଟିବା ସହ ଜଣେ ବରିଷ୍ଠ ଅଫିସର ଆହତ ହୋଇଛନ୍ତି। ଗୋମତୀ ଜିଲାର କାରବୁକ୍ ଉପଖଣ୍ଡ ଅନ୍ତର୍ଗତ ଖଗ୍ରାଚେରି ଘାଟିରେ ଗୁରୁବାର ସନ୍ଧ୍ୟାରେ ଏହି ଗୁଳିକାଣ୍ଡ ଘଟିଛି। ସାମାନ୍ୟ ବଚସାରୁ ଉତ୍ତେଜିତ ହୋଇ ୨୦ ବାଟାଲିୟନ୍‌ର ପ୍ରତାପ ସିଂ ନାମକ ଯବାନ ହେଡ୍ କନ୍‌ଷ୍ଟେବଲ ସତ୍‌ବୀର ସିଂଙ୍କ ଉପରକୁ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ସତ୍‌ବୀରଙ୍କର ମୃତ୍ୟୁ ହୋଇଥିଲା। ପରେ ସେଠାରେ ନିୟୋଜିତ ଥିବା ଜଣେ ସେଣ୍ଟ୍ରିଙ୍କ ଗୁଳିରେ ପ୍ରତାପଙ୍କର ମୃତ୍ୟୁ ଘଟିଛି। ପ୍ରତାପଙ୍କ ଗୁଳିରେ ଉକ୍ତ ପୋଷ୍ଟରେ କମାଣ୍ଡର ଥିବା ସବ୍‌ଇନ୍ସପେକ୍ଟର ରାମକୁମାର ଆହତ ହୋଇଛନ୍ତି। ତାଙ୍କ ଉଭୟ ଗୋଡ଼ରେ ଗୁଳି ବାଜିଛି। ଗୁଳିକାଣ୍ଡର କାରଣ ଜାଣିବା ପାଇଁ ବିଭାଗୀୟ ତଦନ୍ତ କରାଯାଉଥିବାବେଳେ ସିଲାଚେରି ଥାନାରେ ଏତଲା ରୁଜୁ ହୋଇଛି।

### ଏନ୍‌ଡିଏ ପରୀକ୍ଷା ପାଇଁ ମହିଳାଙ୍କ ଆବେଦନ ଲାଗି ୟୁପିଏସ୍‌ସିର ଅନୁମତି

**ନୂଆଦିଲ୍ଲୀ, ୨୪।୯(ପି.ଟି.):** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ନଭେମ୍ବର ୧୪ରେ ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନ୍‌ଡିଏ) ଏବଂ ନାଭାଲ ଏକାଡେମୀ ପରୀକ୍ଷା ଦେବାକୁ ଚାହୁଁଥିବା ଅବିବାହିତା ମହିଳା ଆବେଦନ କରିବାକୁ କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି) ଅନୁମତି ଦେଇଛି। upsconline.nic.inରେ ଆବେଦନପତ୍ର ଗ୍ରହଣ କରିବାକୁ ୟୁପିଏସ୍‌ସି ନିଷ୍ପତ୍ତି ନେଇଛି। କେବଳ ଯୋଗ୍ୟ ଅବିବାହିତା ମହିଳା ଏଥିପାଇଁ ଆବେଦନ କରିପାରିବେ। ପ୍ରତିରକ୍ଷା ମନ୍ତ୍ରଣାଳୟରୁ ସୂଚନା ମିଳିବା ପରେ ମହିଳା ପ୍ରାର୍ଥୀଙ୍କ ପାଇଁ ଖାଲିସ୍ଥାନ ଏବଂ ଶାରୀରିକ ମାନଦଣ୍ଡ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇବ। ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୮ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମହିଳା ପ୍ରାର୍ଥୀଙ୍କଠାରୁ ଆବେଦନ ଗ୍ରହଣ ଲାଗି ୱିଣ୍ଡୋ ଖୋଲା ରହିବ। ମହିଳାଙ୍କୁ ଆବେଦନ ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ।

# ମଜଭୁତ ହେବ ଦ୍ୱିପାକ୍ଷିକ ସମ୍ପର୍କ

## ବାଇଡେନ୍‌ଙ୍କୁ ଭେଟିଲେ ମୋଦି

**ୱାଶିଂଟନ,୨୪।୯**

ଆମେରିକା ଓ ଭାରତ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜଭୁତ ହେବ। ବିଶ୍ୱର ଦୁଇ ବୃହତ୍ ଗଣତନ୍ତ୍ର ନିଜ ସମ୍ବନ୍ଧକୁ ଦୃଢ଼, ନିବିଡ଼ ଓ ଘନିଷ୍ଠ କରିବାକୁ ଯାଉଛନ୍ତି ବୋଲି ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ସେହିପରି ଚଳିତ ଦଶନ୍ଧିରେ ଆମେରିକାର ନେତୃତ୍ୱ ନିର୍ଦ୍ଦିଷ୍ଟ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ଯାଉଛି। ଭାରତ-ଆମେରିକା ମଧ୍ୟରେ ବନ୍ଧୁତାକୁ ଆହୁରି ମଜଭୁତ କରିବା ପାଇଁ ମଞ୍ଜି ବୁଣାଯାଇଛି ବୋଲି ବାଇଡେନ୍‌ଙ୍କୁ ମୋଦି କହିଛନ୍ତି।

୩ ଦିନିଆ ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସେଠାକାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ୱାଶିଂଟନସ୍ଥିତ ହ୍ୱାଇଟ୍ ହାଉସ୍‌ରେ ଭେଟିଛନ୍ତି। କୋଭିଡ୍-୧୯ ମହାମାରୀ ପରେ ଏହା ହେଉଛି ମୋଦିଙ୍କ ଦ୍ୱିତୀୟ ବିଦେଶ ଗସ୍ତ। ଏହି ଅବସରରେ ମୋଦି ବାଇଡେନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବାରେ ସହାୟକ ହେବ ବୋଲି କୁହାଯାଉଛି। ସାକ୍ଷାତ୍ ବେଳେ ମୋଦି ବାଇଡେନ୍‌ଙ୍କୁ କହିଥିଲେ, ଭାରତ-ଆମେରିକା ସମ୍ପର୍କରେ ନୂଆ ଅଧ୍ୟାୟ ଯୋଡ଼ିହୋଇଛି। ଏଥିରେ ଟେକ୍ନୋଲୋଜିର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱର ହିତ ପାଇଁ ଆମକୁ ମେଧାଶକ୍ତି ଓ ବୈଷୟିକ ଜ୍ଞାନର ଉପଯୁକ୍ତ ଉପଯୋଗ କରିବାକୁ ପଡ଼ିବ।

କ୍ୱାଡ୍ ରାଷ୍ଟ୍ର ଅଷ୍ଟ୍ରେଲିଆ, ଭାରତ, ଜାପାନ ଓ ଆମେରିକା ପକ୍ଷରୁ ମହାକାଶ ଉପରେ ଏକ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ ନେଇ ଘୋଷଣା ହୋଇଛି। ହ୍ୱାଇଟ୍ ହାଉସ୍‌ରେ ଅନୁଷ୍ଠିତ ଏହି ଐତିହାସିକ ସମ୍ମିଳନୀରେ ଯୋଗାଣ ଶୃଙ୍ଖଳ ପଦକ୍ଷେପ, ୫ଜି, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଆହ୍ୱାନ, ଜଳବାୟୁ ପରିବର୍ତ୍ତନ, କୋଭିଡ୍-୧୯ ମହାମାରୀ, ସ୍ୱାସ୍ଥ୍ୟ ସେବା, ଭିତ୍ତିଭୂମି ବିକାଶ ଏବଂ ଆଫଗାନିସ୍ତାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବହୁପାକ୍ଷିକ ସହଯୋଗିତାକୁ ମଜଭୁତ କରିବା ନେଇ କ୍ୱାଡ୍ ରାଷ୍ଟ୍ରମୁଖ୍ୟମାନେ ସହମତି ପ୍ରକାଶ କରିଛନ୍ତି। ୨୦୨୦ ଜାନୁୟାରୀରେ ଆମେରିକାର ୪୬ତମ ରାଷ୍ଟ୍ରପତି ଭାବେ ଜୋ ବାଇଡେନ୍ ଦାୟିତ୍ୱ ନେବା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଏହା ତାଙ୍କର ପ୍ରଥମ ସାକ୍ଷାତ୍। ୨୦୧୪ରେ ମୋଦି ପ୍ରଧାନମନ୍ତ୍ରୀ ହେବା ପରଠାରୁ ଏହା ହେଉଛି ତାଙ୍କର ସପ୍ତମ ଆମେରିକା ଗସ୍ତ।


ହ୍ୱାଇଟ୍ ହାଉସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରୁଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍।

## ସାମୁଦ୍ରିକ ସୁରକ୍ଷାକୁ ଭାରତ-ଜାପାନର ଗୁରୁତ୍ୱ

**ୱାଶିଂଟନ,୨୪।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାପାନ ପ୍ରତିପକ୍ଷ ୟୋଶିହିଦେ ସୁଗା ୱାଶିଂଟନରେ ପରସ୍ପରକୁ ଭେଟିଛନ୍ତି। ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସାମୁଦ୍ରିକ ସୁରକ୍ଷା, ଆର୍ଥିକ ଦମନ ଓ ଏକତରଫା ଉଦ୍ୟମକୁ ନେଇ ଦୁଇନେତା ଚିନ୍ତା ବ୍ୟକ୍ତ କରିଛନ୍ତି। ଏଭଳି କାର୍ଯ୍ୟକଳାପ ପୂର୍ବ ଓ ଦକ୍ଷିଣ ଚାଇନା ସାଗରରେ ସ୍ଥିତାବସ୍ଥାକୁ ବଦଳାଇଦେବା ଆଶଙ୍କା ରହିଥିବାରୁ ଏହାକୁ ମୋଦି ଓ ସୁଗା ବିରୋଧ କରିଛନ୍ତି। ଏହି ଅବସରରେ ଦୁହେଁ ଆଫଗାନିସ୍ତାନ ସ୍ଥିତି ସମେତ ସଦ୍ୟ ବୈଶ୍ୱିକ ଘଟଣାକ୍ରମ ନେଇ ଭାବ ବିନିମୟ କରିଥିଲେ। ଭାରତ ଓ ଜାପାନ ମଧ୍ୟରେ ଦ୍ୱିପାକ୍ଷିକ ନିରାପତ୍ତା ଏବଂ ପ୍ରତିରକ୍ଷା ସହଯୋଗିତା ନେଇ ମଧ୍ୟ ଆଲୋଚନା ହୋଇଥିବା ଜାପାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି।


ୟୋଶିହିଦେ ସୁଗା

## ଅର୍ଥନୀତି ବଦଳାଇବ ସୌରଶକ୍ତି: ମୋରିସନ

**ୱାଶିଂଟନ,୨୪।୯**

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ କହିଛନ୍ତି, ସେ ଓ ତାଙ୍କ ଭାରତ ପ୍ରତିପକ୍ଷ ତଥା ପ୍ରିୟ ବନ୍ଧୁ ନରେନ୍ଦ୍ର ମୋଦି କେତେକ ନୂଆ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସହମତ ହୋଇଛନ୍ତି। ଏହା ମଧ୍ୟରେ ରହିଛି ନିମ୍ନ ଉତ୍ସର୍ଜନ କାରିଗରିରେ ସହଯୋଗିତା ଓ ଅତି କମ୍ ମୂଲ୍ୟରେ ସୌର କାର୍ଯ୍ୟକ୍ରମ, ଯାହାକି ଦୁଇଦେଶ ମଧ୍ୟରେ ଆର୍ଥିକ ସମ୍ପର୍କକୁ ଆହୁରି ମଜଭୁତ କରିବ।

ମୋଦି ଓ ମୋରିସନ୍ ଫୋନ୍‌ରେ ଭାରତ-ଅଷ୍ଟ୍ରେଲିଆ ବିସ୍ତୃତ ପ୍ରତିରକ୍ଷା ସହଯୋଗିତା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ନେଇ ସମୀକ୍ଷା କରିବାର ସପ୍ତାହେ ପରେ ଗୁରୁବାର ୱାଶିଂଟନରେ ପରସ୍ପରକୁ ଭେଟିଛନ୍ତି। ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆକୁ ନେଇ କ୍ୱାଡ୍ରିଲେଟ୍‌ରାଲ୍ ସିକ୍ୟୁରିଟି ଡାଇଲଗ୍ ବା କ୍ୱାଡ୍ ସମ୍ମିଳନୀ ଅବସରରେ ଏହି ଆଲୋଚନା ହୋଇଛି। ପ୍ରକାଶ ଯେ, ବର୍ତ୍ତମାନ ସୌରଶକ୍ତି ଉତ୍ପାଦନ କାର୍ଯ୍ୟକ୍ରମରେ ଭାରତ ବିଶ୍ୱରେ ଆଗୁଆ ରହିଛି। ଭାରତ ପକ୍ଷରୁ ସ୍ୱଚ୍ଛ ରୋଷେଇ ଇନ୍ଧନକୁ ୮୦ ନିୟୁତ ପରିବାରକୁ ବିସ୍ତାର କରାଯାଇଛି।


ସ୍କଟ୍ ମୋରିସନ୍

# କଶ୍ମୀରରେ ମାନବାଧିକାରକୁ ନେଇ ବ୍ରିଟେନ୍ ପାର୍ଲାମେଣ୍ଟରେ ପ୍ରସ୍ତାବ

**ଲଣ୍ଡନ, ୨୪।୯**

ବ୍ରିଟେନର ହାଉସ୍ ଅଫ୍ କମନ୍ସରେ କଶ୍ମୀରରେ ମାନବାଧିକାରକୁ ନେଇ ଆଲୋଚନା ପାଇଁ ପ୍ରସ୍ତାବ ଅଣାଯାଇଛି। କଶ୍ମୀର ଉପରେ ସେଠାର ଅଲ୍ ପାର୍ଟି ପାର୍ଲାମେଣ୍ଟାରି ଗ୍ରୁପ୍ (ଏପିପିଜି) ଏହି ପ୍ରସ୍ତାବ ଆଣିଛି। ଏହାକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଦେଶର ଅବିଚ୍ଛେଦ୍ୟ ଅଙ୍ଗ ସମ୍ପର୍କିତ କୌଣସି ପ୍ରସଙ୍ଗ ଯେକୌଣସି ଫୋରମ୍‌ରେ ଉଠାଯିବା ପୂର୍ବରୁ ଉପଯୁକ୍ତ ଯାଞ୍ଚ ଦ୍ୱାରା ଏହାକୁ ସିଦ୍ଧ କରାଯିବା ଆବଶ୍ୟକ ବୋଲି ଭାରତ କହିଛି। ବିଦେଶ, କମନ୍‌ୱେଲ୍‌ଥ ଏବଂ ବିକାଶ କାର୍ଯ୍ୟାଳୟ (ଏଫ୍‌ସିଡିଓ)ରେ ଏସିଆ ମନ୍ତ୍ରୀ ଥିବା ଆମଣ୍ଡ ମିଲିଙ୍ଗ୍ ପ୍ରତିକ୍ରିୟା ରଖି କହିଛନ୍ତି, କଶ୍ମୀର ଏକ ଦ୍ୱିପାକ୍ଷିକ ମାମଲା ଯାହା ଉପରେ ବ୍ରିଟେନ ସରକାରଙ୍କ ଆଭିମୁଖ୍ୟ ଅପରବର୍ତ୍ତିତ ରହିଛି। ସରକାର କଶ୍ମୀର ସ୍ଥିତିକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଉଛନ୍ତି। ତେବେ କଶ୍ମୀରବାସୀଙ୍କ ଇଚ୍ଛାକୁ ବିଚାରକୁ ନେଇ ଭାରତ ଓ ପାକିସ୍ତାନ ରାଜନୈତିକ ସମାଧାନ ସୂତ୍ର ବାହାର କରିବା ଉଚିତ। ବ୍ରିଟେନ ସମାଧାନ ପାଇଁ କୌଣସି ପରାମର୍ଶ ଦେବନାହିଁ କିମ୍ବା ମଧ୍ୟସ୍ଥତା କରିବ ନାହିଁ ବୋଲି ମିଲିଙ୍ଗ କହିଛନ୍ତି। ପାକିସ୍ତାନୀ ବଂଶୋଦ୍ଭବ ଲେବର ପାର୍ଟି ଏମ୍‌ପି ନାଜ ଶାହାଙ୍କ ସମେତ ପଛ ବେଞ୍ଚର କେତେଜଣ ଏମ୍‌ପି ଆଲୋଚନାରେ ଭାଗ ନେଇଥିଲେ। ସେମାନେ ବ୍ୟବହାର କରିଥିବା ଭାଷାକୁ ଭାରତ ନିନ୍ଦା କରିଛି। କଶ୍ମୀର ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରାଯାଇଥିବାରୁ ଲଣ୍ଡନସ୍ଥିତ ଭାରତୀୟ ହାଇକମିଶନ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି।

## ନିନ୍ଦା କଲା ଭାରତ



## ୱାରାୱାରା ରାଓଙ୍କ ଜାମିନ ଶୁଣାଣି ସ୍ଥଗିତ

**ମୁମ୍ବାଇ, ୨୪।୯(ପି.ଟି.)**

ଏଲ୍‌ଗାର ପରିଷଦ ମାମଲାରେ ଅଭିଯୁକ୍ତ ଥିବା କବି ତଥା ସାମାଜିକ କର୍ମୀ ୱାରାୱାରା ରାଓଙ୍କ ଜାମିନ ମିଆଦ ବୃଦ୍ଧି ଆବେଦନର ଶୁଣାଣିକୁ ଶୁକ୍ରବାର ବମ୍ବେ ହାଇକୋର୍ଟ ଅକ୍ଟୋବର ୧୩ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଅକ୍ଟୋବର ୧୪ ପର୍ଯ୍ୟନ୍ତ ତାଙ୍କର ତାଲୋଜା ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବାର ଆବଶ୍ୟକ ନାହିଁ ବୋଲି ଅଦାଲତ କହିଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ୮୨ ବର୍ଷୀୟ ୱାରାୱାରାଙ୍କୁ ଗତ ଫେବୃୟାରୀ ୨୨ରେ ହାଇକୋର୍ଟ ୬ ମାସ ପାଇଁ ଅନ୍ତରୀଣ ଜାମିନ ମଞ୍ଜୁର କରିଥିଲେ। ସେପ୍ଟେମ୍ବର ୫ରେ ତାଙ୍କୁ ଜେଲ୍‌କୁ ଫେରିବାର ଥିଲା। ଜାମିନ ମିଆଦ ବଢ଼ାଇବା ଏବଂ ଜାମିନ ସମୟରେ ନିଜ ସହର ହାଇଦ୍ରାବାଦରେ ରହିବା ପାଇଁ ଅନୁମତି ଦେବାକୁ ୱାରାୱାରା ଆବେଦନ କରିଥିଲେ।



## ଭାଜପା, ନିଶାଦ ପାର୍ଟି ଏକାଠି ଲଢ଼ିବେ ୟୁପି ନିର୍ବାଚନ

**ଲକ୍ଷ୍ନୌ, ୨୪।୯:** ଆଗାମୀ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଭାଜପା ଏବଂ ନିଶାଦ ପାର୍ଟି ଏକାଠି ଲଢ଼ିବେ ଓ ପରବର୍ତ୍ତୀ ସରକାର ଗଢ଼ିବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ୟୁପି ପାଇଁ ଭାଜପାର ନିର୍ବାଚନ ଦାୟିତ୍ୱରେ ଥିବା ଧର୍ମେନ୍ଦ୍ର ଏକ ଖବରଦାତା ସମ୍ମିଳନୀରେ ଭାଜପା-ନିଶାଦ ପାର୍ଟି ମେଣ୍ଟ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା କରିଛନ୍ତି। ସେଠାରେ ନିଶାଦ ପାର୍ଟି ମୁଖ୍ୟ ସଞ୍ଜୟ ନିଶାଦ ଉପସ୍ଥିତ ଥିଲେ। କେବଳ ନିଶାଦ ପାର୍ଟି ନୁହେଁ, ଅପ୍‌ନା ଦଳ ସହ ମଧ୍ୟ ମେଣ୍ଟ ହେବ ଏବଂ ୟୁପିରେ ପରବର୍ତ୍ତୀ ସରକାର ଗଠନ ପାଇଁ ସମସ୍ତେ ଏକାଠି କାମ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ାଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# କଲେଜ ବେଳର ଶତ୍ରୁତାରୁ ଗ୍ୟାଙ୍ଗୱାର

**ନୂଆଦିଲ୍ଲୀ, ୨୪।୯**

ଜିତେନ୍ଦ୍ର ଓରଫ ଗୋଗି ଏବଂ ଟିଲ୍ଲୁ ତାଜପୁରିଆ ଗ୍ୟାଙ୍ଗ ମଧ୍ୟରେ ପୂର୍ବ ଶତ୍ରୁତାରୁ ରୋହିଣୀ କୋର୍ଟ ପରିସରରେ ଆକ୍ରମଣ ଘଟି ୩ ଗ୍ୟାଙ୍ଗଷ୍ଟରଙ୍କ ଜୀବନ ଯାଇଛି ଓ ଜଣେ ଆଇନଜୀବୀ ଆହତ ହୋଇଛନ୍ତି। ଗୋଗି ଏବଂ ଟିଲ୍ଲୁ କଲେଜରେ ପଢ଼ିବା ବେଳେ ଦୁଇ ବନ୍ଧୁ ଥିଲେ। ୨୦୧୦ରେ କଲେଜ ଛାତ୍ର ସଂସଦ ନିର୍ବାଚନରେ ଉଭୟେ ଭାଗ ନେଇଥିଲେ। ସେହିଠାରୁ ସେମାନଙ୍କ ମଧ୍ୟରେ ଶତ୍ରୁତା ଆରମ୍ଭ ହୋଇଥିଲା ଯାହା ପରବର୍ତ୍ତୀ ସମୟରେ ଗ୍ୟାଙ୍ଗୱାରର ରୂପ ନେଇଥିଲା। ୨୦୧୩ରେ ପୋଲିସ ଏନ୍‌କାଉଣ୍ଟରରେ ଦୁର୍ଦ୍ଧର୍ଷ ଗ୍ୟାଙ୍ଗଷ୍ଟର ନୀତୁ ଦାବୋଡିଆ ନିହତ ହୋଇଥିଲେ। ଏଥିସହିତ ଦିଲ୍ଲୀର ଡନ୍ କୁହାଯାଉଥିବା ନୀରଜ ବାୱାନିଆ ଜେଲ୍ ଯିବା ପରେ ପତିଆରା ଜାହିର ପାଇଁ ଗୋଗି ଓ ଟିଲ୍ଲୁ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଜାରି ରହିଥିଲା। ୨୦୧୮ରେ ଦୁଇ ଗ୍ୟାଙ୍ଗ୍‌ର ସଦସ୍ୟଙ୍କ ମଧ୍ୟରେ ବୁରାରିଠାରେ ସଂଘର୍ଷ ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ୫ ଜଣ ଆହତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ଦୁଇଗୋଷ୍ଠୀ ମଧ୍ୟରେ ଲଢ଼େଇରୁ ଶତାଧିକ ଲୋକଙ୍କ ଜୀବନ ଗଲାଣି। ଦିଲ୍ଲୀ-ହରିୟାଣା ସୀମାର ଆଲିପୋର ଅଞ୍ଚଳରେ ଗୋଗିଙ୍କ ଘର। ସେ ଦିଲ୍ଲୀ ପୋଲିସର ମୋଷ୍ଟ ୱାଣ୍ଟେଡ୍ ତାଲିକାର ଶୀର୍ଷରେ ଥିଲେ। ତିହାର ଜେଲ୍‌ରୁ ସେ ଦୁବାଇର ଜଣେ ବ୍ୟବସାୟୀଙ୍କୁ ୫ କୋଟି ଟଙ୍କା ଚାନ୍ଦା ମାଗି ଖବରର ଶିରୋନାମା ପାଲଟିଥିଲେ। ଜବରଦସ୍ତ ବଟି ଆଦାୟ, ଅପହରଣ କରି ପଣବନ୍ଦୀ ରଖିବା, ହତ୍ୟା ଆଦି ଅପରାଧରେ ଗୋଗି ସମ୍ପୃକ୍ତ ଥିଲେ। ୩ ଥର ସେ ପୋଲିସ ହାଜତରୁ ଖସିଯାଇଥିଲେ। ଅନ୍ୟପକ୍ଷରେ ଟିଲ୍ଲୁ ତାଜପୁରିଆ ମଧ୍ୟ ତିହାର ଜେଲ୍‌ରେ ଥାଇ ତାଙ୍କ ଗ୍ୟାଙ୍ଗ ଚଳାଇଥିଲେ।


ଜିତେନ୍ଦ୍ର ଓରଫ ଗୋଗି

## 'ସୁରକ୍ଷାଗତ ତ୍ରୁଟିକୁ ବରଦାସ୍ତ କରାଯିବନି'

କୋର୍ଟ ପରିସରରେ ସୁରକ୍ଷାଗତ ତ୍ରୁଟିରୁ ଗୁଳିକାଣ୍ଡ ଘଟି ୩ ଜଣଙ୍କ ଜୀବନ ଗଲା। ଏଭଳି ତ୍ରୁଟିକୁ ବରଦାସ୍ତ କରାଯିବ ନାହିଁ। ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦିଲ୍ଲୀ ପୋଲିସ କମିଶନର ରାକେଶ ଅସ୍ଥାନା କହିଛନ୍ତି। ତେବେ ଏହା ଗ୍ୟାଙ୍ଗ୍‌ୱାର ନ ଥିଲା। ସେଠାରେ ଉପସ୍ଥିତ ଥିବା ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଓ ସେମାନଙ୍କ ପାଲଟା ଗୁଳିରେ ୨ ଆକ୍ରମଣକାରୀ ନିହତ ହୋଇଛନ୍ତି। ସୁରକ୍ଷା ବ୍ୟବସ୍ଥାରେ ନିଶ୍ଚିତ ଭାବେ ତ୍ରୁଟି ହୋଇଛି। ଏହାର ଅନୁଧ୍ୟାନ କରାଯିବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅସ୍ଥାନା ପ୍ରତିଶ୍ରୁତି ଦେଇଛନ୍ତି।


ରାକେଶ ଅସ୍ଥାନା



# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୨୫/୨୦୨୧ | Sambalpur, Saturday, September 25/2021 | ପୃଷ୍ଠା-୧




### ହ୍ୱାଟ୍‌ମୋର୍ ବରୋଦା ମୁଖ୍ୟ କୋଚ୍

ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଡେଭ୍ ହ୍ୱାଟ୍‌ମୋର୍ ବରୋଦା କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ଯୋଗ ଦେଇଛନ୍ତି।

୧୪

୧୨

### ଅଡୁଆରେ କପିଲ ଶର୍ମାଙ୍କ ଶୋ'

କପିଲ ଶର୍ମାଙ୍କ ଶୋ'ରେ କୋର୍ଟ ରୁମ୍‌ରେ ମଦ୍ୟପାନ ଦୃଶ୍ୟ ଦେଖାଯାଇଥିଲା। ଯାହା କୋର୍ଟ ପ୍ରତି ଅପମାନ ଦର୍ଶାଇ ଏତଲା ଦାଏର ହୋଇଛି।



# କୋର୍ଟରୁମ୍‌ରେ ଗ୍ୟାଙ୍ଗଷ୍ଟରଙ୍କୁ ହତ୍ୟା

## ପୋଲିସ ଗୁଳିରେ ୨ ଆକ୍ରମଣକାରୀ ନିହତ

**ନୂଆଦିଲ୍ଲୀ, ୨୪।୯(ପି.ଟି.)**

ଦିଲ୍ଲୀର ରୋହିଣୀ କୋର୍ଟ ରୁମ୍‌ରେ ଶୁକ୍ରବାର ଦୁଇଜଣ ଆତତାୟୀ ଆଇନଜୀବୀ ପୋଷାକରେ ଆସି ଗ୍ୟାଙ୍ଗଷ୍ଟର ଜିତେନ୍ଦ୍ର ମାନ୍ ଓରଫ ଗୋଗିଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ପୋଲିସ ଗୁଳିରେ ୨ ଆକ୍ରମଣକାରୀ ନିହତ ହୋଇଛନ୍ତି। ବିଚାରାଧୀନ କଏଦୀ ଗୋଗିଙ୍କୁ କୋର୍ଟରେ ହାଜର କରିବାକୁ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ଆଣିଥିଲା। ୨୦୭ ନମ୍ବର ପ୍ରକୋଷ୍ଠରେ ତାଙ୍କୁ ବିଚାରପତିଙ୍କ ଆଗରେ ହାଜର କରାଯାଇଥିବାବେଳେ ବିରୋଧୀ ଗ୍ୟାଙ୍ଗ୍‌ର ସଦସ୍ୟ ଗୁଳି ଚଳାଇଥିଲେ। କୋର୍ଟ ପରିସରରେ



ନୂଆଦିଲ୍ଲୀସ୍ଥିତ ରୋହିଣୀ କୋର୍ଟ ରୁମ୍‌ରେ ଗ୍ୟାଙ୍ଗଷ୍ଟର ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ବେଳର ଦୃଶ୍ୟ ।



ଜିତେନ୍ଦ୍ର ମାନ୍

ଗୁଳିକାଣ୍ଡକୁ ନେଇ ବିଚାରପତି ଓ ଆଇନଜୀବୀଙ୍କ ସୁରକ୍ଷା ଓ ନିରାପତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରୋହିଣୀ କୋର୍ଟରେ ଏହା ଚତୁର୍ଥ ଗୁଳିକାଣ୍ଡ।

ଆଇନଜୀବୀ ପୋଷାକରେ ଆସିଥିବା ଆକ୍ରମଣକାରୀ ବିରୋଧୀ ଟିଲ୍ଲୁ ତାଜପୁରିଆ ଗ୍ୟାଙ୍ଗର ରାହୁଲ ଏବଂ କୁକି ବୋଲି ଜଣାପଡ଼ିଛି। ସ୍ପେଶାଲ ସେଲ୍ ☞ପୃଷ୍ଠା-୨

## ଡିଜେଲ ୨୩ ପଇସା ବଢ଼ିଲା

**ଭୁବନେଶ୍ୱର/ନୂଆଦିଲ୍ଲୀ,୨୪।୯**

ବିଗତ ୧୯ ଦିନର ବିରତି ପରେ ପ୍ରଥମ ଥର ପାଇଁ ଡିଜେଲ ଦରରେ ପରିବର୍ତ୍ତନ ଘଟିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ(ଆଇଓସିଏଲ୍)ର ସୂଚନା ଅନୁସାରେ ଶୁକ୍ରବାର ଭୁବନେଶ୍ୱରରେ ଡିଜେଲ ୨୩ ପଇସା ବୃଦ୍ଧି ପାଇଥିବା ବେଳେ ପେଟ୍ରୋଲ ପୂର୍ବପରି ସ୍ଥିର ରହିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୯୬.୮୪ ଟଙ୍କା ଏବଂ ପେଟ୍ରୋଲ ୧୦୨.୦୪ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୯୭.୧୮ ଟଙ୍କା ଓ ପେଟ୍ରୋଲ ୧୦୨.୩୯ ଟଙ୍କା ରହିଛି।

ସେହିପରି ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୨୦ ପଇସା ବଢ଼ିଥିବା ବେଳେ ପେଟ୍ରୋଲ ମୂଲ୍ୟ ସ୍ଥିର ରହିଛି। ଏହି ଦର ବୃଦ୍ଧି ଫଳରେ ସେଠାରେ ଡିଜେଲ ଲିଟର ପିଛା ୮୮.୮୨ ଟଙ୍କା ଏବଂ ☞ପୃଷ୍ଠା-୨

## ମୁଖ୍ୟମନ୍ତ୍ରୀଙ୍କ ୫ ଦିନିଆ ନୂଆଦିଲ୍ଲୀ ଗସ୍ତ



**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୫ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଆସନ୍ତା ୨୬ ତାରିଖରେ ସେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ମାଓବାଦୀ ମୁକାବିଲା ନେଇ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେବେ। ଏହି ବୈଠକରେ ୧୦ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗଦେବେ। ଆସନ୍ତା ୨୮ରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରି ଆସିବାର କାର୍ଯ୍ୟକ୍ରମ ରହିଛି।

**ଆଜିର ସମ୍ପାଦକୀୟ**

ମୁଣ୍ଡ ନୁଆଁଇଲେ

## ୪୬ତମ ର୍‍ୟାଙ୍କରେ ଜୁବିନ୍ ମହାପାତ୍ର

### ସିଭିଲ ସର୍ଭିସ ପରୀକ୍ଷା ଫଳ ପ୍ରକାଶ

**ଭୁବନେଶ୍ୱର, ୨୪।୯(ବ୍ୟୁରୋ)**

କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷା-୨୦୨୦ ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ସାରା ଦେଶରୁ ମୋଟ ୭୬୧ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଶୁଭମ୍ କୁମାର ଟପ୍ପର ହୋଇଛନ୍ତି। ଶୁଭମ୍ ଆଇଆଇଟି ବମ୍ବେରୁ ସିଭିଲ୍ ଇଞ୍ଜିନିୟରିଂରେ ବିଟେକ୍ କରିଛନ୍ତି। ତେବେ ଓଡ଼ିଶାରୁ ଭୁବନେଶ୍ୱରର ଜୁବିନ୍ ମହାପାତ୍ର ୪୬ତମ ର୍‍ୟାଙ୍କରେ ରହି ରାଜ୍ୟ ଟପ୍ପର ହୋଇଥିବା ଜଣାପଡ଼ିଛି। ସେହିପରି ଓଡ଼ିଶାର ଆଶିଷ କୁମାର ମିଶ୍ର ୫୨, ଶୁଭଙ୍କର ବଳ ୭୯, ଅଙ୍କିତ କୁମାର ବର୍ମା ୧୮୪, ରୀନା ପ୍ରଧାନ ୧୯୪, ପୂର୍ବି ନନ୍ଦ ୨୪୪, ନବଜ୍ୟୋତି ମିଶ୍ର ୩୯୫, ବବିତାରାଣୀ ସ୍ୱାଇଁ ୪୬୪, ଅଙ୍କିତ ମିଶ୍ର ୫୨୨ ଓ ସୁଧାଂଶୁ ନାୟକ ୬୨୦ ର୍‍ୟାଙ୍କ୍ ପାଇଛନ୍ତି।



ଜୁବିନ୍ ମହାପାତ୍ର

ସର୍ବଭାରତୀୟ ସ୍ତରରେ ଭୋପାଳର ଜାଗୃତି ଅୱସ୍ଥି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ମହିଳା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଟପ୍ପର ହୋଇଛନ୍ତି। ୨୪ ବର୍ଷୀୟା ଜାଗୃତି ଇଞ୍ଜିନିୟରିଂ ଗ୍ରାଜୁଏଟ୍ ଓ ଭେଲ୍ ସହିତ କାମ କରିଛନ୍ତି। ଅଙ୍କିତା ଜୈନ ତୃତୀୟ ସ୍ଥାନରେ ରହିଥିବାବେଳେ ୟଶ ଜାଲୁକା ଚତୁର୍ଥ ଓ ☞ପୃଷ୍ଠା-୨

## ଡଲାର ତୁଳନାରେ ୪ ପଇସା କମିଲା ଟଙ୍କା

**ନୂଆଦିଲ୍ଲୀ,୨୪।୯**

ଡଲାର ତୁଳନାରେ ଶୁକ୍ରବାର ଭାରତୀୟ ଟଙ୍କାର ମୂଲ୍ୟ ୪ ପଇସା ହ୍ରାସ ଘଟି ୭୩.୬୮ ଟଙ୍କା ସ୍ତରରେ ରହିଛି। ଇଣ୍ଟରବ୍ୟାଙ୍କ ଫରେନ ଏକ୍ସଚେଞ୍ଜ ମାର୍କେଟରେ ଟଙ୍କା ୭୭.୭୩ ସ୍ତରରୁ କାରବାର ଆରମ୍ଭ କରିଥିଲା। ଦିନ ମଧ୍ୟରେ ଏହାର ସର୍ବୋଚ୍ଚ ସ୍ତର ୭୩.୬୧ ଟଙ୍କା ଥିବା ବେଳେ ସର୍ବନିମ୍ନ ସ୍ତର ୭୩.୬୮ ଟଙ୍କା ରହିଥିଲା। ମାତ୍ର କାରବାର ଶେଷ ବେଳକୁ ଟଙ୍କା ୭୩.୬୮ ସ୍ତରରେ ରହିଥିବା ଜଣାପଡ଼ିଛି। ଗୁରୁବାର ଟଙ୍କାର ମୂଲ୍ୟ ୭୩.୬୪ ଟଙ୍କା ରହିଥିଲା। ☞ପୃଷ୍ଠା-୨


## ବାତ୍ୟା ଆସୁଛି

- ୨୬ରେ ଗୋପାଳପୁର-ବିଶାଖାପାଟଣା ମଧ୍ୟରେ ଅତିକ୍ରମ କରିବ
- ଘଣ୍ଟା ପ୍ରତି ୭୦ରୁ ୯୦ କି.ମି. ବେଗରେ ବହିବ

*ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ପିଛା ଛାଡୁନାହିଁ। କରୋନା ମହାମାରୀ ପରେ ରାଜ୍ୟରେ ବର୍ଷା ଅଭାବରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଏବେ ପୁଣି ରାଜ୍ୟକୁ ବାତ୍ୟା ଭଳି ବିପଦ ମାଡ଼ିଆସୁଛି।*

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ଉତ୍ତର-ପୂର୍ବ ଏବଂ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ମ୍ୟାନ୍‌ମାର ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣବଳୟ ଶୁକ୍ରବାର ଲଘୁଚାପରେ ପରିଣତ ହୋଇଛି। ଏହା ଘନୀଭୂତ




ହୋଇ ଧୀରେ ଧୀରେ ଆନ୍ଧ୍ରପ୍ରଦେଶର ବିଶାଖାପଟଣା ଏବଂ ଦକ୍ଷିଣ ଓଡ଼ିଶା ଉପକୂଳ ଆଡ଼କୁ ମୁହାଁଉଛି। ଏହା ଗୋପାଳପୁରଠାରୁ ପୂର୍ବ-ଦକ୍ଷିଣ-ପୂର୍ବରେ ୭୨୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ବାତ୍ୟା ରୂପ ନେବ। ଆସନ୍ତା ୨୬ ତାରିଖ ସନ୍ଧ୍ୟା ସୁଦ୍ଧା ବାତ୍ୟା ବିଶାଖାପଟଣା ଏବଂ ଗଞ୍ଜାମର ଗୋପାଳପୁର ☞ପୃଷ୍ଠା-୨









## ରିପୋର୍ଟିଂ ବେଳେ ଅରିନ୍ଦମଙ୍କ ପ୍ରାଣଗଲା

**କଟକ ଅଫିସ,୨୪।୯**

କଟକ ମୁଣ୍ଡଳି ବ୍ୟାରେଜ ନିକଟରେ ଶୁକ୍ରବାର ଫସିଥିବା ହାତୀକୁ ଉଦ୍ଧାର କରିବାକୁ ଯାଇଥିବା ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ ଫୋର୍ସ(ଓଡ୍ରାଫ୍)ର ବୋଟ ଓଲଟି ପଡ଼ିଛି। ଫଳରେ ଉକ୍ତ



ଅରିନ୍ଦମ ଦାସ

ବୋଟରେ ଖବର ସଂଗ୍ରହ କରିବାକୁ ଯାଇଥିବା ଓଟିଭି ରିପୋର୍ଟର ଅରିନ୍ଦମ ଦାସ(୩୯)ଙ୍କ ଅକାଳ ବିୟୋଗ ଘଟିଛି। ଏହି ଘଟଣାରେ କ୍ୟାମେରାମ୍ୟାନ୍ ପ୍ରଭାତ ସିହ୍ନା, ଓଡ୍ରାଫ୍ ଟିମ୍ ସଦସ୍ୟ ହରିଶ ଚନ୍ଦ୍ର ନାୟକ, ଅନ୍ନଦା ପାଲ୍, ସଞ୍ଜୀବ ବିଶ୍ୱାଳଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବି ଆଇସିୟୁରେ ଭର୍ତ୍ତି କରାଯାଇଛି ବୋଲି ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା ସୂଚନା ଦେଇଛନ୍ତି। ଓଡ୍ରାଫ ଟିମ୍‌ର ରୁଦ୍ର ପ୍ରଧାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବାବେଳେ ସୀତାରାମ ମୁର୍ମୁ ନାମକ ଜଣେ କର୍ମଚାରୀ ନିଖୋଜ ଅଛନ୍ତି। ତାଙ୍କୁ ଓଡ୍ରାଫ ଓ ଏନ୍‌ଡିଆର୍‌ଏଫ୍‌ର ଟିମ୍ ସଦସ୍ୟ ବହୁ ଖୋଜା ଖୋଜି କରିଥିଲେ ସୁଦ୍ଧା ରାତି ପର୍ଯ୍ୟନ୍ତ କୌଣସି ପତ୍ତା ମିଳିପାରି ନାହିଁ। ଓଡ୍ରାଫ୍ ଟିମ୍ ବୋଟ ବୁଡ଼ି ଘଟଣାରେ ରିପୋର୍ଟର ଅରିନ୍ଦମଙ୍କ ମୃତ୍ୟୁ ଘଟଣାରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ରାଜ୍ୟପାଳ ପ୍ରଫେଶର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ଏମ୍‌ପି ତଥା 'ଧରିତ୍ରୀ' ସମ୍ପାଦକ ତଥାଗତ ସତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ରାଜ୍ୟପାଳ ଦୁଃଖ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ** "ମହିଳା ଓ ସଂଖ୍ୟାଲଘୁଙ୍କୁ ବିପଦରେ ଛାଡ଼ିଦେଇ ବିଶ୍ୱକୁ ବଞ୍ଚାଯାଇପାରିବ ନାହିଁ" -ଜୁଜାନା କେପୁଟୋଭା, ସ୍ଲୋଭାକିଆ ରାଷ୍ଟ୍ରପତି




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯୁବ ବିଜେଡିର ମିଶ୍ରଣ ପର୍ବ

ଭୁବନେଶ୍ୱର,୨୪।୯(ବ୍ୟୁରୋ)

ଯୁବ ବିଜେଡି କାର୍ଯ୍ୟାଳୟରେ ଶୁକ୍ରବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଯାଜପୁର ଧର୍ମଶାଳା ଭାଜପାର ୧୨ ଜଣ ବରିଷ୍ଠ ନେତା ବିଜେଡିରେ ଯୋଗ ଦେଇଛନ୍ତି। ମିଶ୍ରଣ ପର୍ବରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଦଳର ମୁଖପାତ୍ର ପ୍ରତାପ ଦେବ, କୋରେଇ ବିଧାୟକ ଅଶୋକ ବଳ ଉପସ୍ଥିତ ଥିଲେ। ୨୦୧୯ରେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ରମେଶ ଚନ୍ଦ୍ର ପରିଡ଼ା ବିଜେଡିରେ ମିଶିଛନ୍ତି। ରମେଶଙ୍କ ସମେତ ଭାଜପା ଛାଡ଼ିଥିବା ଅନ୍ୟ ୧୧ ଜଣ ମଧ୍ୟ ବିଜେଡିରେ ଯୋଗ ଦେଇଛନ୍ତି। ସେମାନେ ହେଲେ ଚୈତନ୍ୟ ସାମଲ, ମହେନ୍ଦ୍ର ପଣ୍ଡା, ବିଜୟ କୁମାର ନାୟକ, ନିରଞ୍ଜନ ବେହେରା, ଅଶୋକ କୁମାର ସାହୁ, ଆଶିଷ କୁମାର ବଳ, ବିଭୁ ପ୍ରସାଦ ଦାସ, ରମେଶ ଚନ୍ଦ୍ର ବେହେରା, ମାନସ ମହାନ୍ତି ଓ ପ୍ରଭଞ୍ଜନ ମହାନ୍ତି।

## ବାତ୍ୟା ଆସୁଛି

ନିକଟ ଦେଇ ସ୍ଥଳଭାଗ ଅତିକ୍ରମ କରିବା ଆଶଙ୍କା ରହିଛି। ସ୍ଥଳଭାଗ ଅତିକ୍ରମ କରିବା ସମୟରେ ଏହା ଘଣ୍ଟା ପ୍ରତି ୭୦ରୁ ୯୦ କିଲୋମିଟର ବେଗରେ ବହିପାରେ। ଏହାର ପ୍ରଭାବରେ ପବନ ସହିତ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ବାତ୍ୟା ପ୍ରଭାବରେ କଚ୍ଚାଘର, ବିଦ୍ୟୁତ୍ ଖୁଣ୍ଟ, ଗଛ ଉପୁଡ଼ିପାରେ। ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିପାରେ। ବାତ୍ୟା ପ୍ରଭାବରେ ଗଞ୍ଜାମ, ରାୟଗଡ଼ା, କନ୍ଧମାଳ ଏବଂ ଗଜପତି ଜିଲାରେ ପ୍ରବଳରୁ ଅତିପ୍ରବଳ (୨୦ ସେଣ୍ଟିମିଟରରୁ ଅଧିକ) ବର୍ଷା ହେବା ଆଶଙ୍କା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏପରିକି କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ବାତ୍ୟା ଯୋଗୁ ୨୬ରୁ ୨୮ ତାରିଖ ଯାଏ ଉକ୍ତ ଜିଲାଗୁଡ଼ିକରେ ବର୍ଷା ହେବ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ୨୫ରୁ ୨୮ ତାରିଖ ଯାଏ ସମୁଦ୍ର ଭିତରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ସେହିପରି ସମସ୍ତ ଜିଲାପାଳଙ୍କୁ ସତର୍କ ରହିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ କମିଶନ(ଏସ୍ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ରିପୋର୍ଟିଂ ବେଳେ ...

ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଟୁଇଟ ଜରିଆରେ କାର୍ଯ୍ୟରତ ଯୁବ ସାମ୍ବାଦିକ ଅରିନ୍ଦମ ଦାସଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଓଡ଼ିଶାର ସାମ୍ବାଦିକତା ଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି।

ସୂଚନା ମୁତାବକ, ଶୁକ୍ରବାର ସକାଳେ ମୁଣ୍ଡଳୀ ବ୍ୟାରେଜ ନିକଟରେ ଏକ ହାତୀ ଫସିଯାଇଥିଲା। ଦୀର୍ଘସମୟ ଧରି ପାଣିରେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲେ ସୁଦ୍ଧା ପାଣିରୁ ବାହାରି ପାରି ନ ଥିଲା। ମଧ୍ୟାହ୍ନରେ ହାତୀକୁ ଉଦ୍ଧାର କରିବା ପାଇଁ ଏକ ୫ଜଣିଆ ଓଡ୍ରାଫ୍ ଟିମ୍ ରବର ବୋଟରେ ନଦୀ ଭିତରକୁ ଯାଇଥିଲେ। ତାଙ୍କ ସହ ଓଟିଭିର ରିପୋର୍ଟର ଅରିନ୍ଦମ ଏବଂ କ୍ୟାମେରାମ୍ୟାନ୍ ପ୍ରଭାତ ମଧ୍ୟ ଖବର ସଂଗ୍ରହ ପାଇଁ ଯାଇଥିଲେ। ହେଲେ କିଛି ସମୟ ମଧ୍ୟରେ ଓଡ୍ରାଫ୍ ଟିମ୍‌ର ବୋଟ୍‌ଟି ପ୍ରଖର ସ୍ରୋତରେ ଭାସି ଯାଇ ବ୍ୟାରେଜର ଏକ ପିଲର ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହାପରେ ବନବିଭାଗ ଓ ଅଗ୍ନିଶମ ବିଭାଗର ମିଳିତ ଉଦ୍ୟମରେ ଜଣଙ୍କ ପରେ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ବହୁତ ସମୟର ସଂଘର୍ଷ ପରେ ଅରିନ୍ଦମ ଓ ପ୍ରଭାତଙ୍କୁ ଉଦ୍ଧାର କରାଯାଇ ଏସ୍‌ସିବିକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ଅରିନ୍ଦମଙ୍କୁ ମୃତ ଘୋଷଣା କରିଥିଲେ। ପରେ ଓଡ୍ରାଫ କର୍ମଚାରୀ ହରିଶ, ଅନ୍ନଦା, ସଞ୍ଜୀବଙ୍କୁ ଗୁରୁତର ଅବସ୍ଥାରେ ଏସସିବି ନିଆଯାଇଥିଲା।

### ଜନ୍ମମାଟିରେ ଶୋକାକୁଳ ପରିବେଶ

ପାଟଣା,(ସ୍ୱ.ପ୍ର.): ଖବରଦାତା ଅରିନ୍ଦମ ଦାସ(ସାମୀ)ଙ୍କ ଜନ୍ମମାଟି କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ପଞ୍ଚାୟତ ରାଇକଳା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସ୍ୱର୍ଗତ ଯୁଗଳ କିଶୋର ଦାସଙ୍କ ସେ ଏକ ମାତ୍ର ପୁଅ ଥିଲେ। କକା ଧରଣୀଧର ଦାସଙ୍କ ସୂଚନା ଅନୁଯାୟୀ ଅରିନ୍ଦମଙ୍କ ଅକାଳ ବିୟୋଗ ଖବର ଶୁଣି ତାଙ୍କ ମା' କୁନି ଦାସ ସଂଜ୍ଞା ହୀନ ହୋଇ ପଡ଼ିବା ସହ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସ୍ତ୍ରୀ ସମୀକ୍ଷା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଅରିନ୍ଦମ୍‌ଙ୍କର ଅଢେଇବର୍ଷର ପୁତ୍ର ଅଛନ୍ତି। କେନ୍ଦୁଝର ଡି.ଡି କଲେଜରୁ ବିକମ୍ ପାସ କରିବା ପରେ ଢେଙ୍କାନାଳ ସ୍ଥିତ ଆଇଆଇଏମ୍‌ସିରେ ଜର୍ଣ୍ଣାଲିଜିମ୍ କରିଥିଲେ। ଦୈନିକ ଖବର କାଗଜ 'ଧରିତ୍ରୀ'ରୁ ଖବରଦାତା ଭାବେ କ୍ୟାରିଅର ଆରମ୍ଭ କରିଥିଲେ। ଡିଡି କଲେଜର ପୂର୍ବତନ ଛାତ୍ର ୟୁନିୟନ ସଭାପତି ଅରିନ୍ଦମଙ୍କ ମର ଶରୀର ଗାଁରେ ପହଞ୍ଚିବା ପରେ ଅନ୍ତ୍ୟେଷ୍ଟି କ୍ରିୟା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ତାଙ୍କ କକା ଧରଣୀଧର କହିଛନ୍ତି। ଅରିନ୍ଦମ୍‌ଙ୍କ ଅକାଳ ବିୟୋଗରେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ଉଦ୍ୟୋଗି ବିବେକାନନ୍ଦ ଦାଶ, କଂଗ୍ରେସ ନେତା ବିନୋଦ ବିହାରୀ ନାଏକ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ, ଖବରଦାତା ବୀରକିଶୋର ଦାଶ, ମହେଶ୍ୱର ପୃଷ୍ଟି, ନୃସିଂହ ନାଥ ସିଂ, ସନ୍ତୋଷ କୁମାର ପତି, କିଶୋର ଚନ୍ଦ୍ର ମହାନ୍ତ, ରାହାସ ବିହାରୀ ପୃଷ୍ଟି, ବିଜୟ ରତ୍ନ ପତ, କାମିନୀ କାନ୍ତ ଦ୍ୱିବେଦୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ୪୬ତମ ର୍‍ୟାଙ୍କରେ...

ମମତା ଯାଦବ ପଞ୍ଚମ ସ୍ଥାନରେ ରହିଛନ୍ତି।
ଗତ ଜାନୁୟାରୀରେ ଲିଖିତ ମୁଖ୍ୟ ପରୀକ୍ଷା ଓ ଅଗଷ୍ଟରୁ ସେପ୍ଟେମ୍ବର ମଧ୍ୟରେ ହୋଇଥିବା ପର୍ସନାଲିଟି ଟେଷ୍ଟ ଆଧାରରେ ୟୁପିଏସ୍‌ସି ଏହି ରେଜଲ୍ଟ ପ୍ରକାଶ କରିଛି। ଉତ୍ତୀର୍ଣ୍ଣ ହୋଇଥିବା ୭୬୧ ଜଣଙ୍କ ମଧ୍ୟରୁ ସାଧାରଣ ବର୍ଗରୁ ୨୬୩ ଜଣ ଥିବାବେଳେ ଓବିସି ବର୍ଗର ୨୨୯ଜଣ, ଏସ୍‌ସି ୧୨୨ଜଣ ଓ ଏସ୍‌ଟି ବର୍ଗରୁ ୬୧ଜଣ ଛାତ୍ରୀଛାତ୍ର ଅଛନ୍ତି। ସେହିପରି ୧୫୦ଜଣ ରିଜର୍ଭ ତାଲିକାରେ ରହିଛନ୍ତି। ସେଥିରୁ ୭୫ଜଣ ସାଧାରଣ ବର୍ଗରେ ଥିବାବେଳେ ୧୫ଜଣ ଇଡବ୍ଲ୍ୟୁଏସ୍, ୫୫ଜଣ ଓବିସି, ୫ଜଣ ଏସ୍‌ସି ଓ ଜଣେ ଏସ୍‌ଟି ରହିଛନ୍ତି। ଶ୍ରେଷ୍ଠ ୨୫ ପ୍ରାର୍ଥୀଙ୍କ ମଧ୍ୟରୁ ୧୨ଜଣ ମହିଳା ଓ ୧୩ଜଣ ପୁରୁଷ ରହିଛନ୍ତି। ଆଇଏଏସ୍ ପାଇଁ ୧୮୦, ଆଇଏଫ୍‌ଏସ୍ ପାଇଁ ୩୬, ଆଇପିଏସ୍ ପାଇଁ ୨୦୦, ସେଣ୍ଟ୍ରାଲ ସର୍ଭିସ ଗ୍ରୁପ-ଏ ପାଇଁ ୩୦୨ ଓ ଗ୍ରୁପ୍-ବି ପଦବୀ ପାଇଁ ୧୧୮ ଜଣଙ୍କୁ ନିଯୁକ୍ତି ମିଳିବ। ପରୀକ୍ଷାର୍ଥୀମାନେ ସିଭିଲ୍ ସର୍ଭିସେସ୍ ୨୦୨୦ ପ୍ରାଥମିକ ପରୀକ୍ଷା ଏବଂ ମୁଖ୍ୟ ପରୀକ୍ଷା ରେଜଲ୍ଟ www.upsc.gov.in ୱେବ୍‌ସାଇଟ୍‌ରୁ ପାଇପାରିବେ ବୋଲି ୟୁପିଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।
ସୂଚନାଯୋଗ୍ୟ, ରାଜ୍ୟ ଟପ୍ପର ହୋଇଥିବା ଜୁବିନ କମ୍ପ୍ୟୁଟର ସାଇନ୍ସରେ ଇଞ୍ଜିନିୟରିଂ ଶେଷ କରିବା ପରେ ଏମ୍‌ବିଏ କରିଥିଲେ। ୨୦୧୭ରୁ ଚାକିରି କରିବା ସହ ସିଭିଲ୍ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ୨୦୧୮ରେ ପ୍ରଥମଥର ୟୁପିଏସ୍‌ସି ପରୀକ୍ଷା ଦେଇ ୨୩୫ ର୍‍ୟାଙ୍କରେ ରହିଥିଲେ। ୨୦୧୯ରେ ୩୭୯ ର୍‍ୟାଙ୍କ୍ ପାଇଥିଲେ।

### ଡିଜେଲ ୨୩ ...

ପେଟ୍ରୋଲ ୧୦୧.୧୯ ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୨୦ରୁ ୨୨ ପଇସା ବଢି ଯଥାକ୍ରମେ ୯୩.୪୬ ଟଙ୍କା, ୯୧.୯୨ ଟଙ୍କା ଏବଂ ୯୬.୪୧ ଟଙ୍କା ରହିଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଦର ଯଥାକ୍ରମେ ୯୮.୯୬ ଟଙ୍କା, ୧୦୧.୬୨ ଟଙ୍କା ଏବଂ ୧୦୭.୨୬ ଟଙ୍କାରେ ପହଞ୍ଚିଛି।

ଗତ କିଛି ଦିନ ହେଲା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବହୁ ପରିମାଣରେ ବୃଦ୍ଧି ଘଟିଛି। ଏଥିଯୋଗୁ ଭାରତ ବଜାରରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି ବୋଲି ତୈଳ କମ୍ପାନୀଗୁଡିକ ମତ ଦେଇଛନ୍ତି। ଡିଜେଲ ଦର ବୃଦ୍ଧି ଯୋଗୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଏପରିକି ପରିବା ହାଟରୁ ପରିବହନ ସେବା ପର୍ଯ୍ୟନ୍ତ ସବୁ ସ୍ତରରେ ଦର ବୃଦ୍ଧି ଘଟୁଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

### କୋର୍ଟରୁମ୍‌ରେ ...

ପୋଲିସ ଟିମ୍‌ର ଜବାବୀ ଗୁଳିମାଡ଼ରେ ଉଭୟଙ୍କର ମୃତ୍ୟୁ ଘଟିଛି। ପୋଲିସ କହିବା ଅନୁଯାୟୀ ଗୋଗି ଏବଂ ଟିଲୁ ଗ୍ୟାଙ୍ଗର ସୁନୀଲ ମାନ୍‌ଙ୍କୁ ଏକ ହତ୍ୟା ମାମଲାରେ କୋର୍ଟରେ ହାଜର କରାଯାଇଥିଲା। ଗୋଗି ହାଜର ହେବାର ୩୦ ମିନିଟ ପୂର୍ବରୁ ମାନ୍ କୋର୍ଟରେ ହାଜର ହୋଇଥିଲେ। ସେହି ସମୟରେ ରାହୁଲ ଓ କୁକି କୋର୍ଟ ପରିସରରେ ପ୍ରବେଶ କରି ଗୋଗିଙ୍କ ଉପରକୁ ୫-୬ ରାଉଣ୍ଡ ଗୁଳି ଚଳାଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁଳିକାଣ୍ଡ ବେଳେ ଜଣେ ମହିଳା ଆଇନଜୀବୀ ଆହତ ହୋଇଛନ୍ତି। ଏହା ବ୍ୟତୀତ ଅନ୍ୟ କେତେଜଣ ଆଇନଜୀବୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଦୁର୍ଦ୍ଧର୍ଷ ଗ୍ୟାଙ୍ଗଷ୍ଟର ଗୋଗି ଅନେକ ଅପରାଧ ମାମଲାରେ ସମ୍ପୃକ୍ତ ଥିଲେ। ତାଙ୍କୁ ଧରାଇଦେଲେ ୬.୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଗତବର୍ଷ ମାର୍ଚ୍ଚରେ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ତାଙ୍କ ସମେତ ଅନ୍ୟ ୩ ଜଣଙ୍କୁ ଗୁରୁଗ୍ରାମରୁ ଗିରଫ କରିଥିଲା। ବର୍ଷେ ହେଲା ଗୋଗି ତିହାର ଜେଲ୍‌ରେ ରହିଥିଲେ।

### ଡଲାର ତୁଳନାରେ ...

ଚଳିତ ମାସ ଶେଷ ସୁଦ୍ଧା ଟଙ୍କା ୭୩.୪୦ ରୁ ୭୩.୯୫ ସ୍ତରରେ କାରବାର କରିପାରେ ବୋଲି ଆକଳନ କରାଯାଇଛି। ସେହିଭଳି ବିଶ୍ୱ ବଜାରରେ ବ୍ରେଣ୍ଟ ଅଶୋଧିତ ତେଲର ଦର ବ୍ୟାରେଲ ପିଛା ୦.୨୫% ବୃଦ୍ଧି ଘଟି ୭୭.୪୪ ଡଲାର ରହିଛି।

## ଆଜି ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୪।୯(ବ୍ୟୁରୋ): ଆସନ୍ତା ୩୦ରେ ହେବାକୁ ଥିବା ପିପିଲି ଉପନିର୍ବାଚନ ପାଇଁ ଭାଜପାର ଦଳୀୟ ପ୍ରଚାରରେ ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ। ଧର୍ମେନ୍ଦ୍ର ଦିନିକିଆ ଓଡ଼ିଶା ଗସ୍ତରେ ଆସି ପହଞ୍ଚିବା ପରେ ପ୍ରଥମେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୬ତମ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ସେ ପିପିଲି ଅଭିମୁଖେ ଯାଇ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ସପକ୍ଷରେ ପ୍ରଚାର କରିବେ। ଧର୍ମେନ୍ଦ୍ର ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ମଧୁପୁର ପୁବାଶାସନରୁ ପ୍ରଚାର ଆରମ୍ଭ କରି ପିପିଲି ଓ ଡେଲାଙ୍ଗ ବ୍ଲକର ବିଭିନ୍ନ ସ୍ଥାନକୁ ଯାଇ ଭୋଟରଙ୍କୁ ଭେଟିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କ ଅପୂରଣୀୟ ଅଭିଳାଷ ପୂର୍ଣ୍ଣ ହେବା କାରଣରୁ ମାନସିକ ପ୍ରଫୁଲ୍ଲତା ଜାରି ରହିବ। ବନ୍ଧୁ ମାନଙ୍କ ସହ ଶୁଭକାର୍ଯ୍ୟ ପରିପ୍ରେକ୍ଷୀରେ ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ। ତଥାପି ଗୃହ, ଭୂମି, ଗାଡି, ମୋଟର, ସହକର୍ମୀ, ଧାରକରଜ ପ୍ରଭୃତିକୁ କେନ୍ଦ୍ରକରି ମନସ୍ତାପ ଘଟିପାରେ।

**ବୃଷ** ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ପୂର୍ବ ପରିକଳ୍ପିତ ନୂତନ ଗୃହ, ଅନୁଷ୍ଠାନ,ବାଣିଜ୍ୟାରମ୍ଭ କରିପାରନ୍ତି। ଅସାବଧାନତାବଶତଃ ଘରେ କିମ୍ବା ଅଫିସ୍‌ରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ବାହାରକୁ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ** ଆକସ୍ମିକ ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଅସ୍ଥିରତାଜନିତ ମନ ଭଲ ରହିବ ନାହିଁ। ଅବଶ୍ୟ ବ୍ୟବସାୟିକ କ୍ଷେତ୍ରରେ ନିଜର ବୁଦ୍ଧିବଳ ଖଟାଇ ଅର୍ଥଲାଭ କରିବେ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ।

**କର୍କଟ** ଆକସ୍ମିକଭାବରେ ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରୁ ଉପକୃତ ହୋଇପାରନ୍ତି। ଚେଷ୍ଟାସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କ ଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ଆଜି ଯୋଜନା ମୁତାବକ କାମରେ ସଫଳତା ମିଳିବାରେ କିଛିଟା ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିପାରେ। ସଙ୍ଗୀତ ଓ ଯୋଗ ସାଧନା,ଗବେଷଣା, ରଚନାତ୍ମକ କାମ,ଅଧ୍ୟୟନ ଓ ଅଧ୍ୟାପନାରୁ ଖୁସୀ ହେବେ। ପରିବହନ, ନିର୍ମାଣ ,ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ। ବନ୍ଧୁଙ୍କ ସହୃଦୟତାରୁ ନୂତନ ଜିନିଷ ଲାଭକରିବେ।

**କନ୍ୟା** ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅବଶ୍ୟ ସ୍ୱାତୀ ନକ୍ଷତ୍ର ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି,ତାହା ନିଶ୍ଚୟ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ସନ୍ତୁଷ୍ଟ ହୋଇପାରନ୍ତି। କିନ୍ତୁ ଘରେ ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ।

**ତୁଳା** କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସହକର୍ମୀ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ କିମ୍ବା ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆକସ୍ମିକଭାବରେ କଚେରି ମାମଲା ଜଡିତ ହେବାରୁ ଦୁଶ୍ଚିନ୍ତା ବଢ଼ିପାରେ। ପୂର୍ବ ସମସ୍ୟାକୁ କେନ୍ଦ୍ରକରି ପରୋକ୍ଷ ଶତ୍ରୁତା କାରଣରୁ ବିଚଳିତ ହୋଇପାରନ୍ତି।

**ବିଛା** ଆଜି ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ।

**ଧନୁ** ଆଜି ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘ ଦିନରୁ ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟ ସ୍ୱଜନ ମାନଙ୍କ ଉପସ୍ଥିତି ଯୋଗୁ ଖୁସୀ ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ।

**ମକର** ଦୃଢ଼ ଇଚ୍ଛାଶକ୍ତି ବଳରେ ଅସାଧ୍ୟସାଧନ କରିବାରେ ସଫଳତା ହାସଲ କରିବେ। ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ ଭାବେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ।

**କୁମ୍ଭ** କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି କରିବେ। ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ** ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ନିଜ ଲୋକ ମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇ ପାରନ୍ତି। ସଭାସମିତି,କଳା,ସାହିତ୍ୟ,ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ। ପାଖ, ପଡ଼ୋଶୀଙ୍କ ଗୋପନୀୟ କଥା ଶୁଣି ମନ ବିଷାକ୍ତ ହୋଇଯାଇପାରେ।


# classifieds Everyday
0674-2580101, 2549302

**real estate**

**SALE**

2 storied new Building Sale at Puri near Atharnala, Land area 1425Sqft. & Construction Area 2700Sqft. Only buyer contact: 9827453152/ 6372897984. D-21744

CV Raman College ପାଖରେ 27,000sqft. plot ବିକ୍ରିହେବ। Contact: 9937910363. D-70243

Half Acre Land for Sale at Balikhand Market Main Road to 0.5 Km, Ranitel to 7 Km Bhadrak to 13Km. Interested Person can contact: 9397357013. D-21690

Demarcated gharabari plot near Mangaraj Point Puri bypass road Bankual for sale. Per sqft. @1650/-. Contact No.- 9827339640. D-21710

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-21745

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-21531

ମାସିକ ମାତ୍ର 3000 ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929. D-71702

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320. D-71705

**construction**

Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118. D-70888

Construct your home @ 850/-, 1300/- includes architecture, structure with 3year FMC, provide BDA plan approval, Boring/ interiorwork SNV Construction. 9439295469. D-71710

**to-let**

Girls Hostel BED system Behera Sahi, Nayapali, Bhubaneswar. 8480204021, 9348726113. D-21707

**healthcare**

Ashirvaad Salon and SPA get good massage for your health tha best therapy. 7077181074. D-70487

Refreshing your mind, your body with tha best therapy at Lotus Spa. 8018891951. D-70488

Swarna SPA newly open positively health benefits with expert therapist. 9556978408. D-71162

Newly open SPA offer @799/-, positively health benefits, Jaydevbihar. 7846814019. D-71419

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open SPA centre with therapist full body massage. 8455987557. D-71418

Newly open full body massage ladies and gents. 8327740003. D-70486

Newly Open Saikrupa Panchakarma Spa positively health benefits with Expert. 8984068077. D-21717

**LOST**

ମୁଁ ଜଗବନ୍ଧୁ ବସ୍ତିଆ, ପିତା ମୃତ ଭିକା ବସ୍ତିଆ, ଗ୍ରାମ- କୁଶପୁର, ପୋଷ୍ଟ- ବାଘଲା, ଥାନା- ପୁରୁଷୋତ୍ତମପୁର, ଜିଲ୍ଲା- ଗଞ୍ଜାମ ଏଥିଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉ ଅଛି ଯେ ମୁଁ ଗତ ୨୧।୦୯।୨୦୨୧ରିଖରେ ପୁରୁଷୋତ୍ତମପୁର ତହସିଲ ଅଫିସକୁ ମୋର କାର୍ଯ୍ୟରେ ଯିବାରେ ମୋର ଘରର ଦସ୍ତାବିଜ ପୁରୁଷୋତ୍ତମପୁର ସବ୍‌ରେଜିଷ୍ଟ୍ରର ରେଜିଷ୍ଟ୍ରେସନ ନଂ.- ୩୪୨୦/୦୪।୧୨।୧୯୮୨ କୁଶପୁର ମୌଜାର ଖାତା ନଂ.- ୨୪୮, ପ୍ଲଟ୍ ନଂ.- ୭୦୮ଟି କେଉଁଠାରେ ହଜିଯାଇଛି। ଯଦି କେହି ବ୍ୟକ୍ତି ଏହାକୁ ପାଇଥାନ୍ତି ତେବେ ମୋର ଠିକଣାରେ ଜଣାଇବା ଲାଗି ଅନୁରୋଧ। ଧ-୨୧୭୫୧

ମୁଁ ଶ୍ରୀ ଦୋଳଗୋବିନ୍ଦ ସାହୁ, ପି- ଦୁଃଖବନ୍ଧୁ ସାହୁ, ଗ୍ରାମ- ଖଣ୍ଡତିରି, ପୋ- ଗିରିଧର ପ୍ରସାଦ, ଥାନା- ରାସୋଳ, ଜିଲ୍ଲା- ଢେଙ୍କାନାଳ, ମୋର ନାମରେ ଥିବା ଜମି ଖାତା ନଂ.- ୮୪୭/୧୭୧, ପ୍ଲଟ୍ ନମ୍ବର- ୧୪୦୬, ୧୪୦୭, ୧୪୦୮, ୧୪୦୮/୧୪୧୧୯ର କବଲା ନଂ.- ୧୦୫୩୧୭୦୦୬୨୯, dt. 14.09.2017 ଯାହା ମୋ ନାମରେ ରେକର୍ଡ ଅଛି। ଘରକୁ ଯିବା ସମୟରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହି କବଲାଟି ପାଇଥାନ୍ତି ତେବେ ନିମ୍ନ ଲିଖିତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରୁଅଛି।
ଦୋଳଗୋବିନ୍ଦ ସାହୁ
Mob- 9937460143, 8456936378. D-21749

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**AFFIDAVIT**



By virtue of an affidavit made before the Executive Magistrate, Bari on 23.09.2021, I, Sibananda Swain, S/o- Late Debanarayan Swain, Vill- Sanaolara, P.O.- Bhatapara, Via- Madanpur, Dist- Kendrapara declare that the name of my younger son, Susham Sundarray, is written in his Birth Certificate as Susham Sundar Ray which is typographical error. His actual name is Susham Sundarray which is mentioned in his Aadhaar Card. This fact is true to and necessary to the concerned authority. D-21748

By the virtue of an affidavit before the Court of Executive Magistrate, Bhubaneswar, I, Manisha Patra resident of AL-172, PH-I, Bhimatangi HB Colony, PO- Old Town, P.S.- Airfield, Bhubaneswar, Dist- Khurda have changed my name from Manisha Patra to CH Manisha Prusty after marriage i.e. CH Manisha Prusty for all future purposes and records. D-21747

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୧୬,୦୫,୫୦୪ | ୪୭,୪୫,୬୮୦ | ୨୦,୮୨,୬୮,୭୪୨ |
| ଭାରତ | ୩,୩୬,୧୭,୧୦୦ | ୪,୪୬,୬୦୧ | ୩,୨୮,୬୧,୩୮୨ |
| ଓଡ଼ିଶା | ୧୦,୨୩,୧୩୩ | ୮୧୬୩(+୫୩) | ୧୦,୦୯,୫୮୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ୪ ପୋଲିସ ଅଧିକାରୀଙ୍କ ବଦଳି

**କଟକ ଅଫିସ,୨୪।୯**

୪ ଜଣ ପୋଲିସ ଅଧିକାରୀଙ୍କ ବଦଳି ନେଇ ଶୁକ୍ରବାର କଟକସ୍ଥିତ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କଳାହାଣ୍ଡିରେ ଡିଏସ୍‌ପି ଭାବେ କାର୍ଯ୍ୟରତ ଭି.ଏସ୍. ଚନ୍ଦ୍ରଶେଖର ରାଓ ସ୍ପେଶାଲ ବ୍ରାଞ୍ଚର ଅତିରିକ୍ତ ଏସ୍‌ପି ପଦବୀକୁ ପଦୋନ୍ନତି ହୋଇଛନ୍ତି। ସେହିପରି ଢେଙ୍କାନାଳର ଅତିରିକ୍ତ ଏସ୍‌ପି ଗଣେଶ ଚନ୍ଦ୍ର ପ୍ରଧାନ, କମିଶନରେଟ୍ ପୋଲିସର ଅତିରିକ୍ତ ଡିସିପି କେଦାରନାଥ ସାହୁ ଓ ସ୍ପେଶାଲ ବ୍ରାଞ୍ଚର ଅତିରିକ୍ତ ଏସ୍‌ପି ନରହରି ନାୟକଙ୍କୁ ଭିଜିଲାନ୍ସ ବିଭାଗର ଅତିରିକ୍ତ ଏସ୍‌ପି ପଦବୀକୁ ବଦଳି କରାଯାଇଛି।



ଭୁବନେଶ୍ୱର ବିମାନବନ୍ଦରଠାରେ ଶୁକ୍ରବାର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏନ୍. ଭି. ରମନାଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ସ୍ୱାଗତ କରୁଛନ୍ତି।

# ଓଡ଼ିଶାରେ ସିଜେଆଇ

**ଭୁବନେଶ୍ୱର,୨୪।୯(ବ୍ୟୁରୋ)/ ପୁରୀ ଅଫିସ/ କଟକ ଅଫିସ**

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏନ୍. ଭି. ରମନା ଶୁକ୍ରବାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସନ୍ଧ୍ୟା ୭ଟା ୫୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ସ୍ୱାଗତ କରିଥିଲେ। ଏହାପରେ ସେ ରାତି ୮ଟା ୧୫ରେ ପୁରୀ ଅଭିମୁଖେ ବାହାରିଥିଲେ। ରାତି ୯ଟା ୨୦ରେ ସେ ପରିବାର ଓ ୫ରୁ ଊର୍ଦ୍ଧ୍ୱ ବିଚାରପତିଙ୍କ ସହ ପୁରୀରେ ପହଞ୍ଚିବା ପରେ ତାଙ୍କୁ ପ୍ରଶାସନ ପକ୍ଷରୁ ଜିଲାପାଳ ସମର୍ଥ ବର୍ମା, ଜିଲା ଆରକ୍ଷୀ ଅଧୀକ୍ଷକ କନଓ୍ୱର ବିଶାଲ ସିଂ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ସ୍ୱାଗତ ଜଣାଇଥିଲେ। ସେହିପରି ୫-ଟି ସଚିବ ଭି.କେ. ପାଣ୍ଡିଆନ, ସୁପ୍ରିମକୋର୍ଟର ବିଚାରପତି ବିନୀତ ଶରନ ଏବଂ ପୁରୀ ଏମ୍‌ପି ପିନାକୀ ମିଶ୍ର ମଧ୍ୟ ସ୍ୱାଗତ କରିଥିଲେ। ପ୍ରଧାନ ବିଚାରପତି ମେ ଫେୟାର ହୋଟେଲରେ ଅବସ୍ଥାନ କରିଥିଲେ। ଶନିବାର ସକାଳ ୭ଟାରେ ସେ ପରିବାର ସହ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ପରେ କଟକ ଯାଇ ପୂର୍ବାହ୍ନ ୧୧ଟା ୧୦ରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ(ଆଇନ ସେବା ଭବନ)ର ନୂତନ କୋଠାକୁ ଲୋକାର୍ପଣ କରିବେ। ଏହି କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ବିଚାରପତି ୟୁ.ୟୁ. ଲଳିତ ଓ ବିନୀତ ଶରନ ଉପସ୍ଥିତ ରହିବେ। ସେହିପରି ରମନା ହାଇକୋର୍ଟ ଏବଂ ଓଡ଼ିଶା ଜୁଡିସିଆଲ ଏକାଡେମୀର ଡିଜିଟାଇଜେଶନ ସେଣ୍ଟର ପରିଦର୍ଶନ କରିବା ସହ ଏକାଡେମୀ ପ୍ରେକ୍ଷାଳୟ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୨ଟା ୩୫ରେ ଭୁବନେଶ୍ୱର ଫେରି ମେ' ଫେୟାରରେ କିଛି ସମୟ ବିଶ୍ରାମ ନେବେ। ଅପରାହ୍ନ ୫ଟା ୫୦ରେ ସେ ଭୁବନେଶ୍ୱର ବିମାନବନ୍ଦର ବାହାରି ସନ୍ଧ୍ୟା ୬ଟା ୪୦ରେ ଇଣ୍ଡିଗୋ ୬ଇ-୨୫୦୧ ବିମାନରେ ନୂଆଦିଲ୍ଲୀ ଫେରିଯିବେ।

# ଅରିନ୍ଦମଙ୍କୁ ମାରିଦେଲା ଓଡ୍ରାଫ୍ ଟିମ୍

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

କଟକ ମୁଣ୍ଡୁଳୀ ନିକଟରେ ମହାନଦୀର ପ୍ରଖର ସ୍ରୋତରେ ଫସିଯାଇଥିବା ଏକ ହାତୀକୁ ଘଉଡ଼ାଇବାକୁ ଓଡ୍ରାଫ୍ ଟିମ୍ ସହିତ ଯାଇଥିବା ଜଣେ କର୍ତ୍ତବ୍ୟରତ ଖବରଦାତା ଅରିନ୍ଦମ ଦାସଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ଭରା ନଈରେ କୌଣସି ଏସ୍‌ଓପି ଗ୍ରହଣ ନ କରି ଏଭଳି ଉଦ୍ଧାର କାର୍ଯ୍ୟକୁ ଦୁର୍ଘଟଣା କି ଦାୟିତ୍ୱହୀନତା କୁହାଯିବ ତାକୁ ନେଇ ସବୁଠି ଚର୍ଚ୍ଚା ଲାଗି ରହିଛି। ବିଶେଷକରି ଓଡ୍ରାଫ୍ ଟିମ୍‌ର ପ୍ରଶିକ୍ଷିତ କର୍ମଚାରୀଙ୍କ ସହ ଅଣପ୍ରଶିକ୍ଷିତ ଏବଂ ଭିନ୍ନ ଏକ ପେସାର ୨ ଜଣଙ୍କୁ କିପରି ପାଣି ଭିତରକୁ ଯାଇ ଲାଇଭ୍ ରିପୋର୍ଟିଂ କରିବାକୁ ଅନୁମତି ମିଳିଲା ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅରିନ୍ଦମଙ୍କୁ ଓଡ୍ରାଫ୍ ଟିମ୍ ଭିତରକୁ ଯିବାକୁ ବାରଣ କରିବା ପରିବର୍ତ୍ତେ ଓଲଟି ତାଙ୍କୁ ସାଙ୍ଗରେ ନେଇଯିବା ଦ୍ୱାରା ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଦୁର୍ଘଟଣା ନୁହେଁ ବରଂ ଜଣେ ସାମ୍ବାଦିକଙ୍କୁ ଓଡ୍ରାଫ୍ ଟିମ୍ ମାରିଦେଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ଖୋଦ୍ ପୋଲିସ ମହାନିର୍ଦ୍ଦେଶକ ଅଭୟ ଏହି ବିଭାଗର ମୁଖ୍ୟ ହୋଇଥିବା ବେଳେ ତାଙ୍କ ନଜରକୁ ଏହା କିପରି ଆସିଲା ନାହିଁ ତାହା ମଧ୍ୟ ସବୁଠାରୁ ବଡ଼ ପ୍ରଶ୍ନ। ଯଦି ପୋଲିସ ଡିଜିଙ୍କ ଦୃଷ୍ଟିରେ ଏହି ନଜର ପଡ଼ି ନ ଥିଲା ତାଙ୍କ ତଳେ ଆହୁରି ଅଭିଜ୍ଞ ଏବଂ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ରହିଛନ୍ତି, ସେମାନେ କ'ଣ ଏହା ଦେଖିପାରୁ ନ ଥିଲେ କି ବୋଲି ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଉଠିବାରେ ଲାଗିଛି। ଜଣେ ଛାପା ଗଣମାଧ୍ୟମ ଖବରଦାତା ଭାବେ ଆମେ ମଧ୍ୟ ପୂର୍ବରୁ ଓଡ୍ରାଫ୍ ଟିମ୍ ସହ ବନ୍ୟା ବାତ୍ୟା ଅଞ୍ଚଳକୁ ଗସ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଗତ ଦିନରେ ଏଥିପାଇଁ ମନା କରାଯାଇଛି। ତେବେ ଯେତେବେଳେ ଜଣେ ଟେଲିଭିଜନ ଖବରଦାତା ନିଜ କ୍ୟାମେରାମ୍ୟାନ୍‌ଙ୍କ ସହ ପହଞ୍ଚିଛନ୍ତି ସେମାନଙ୍କୁ କାହିଁକି ନିୟମକାନୁନ୍‌କୁ ଭାଙ୍ଗିଦେଇ ଏସ୍‌ଓପି ବାହାରକୁ ଯାଇ ସାଙ୍ଗରେ ନିଆଯାଉଛି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। ଘଟଣା ସହିତ ଓଡ୍ରାଫ୍ ଟିମ୍‌ର ପ୍ରଚାର ପ୍ରସାର ବଢ଼ାଇବା ଲାଗି ଏଭଳି ଘଟଣାକୁ ପୋଲିସ ମହାନିର୍ଦ୍ଦେଶକ ପ୍ରୋତ୍ସାହିତ କରୁଥିବା ନେଇ ସବୁଆଡୁ ଅଙ୍ଗୁଳି ଉଠିଲାଣି।

ଅନ୍ୟପଟେ ଓଡ୍ରାଫ୍ ଟିମ୍ ନିଜ ସାଙ୍ଗରେ ଟେଲିଭିଜନ ଖବରଦାତାଙ୍କୁ ସାଙ୍ଗରେ ନେବା ନୂଆ ଘଟଣା ନୁହେଁ, ପୂର୍ବରୁ ବାରମ୍ବାର ଏଭଳି ଘଟଣା ସାମ୍ନାକୁ ଆସିଛି। ଏନେଇ ପୋଲିସ ମହାନିର୍ଦ୍ଦେଶକଙ୍କ ମତାମତ ନେବା ଲାଗି ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ତାଙ୍କ ଟେଲିଫୋନ ଉଠାଇ ନାହାନ୍ତି। ତେବେ ଏହି କାର୍ଯ୍ୟକୁ କେଉଁ ବରିଷ୍ଠ ଅଧିକାରୀ ଅନୁମତି ଦେଇଥିଲେ ଏବଂ କେଉଁ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ଏହା କରାଯାଇଛି ସେନେଇ କୌଣସି ସୂଚନା ଓଡ୍ରାଫ୍ ତରଫରୁ ଦିଆଯାଇ ନାହିଁ। ଏହାସହ ଏତେବଡ଼ ବନ୍ୟଜନ୍ତୁକୁ ଉଦ୍ଧାର କରିବାକୁ ଯାଇଥିବା ଓଡ୍ରାଫ୍ ଟିମ୍ ପ୍ରଶିକ୍ଷିତ ଥିଲେ ନା ନାହିଁ ଏ ବିଷୟରେ ଜାଣିବାକୁ ରାଜ୍ୟ ଆଇନଶୃଙ୍ଖଳା ଏଡିଜି ଆର୍.କେ. ଶର୍ମାଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି, ବର୍ତ୍ତମାନ ଏକ ଖରାପ ପରିସ୍ଥିତିରେ ଉଦ୍ଧାର କାର୍ଯ୍ୟ ହୋଇଛି। ଏ ପର୍ଯ୍ୟନ୍ତ ତଦନ୍ତ ହୋଇନାହିଁ। ହାତୀକୁ ଉଦ୍ଧାର କରିବା କାର୍ଯ୍ୟ ଜଙ୍ଗଲ ବିଭାଗର। ଯେହେତୁ ହାତୀ ପାଣି ଭିତରେ ପଶି ଯାଇଥିଲା ସେଥିଲାଗି ଡିଏଫ୍‌ଓଙ୍କ ଅନୁମତିକ୍ରମେ ଓଡ୍ରାଫ ଟିମ୍ ଉଦ୍ଧାର କାର୍ଯ୍ୟରେ ଲାଗିଥିଲା। ଓଡ୍ରାଫ୍ ଟିମ୍ ନିଜ ସାଙ୍ଗରେ ୨ ଜଣ ଭିନ୍ନ ପେସାର ବ୍ୟକ୍ତିଙ୍କୁ ସାଙ୍ଗରେ ନେବାର ନିୟମ ରହିଛି ନା ନାହିଁ ସେକଥା ମଧ୍ୟ ତଦନ୍ତ ପରେ କହିବେ ବୋଲି ସେ କହିଛନ୍ତି। ଏତେବଡ଼ ଘଟଣା ସମ୍ପର୍କରେ ରାଜ୍ୟ ପୋଲିସର କୌଣସି ଅଧିକାରୀ ସ୍ପଷ୍ଟ ଉତ୍ତର ନ ରଖିବା ପୋଲିସ ବିଭାଗର ଭୁଲ୍ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ) ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଜେନା କହିଛନ୍ତି, ଉଦ୍ଧାରକାରୀ ଦଳ ବୋଟ୍‌ରେ ଅନ୍ୟ କାହାକୁ ନ ନେବା ପାଇଁ ସ୍ପେଶାଲ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି)ରେ ବ୍ୟବସ୍ଥା ରହିଛି। ବନ୍ୟା, ବାତ୍ୟା ସମୟରେ ଆମେ ଓଡ୍ରାଫ୍ ଟିମ୍‌କୁ ବ୍ୟବହାର କରିଥାଉ। ହାତୀ ଉଦ୍ଧାର ପାଇଁ ଆମେ ଅନୁମତି ଦେଇ ନ ଥିଲୁ। ଡିଏଫ୍‌ଓଙ୍କ ଅନୁରୋଧ କ୍ରମେ ସେମାନେ ଉଦ୍ଧାର ପାଇଁ ଯାଇଥାଇ ପାରନ୍ତି। ତେବେ କେଉଁ ପରିସ୍ଥିତିରେ ସେମାନେ ସାଙ୍ଗରେ ୨ ଜଣ ଖବରଦାତାଙ୍କୁ ନେଲେ ଓ କିଭଳି ଏହି ଦୁର୍ଘଟଣା ଘଟିଲା ସେ ସମ୍ପର୍କରେ ଏଡିଜି ର୍‍ୟାଙ୍କର ଜଣେ ଅଧିକାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଏସ୍‌ଓପି କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭବିଷ୍ୟତରେ ଏସ୍‌ଓପି ଉଲ୍ଲଂଘନ କରିବା କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜେନା କହିଛନ୍ତି।

ଓଏସ୍‌ଡିଏମ୍‌ଏ କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ମିଶ୍ର କହିଛନ୍ତି ଯେ ଉଦ୍ଧାର ପାଇଁ ଯାଉଥିବା ବୋଟ୍‌ରେ କାହାକୁ ସାଙ୍ଗରେ ନେବାର ନିୟମ ନାହିଁ। ଲୋକାଲ ସ୍ତରରେ ସେମାନେ କହି ଯାଇଥିବେ। ଏବେ ଉଦ୍ଧାର ହୋଇଥିବା ଓଡ୍ରାଫ୍ ଟିମ୍ ସଦସ୍ୟଙ୍କ ଜୀବନ ବଞ୍ଚାଇବା ପ୍ରଥମ କାମ। ପରେ ତଦନ୍ତ କରାଯାଇ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବା କଥା ନିଆଯିବ।

## ଅସୁସ୍ଥ ଦନ୍ତାହାତୀ ମୃତ



**ବନ୍ତଲା,୨୪।୯(ଡି.ଏନ.ଏ.):** ଅନୁଗୋଳ ଜିଲା ବନ୍ତଲା ରେଞ୍ଜ ନୁଖୁରିପଦା ମଙ୍ଗିଷି ଗୋଠଠାରେ ଶୁକ୍ରବାର ଏକ ଅସୁସ୍ଥ ଦନ୍ତା ହାତୀର ମୃତଦେହ ଜବତ କରାଯାଇଛି। ବନ୍ତଲା ରେଞ୍ଜ ଅଧିକାରୀ ମାଧବ ନାୟକ ଓ ବନକର୍ମଚାରୀମାନେ ମୃତଦେହ ଜବତ କରିଛନ୍ତି। ଦୁଇଦିନ ହେଲା ଉକ୍ତ ହାତୀଟି ଅସୁସ୍ଥ ହୋଇ ଗୋଟିଏ ସ୍ଥାନରେ ଠିଆ ହୋଇ ରହିଥିବାବେଳେ ଗୁରୁବାର ଅପରାହ୍ନରେ ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲା। ଶୁଣ୍ଢରୁ ରକ୍ତ ଓ ଫେଣ ବାହାରୁଥିବାରୁ ବିଷାକ୍ତ ମହୁଲ ପୋଚ ଖାଇ ହାତୀଟିର ମୃତ୍ୟୁ ହୋଇଥିବା ବନ ବିଭାଗ ସନ୍ଦେହ କରୁଛି। ଶନିବାର ସକାଳେ ପ୍ରାଣୀ ଡାକ୍ତରଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ରେଞ୍ଜ ଅଧିକାରୀ ପ୍ରକାଶ କରିଛନ୍ତି।

## ଜୁଇ ନିଆଁରେ ମୃତକଙ୍କ ୨ ସମ୍ପର୍କୀୟ ପୋଡ଼ିଗଲେ

**ପରଜଙ୍ଗ, ୨୪।୯(ଡି.ଏନ୍.ଏ.):** ମୃତଦେହ ଦାହ କରାଯାଉଥିବାବେଳେ ଜୁଇରେ ଢାଳିଦେଲେ କିରୋସିନ। ଫଳରେ ହୁତାସନ ହୋଇଉଠିଲା ନିଆଁ। ଆଉ ସେହି ନିଆଁରେ ପୋଡ଼ିଯାଇ ଗୁରୁତର ହୋଇଛନ୍ତି ମୃତକଙ୍କ ୨ ସମ୍ପର୍କୀୟ। ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଚାନ୍ଦପୁର ପଞ୍ଚାୟତ ବତାସିଂହ ଗ୍ରାମରେ ଶୁକ୍ରବାର ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ବୃଦ୍ଧ ଅକ୍ଷୟ ବେହେରାଙ୍କ ବାର୍ଦ୍ଧକ୍ୟଜନିତ ମୃତ୍ୟୁ ପରେ ଗ୍ରାମବାସୀ ଏବଂ ସମ୍ପର୍କୀୟମାନେ ମରଶରୀରକୁ ଶେଷକୃତ୍ୟ କରିବା ଲାଗି ଶ୍ମଶାନକୁ ନେଇଥିଲେ। ଜୁଇରେ ନିଆଁ ଭଲଭାବେ ନ ଜଳିବାରୁ ମୃତକଙ୍କ ପୁତୁରା କାଳିଆ ବେହେରା ଏବଂ ସମ୍ପର୍କୀୟ ନିତ୍ୟାନନ୍ଦ ବେହେରା କିରୋସିନ ଢାଳିଥିଲେ। ତେବେ କିରୋସିନ ଅଧିକ ଢାଳି ହୋଇଯିବାରୁ ନିଆଁ ଅଣାୟତ୍ତ ହୋଇ ଚାରି ଆଡ଼କୁ ବ୍ୟାପିଯାଇଥିଲା। ଏଥିରେ ଉଭୟଙ୍କ ଶରୀରର ବିଭିନ୍ନ ସ୍ଥାନ ପୋଡ଼ି ଯାଇଛି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ଚିକିତ୍ସା ଚାଲିଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ନିକଟ ସମ୍ପର୍କୀୟଙ୍କ ସୂତ୍ରରୁ ଜଣାପଡ଼ିଛି।




୧୫ ଦଫା ଦାବିରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ।

# ଦେଶୀ ବନ୍ଧୁକର ଆଡ୍ଡା ଢେଙ୍କାନାଳ

**ଢେଙ୍କାନାଳ ଅଫିସ/ ଭୁବନେଶ୍ୱର(ବ୍ୟୁରୋ), ୨୪।୯**

- ଏସ୍‌ଟିଏଫ୍ ଟିମ୍‌ର ଅତର୍କିତ ଚଢ଼ାଉ
- ୧୦ ଦେଶୀ ବନ୍ଧୁକ ଜବତ, ୨ ଗିରଫ




ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ।

ଚୋରା ଦେଶୀ ବନ୍ଧୁକର ଆଡ୍ଡା ପାଲଟିଛି ଢେଙ୍କାନାଳ। ସଂରକ୍ଷିତ ଜଙ୍ଗଲରେ ଶିକାର କରିବା ହେଉ କିମ୍ବା ଆପରାଧିକ କାର୍ଯ୍ୟକଳାପ, ସବୁଥିରେ ବ୍ୟବହାର ହେଉଛି ହାତତିଆରି ବନ୍ଧୁକ। ଅତି ଶସ୍ତାରେ ମିଳୁ ନ ଥିବାରୁ ଏଠାରୁ ବାହାରକୁ ବେଆଇନ ଭାବେ ଚାଲାଣ ହେଉଛି ଏଭଳି ଘାତକ ହତିଆର। କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଟିମ୍ ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳରେ ଶୁକ୍ରବାର ଅତର୍କିତ ଚଢ଼ାଉ କରି ୯ଟି ଦେଶୀ ବନ୍ଧୁକ ଏବଂ ଗୋଟିଏ ଦେଶୀ ରିଭଲଭର ଜବତ କରିଛି। ଏହି ଘଟଣାରେ କଟକ ଜିଲା ଖୁଣ୍ଟଣୀ ଥାନା ଅଧୀନ ରାଧାକ୍ରିଷ୍ଣପୁର ଅଞ୍ଚଳର କାଳିନ୍ଦୀ ନାୟକ ଏବଂ ସଦର ଥାନା ଭାପୁର ଫାଣ୍ଡି ବାଲ୍ୟାମ୍ବା ଅଞ୍ଚଳର ଶ୍ୟାମସୁନ୍ଦର ସିଠ ଗିରଫ ହୋଇଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ଟିଏଫ୍ ପକ୍ଷରୁ କେସ୍ ନଂ. ୩୩/୨୧, ଦଫା ୨୫ ଓ ୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଗତ କିଛି ବର୍ଷ ମଧ୍ୟରେ ଚୋରା ଦେଶୀ ବନ୍ଧୁକ କାରବାରର ହବ୍ ପାଲଟିଛି ଢେଙ୍କାନାଳ। ଢେଙ୍କାନାଳ, କାମାକ୍ଷାନଗର ସମେତ ଅନ୍ୟ ଅଞ୍ଚଳରେ ଶସ୍ତା ଏବଂ ସୁବିଧାରେ ଏହା ମିଳିଯାଉଛି। ମାତ୍ର କେଇ ହଜାର ଟଙ୍କା ଦେଇ ଅପରାଧୀ, ଶିକାରୀମାନେ ଏହାକୁ କିଣି ନେଇ ବେଆଇନ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଭାପୁର ଅଞ୍ଚଳରେ ଦେଶୀ ବନ୍ଧୁକ ତିଆରି କରାଯାଇ ବାହାରକୁ ଚାଲାଣ କରାଯାଉଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଉକ୍ତ ବେଆଇନ ବନ୍ଧୁକ ବିଭିନ୍ନ ଆପରାଧିକ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହାପରେ ଏସ୍‌ଟିଏଫ୍ ଟିମ୍ ବାଲ୍ୟାମ୍ବା ଗ୍ରାମରେ ଚଢ଼ାଉ କରିଥିଲା। ଦୁଇ ଅଭିଯୁକ୍ତଙ୍କୁ ପଚରାଉଚୁରା କରାଯାଉଛି। ସେମାନେ ପୂର୍ବରୁ ଆଉ କେତୋଟି ବନ୍ଧୁକ ତିଆରି କରିଛନ୍ତି, ସେଗୁଡ଼ିକୁ କାହାରିକୁ ବିକ୍ରି କରାଯାଉଛି, ଏହି ବେଆଇନ ବ୍ୟବସାୟରେ ଜିଲା ବାହାର ଅପରାଧୀଙ୍କ ସମ୍ପୃକ୍ତି ଅଛି କି ନାହିଁ, ରାଜ୍ୟ ବାହାରକୁ ବେଆଇନ ବନ୍ଧୁକ ଚାଲାଣ ହେଉଛି କି ନାହିଁ ଏଭଳି ଅନେକ ପ୍ରଶ୍ନର ଉତ୍ତର ଜାଣିବାକୁ ଅଧିକାରୀମାନେ ଉଦ୍ୟମ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ୨୦୨୦ରୁ ଏସ୍‌ଟିଏଫ୍ ପକ୍ଷରୁ ବେଆଇନ ଅସ୍ତ୍ରଶସ୍ତ୍ର କାରବାର ରୋକିବା ଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଅଦ୍ୟାବଧି ୫୬ ବନ୍ଧୁକ ଏବଂ ୯୧ ରାଉଣ୍ଡ ଜୀବନ୍ତ ଗୁଳି ଜବତ କରାଯାଇଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।


**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 6850/P.S.C., (1R-13-21-22) (DR-V), dt.24.9.21**

**No. D-150:** In continuation to OPSC Notice No.-6361/PSC, Dt.09.09.2021 & No-6567/PSC, Dt.17.09.2021 it is for information of all concerned that, for recruitment to the post of Assistant Professor, the document verification in the discipline **"Computer Science & Application"** scheduled to be held on 27.09.2021 has now postponed to **11.10.2021** and for the discipline **"Psychology"** document verification is now rescheduled to **22.10.2021** instead of 27.09.2021 as notified earlier. The rescheduling was necessitated owing to unavoidable circumstances.
All other terms & conditions of the previous notice mentioned above remain unchanged.

OIPR-12002/11/0103/2122 **Sd./- Secretary**

**ODISHA PUBLIC SERVICE COMMISSION**
**19, Dr. P.K. Parija Road, Cuttack-753001**
**NOTICE**

**No. 6844/P.S.C., Dt. 24.9.21**

**No. D-149:-** In continuation to this Office Notice No.-6401/PSC, Dt- 13.09.2021, it is for information of all concerned that, the physical verification of original documents and viva voce tst in respect of **36 (Thirty Six)** candidates for recruitment to the post of Odisha Civil Services Examination-2019, pursuant to Advt. No.11 of 2019-20, scheduled to be held on 27.09.2021 has been postponed to **05.10.2021** due to **Bharat Bandh**, as per the programme mentioned below.

**PROGRAMME OF DOCUMENT VERIFICATION & VIVA VOCE TEST**

| Sl. No. | Roll Nos. of candidates | Date of Personality Test | Time of Personality Test | Board |
|---|---|---|---|---|
| 1 | 2 | 3 | 4 | 5 |
| 1. | 308632, 308669, 308671, 308755, 308896, 309015, 309261 = 07 candidates | 05.10.2021 | 11.00 A.M. | Board-I |
| | 309475, 309533, 309624, 309626, 309805 = 05 candidates | | 3.00 P.M. | |
| | 310054, 310393, 310441, 310516, 310593, 310737, 310798 = 07 candidates | 05.10.2021 | 11.00 A.M. | Board-II |
| | 311173, 311177, 311290, 311373, 311838 = 05 candidates | | 3.00 P.M. | |
| | 311940, 312120, 312170, 312219, 312293, 312396, 312425 = 07 candidates | 05.10.2021 | 11.00 A.M. | Board-III |
| | 312652, 312766, 312798, 312850, 312927 = 05 candidates | | 3.00 P.M. | |

All other terms and conditions of the previous notice mentioned above remain unchanged.
OIPR-12002/11/0102/2122 **Sd./- Secretary**

DSPL-151

**ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଏ ଆର (AR) ସିରିଜ୍**

**ବିଶେଷ ସୂଚନା**

ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ ଏ ଆର (AR) ସିରିଜ୍ ର କୁପନ୍ ସଂଗ୍ରହ କରିଥିବା ସ୍ୱଳ୍ପ ସଞ୍ଚୟ ଜମାକାରୀ ମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଅନିବାର୍ଯ୍ୟ କାରଣବଶତଃ, ଏହି ଯୋଜନାର ଉଠାଣ ତା ୨୬/୦୯/୨୦୨୧ ରିଖ ପରିବର୍ତ୍ତେ ତା ୨୭/୧୦/୨୦୨୧ ରିଖ ଅପରାହ୍ନ ୩ ଘଟିକା ୩୦ ମିନିଟ ସମୟରେ ଜୟଦେବ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡିଶା ସରକାର

OIPR-05001/13/0004/2122

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ନୟାପଲ୍ଲୀ ଶାଖା
୩/୧୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀମତୀ ରେବତୀ ନାୟକ, ସ୍ୱାମୀ: ଶ୍ରୀ ଶତ୍ରୁଘନ ନାୟକ, ୨) ଶ୍ରୀ ଶତ୍ରୁଘନ ନାୟକ, ୩) ଶ୍ରୀ ସୁବ୍ରତ କୁମାର ନାୟକ, ସମସ୍ତଙ୍କ ଠିକଣା- ସା: ଭିରଙ୍ଗ, ପୋ.: କୃଷ୍ଣଚନ୍ଦ୍ରପୁର, ଥାନା: ଏରସମା, ଜିଲ୍ଲା: ଜଗତ୍‌ସିଂହପୁର-୭୫୪୧୩୯ | ଟ. ୧୮,୫୩,୦୯୯/- + ସେବାବଦ ସୁଧ | ୨୯.୦୬.୨୦୧୮/ ୨୨.୦୯.୨୦୨୧ | ଶ୍ରୀମତୀ ରେବତୀ ନାୟକ ଏବଂ ଶ୍ରୀ ଶତ୍ରୁଘନ ନାୟକଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୧୭, ଖାତା ନଂ.: ୨୩୧/୩୬୦, କ୍ଷେତ୍ର: ୧୪୫୦ ବର୍ଗଫୁଟ, ସବ୍ ପ୍ଲଟ୍ ନଂ.: ୩, ମୌଜା: ବୋଡଣ୍ଡା, ଥାନା: ଏୟାରଫିଲ୍ଡ, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା |
| ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସୁମିତ୍ରା ଦଳପତି, ସ୍ୱାମୀ: ଶ୍ରୀ ଜୟରାମ ପାଙ୍ଗି, ୨) ଶ୍ରୀ ଜୟରାମ ପାଙ୍ଗି, ପିତା: ଶ୍ରୀ ମସୁରି ଶାନ୍ତ ପାଙ୍ଗି, ଉଭୟଙ୍କ ଠିକଣା-୧: ସା: ହାଟପଡା, ପୋ.: କୁନ୍ଦଲି, ଭାୟା: ସେମିଳିଗୁଡା, ଜିଲ୍ଲା: କୋରାପୁଟ-୭୬୪୦୦୧, ଠିକଣା-୨: ଫ୍ଲାଟ୍ ନଂ.: ୯-୬-୬୮, ୪୦୨, ଆନନ୍ଦ ରେସିଡେନ୍ସି, ଶିବାଜୀ ପାଲେମ, ବିଶାଖାପାଟନମ-୫୩୦୦୧୭ (ଏପି) | ଟ.୩୪,୯୨,୬୭୧.୪୫ + ସେବାବଦ ସୁଧ | ୧୨.୦୪.୨୦୨୧/ ୨୨.୦୯.୨୦୨୧ | ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ବି, ତଳ ମହଲା, କମଳା ବିଜୟ ନିବାସ, ପ୍ଲଟ୍ ନଂ.: ୧୧୩/ ୨୫୨୩/୩୩୧୮, ଖାତା ନଂ.: ୧୧୩୩/୩୦୨୯, କ୍ଷେତ୍ର: ଏକର୦.୦୦୩ଡିସିମିଲି, ଜାଗମରା, ୟୁନିଟ୍-୨୦, ମୌଜା: ଭୁବନେଶ୍ୱର ସହର, ଏସ୍‌ଆର୍: ଖଣ୍ଡଗିରି, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୪.୦୯.୨୦୨୧ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

> ଗୋଟିଏ ସ୍ଥାନରେ ମାଟି ଗଦା କରିବା ଅର୍ଥ ଅନ୍ୟସ୍ଥାନରେ ମାଟି ଖୋଳି ଗାତ ତିଆରି କରିବା। ଠିକ୍ ସେହିପରି ଜଣକର ବିଳାସ ବ୍ୟସନ ଅନ୍ୟ କେତେକଙ୍କର ଦାରିଦ୍ର୍ୟର କାରଣ ହୋଇଥାଏ। —ଶ୍ରୀମା

# ମୁଣ୍ଡ ନୁଆଁଇଲେ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନ୍ୟାଶ୍ନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି) ଏବଂ ନ୍ୟାଶ୍ନାଲ କମ୍ପାନୀ ଲ'ଆପିଲେଟ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି)ର ସଦସ୍ୟ ପଦ ପୂରଣ କରିବାରେ କେନ୍ଦ୍ର ସରକାରଙ୍କ ବିଳମ୍ବିତ କାର୍ଯ୍ୟଧାରାକୁ ନେଇ ସୁପ୍ରିମ୍‌କୋର୍ଟ (ଏସ୍‌ସି) ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୁଇ ସଂସ୍ଥାରେ ପଦ ଖାଲି ରହିବା ଦ୍ୱାରା ଆଇନଗତ କାର୍ଯ୍ୟଧାରା ଦେବାଳିଆ ସ୍ଥିତିକୁ ଚାଲିଯାଇଛି ଏବଂ ଅତ୍ୟଧିକ ପିଛିଲା ମାମଲା ବିଚାର ନ ହୋଇ ପଡ଼ିରହିଛି। ଏନ୍‌ସିଏଲ୍‌ଟିର ନିର୍ଦ୍ଧାରିତ ସଦସ୍ୟ ସଂଖ୍ୟା ୬୩ ଥିବାବେଳେ ଏବେ ରହିଛନ୍ତି ୩୦ ସଦସ୍ୟ। ସେହିଭଳି ଏନ୍‌ସିଏଲ୍‌ଏଟିରେ ୧୧ ସଦସ୍ୟ ରହିବାର ପ୍ରାବଧାନ ଥିବାବେଳେ ଏବେ ଏହା ୮ ସଦସ୍ୟରେ ଚାଲିଛି। ପୁନଶ୍ଚ ଚଳିତ ବର୍ଷ ବହୁସମୟ ଉଭୟ ଟ୍ରିବ୍ୟୁନାଲ ବିନା ଫୁଲ୍‌ଟାଇମ୍ ଅଧ୍ୟକ୍ଷରେ ଚାଲିଛି। ସଦସ୍ୟ ନିଯୁକ୍ତିରେ ବିଳମ୍ବ ଯୋଗୁ ଏସ୍‌ସି ସରକାରଙ୍କୁ ତୀବ୍ର ସମାଲୋଚନା କରିବା ଦ୍ୱାରା ଏହା ତରବରିଆ ଭାବେ ଏନ୍‌ସିଏଲ୍‌ଟିରେ ୧୮ ଜଣ ସଦସ୍ୟଙ୍କୁ ନିଯୁକ୍ତି ଦେବା ଲାଗି ଘୋଷଣା କରିଦେଲେ। ଏହାସହ ସରକାର ମଧ୍ୟ ଏନ୍‌ସିଏଲ୍‌ଏଟି ପାଇଁ ଜଣେ କାର୍ଯ୍ୟକାରୀ ଅଧ୍ୟକ୍ଷଙ୍କ ନିଯୁକ୍ତି ସମ୍ପର୍କରେ ଘୋଷଣା କରିଦେଲେ। ସରକାର ଭାବିଥିଲେ ଯେ, ଏସ୍‌ସି କୋହଳ ମନୋଭାବ ପୋଷଣ କରିବେ। କିନ୍ତୁ ତାହା ହେଲା ନାହିଁ। କେନ୍ଦ୍ର ସରକାରଙ୍କ ପାଇଁ ଦୁର୍ଭାଗ୍ୟ ଯେ, ଏହି ଘଟଣାରେ ଏଯାବତ କୋର୍ଟଙ୍କ ଉଦ୍ଦେଶ୍ୟ ଅପରିବର୍ତ୍ତିତ ରହିଛି। ଏସବୁ ନିଯୁକ୍ତି ଉପରେ ମୁଖ୍ୟ ବିଚାରପତି ଏନ.ଭି.ରମନା ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ,ସିଲେକ୍‌ସନ କମିଟି ଦ୍ୱାରା ସୁପାରିସ୍ କରାଯାଇଥିବା ପ୍ରାର୍ଥୀଙ୍କୁ ସରକାର ଅଣଦେଖା କରିଛନ୍ତି। ଏବେ ସରକାର ଦୁଇ ସପ୍ତାହ ମଧ୍ୟରେ ଏହିସବୁ ନିଯୁକ୍ତିର ପୁନର୍ବିଚାର କରିବାକୁ ରାଜି ହୋଇଛନ୍ତି। ଅନ୍ୟପକ୍ଷରେ ଏନ୍‌ସିଏଲ୍‌ଏଟି କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ଅଶୋକ ଇକ୍‌ବାଲ ସିଂ ଚିମାଙ୍କ କାର୍ଯ୍ୟକାଳ ପୂରଣ ହେବାର ଅଳ୍ପଦିନ ପୂର୍ବରୁ ତାଙ୍କ ସ୍ଥାନରେ ଅନ୍ୟଜଣଙ୍କୁ ନିଯୁକ୍ତି ଦେବା ଘଟଣାରେ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିବାରୁ ସରକାର ଜଷ୍ଟିସ୍ ଚିମାଙ୍କୁ ପୁନଃ ଅବସ୍ଥାପିତ କରିବାକୁ ବାଧ୍ୟ ହୋଇଥିଲେ। ଏହିସବୁ ଘଟଣାରେ ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପ ଦ୍ୱାରା କେନ୍ଦ୍ର ସରକାର ମୁଣ୍ଡ ନୁଆଁଇବାକୁ ବା ସ୍ୱୀକାର କରିବାକୁ ବଧ ହୋଇଛନ୍ତି।

### ଦରକାରୀ ବାବୁ

ତୁମର ଆବଶ୍ୟକତା ଅନ୍ୟ ପାଇଁ ଅପରିହାର୍ଯ୍ୟ–ଏଭଳି ସ୍ଥିତି ଯଦି ସୃଷ୍ଟି କରିପାରିବ ତେବେ ଅବସର ବୟସ ତୁମ ପାଇଁ ଏକ ସଂଖ୍ୟା ହୋଇଯିବ। ଅବସର ପରେ ପୁଣି କାର୍ଯ୍ୟ କରିବାର ସୌଭାଗ୍ୟ ଲାଭ କରିବ। ଏହାକୁ ଭଲ ଭାବେ ଅନୁଭବ କରିଛନ୍ତି ଗୁଜରାଟ କ୍ୟାଡର୍ ଆଇଏଏସ୍ ଅଧିକାରୀ କେ.କୈଳାସନାଥନ୍। ୧୯୭୯ ବ୍ୟାଚ୍‌ର ଅଧିକାରୀ କୈଳାସନାଥନ ୨୦୧୩ରେ ଅବସର ନେବା ପରେ ସେବେଠାରୁ ସେ ଗୁଜରାଟ ମୁଖ୍ୟମନ୍ତ୍ରୀମାନଙ୍କର ଚିଫ୍ ପ୍ରିନ୍‌ସିପାଲ ସେକ୍ରେଟାରି ଭାବେ କାର୍ଯ୍ୟ କରି ଆସୁଛନ୍ତି। ୨୦୧୩ରୁ ବହୁ ମୁଖ୍ୟମନ୍ତ୍ରୀ ଆସିଛନ୍ତି ଆଉ ଯାଇଛନ୍ତି, କିନ୍ତୁ ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସେମିତି ରହିଛନ୍ତି। ନିକଟରେ ଗୁଜରାଟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଭୂପେନ୍ଦ୍ର ପଟେଲ ଶପଥ ନେବା ପରେ ସେ ପୁଣି କୈଳାସନାଥନଙ୍କ ଚୁକ୍ତି ଭିତ୍ତିକ ନିଯୁକ୍ତିକୁ ନବୀକରଣ କରିଛନ୍ତି। କୈଳାସନାଥନ୍ ନିଜକୁ ଦକ୍ଷ ତଥା ଅତି ଦରକାରୀ ବାବୁ ଭାବେ ପ୍ରତିପାଦିତ କରିଥିବାରୁ ଯେ କେହି ଗୁଜରାଟର ମୁଖ୍ୟମନ୍ତ୍ରୀ ହୁଅନ୍ତୁନା କାହିଁକି, ତାଙ୍କ ବଦଳରେ ଆଉ କାହାକୁ ଅବସ୍ଥାପିତ କରିବାକୁ ଚାହୁଁନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ଅନନ୍ଦି ବେନ ପଟେଲ, ବିଜୟ ରୂପାନି ଏବଂ ଏବକାର ମୁଖ୍ୟମନ୍ତ୍ରୀ ପଟେଲଙ୍କ ସହ ସେ ରହି ଆସିଛନ୍ତି। ଯେ ପର୍ଯ୍ୟନ୍ତ ସରକାରରେ କିଛି ବାବୁ କୈଳାସନାଥନଙ୍କ ଏଭଳି ଅସାଧାରଣ ଦୀର୍ଘମିଆଦୀ କାର୍ଯ୍ୟକାଳ ସମ୍ପର୍କିତ ରହସ୍ୟ ଉଦ୍‌ଘାଟନ ନ କରିଛନ୍ତି, ସେ ଯାଏ ଅନେକ ଦ୍ୱନ୍ଦ୍ୱରେ ରହିବେ।

### କ୍ଷୀଣ ଆଶା

କେନ୍ଦ୍ର ଓ ବହୁ ରାଜ୍ୟରେ ବାବୁ ସଙ୍କଟ ଦେଖାଦେଇଛି। ଯଦି ସରକାର ଏହା ଉପରେ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଏହା ଏକ ମହାସଙ୍କଟର ରୂପ ନେବ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ଅନ୍ୟ ବିଭାଗରେ ୧୩ଟି ସଚିବ ସ୍ତରୀୟ ପଦବୀ ଖାଲି ପଡ଼ିଛି। କାର୍ଯ୍ୟରତ ସଚିବମାନଙ୍କ ମଧ୍ୟରୁ ଏହି ମାସ ଶେଷସୁଦ୍ଧା ୭ ଜଣ ଅବସର ନେବାକୁ ଯାଉଛନ୍ତି। ଏଣୁ ଖାଲି ପଦବୀ ସଂଖ୍ୟା ୨୦କୁ ବଢ଼ିଯିବ ! ଶୀର୍ଷ ସ୍ତରରେ ଏତେ ସଂଖ୍ୟକ ପଦବୀ ଖାଲି ରହିବାରୁ ବୁଝାପଡ଼େ ଯେ, ଯଦି ଏଭଳି ସ୍ଥିତି ଦୂରେଇବା ଦାୟିତ୍ୱ କ୍ୟାବିନେଟ ସଚିବ ରାଜୀବ ଗୌବା ଏବଂ ବ୍ୟକ୍ତିଗତ ସଚିବ ଦୀପକ ଦାଣ୍ଡେକରଙ୍କ ଉପରେ ରହେ ତେବେ ସେମାନେ ଅତ୍ୟନ୍ତ ଚାପରେ ରହିବେ। ସୂତ୍ରରୁ ଜଣାପଡ଼ିଛି ଯେ, ଅତି କମ୍‌ରେ ୧୧ ଜଣ ସଚିବ ଦ୍ୱୈତ ଦାୟିତ୍ୱ ସମ୍ଭାଳୁଛନ୍ତି ଏବଂ ଜଣେ ତିନୋଟି ପଦବୀର କାର୍ଯ୍ୟଭାର ମୁଣ୍ଡକୁ ନେଇଛନ୍ତି। ପ୍ରଶାସନିକ ସଂସ୍କାର ବିଭାଗର ସଚିବ ଏସ୍.କେ.ସିଂ ମଧ୍ୟ ପେନ୍‌ସନ ବିଭାଗ ଓ ଉତ୍ତରପୂର୍ବାଞ୍ଚଳ ବିକାଶ ମନ୍ତ୍ରଣାଳୟର ଦେଖାରଖା କରୁଛନ୍ତି। ଅନ୍ୟପକ୍ଷରେ ନୂଆ ଗଢ଼ାଯାଇଥିବା ସହଯୋଗ ମନ୍ତ୍ରଣାଳୟ ଏବେସୁଦ୍ଧା ତା'ର ପ୍ରଥମ ସଚିବ ପାଇବା ଅପେକ୍ଷାରେ ରହିଛି। କୌତୂହଳର କଥା, ଖାଲି ପଦବୀ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଫେବୃୟାରୀରେ ସଚିବ ସ୍ତରୀୟ ପଦରେ ନିଯୁକ୍ତି ପାଇଁ ତାଲିକାଭୁକ୍ତ ୧୯୮୯ ବ୍ୟାଚ୍‌ର ବହୁ ଅଧିକାରୀ ଏହିସବୁ ଖାଲି ପଦବୀରେ ନିଯୁକ୍ତି ପାଇବେ ବୋଲି ଅଶା ବାନ୍ଧି ବସିଛନ୍ତି। ଏହି ସବୁ ପଦବୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ସରକାର ନିଷ୍ପତ୍ତି ନେବାର ବିଳମ୍ବ ସେମାନଙ୍କ ପାଇଁ ଅତ୍ୟଧିକ ଯନ୍ତ୍ରଣାଦାୟକ ହୋଇଛି। ଯଦି ଏହିସବୁ ଖାଲିପଦବୀରେ ନିଯୁକ୍ତି ଦେବାରେ ବିଳମ୍ବ ହୁଏ, ତେବେ ପଦୋନ୍ନତି ପାଇବାକୁ ଥିବା ବାବୁମାନଙ୍କ ଆଶା ମଧ୍ୟ ମଉଳିଯିବ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | 4 | 8 | | |
| | | | | | | | | |
| | 3 | 4 | 9 | 1 | 6 | | 7 | |
| 4 | 2 | | | | | | | |
| | | | 7 | | 8 | | | |
| 3 | | 1 | | | 2 | | 4 | |
| | | 2 | | 5 | | 4 | | |
| | | | | | 1 | 2 | | |
| | | 5 | | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 5 | 6 | 9 | 4 | 8 | 1 | 7 |
| 6 | 4 | 8 | 7 | 5 | 1 | 3 | 9 | 2 |
| 7 | 1 | 9 | 2 | 8 | 3 | 4 | 6 | 5 |
| 5 | 6 | 3 | 4 | 1 | 9 | 7 | 2 | 8 |
| 9 | 7 | 2 | 8 | 3 | 6 | 5 | 4 | 1 |
| 1 | 8 | 4 | 5 | 2 | 7 | 6 | 3 | 9 |
| 2 | 9 | 7 | 3 | 4 | 5 | 1 | 8 | 6 |
| 8 | 3 | 6 | 1 | 7 | 2 | 9 | 5 | 4 |
| 4 | 5 | 1 | 9 | 6 | 8 | 2 | 7 | 3 |

ଗତକାଲିର ଉତ୍ତର

# ବିରୋଧୀଙ୍କ ଭୂମିକା ଓ ସ୍ଥିତି



ଅନିଲ କୁମାର ବିଶ୍ୱାଳ

ଶାସକ ଏବଂ ବିରୋଧୀ ହେଉଛନ୍ତି ଗଣତନ୍ତ୍ର ବ୍ୟବସ୍ଥାରେ ଲୋକମାନଙ୍କର ଦୁଇ ଆଖି ଭଳି। ଯଦିଓ ବିଧାନସଭା ବା ଲୋକ ସଭାରେ ଯେଉଁ ବିରୋଧୀ ରାଜନୈତିକ ଦଳ ଦ୍ୱିତୀୟ ସର୍ବାଧିକ ଆସନ ପାଇଥାଏ ତାକୁ ବିରୋଧୀ ଦଳର ମାନ୍ୟତା ମିଳେ କିନ୍ତୁ ଏହା ଅନ୍ୟ ବିରୋଧୀ ଦଳମାନଙ୍କର ଭୂମିକା ଏବଂ ଉତ୍ତରଦାୟିତ୍ୱକୁ କମ୍ କରେନି। ଦେଖିବାକୁ ଗଲେ ସମସ୍ତ ବିରୋଧୀ ଦଳର ଭୂମିକା ସମାନ। ବିରୋଧୀ ଦଳମାନଙ୍କର ମୁଖ୍ୟ ଭୂମିକା ହେଉଛି ସରକାରଙ୍କୁ ପ୍ରଶ୍ନ କରିବା ଏବଂ ସେମାନଙ୍କୁ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ କରାଇବା। ସରକାରଙ୍କର ଦୋଷ ତ୍ରୁଟିକୁ ସୁଧାରିବାରେ ଓ ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷା ଦିଗରେ ବିରୋଧୀ ଦଳମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଏକ ଆଦର୍ଶ ରାଜନୈତିକ ବ୍ୟବସ୍ଥାରେ ଲୋକମାନଙ୍କ ପାଖରେ ସରକାରୀ ଦଳ ଯେତିକି ଉତ୍ତରଦାୟୀ ବିରୋଧୀ ଦଳଗୁଡ଼ିକ ମଧ୍ୟ ସେତିକି ପରିମାଣର ଉତ୍ତରଦାୟୀ। ସଂସଦ କି ବିଧାନସଭାରେ ହେଉ ବା ବାହାରେ ବିରୋଧୀମାନେ ସବୁବେଳେ ସେମାନଙ୍କର ଉପସ୍ଥିତି ରଖିବା ଦରକାର। ନ ହେଲେ ସରକାର ମନମୋଟିଆ, ଏକଛତ୍ରବାଦୀ ହୋଇଯିବେ। ଗଣତାନ୍ତ୍ରିକ ବ୍ୟବସ୍ଥାର ଅନ୍ୟତମ ଜଣାଶୁଣା ବ୍ୟାଖ୍ୟାକାର ତଥା ନ୍ୟୁଜିଲାଣ୍ଡର ନେତା ଡନ୍ ବ୍ରାଶଙ୍କ ଭାଷାରେ, 'ବିରୋଧୀ ଦଳର ଅର୍ଥ ହେଉଛି ବିକଳ୍ପ ସରକାର'।

ରାଜତନ୍ତ୍ର ଗଲା ଗଣତନ୍ତ୍ର ଆସିଲା। ଗଣତନ୍ତ୍ର ଆଉ ରାଜତନ୍ତ୍ର ବ୍ୟବସ୍ଥା ଭିତରେ ଫରକ ହେଉଛି, ରାଜତନ୍ତ୍ର ବ୍ୟବସ୍ଥାରେ ବିରୋଧର ପ୍ରଶ୍ନ ନ ଥିଲା। କିନ୍ତୁ ଗଣତନ୍ତ୍ରରେ ଲୋକମାନେ ଶାସକଙ୍କୁ ବିରୋଧ କରିପାରିବେ, ପ୍ରଶ୍ନ ପଚାରିପାରିବେ। ଲୋକଙ୍କ ସ୍ୱରକୁ ଏକ ଚିତ୍ର ମାନ ସ୍ୱରୂପ ଦେବା ହେଉଛି ବିରୋଧୀ ରାଜନୈତିକ ବ୍ୟବସ୍ଥାର କାମ। ସରକାରଙ୍କୁ ଗଠନମୂଳକ ସମାଲୋଚନା, ଶାସକ ଦଳର ଅବାଧତା ଉପରେ ପ୍ରତିବନ୍ଧକ ଲଗାଇବା, ଲୋକଙ୍କର ସ୍ୱାଧୀନତା ଓ ଅଧିକାରକୁ ସୁନିଶ୍ଚିତ କରିବା, ଜନତାଙ୍କର ମତକୁ ସରକାରଙ୍କ ପାଖରେ ରଖିବା ହେଉଛି ବିରୋଧୀ ଦଳମାନଙ୍କର କାମ। ହେଲେ ତାହା ହେଉଛି କି? ବ୍ୟବସ୍ଥାରେ ବିରୋଧୀ ଦଳମାନଙ୍କର ଯେଉଁ ତତ୍ତ୍ୱଗତ ଆବଶ୍ୟକତା ରହିଛି ତାହା ସେମାନେ ନିଭାଇ ପାରୁଛନ୍ତି କି ? ବିରୋଧୀମାନେ ଯଦି କେବଳ ନିର୍ବାଚନ ଆସିଲା ବେଳକୁ ସଜବାଜ ହୋଇ ସେହି ସମୟରେ ବିଭିନ୍ନ ରାଜନୈତିକ ବୟାନ କରି ଲୋକଙ୍କ ନଜରକୁ ନିଜ ଆଡକୁ ଟାଣିବା ଲକ୍ଷ୍ୟରେ ରହିବେ, ବାକିସମୟରେ ନିଜର ଭୂମିକାକୁ ଗୌଣ୍ୟ କରିରଖିବେ ତା'ହେଲେ ଏହା ଭଲ କି? ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଲାଗୁଛି ସରକାରଙ୍କୁ ଗଠନମୂଳକ ସମାଲୋଚନା ଓ ପ୍ରସ୍ତାବ କମ୍ ରହୁଛି। ବିଭିନ୍ନ ଅଯଥା ପ୍ରସଙ୍ଗ, ଯେପରିକି ବ୍ୟକ୍ତିଗତ ରାଜନୈତିକ ବିରୋଧ, ବ୍ୟକ୍ତିଗତ ବିଚାରଗତ ବିରୋଧ (ଯାହାର ଲୋକମାନଙ୍କର ସାମାଜିକ ଜୀବନ ସହିତ କୌଣସି ସମ୍ପର୍କ ନାହିଁ) ବେଶି ହେଉଛି। ଏହା କେବଳ କେଉଁ ଏକ ରାଜ୍ୟର ଅବସ୍ଥା ନୁହେଁ ବରଂ ସମସ୍ତ ରାଜ୍ୟ ଓ କେନ୍ଦ୍ରୀୟ ରାଜନୀତିରେ ଏପରି ଲକ୍ଷଣ ଦେଖିବାକୁ ମିଳୁଛି। ଓଡ଼ିଶାରେ ତ ସରକାରଙ୍କୁ କେବେ କେଉଁ ବିକାଶମୂଳକ ବିଷୟରେ ବିରୋଧୀମାନେ ଗଠନମୂଳକ ଉପଦେଶ ଦେବା ବିରଳ।

ବିରୋଧୀମାନେ ବିଭିନ୍ନ ସମସ୍ୟା ଉପରେ ଅଧ୍ୟୟନ କରି ନିଜର ମତ ସରକାର ଓ ଲୋକଙ୍କ ପାଖରେ ରଖିବା କଥା, ସରକାରଙ୍କ ନୀତିକୁ ତର୍ଜମା କରିବା କଥା। ଏଠି ତ ସମସ୍ୟାକୁ ବିରୋଧୀ ଦଳମାନେ ଚିହ୍ନି ପାରୁନାହାନ୍ତି, ସରକାରଙ୍କର ନୀତି ଯେତେବେଳେ ଲାଗୁ ହେଉଛି ବିରୋଧୀମାନେ ଜାଣିପାରୁନାହାନ୍ତି। ସେହି ନିୟମ କାର୍ଯ୍ୟକାରୀ ହେଲା ପରେ ଯେତେବେଳେ ଲୋକେ ଅସୁବିଧା ଭୋଗୁଛନ୍ତି ସେତେବେଳେ ଯାଇ ବିରୋଧୀ ଦଳମାନେ ନିଦରୁ ଉଠୁଛନ୍ତି। ବିରୋଧୀ ଦଳମାନଙ୍କ ପାଖରୁ ଯେଉଁ ଚତୁରତା ଆଶା କରାଯାଏ ତାହା ଦେଖିବାକୁ ମିଳୁନାହିଁ। ବେଳେବେଳେ ଅନୁଭବ ହୁଏ ଯେ ଭାରତୀୟ ରାଜନୀତିରେ (ଉଭୟ କେନ୍ଦ୍ର ଓ ରାଜ୍ୟ) ଯଦି ଗଣମାଧ୍ୟମ କି ଅଦାଲତମାନ ନ ଥାନ୍ତା ତା'ହେଲେ ଲୋକମାନେ ସେମାନଙ୍କର କଥା କାହାକୁ କହିଥାନ୍ତେ ?

ଏବେ କିଛି ଦିନ ତଳେ ଓଡ଼ିଶାରେ ବିଧାନସଭା ଓ କେନ୍ଦ୍ରରେ ସଂସଦ ଚାଲିଥିଲା। ସଂସଦର ପୂରା ଅଧିବେଶନ ବିନା ଆଲୋଚନାରେ ଧୋଇଗଲା ଗୋଟିଏ ପ୍ରସଙ୍ଗକୁ ନେଇ, ତାହା ହେଉଛି, 'ପେଗାସସ୍'। ଏ କଥା ଆମକୁ ସ୍ୱୀକାର କରିବାକୁ ହେବ ଯେ ପେଗାସସ୍ ବିଷୟ ଲୋକଙ୍କର ମୌଳିକ ସମସ୍ୟା ନୁହେଁ। ଯଦି ଏହା ଲୋକଙ୍କର ମୌଳିକ ସମସ୍ୟା ହୋଇଥାନ୍ତା ତା'ହେଲେ କାହିଁକି ଯେମିତି ସଂସଦର ଅଧିବେଶନ ସରିଛି ସେମିତି ପେଗାସସ୍ ପ୍ରସଙ୍ଗ ବି ଉଭେଇ ଯାଇଥାନ୍ତା ? ପେଗାସସ୍‌ରେ ବଡ଼ ବଡ଼ିଆଙ୍କର ଫୋନ୍ ଟ୍ୟାପ ହୋଇଛି। ଏହା ହେଉଛି କିଛି ରାଜନେତାଙ୍କର ବ୍ୟକ୍ତିଗତ ମାମଲା ଭଳି। କାରଣ ବିରୋଧୀଙ୍କର ଅଭିଯୋଗ ହେଲା ଯେ ସରକାର ସେହି ପେଗାସସ୍ ମାଧ୍ୟମରେ ବିରୋଧୀ ରାଜନୈତିକ ନେତାମାନଙ୍କର ଫୋନ୍ ଟ୍ୟାପିଙ୍ଗ କରୁଛନ୍ତି। ହେଲେ ବିରୋଧୀ ଦଳମାନେ ନିଜର ବ୍ୟକ୍ତିଗତ ମାମଲାକୁ ଲୋକଙ୍କର ବିଷୟ ବୋଲି ଦେଖାଇ ସଂସଦକୁ ପୂରା ଅଚଳ କରିଦେଲେ। ସଂସଦରେ ସେହି ଅଧିବେଶନରେ ଆସୁଥିବା ବିଧେୟକ, ସାମ୍ପ୍ରତିକ ସମସ୍ୟା, ସାଧାରଣ ଲୋକଙ୍କର ଦାବି ଉପରେ ଆଲୋଚନା ପ୍ରାଥମିକତାରେ ହେବା କଥା। ଏହା ପରେ ଆଉ ସବୁ ସମସ୍ୟାକୁ ବିରୋଧୀମାନେ ଉଠାଇଲେ କିଛି ଆପତ୍ତି ନାହିଁ। ହେଲେ ତାହା ନ କରି ବିରୋଧୀମାନେ ନିଜର ଫୋନ୍ ଟ୍ୟାପିଙ୍ଗକୁ ନେଇ ଗୃହକୁ ଅଚଳ କରିଲେ, ଯାହାଫଳରେ କିଛି ବିଧେୟକ ବିନା ଆଲୋଚନାରେ ପାରିତ ହେଲା। କ୍ଷତି ଜନତାଙ୍କର ଘଟିଲା। ସେଥିପାଇଁ ସେମାନେ ହାଇକୋର୍ଟ, ସୁପ୍ରିମକୋର୍ଟ ଯାଇପାରିଥାନ୍ତେ। ସଂସଦ ଯେ ଲୋକଙ୍କ ପାଇଁ ବସେ ତାହା ସେମାନେ ଭୁଲିଗଲେ। ଏମିତିରେ ଫୋନ୍ ଟ୍ୟାପିଙ୍ଗର ଇତିହାସ ଦେଶରେ ପୁରୁଣା।

ଓଡ଼ିଶା ବିଧାନସଭାରେ ବି ସମାନ ଅବସ୍ଥା। ଦୁଇଟି ଯାକ ବିରୋଧୀ ଦଳ ଉଭୟ କଂଗ୍ରେସ ଓ ଭାଜପା ଭିତରେ କଳି କାରଣରୁ ଶାସକ ଦଳ ସବୁବେଳେ ଫାଇଦାରେ। ଗୋଟିଏ ଦଳ ଆଇନଶୃଙ୍ଖଳାରେ ମୁଲତବୀ ଆଲୋଚନା ଆଣିଲା ବେଳକୁ ଅନ୍ୟ ଦଳଟି ନିଯୁକ୍ତିକୁ ନେଇ ଗୃହ ଅଚଳ କରିଦେଉଛି। ପରଦିନ ପୂର୍ବ ଦିନ ହଟ୍ଟଗୋଳ କରୁଥିବା ଦଳ ଚାଷୀଙ୍କ ସମସ୍ୟାକୁ ନେଇ ମୁଲତବୀ ଆଲୋଚନା ଆଣିଲା ବେଳେ ଅନ୍ୟ ଦଳଟି ଯିଏ ପୂର୍ବଦିନ ମୁଲତବୀ ଆଣିଥିଲା ସେମାନେ ଦୁର୍ନୀତି ପ୍ରସଙ୍ଗରେ ହଟ୍ଟଗୋଳ କରି ଗୃହ ବନ୍ଦ କରୁଛନ୍ତି। ଏହାକୁ ରାଜନୈତିକ ଦୃଷ୍ଟିରୁ କ'ଣ କୁହାଯିବ ତାହା ଭିନ୍ନ କଥା କିନ୍ତୁ ବାସ୍ତବରେ କ୍ଷତି ଲୋକମାନଙ୍କର ହେଉଛି। ବିରୋଧୀ ଦଳମାନଙ୍କର ରାଜନୈତିକ ଅହଙ୍କାର ଆଗରେ ଲୋକଙ୍କର ସ୍ୱାର୍ଥ ନ୍ୟୁନ ହୋଇଯାଉଛି। ଗୃହ ନ ଚାଲିବା କାରଣରୁ ସରକାରଙ୍କୁ ମଧ୍ୟ ଲାଭ ହେଉଛି। ଏକ ସଂସ୍ଥାର ରିପୋର୍ଟ ଅନୁସାରେ ଉଭୟ ସଂସଦ ଏବଂ ବିଭିନ୍ନ ରାଜ୍ୟର ବିଧାନସଭାରେ ପାସ୍ ହେଉଥିବା ବିଧେୟକଗୁଡ଼ିକର ଆଲୋଚନା ସମୟ ହାରାହାରି ଭାବରେ ମାତ୍ର ୫ରୁ ୭ ମିନିଟ୍ ତାହା ପୁଣି ଅଧିକାଂଶ ଶାସକ ଦଳର ସଦସ୍ୟମାନଙ୍କର ଆଲୋଚନାରେ। ତା'ହେଲେ ବିରୋଧୀମାନେ ସେମାନଙ୍କର ଭୂମିକା ତୁଲାଇପାରିଲେ କି ନାହିଁ ଏହା ଉପରେ ତର୍ଜମା କରିବାର ଆବଶ୍ୟକତା ରହିନାହିଁ କି?

ଏବେ ଆସିବା ଗୃହ ବାହାରେ ହେଉଥିବା ରାଜନୀତିକୁ। ଯଦିଓ ସରକାରଙ୍କୁ ଘେରିବା ପାଇଁ ମାଳମାଳ ପ୍ରସଙ୍ଗ ରହିଛି ତଥାପି ବିରୋଧୀ ଦଳଗୁଡ଼ିକ ପ୍ରସଙ୍ଗ ନ ପାଇଲା ଭଳି ଅନୁଭବ ହେଉଛି। ଆଗରୁ କୌଣସି ବଡ଼ ପ୍ରସଙ୍ଗରେ ରାଜନୈତିକ ମହଲରୁ ଖବର ଯାଉଥିଲା ଗଣମାଧ୍ୟମକୁ। ଏବେ ଓଲଟା ହେଉଛି। ଗଣମାଧ୍ୟମରେ ଖବର ବାହାରିଲା ପରେ ବିରୋଧୀଙ୍କର ଚେତା ଫିଟୁଛି ବା ସେହି ପ୍ରସଙ୍ଗ ବିଷୟରେ ସେମାନେ ଜାଣିପାରୁଛନ୍ତି। ଓଡ଼ିଶାରେ ଏହାର ମାତ୍ରା ସର୍ବାଧିକ। ଗଣମାଧ୍ୟମରୁ ହିଁ ବିରୋଧୀମାନେ ଲୋକଙ୍କର ସମସ୍ୟା ବା ସରକାରଙ୍କର ଦୋଷ, ଦୁର୍ନୀତି ବିଷୟରେ ଜାଣିପାରୁଛନ୍ତି। ଜାଣିଲା ପରେ କ'ଣ ହେଉଛି। ଟୁଇଟ୍ ଆଉ ବାଇଟ୍ (ସାମାଜିକ ଗଣମାଧ୍ୟମରେ ଦୁଇ ଧାଡ଼ି, ଟିଭି କ୍ୟାମେରା ଆଗରେ ଦୁଇ ପଦ) ପ୍ରତିକ୍ରିୟାରେ ପୂରା ଦାୟିତ୍ୱ ସରୁଛି। ବେଳେବେଳେ ଲାଗେ ଯଦି ଭୁବନେଶ୍ୱରରେ ସାମ୍ବାଦିକ ସମ୍ମିଳନୀ କରିବାର ବ୍ୟବସ୍ଥା ନ ଥାନ୍ତା ତାହେଲେ ହୁଏତ ବିରୋଧୀ ଦଳମାନେ ହଜିଯାଆନ୍ତେ। ଓଡ଼ିଶାରେ ଅନେକ ବର୍ଷ ହେଲାଣି କେବେ ଦେଖାଯାଇନି ଯେ ବିରୋଧୀମାନେ କୌଣସି ପ୍ରସଙ୍ଗରେ ଲଢ଼େଇକୁ ଶେଷ ନିର୍ଣ୍ଣାୟକ ମୋଡକୁ ନେଇଯିବାର। ଅନେକ ପ୍ରସଙ୍ଗରେ ଯେପରି ବୌଦ୍ଧିକ ପରିଶ୍ରମର ଆବଶ୍ୟକତା ରହିଛି ତାହା ବି ହେଉନାହିଁ। ଏପରି ସ୍ଥିତିରେ ଲୋକମାନେ ଯେଉଁ ଆଶା ବିରୋଧୀ ଦଳମାନଙ୍କଠାରୁ ରଖିବା କଥା ତାହା ମଉଳିଯାଉଛି। ଅଜ୍ଞାନା ଗଣବଳାତ୍କାର ବୋଧହୁଏ ଓଡ଼ିଶାରେ ଶେଷ ରାଜନୈତିକ ଆନ୍ଦୋଳନ, ଯାହା ଜନମାନସରେ ପ୍ରଭାବ ପକାଇଥିଲା। ଟିଟ୍‌ଫଣ୍ଡ ଠକେଇ, ଅନେକ ଗଣବଳାତ୍କାର ହୋଇଛି ଯାହା ଲୋକଙ୍କ ସହିତ ସିଧାସଳଖ ସମ୍ପର୍କିତ। ଲୋକଙ୍କ ମନରେ ପ୍ରତିକ୍ରିୟା ବି ସୃଷ୍ଟି ହୋଇଛି ହେଲେ ତାହା ଜନ ଆନ୍ଦୋଳନର ରୂପ ନେଇପାରିନାହିଁ। କାରଣ ଏହାର ନେତୃତ୍ୱ ନେବାକୁ କେହି ନାହାନ୍ତି।

ବିରୋଧୀ ଦଳମାନେ ଦୁଇ ପ୍ରକାର ରୋଗରେ ରୋଗଗ୍ରସ୍ତ। ଗୋଟିଏ ହେଲା ଲୋକଙ୍କ ପାଖରେ ପହଞ୍ଚିବା, ସେମାନଙ୍କର ସମସ୍ୟା ବୁଝିବା, ତାକୁ ନେଇ ସରକାରଙ୍କୁ ଘେରିବା ଆଦିରେ ସେମାନେ ବିଫଳ। ଆଉ ଗୋଟିଏ ହେଲା ନିଜ ନିଜ ଦଳ ଭିତରେ ଥିବା ନେତୃତ୍ୱମାନଙ୍କର ତାଳମେଳର ଅଭାବ ଓ ଲଢ଼ାଇ। ସମ୍ରାଟଙ୍କୁ ଗୋଲାମ ଦରକାର ଏହି ମାନସିକତାରେ ଭାରାକ୍ରାନ୍ତ। ଏଥିପାଇଁ ବିରୋଧୀ ନେତୃତ୍ୱ ସଶକ୍ତ ହୋଇପାରୁନାହିଁ। କେବଳ ନିର୍ବାଚନ ପାଖେଇ ଆସିଲେ ସଜାଗ ହୋଇଉଠିବା, ନିର୍ବାଚନ ଜିତିବା ପାଇଁ ଲଢ଼ିବା, ଏହା କେବଳ କର୍ତ୍ତବ୍ୟ ନ ହେଉ, ସବୁ ସମୟରେ ଲୋକଙ୍କ ପାଇଁ ଲଢ଼େଇ ହେଉ, ତା'ହେଲେ ଯାଇ ଲୋକଙ୍କର ମଙ୍ଗଳ ହେବ।

ହରିରାଜପୁର, ପୁରୀ
ମୋ:୮୨୪୯୮୬୮୯୬୧

# ଅକ୍ଷର ଜ୍ଞାନ ବନାମ ସାକ୍ଷରତା



ନଗେନ୍ଦ୍ର ନାଥ ପଟ୍ଟନାୟକ

ଜ୍ଞାନ ମନୁଷ୍ୟ ପାଇଁ ଦଶଟି ମାର୍ଗ ଉନ୍ମୁକ୍ତ କରିଥାଏ। କିନ୍ତୁ ମଣିଷ ଯେତେବେଳେ ପଢ଼ାଲେଖା ଭଳି ମୌଳିକ କଥା ଜାଣିପାରୁନି, ନିଜର ତଥା ପରିବାର ଲାଗି ସୁଦିନର ସୁନେଲି ସ୍ୱପ୍ନ ଦେଖିବ କିପରି ? ସଂପ୍ରତି ଭାରତବର୍ଷର ସ୍ଥିତି ଉପରେ ତୀକ୍ଷ୍ଣ ନଜର ପକାଇଲେ ମନରେ କ୍ଷୋଭ ଆସେ ଯେ, ସ୍ୱାଧୀନତା ପ୍ରାପ୍ତିର ୭୪ ବର୍ଷ ବିତିଯାଇଥିଲେ ସୁଦ୍ଧା ଦେଶର ତିନିକୋଟି ଲୋକ ନିରକ୍ଷର, ପାଖାପାଖି ୩୨ କୋଟି ଲୋକ ନାମକୁମାତ୍ର ପାଠୁଆ। କେବଳ ନାଆଁ ଲେଖିବା ଅବା ଦସ୍ତଖତ କରିବା ଛଡ଼ା କଲମ ଚଳେଇ ଜାଣନ୍ତି ନାହିଁ।

ସାକ୍ଷରତା ଏଭଳି ଏକ ଶବ୍ଦ ଯାହା ସମ୍ବନ୍ଧରେ ଜାଣିବାପାଇଁ ତା'ର ନିହିତ ଭାବାର୍ଥକୁ ବୁଝିବାକୁ ପଡ଼ିବ। ଉପରଠାଉରିଆ ଭାବେ ଦେଖିଲେ ଲାଗେ ସାକ୍ଷରତାର ଅର୍ଥ ଖାଲି ଅକ୍ଷର ଜ୍ଞାନ । ଅର୍ଥାତ ସ୍ୱର ବ୍ୟଞ୍ଜନ ବର୍ଣ୍ଣ କିମ୍ବା ଅ ଆ ଇ ଠୁ ଆରମ୍ଭ କରି କ, ଖ, ଗ, କ୍ଷ ଅକ୍ଷର ସହିତ ପରିଚିତି । କିନ୍ତୁ ଅସଲ ଦୃଷ୍ଟିକୋଣରୁ ବିଚାରିଲେ ସାକ୍ଷରତା କେବଳ ଅକ୍ଷର ଜ୍ଞାନ ବା ଶବ୍ଦଜ୍ଞାନର ସୀମିତ ଅବଧାରଣା ନୁହେଁ । ପ୍ରାରମ୍ଭିକ ଯୁଗରେ ସେଭଳି ମନେ ହେଉଥିଲେ ମଧ୍ୟ ବର୍ତ୍ତମାନ ପରିପ୍ରେକ୍ଷୀରେ ସାକ୍ଷରତାକୁ ପ୍ରତ୍ୟକ୍ଷ ଭାବେ ବିଚାର ସହିତ ଯୋଡ଼ାଯାଇପାରେ। ସେଇ ବ୍ୟକ୍ତିବିଶେଷକୁ ଆଜି ଶିକ୍ଷିତ ବୋଲି କୁହାଯାଇପାରିବ, ଯିଏ କି କେବଳ ଲେଖିପାରୁଥିବ ତାହା ନୁହେଁ ବରଂ ତା'ର ଠିକ୍ ଅର୍ଥକୁ ବୁଝିବା ସହିତ ସାଧାରଣ ଜୀବନରେ ପ୍ରୟୋଗ କରିବାରେ ସାମର୍ଥ୍ୟ ରଖିପାରୁଥିବ।

କହିବା ଅନାବଶ୍ୟକ, ଭାରତରେ ସାକ୍ଷରତା ହାର ୨୦୧୯ରେ ଥିଲା ୭୬.୪ ପ୍ରତିଶତ, ମାତ୍ର ବର୍ତ୍ତମାନ ଏହା ବିଶ୍ୱର ହାରାହାରି ସାକ୍ଷରତା ହାର ୮୪ ପ୍ରତିଶତଠୁ ଖୁବ୍ କମ୍। ଗୁଣାତ୍ମକ ସାକ୍ଷରତା ହାର ଦ୍ୱାରା ଜନସଂଖ୍ୟା ବୃଦ୍ଧି, ଗରିବୀ ଓ ଲିଙ୍ଗଭେଦ ଭଳି ଆହ୍ୱାନକୁ କଡ଼ା ମୁକାବିଲା କରାଯାଇପାରିବ। ସାକ୍ଷରତା ହାର ବଢ଼ାଇବା ଲାଗି ଦେଶର ବିକାଶ କ୍ଷେତ୍ରରେ ଆଶାନୁରୂପ ସଫଳତା ହାସଲ କରାଯାଇପାରି ନାହିଁ। ଅଧିକନ୍ତୁ ୧୯୯୦ରେ ଏନେଇ କରାଯାଇଥିବା ଏକ ନିର୍ଭରଯୋଗ୍ୟ ଅଧ୍ୟୟନ ମୁତାବକ, ଭାରତରେ ଯଦି ସାକ୍ଷରତା ହାର ଏଭଳି ସ୍ଥିତି ବଜାୟ ରୁହେ ତେବେ ପୂର୍ଣ୍ଣ ସାକ୍ଷରତା ହାର ହାସଲ କରିବାରେ ୨୦୬୦ ବର୍ଷ ପର୍ଯ୍ୟନ୍ତ ଆମକୁ ଧୈର୍ଯ୍ୟର ସହିତ ପ୍ରତିରକ୍ଷା କରିବାକୁ ପଡ଼ିବ।

ସାକ୍ଷରତା ହାର ହାସଲ କରିବା ଲାଗି ସର୍ବଶିକ୍ଷା ଅଭିଯାନ, ରାଷ୍ଟ୍ରୀୟ ସାକ୍ଷରତା ମିଶନ, ମଧ୍ୟାହ୍ନ ଭୋଜନ ଯୋଜନା ଅଥବା ମିଡ୍ ଡେ ମିଲ ଭଳି ଲୋକପ୍ରିୟ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି ସତ, ମାତ୍ର ଏ ସବୁକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟାନ୍ୱୟନ କରି ସଫଳତା ସାଉଁଟିବା ସ୍ୱପ୍ନ ଛଡ଼ା ଆଉ କିଛି ନ ହୋଇପାରେ। କାଗଜକୁ ଆମେ ଯାହା କହୁ ପଛେ ତା'ର ଶତପ୍ରତିଶତ ଯଥାର୍ଥତା ରହିଛି। ସାକ୍ଷରତାର ଦ୍ୱାହି ଦେଇ ଆରମ୍ଭରୁ ସାକ୍ଷରଙ୍କୁ ବାରମ୍ବାର ସାକ୍ଷର କରିବାର କାର୍ଯ୍ୟ ଯେପର୍ଯ୍ୟନ୍ତ ଚାଲୁଥିବ ସେ ଯାଏ ଦେଶରେ ନିରକ୍ଷରତାର କଳଙ୍କ ରହିଥିବ। କେବଳ ଭାରତ ନୁହେଁ , ତୃତୀୟ ବିଶ୍ୱର ଅଧିକାଂଶ ଦେଶର ଦଶା ମଧ୍ୟ ଏହିଭଳି। ଆଫ୍ରିକା ଓ ଦକ୍ଷିଣ ଏସିଆରେ ନିରକ୍ଷରତା ତଥା ଅଶିକ୍ଷା ପଛରେ ଗରିବୀ ଏକ ବଡ଼ କାରଣ। ଏହାବ୍ୟତୀତ, ଆଉ ଏକ ପ୍ରମୁଖ ହେତୁଟି ହେଉଛି ସେଠାରେ ଛୋଟ ଛୋଟ ଦେଶ–ସୋମାଲିଆ, ସୁଡାନ କଂଗୋ ଇତ୍ୟାଦିରେ ଦୀର୍ଘସମୟ ବ୍ୟାପୀ ହିଂସାକାଣ୍ଡ ଘଟିଆସୁଛି । ଆମେ ଏକ ସଭ୍ୟ ଶିକ୍ଷିତ ଦୁନିଆରେ ସହାବସ୍ଥାନ କରିବାର ଦାବିକରି ଶାନ୍ତି ଓ ସମୃଦ୍ଧି ତଥା ସୁଖର ସକଳ ସାଧନ ଥିବା ଜ୍ଞାନଯୁଗର ପ୍ରତିନିଧିତ୍ୱ କରୁଥିଲେ ହେଁ ଏକ ବଡ଼ଅଂଶ ଏଭଳି ରହିଛି, ଯାହା ପର୍ଯ୍ୟନ୍ତ ନା ସୁଖ ପହଞ୍ଚିପାରେ ନା ଜ୍ଞାନ। ତେବେ ସାକ୍ଷରତାକୁ ନେଇ ଗଭୀର ଚିନ୍ତନ କରିବାର ଆବଶ୍ୟକତା ରହିଛି। ଏବେସୁଦ୍ଧା ଆମ ଭିତରୁ ଅଧିକାଂଶ ନିରକ୍ଷରତାର ଅଭିଶାପକୁ ମୁଣ୍ଡେଇ ରହିଛନ୍ତି । ଏକଥାକୁ ଧ୍ୟାନରେ ରଖି ସାରା ବିଶ୍ୱରେ ସାକ୍ଷରତା ଅଭିଯାନକୁ ବ୍ୟାପକ କରାଯାଉଛି। ମିଳିତ ଜାତିସଂଘର ଶୈକ୍ଷିକ, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ (ୟୁନିସ୍କୋ) ଦ୍ୱାରା ସାକ୍ଷରତା ଦିବସ ମଧ୍ୟ ପାଳନ ହେଉଛି। ନକାରାତ୍ମକ ତଥା ନୈରାଶ୍ୟଜନକ ପରିସଂଖ୍ୟାନ ସତ୍ତ୍ୱେ ବି ବିଶ୍ୱର ପାଖାପାଖି ଚାରି ଅରବ ଲୋକ ସାକ୍ଷର ହୋଇପାରିଛନ୍ତି। ଯଦିଓ ଅଦ୍ୟାବଧି ସମଗ୍ର ବିଶ୍ୱର ସବୁ ସରକାରୀ ଓ ବେସରକାରୀ ସଂଗଠନଙ୍କ ନିରବଚ୍ଛିନ୍ନ ପ୍ରୟାସ ସତ୍ତ୍ୱେ ସାରା ବିଶ୍ୱରେ ଛଅ ଜଣଙ୍କ ମଧ୍ୟରୁ ଜଣେଲେଖାଁ ବୟସ୍କ ବ୍ୟକ୍ତି ନିରକ୍ଷର। ସାକ୍ଷରତା ଓ ପ୍ରଗତି ବିଷୟ ଉପରେ ବିଶେଷ ଧ୍ୟାନ ଦେବାର ଜରୁରୀ ଆବଶ୍ୟକତା ରହିଛି। କାରଣ ସାକ୍ଷରତା ମାନବୀୟ, ସାଂସ୍କୃତିକ, ସାମାଜିକ, ରାଜନୈତିକ ତଥା ଆର୍ଥିକ ଅକଳରୁ ନିସ୍ତରିବାରେ ସାହାଯ୍ୟ କରିଥାଏ। ଏବେ ସାକ୍ଷରତା ବିଷୟ ପାଇଁ ପ୍ରଦାନ କରାଯାଉଥିବା ମାନବୀୟ ସହାୟତା କ୍ଷେତ୍ରରେ ଶିକ୍ଷାର ଯୋଗଦାନ ମାତ୍ର ଦୁଇ ପ୍ରତିଶତ । ସାରା ବିଶ୍ୱରେ ସାକ୍ଷରତାକୁ ବ୍ୟାପକ କରାଇବା ଲାଗି ରାଜନୈତିକ ପ୍ରତିଶ୍ରୁତିବଦ୍ଧତା କେତେକ ଦେଶ ପ୍ରକଟନ କରୁଥିବା ଲକ୍ଷ୍ୟ କରାଯାଉଛି। ସେଇମାନଙ୍କ ମଧ୍ୟରୁ ଭେନିଜୁଏଲା ନାମ ସର୍ବାଗ୍ରେ। ହ୍ୟୁଗୋ ସ୍ୟାଭେଜ ଯେତେବେଳେ କ୍ଷମତାସୀନ ହେଲେ ସେ ସର୍ବପ୍ରଥମେ କ୍ୟୁବାର ଦୁଇଲକ୍ଷ ଶିକ୍ଷକଙ୍କୁ ନିଜ ଗୃହକୁ ଆମନ୍ତ୍ରଣ କଲେ, ଯଦ୍ଦ୍ୱାରା ସେମାନେ ବହୁ ଦେଶବାସୀଙ୍କୁ ଶିକ୍ଷିତ କରିପାରିବେ। ସାଭେଜଙ୍କ ଏଭଳି ସକାରାତ୍ମକ, ବଳିଷ୍ଠ ପଦକ୍ଷେପ ଦ୍ୱାରା ଆଜି ଭେନିଜୁଏଲାରେ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି। ସେଠିକାର ଜନସାଧାରଣ ବୈଷୟିକ କୌଶଳଭିତ୍ତିକ କୃଷି କ୍ଷେତ୍ରରେ ବେଶ୍ ଅଗ୍ରସର କରିସାରିଲେଣି। ନୂତନ ଭାରତ ସରକାର ମଧ୍ୟ ଦେଶରେ ସରକାରୀ ବିଦ୍ୟାଳୟ ସଂଖ୍ୟାରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟାଇଛନ୍ତି ଓ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରି ସ୍ଥିତିକୁ ବଦଳାଇ ପାରିଛନ୍ତି। ଯଦିଓ ଭାରତରେ ଚାଲୁଥିବା ଏକ ବୟସ୍କ ସାକ୍ଷରତା କାର୍ଯ୍ୟକ୍ରମକୁ ଅନ୍ତଃରାଷ୍ଟ୍ରୀୟ ମାନବବାଦୀ ପୁରସ୍କାର ପାଇଁ ଅନ୍ତିମ ତାଲିକାରେ ରଖାଯାଇଛି। ଏହି କାର୍ଯ୍ୟକ୍ରମ ମୁତାବକ, କେବଳ ୩୫ ଦିନ ମଧ୍ୟରେ ପାଖାପାଖି 60,000 ମହିଳାଙ୍କୁ ଲେଖାପଢ଼ା ଶିଖାଇ ଦିଆଯାଇଛି। ଏହା ବିଶ୍ୱର ଏଭଳି ଏକ ସାକ୍ଷରତା କାର୍ଯ୍ୟକ୍ରମ, ଯଦ୍ଦ୍ୱାରା ଖୁବ୍ କମ୍ ସମୟରେ ହଜାର ହଜାର ଲୋକଙ୍କୁ ସାକ୍ଷର କରାଯାଇପାରିବ। ଭାରତରେ ସାକ୍ଷରତା କାର୍ଯ୍ୟକ୍ରମ ପ୍ରତି ବିଶେଷରୂପେ ମହିଳା ଛାତ୍ରୀମାନେ ଆକୃଷ୍ଟ ହେଉଛନ୍ତି। ତେବେ ଦେଶରେ ପାରିବାରିକ ଯୋଜନା ଓ ଜନସଂଖ୍ୟାର ସ୍ଥିରତା ନେଇ ମହିଳାଙ୍କ ସାକ୍ଷରତା ହାର କମ ହେବାର ନକାରାତ୍ମକ ପ୍ରଭାବ ପଡ଼ିଛି।

୯୯୯–୩, ଜଗମୋହନ ନଗର, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର, ମୋ:୯୪୩୮୩୩୨୧୩୮

## ଏଇ ଭାରତରେ

ଆଗାମୀ ପିଢ଼ି ଲାଗି ଯଦି କିଛି ସର୍ବଶ୍ରେଷ୍ଠ ଉପହାର ଥାଏ, ତେବେ ତାହା ହେଉଛି ପାଣି–ଏହା ଉପଲବ୍ଧି କରିଛନ୍ତି ଗୁଜରାଟର ଡେଥାଲି ଗାଁ। ଏହି ମରୁଡ଼ି ପ୍ରବଣ ଗାଁରେ ଏବେ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ହେବା ସହ ପକ୍ଷୀଙ୍କ ସ୍ୱର୍ଗ ପାଲଟିଛି। ମେଶାନା ଜିଲା ଅନ୍ତର୍ଗତ ବହୁଚାରାଜି ମନ୍ଦିର ନିକଟରେ ଥିବା ଏହି ପଡ଼ା ଗାଁର ଲୋକସଂଖ୍ୟା ୧୩୦୦। ଏଠାରେ ୩୦ ଏକର ପରିମିତ ଜମୁବନ ହ୍ରଦ ଜବରଦଖଲରେ ରହିଥିଲା ଓ ବର୍ଜ୍ୟ ଠୁଳ କରାଯାଉଥିଲା। ଉକ୍ତ ଗାଁର ସୋମଚାନ୍ଦ ଶାହାଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀ ହ୍ରଦର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ହ୍ରଦରୁ ମାଟି ବାହାର କରାଯାଇ ରାସ୍ତା ନିର୍ମାଣ କରାଯାଇଛି। ହ୍ରଦରେ ୯ କୋଟି ଲିଟର ପାଣି ରହୁଛି। କେବଳ ଏତିକି ନୁହେଁ, ଗାଁର ଚାରି ପାଖରେ ଆହୁରି ଛୋଟ ଛୋଟ ୧୭ଟି ଜଳାଶୟ କରାଯାଇଛି। ଏବେ ହ୍ରଦରେ ହଜାର ହଜାର ଦେଶୀ ବିଦେଶୀ ପକ୍ଷୀ ବସାବାନ୍ଧି ରହିଛନ୍ତି। ପକ୍ଷୀଙ୍କ ସୁରକ୍ଷା କରାଯାଉଛି ବୋଲି କହିଛନ୍ତି ପରିବେଶ ବିଶେଷଜ୍ଞ ତଥା ସୋମଚାନ୍ଦଙ୍କ ପୁତ୍ର ମୟୂର ଶାହା। ଏହା ଏକ ଗୋଷ୍ଠୀଗତ ପରିବେଶଗତ କାର୍ଯ୍ୟ ; ଯେଉଁଥିରେ ଜୈବବିବିଧତା ସୁରକ୍ଷା ହୋଇପାରିଛି। ଏହି ହ୍ରଦର ସମ୍ମୁଖଭାଗର ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବାର ଯୋଜନା ରହିଛି ବୋଲି କହନ୍ତି ସ୍ଥାନୀୟ ସରପଞ୍ଚ ଭିକାଭାଇ ପଟେଲ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ସେପ୍ଟେମ୍ବର ୧୯୯୬

- ମିଳିତ ଜାତିସଂଘ ନିରାପତ୍ତା ପରିଷଦର ୫ ସ୍ଥାୟୀ ରାଷ୍ଟ୍ର ବିବାଦୀୟ ପୂର୍ଣ୍ଣାଙ୍ଗ ଆଣବିକ ପରୀକ୍ଷା ନିଷିଦ୍ଧ ଚୁକ୍ତିକୁ ଅନୁମୋଦନ କରିଛନ୍ତି।
- ଦିଲ୍ଲୀ ଦଙ୍ଗା ମାମଲାର ବିଚାରଧାରା ଉପରେ ରହିତାଦେଶ ଜାରି ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏଚ୍.କେ.ଏଲ୍. ଭଗତ କରିଥିବା ଆବେଦନ ଦିଲ୍ଲୀ ହାଇକୋର୍ଟରେ ଖାରଜ।

## ଚିରନ୍ତନୀ

ପ୍ରତି ଲୋମକୂପ ଆଜି
ଥରିଉଠେ ପୁଲକେ
ଏ ପରଶ ଦେହେ ମୋର ଦେଲ କେ ?
ଦିବସର ଆଗମନୀ
ରଜନୀରେ ଦେଲ ଭଣି
ସୁଶୀତଳ ଜୋଛନାରେ ଝଲକେ
ଏ ପରଶ ଦେହେ ମୋର ଦେଲ କେ ?
–(ଶିଶିର–ହାସ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ଲାଷ୍ଟିକ ବୋତଲ ଫେଶନ

ମହାଶୟ,

ଆଗ କାଳରେ ଭୋଜନ ସମୟରେ ଘରେ ହେଉ କିମ୍ବା ହୋଟେଲରେ ପାଣି ପିଇବା ପାଇଁ ଗ୍ଲାସରେ ପାଣି ଦିଆଯାଉଥିଲା। କିନ୍ତୁ ବର୍ତ୍ତମାନ ବୋତଲ ଧରାଇ ଦେଉଛନ୍ତି। ଏହି ବୋତଲଗୁଡ଼ିକ ପୂର୍ବରୁ ବ୍ୟବହୃତ ହୋଇଥାଏ। ଯଥା ମିନେରାଲ ପାଣି ବୋତଲ କିମ୍ବା ମୃଦୁପାନୀୟ ବୋତଲ। ଖାଇବା ସମୟରେ ପାଣି ପିଇବାର ଆବଶ୍ୟକତା ପଡ଼ିଥାଏ। ଫଳରେ ଛୋଟ ପିଲା ଓ ବୟସ୍କମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏପରି କି ସେମାନେ ଛାତିରେ କଷ୍ଟ ଅନୁଭବ କରିଥାନ୍ତି।

–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୫କୁ ଘୁଞ୍ଚିଲା ଓସିଏସ୍ ପରୀକ୍ଷା

ଭୁବନେଶ୍ୱର, ୨୪।୯(ବ୍ୟୁରୋ): ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୨୭ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା(ଓସିଏସ୍)କୁ ଘୁଞ୍ଚାଇ ଦେଇଛି। ଉକ୍ତଦିନ ଓସିଏସ୍-୨୦୧୯ର ଭାଇଭା-ଭଏସ୍ ଟେଷ୍ଟ ବା ମୌଖିକ ପରୀକ୍ଷା ଏବଂ ଅରିଜିନାଲ ଡକ୍ୟୁମେଣ୍ଟ ଯାଞ୍ଚ ହେବାର ଥିଲା। ଏହାକୁ ଏବେ ଅକ୍ଟୋବର ୫ ତାରିଖକୁ ଘୁଞ୍ଚାଇ ଦିଆଯାଇଛି।

### ପିପିଲି ଉପନିର୍ବାଚନ ଭୋଟ ଗଣତି ନିମନ୍ତେ ତାଲିମ



ପୁରୀ ଅଫିସ, ୨୪।୯: ପିପିଲି ବିଧାନସଭା ଉପନିର୍ବାଚନ ଭୋଟ ଗଣତି ପାଇଁ ଶୁକ୍ରବାର ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁପରଭାଇଜର ଓ କାଉଣ୍ଟିଂ ଆସିଷ୍ଟାଣ୍ଟମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଆସନ୍ତା ୩୦ ତାରିଖରେ ମତଦାନ ହୋଇ ଅକ୍ଟୋବର ୩ରେ ଭୋଟଗଣତି କରାଯିବ। ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ତାଲିମ ପ୍ରଦାନ କରିଥିଲେ। ଗଣତି ପାଇଁ ଦୁଇଟି କକ୍ଷରେ ୧୪ଟି ଟେବୁଲ ଏବଂ ଅନ୍ୟ ଗୋଟିଏ ଟେବୁଲରେ ପୋଷ୍ଟାଲ ବାଲଟ ଗଣତି କରାଯିବ। ଗଣତି ସମ୍ବନ୍ଧୀୟ ସମସ୍ତ ପ୍ରସଙ୍ଗ ଉପରେ ତାଲିମ ଦିଆଯାଇଥିଲା। ଆସନ୍ତା ୨୮ ତାରିଖରେ ପୋଲିଂ ପାର୍ଟି ପିପିଲି ଓ ଡେଲାଙ୍ଗରେ ଥିବା ବୁଥ୍ ଅଭିମୁଖେ ଯାତ୍ରା କରିବେ। ଏଥିନିମନ୍ତେ ପେଣ୍ଠକଟାସ୍ଥିତ ୱେୟାର ହାଉସ୍‌ରେ ସମସ୍ତ ପ୍ରସ୍ତୁତି କରାଯାଇଛି। ଆସନ୍ତା ୩୦ ତାରିଖରେ ଭୋଟ ଗ୍ରହଣ ସାରି ପୋଲିଂ ଦଳ ଆସିବା ପରେ ଇଭିଏମ୍‌ଗୁଡ଼ିକୁ ସୁରକ୍ଷିତ ଭାବେ ରଖାଯିବାର ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି ଅବସରରେ ସାଧାରଣ ପର୍ଯ୍ୟବେକ୍ଷକ ଏମ୍. ବୀରବ୍ରହ୍ମୟ୍ୟା, ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଧିକାରୀ ପ୍ରଦୀପ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ ସୁଭାଷନାଥ ଶର୍ମା, ଡେପୁଟି କଲେକ୍ଟର ସୁମନ୍ତ କର, ଜିତେନ୍ଦ୍ର କୁମାର ପାତ୍ରଙ୍କ ସମେତ ବିଡିଓ ଏବଂ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

# ୬୦ ହଜାର ପଏଣ୍ଟ ଟପିଲା ସେନ୍‌ସେକ୍ସ

ମୁମ୍ବାଇ,୨୪।୯

ଲଗାତର ଦ୍ୱିତୀୟ ସେସନ ଲାଗି ଭାରତୀୟ ପୁଞ୍ଜି ବଜାରର କାରବାର ଉନ୍ନତ ରହିଛି। ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ଶୁକ୍ରବାର ପ୍ରଥମ ଥର ଲାଗି ୬୦ ହଜାର ପଏଣ୍ଟ ସ୍ତର ଟପିଛି। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ନିଫ୍ଟି) ମଧ୍ୟ ୧୭,୮୫୦ ପଏଣ୍ଟ ସ୍ତରରୁ ଊର୍ଦ୍ଧ୍ୱରେ ରହିଛି। ସେନ୍‌ସେକ୍ସ ୪୪୮ ପଏଣ୍ଟ ଊର୍ଦ୍ଧ୍ୱରେ ରହିବା ଯୋଗୁ ୬୦, ୩୩୩ ପଏଣ୍ଟ ସ୍ତରରେ ଛୁଇଁବାକୁ ସକ୍ଷମ ହୋଇଛି। ସେହିଭଳି ନିଫ୍ଟି ୫୦ ସୂଚକାଙ୍କ ୧୭,୯୪୭.୬୫ ପଏଣ୍ଟ ସ୍ତର ଛୁଇଁଛି। କାରବାର ଶେଷ ବେଳକୁ ସେନସେକ୍ସ ୧୬୩ ପଏଣ୍ଟ ଊର୍ଦ୍ଧ୍ୱରେ ରହି ୬୦,୦୪୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୩୦ ପଏଣ୍ଟ ଊର୍ଦ୍ଧ୍ୱରେ ରହି ୧୭,୮୫୩ ପଏଣ୍ଟରେ ବନ୍ଦ ହୋଇଥିବା ଜଣାପଡିଛି। ବର୍ତ୍ତମାନ କୋଭିଡ ମାମଲା ହ୍ରାସ ହୋଇଥିବା ବେଳେ ଟିକାକରଣ ଧାରା ଉନ୍ନତ ହୋଇଛି। ଏହାର ଫାଇଦା ଦେଶର ଅର୍ଥ ବ୍ୟବସ୍ଥା ଉପରେ ପଡିଛି। ଏସବୁ ବିଭିନ୍ନ ଦିଗଗୁଡିକ ପୁଞ୍ଜି ବଜାରକୁ ଊର୍ଦ୍ଧ୍ୱଗାମୀ କରିବା ଦିଗରେ ସହାୟକ ହୋଇଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି।



କୋଭିଡ-୧୯ ପାଇଁ ସେନସେକ୍ସ ୨୦୨୦ ମାର୍ଚ୍ଚ ୨୪ରେ ୨୫,୬୩୮ ପଏଣ୍ଟ ସ୍ତରକୁ ଖସି ଆସିଥିଲା। ଗତ ୧୮ ମାସ ମଧ୍ୟରେ ପୁଞ୍ଜି ବଜାରରେ ୧୨୫% ବୃଦ୍ଧି ଘଟିଛି। ୫୦ ହଜାର ପଏଣ୍ଟରୁ ୬୦ ହଜାର ସ୍ତର ଛୁଇଁବାକୁ ସେନ୍‌ସେକ୍ସକୁ ମାତ୍ର ୮ ମାସ ସମୟ ଲାଗିଛି। ଆଗାମୀ ବର୍ଷଗୁଡିକରେ ମଧ୍ୟ ଅର୍ଥନୈତିକ ସୁଧାର ଏବଂ ଦେଶର ଜିଡିପି ଅଭିବୃଦ୍ଧି ଉନ୍ନତ ରହିବ ବୋଲି ବଜାରର ଭରସା ରହିଛି। ଯାହା ସେନ୍‌ସେକ୍ସ ବୃଦ୍ଧିରେ ଇନ୍ଧନ ଭାବେ କାର୍ଯ୍ୟ କରୁଛି। ବିଦେଶୀ ପୁଞ୍ଜି ନିବେଶକଙ୍କ ଲାଗି ଭାରତ ଏକ ଆକର୍ଷଣୀୟ ସ୍ଥାନ ପାଲଟିଥିବା ଆଇଆଇଏଫ୍‌ଏଲ୍ ସିକ୍ୟୁରିଟିଜର ସିଇଓ ସନ୍ଦୀପ ଭରଦ୍ୱାଜ କହିଛନ୍ତି। ଏଭଳି ସ୍ଥିତିରେ ଖୁଚୁରା ନିବେଶକମାନେ ବିସ୍ତୃତ ପୋର୍ଟଫୋଲିଓ ଉପରେ ଧ୍ୟାନ ଦେବା ଆବଶ୍ୟକ ବୋଲି ଭରଦ୍ୱାଜ ମତ ପ୍ରକାଶ କରିଛନ୍ତି।

ବମ୍ବେ ଷ୍ଟକ୍ ବଜାରରେ ଟେଲିକମ ଶେୟାର କାରବାର ପ୍ରାୟ ୩% ଭଲ ପ୍ରଦର୍ଶନ କରିଛି। ସେହିଭଳି ସୂଚନା ପ୍ରଯୁକ୍ତି, କଞ୍ଜ୍ୟୁମର ଡ୍ୟୁରେବଲ୍ସ, ଅଟୋମୋବାଇଲ ଏବଂ ରିୟଲ ଇଷ୍ଟେଟ ଭଳି ଶେୟାର ମଧ୍ୟ ଉନ୍ନତ ପ୍ରଦର୍ଶନ କରିଥିବା ଜଣାପଡିଛି। ଏହାବାଦ ଧାତୁ, ତୈଳ ଏବଂ ବାଷ୍ପ, ଶକ୍ତି ଏବଂ ଏଫ୍‌ଏମ୍‌ସିଜି ଭଳି କମ୍ପାନୀଗୁଡିକର ଶେୟାର କାରବାର କିଛିଟା ପ୍ରଭାବିତ ରହିଥିଲା। ଚଳିତ ବର୍ଷ ସେନ୍‌ସେକ୍ସ ୭୦ ହଜାର ପଏଣ୍ଟ ଛୁଇଁପାରେ ବୋଲି ବଜାର ବିଶେଷଜ୍ଞ ଆକଳନ କରିଛନ୍ତି। ଚଳିତ ବର୍ଷ ଅଦ୍ୟାବଧି ସେନ୍‌ସେକ୍ସ ୨୫% ରିଟର୍ନ ପ୍ରଦାନ କରିଛି।

# କ୍ଷେପଣାସ୍ତ୍ର ପରୀକ୍ଷଣ ପୂର୍ବ, ପରବର୍ତ୍ତୀ ତଥ୍ୟ ଦେଉଥିଲେ

## ରିମାଣ୍ଡ ସରିଲା, ଜେଲ୍ ଗଲେ ୫ ଅଭିଯୁକ୍ତ



ଅଭିଯୁକ୍ତଙ୍କୁ ବାଲେଶ୍ୱର ଏସଡିଜେଏମ୍ କୋର୍ଟରେ ହାଜର କରାଯାଉଛି।

ବାଲେଶ୍ୱର ଅଫିସ, ୨୪।୯

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆରଡିଓ)ର ଗୁପ୍ତ ତଥ୍ୟ ଲିକ୍ ଘଟଣାରେ ଗିରଫ ହୋଇଥିବା ୫ ଅଭିଯୁକ୍ତଙ୍କ ୭ ଦିନିଆ ରିମାଣ୍ଡ ଶେଷ ହେବା ପରେ ଶୁକ୍ରବାର ଅପରାହ୍ନରେ ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ଅଭିଯୁକ୍ତମାନଙ୍କୁ ବାଲେଶ୍ୱର ଜେଲ୍‌କୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହନିଟ୍ରାପର ଶିକାର ହୋଇ ମହିଳା ଏଜେଣ୍ଟଙ୍କୁ କ୍ଷେପଣାସ୍ତ୍ର ପରୀକ୍ଷଣ ସମ୍ପର୍କିତ ତଥ୍ୟ ଦେଉଥିଲେ ବୋଲି କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି।

ରିମାଣ୍ଡ ସମୟରେ କ୍ରାଇମବ୍ରାଞ୍ଚ ପଚରାଉଚୁରା କରି ସେମାନଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। କୋର୍ଟକୁ ସ୍ଥାନାନ୍ତର ବେଳେ ଦାୟିତ୍ୱରେ ଥିବା ଅତିରିକ୍ତ କ୍ରାଇମବ୍ରାଞ୍ଚ ଏସ୍‌ପି ପ୍ରଶାନ୍ତ କୁମାର ବିଷୋୟୀ ସୂଚନା ଦେଇଛନ୍ତି ଯେ, ଅଭିଯୁକ୍ତମାନଙ୍କ ନିକଟରୁ ଲାପଟପ୍ ଓ ମୋବାଇଲ ଜବତ କରାଯାଇଛି। ଏବେ ରିମାଣ୍ଡ ପାଇଁ ଆବେଦନ କରାଯିବନି। ଜଣେ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବିଦେଶରୁ ଦୁଇଟି କିସ୍ତିରେ ୨୪ ହଜାର ଓ ୧୪ ହଜାର ଟଙ୍କା ଆସିଛି। ପାକିସ୍ତାନୀ ଗୋଇନ୍ଦାର ଯୁବତୀ ଏଜେଣ୍ଟ ବସନ୍ତ ବେହେରାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ବସନ୍ତଙ୍କ ସହ କଥା ହୋଇଥିବା ଯୁବତୀ ଦୁବାଇର ବୋଲି ସନ୍ଦେହ କରାଯାଉଛି। ସଚିନ କୁମାର ଛତ୍ରା ମଧ୍ୟ ୩ଜଣ ଯୁବତୀଙ୍କ ସମ୍ପର୍କରେ ଥିଲେ। ଫରେନ୍ସିକ ଅନାଲିସିସ୍ ପରେ ସ୍ପଷ୍ଟ ହୋଇଯିବ। ଯୁବତୀ ଏଜେଣ୍ଟମାନେ ୫ ଅଭିଯୁକ୍ତଙ୍କ ନିକଟରୁ କେବେ କ୍ଷେପଣାସ୍ତ୍ର ପରୀକ୍ଷଣ ହେବ ଓ ପରେ ସଫଳ କି ବିଫଳ ସମ୍ପର୍କରେ ଖବର ନେଉଥିଲେ।

ସୂଚନାଯୋଗ୍ୟ, ଡିଆରଡିଓ ଗୁପ୍ତ ତଥ୍ୟ ଲିକ୍ ମାମଲାରେ ବାଲେଶ୍ୱର ପୋଲିସ ସେପ୍ଟେମ୍ବର ୧୪ରେ ଆଇଟିଆରର ୪ ଠିକା କର୍ମଚାରୀଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଠିକା କର୍ମଚାରୀ ଚାନ୍ଦିପୁର ଥାନା ଖାମ୍ପୁରା ଗ୍ରାମର ବସନ୍ତ ବେହେରା (୫୨) ଓ ଶ୍ରୀକୋଣା ଗ୍ରାମର ଏସ୍‌କେ ମୁସାଫିର (୩୨), ଡିଜି ଅପରେଟର ଭାବେ କାମ କରୁଥିବା ସଦର ଥାନା ବୁଆଁଳ ଗ୍ରାମର ହେମନ୍ତ କୁମାର ମିସ୍ତ୍ରି (୫୨), ମେନ ଗେଟ୍‌ରେ କାର୍ଯ୍ୟ କରୁଥିବା ସଦର ଥାନା ଅଧୀନ ପାଳସିଆ ଗ୍ରାମର ତାପସ ରଞ୍ଜନ ନାୟକ (୪୧)। ପରେ ୧୬ତାରିଖରେ ଏହି ଘଟଣାରେ ଡିଆର୍‌ଡିଓର ସ୍ଥାୟୀ କର୍ମଚାରୀ ଡ୍ରାଇଭର ଉତ୍ତରପ୍ରଦେଶର ସଚିନ କୁମାର ଛତ୍ରାଙ୍କୁ ଗିରଫ କରାଯାଇଥିଲା। ସମସ୍ତ ୫ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୧୮ତାରିଖରେ ୭ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା।


# ମହାନଦୀରେ ଫସିଲା ଦନ୍ତା

## ଉଦ୍ଧାର କରିବାକୁ ଯାଇ ଓଲଟିଲା ବୋଟ

କଟକ ଅଫିସ/ବାରଙ୍ଗ,(ଡି.ଏନ୍.ଏ.)୨୪।୯

ମହାନଦୀର ମୁଣ୍ଡଳି ବ୍ୟାରେଜ ଦେଇ ଶୁକ୍ରବାର ସକାଳେ ଆଠଗଡ଼ ସୁକାସନ ଜଙ୍ଗଲରୁ ୧୮ ଟିକିଆ ହାତୀ ପଲ ଚନ୍ଦକା ଜଙ୍ଗଲକୁ ଆସୁଥିଲା। ୧୭ଟି ହାତୀ ନଦୀ ପାର୍ ହୋଇଯାଇଥିବାବେଳେ ଏକ ଦନ୍ତା ପାଣିରେ ଫସି ଯାଇଥିଲା। ତାକୁ ଉଦ୍ଧାର କରିବା ଲାଗି ଆଉ ୨ ହାତୀ ନଦୀରେ ପୁଣି ପଶି ଥିଲେ। ହେଲେ ଉକ୍ତ ହାତୀ ୨ଟି ମଧ୍ୟ ପାଣିର ପ୍ରଖର ସ୍ରୋତରେ ଭାସି ଯାଇ ମୁଣ୍ଡଳି ବ୍ୟାରେଜ ନିକଟସ୍ଥ ଅନନ୍ତପୁରରେ ଲାଗି ଉପରକୁ ଉଠିଯାଇଥିଲେ। ହେଲେ ଦନ୍ତାଟି ମୁଣ୍ଡଳି ବ୍ୟାରେଜ ନିକଟରେ ଫସି ରହିଥିଲା। ଦୀର୍ଘ ସମୟ ଧରି ପାଣିରେ ରହିବା ପରେ ନଦୀର ବାମ ପାର୍ଶ୍ୱକୁ ହାତୀଟି ନିଜେ ଧୀରେ ଧୀରେ ଯାଇଥିଲା। ହେଲେ କୂଳ ନିକଟରେ ପାଣିର ପ୍ରଖର ସ୍ରୋତ ଓ ଜନଗହଳି ଥିବାରୁ ଉପରକୁ ଉଠି ପାରି ନ ଥିଲା। ପରେ ହାତୀଟି ପୁଣି ନଦୀ ଭିତରକୁ ଫେରି ଯାଇଥିଲା।

ଆଠଗଡ଼ ବନବିଭାଗ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବାରୁ ଓଡିଶା ଡିଜାଷ୍ଟର ରାପିଡ୍ ଆକ୍ସନ ଫୋର୍ସ (ଓଡ୍ରାଫ୍) ଟିମ୍‌ର ସହାୟତା ନେଇଥିଲେ। ଆଠଗଡ଼, ଡମପଡ଼ା, ଚନ୍ଦକାର ବନ ଅଧିକାରୀଙ୍କ ସହ ବନ ବିଭାଗର ୧୦ ଜଣିଆ ବିଶେଷଜ୍ଞ ଦଳ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ଓଡ୍ରାଫ ଟିମ୍ ଆସିବାପରେ ଅପରେଶନ ଗଜ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଓଡ୍ରାଫର ଏକ ୫ଜଣିଆ ଟିମ୍ ରବର ବୋଟ ଦ୍ୱାରା ନଦୀ ମଧ୍ୟକୁ ପଶିଥିଲେ। ଓଡ୍ରାଫ୍ ଟିମ୍ ସହ ଓଟିଭିର ରିପୋର୍ଟର ଅରିନ୍ଦମ ଦାସ ଓ କ୍ୟାମେରା ମ୍ୟାନ ପ୍ରଭାତ ସିହ୍ନା ମଧ୍ୟ ଯାଇଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହାତୀକୁ ଘଉଡ଼ାଇବାକୁ ତାର ପଛପଟକୁ ଯାଉଥିବାବେଳେ ବୋଟଟି ପାଣିର ସ୍ରୋତରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏହାପରେ ଦେଶୀ ଡଙ୍ଗା ନିଆଯାଇ ନଦୀର ପ୍ରଖର ସ୍ରୋତରେ ଫସିଥିବା ଓଡ୍ରାଫ ଟିମ୍ ଓ ଓଟିଭିର ରିପୋର୍ଟର ଓ କ୍ୟାମେରା ମ୍ୟାନଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ କର୍ମଚାରୀଙ୍କ ପତ୍ତା ମିଳି ନ ଥିଲା। ଦେଶୀ ଡଙ୍ଗା ସାହାଯ୍ୟରେ ରିପୋର୍ଟର ଅରିନ୍ଦମଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଏସ୍‌ସିବି ନିଆଯାଇଥିବାବେଳେ ଡାକ୍ତର ସେଠାରେ ମୃତ୍ୟୁ ଘୋଷଣା କରିଥିଲେ। କ୍ୟାମେରାମ୍ୟାନ ଓ ଅନ୍ୟ ୩ ଓଡ୍ରାଫ୍ ସଦସ୍ୟ ଏବେ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ହାତୀକୁ ଉଦ୍ଧାର କରିବାପାଇଁ ବନବିଭାଗ ଯୋରଦାର ଉଦ୍ୟମ ଚଳାଇଥିଲେ ମଧ୍ୟ କୌଣସି ସୁଫଳ ପାଇପାରି ନାହାନ୍ତି। ହାତୀକୁ ଖାଇବାକୁ ଦଉଡିରେ ବାନ୍ଧି କଦଳୀ ମଧ୍ୟ ଦିଆଯାଇଛି। ଦୀର୍ଘ ସମୟ ଧରି ପାଣିର ପ୍ରଖର ସ୍ରୋତ ଭିତରେ ରହି ହାତୀଟିର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରେ ଲାଗିଛି। ଏପରିକି ହାତୀ ଶରୀରର ରଙ୍ଗ ପରିବର୍ତ୍ତନ ହେଉଥିବା ଦେଖିବାକୁ ମିଳିଛି। ହାତୀକୁ ଦେଖିବା ପାଇଁ ଦିନତମାମ ବ୍ୟାରେଜ ଉପରେ ଲୋକାରଣ୍ୟରେ ପରିଣତ ହୋଇଥିଲା। ପୋଲିସ ଓ ବନବିଭାଗର କଥାକୁ ମଧ୍ୟ ଲୋକମାନେ ଶୁଣି ନ ଥିଲେ। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ କରାଯାଇଥିବାବେଳେ ହାତୀଟି ଉଦ୍ଧାର ହୋଇପାରି ନ ଥିବା ଜଣାପଡିଛି।



**Tender Notice**

**BAIF Institute for Sustainable Livelihoods and Development-Odisha**

Invites sealed quotations from reputed vendors for supplying & installing **"Micro Irrigation System (Drip)"** in **Balangir** district. Refer **www.baif.org.in** for details

L4, Saraswati Enclave
PO. Dhankuada, Sambalpur.
**Ph. + 91 7894418530**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.16/ET/SBP/ENGG/2021-22, ତା.21.09.2021ରିଖ

ଇ-ଟେଣ୍ଡର ସଂ.15-eT-DENC-SBP-21

**କାର୍ଯ୍ୟର ନାମ :** ସମ୍ବଲପୁର ଷ୍ଟେସନ ଠାରୁ ରେଳନଗର କଲୋନୀ ପର୍ଯ୍ୟନ୍ତ ସଂଯୋଗ କରୁଥିବା ରୋଡ଼ ଅଣ୍ଡର ବ୍ରିଜ୍ (RUB) ନଂ.67 ର ପ୍ରଶସ୍ତୀକରଣ ସହିତ ସଡ଼କ ପଥ(Roadways)ର ଉନ୍ନୟନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 59,98,676/-, କାର୍ଯ୍ୟ ଶେଷ ହେବା ଅବଧି : 09 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.10.2021 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-411/M/21-22

# ଦୁଇ ଝିଅଙ୍କୁ ବିଷ ପିଆଇ ଆତ୍ମହତ୍ୟା କଲେ ମା’

କପ୍ତିପଦା,୨୪।୯(ଡି.ଏନ.ଏ.)

ପାରିବାରିକ କଳହକୁ ନେଇ ଦୁଇ ଝିଅଙ୍କୁ ବିଷ ପିଆଇ ମା’ ଆତ୍ମହତ୍ୟା କରିବା ଆଲୋଡ଼ନ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଶରତ ଥାନା ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତ ଅଶ୍ୱକୋଟୀ ହୁଡ଼ିସାହି ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ହେଲେ ତୁରାମ ସିଂ ଦେଓଗାଁମଙ୍କ ସ୍ତ୍ରୀ ପୂର୍ଣ୍ଣିମା। ଗୁରୁତର ଅବସ୍ଥାରେ ତାଙ୍କ ଦୁଇ ଝିଅ ରାଧାଏ(୬) ଓ ସାରଥୀ(୪)ଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁବାର ରାତିରେ ପାରିବାରିକ କଳହକୁ ନେଇ ପୂର୍ଣ୍ଣିମା ନିଜେ ବିଷ ପିଇ ଦେବା ସହିତ ଘରେ କବାଟ ବନ୍ଦ କରି ଦୁଇ ଝିଅକୁ ମଧ୍ୟ ବିଷ ପିଆଇ ଦେଇଥିଲେ। ପିଲା ଦୁଇ ଜଣଙ୍କ କାନ୍ଦ ଶୁଣି ପଡ଼ୋଶୀମାନେ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ସହିତ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ପିଆର୍‌ଏମ୍ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପୂର୍ଣ୍ଣିମାଙ୍କର ମୃତ୍ୟୁ ହୋଇଥିଲା।

# ପୋଖରୀରେ ବୁଡ଼ି ୨ ନାବାଳିକାଙ୍କ ମୃତ୍ୟୁ

କୋରାପୁଟ/ଲମତାପୁଟ,୨୪।୯(ସ୍ୱ.ପ୍ର.)

କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ରାଇପଡ଼ା ଗ୍ରାମରେ ଶୁକ୍ରବାର ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇ ଦୁଇ ଜଣ ନାବାଳିକାଙ୍କ ମୃତ୍ୟୁ ହୋଇଛି। ଖବରରୁ ଜଣାପଡ଼ିଛି ରାଇପଡ଼ା ଗ୍ରାମର ବଳଭଦ୍ର ପାଙ୍ଗିଙ୍କ ଝିଅ କବିତା ପାଙ୍ଗି (୧୨) ଓ ଭୀମ ଖରାଙ୍କ ଝିଅ ବାସନ୍ତୀ ଖରା (୧୩) ପ୍ରତିଦିନ ଭଳି ଶୁକ୍ରବାର ଗ୍ରାମର ଆଉ ୬ ଜଣ ସାଙ୍ଗ ଝିଅଙ୍କ ସହିତ ନିକଟସ୍ଥ ଗ୍ରାମ ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିଲେ। ପ୍ରବଳ ଖରା ଯୋଗୁ ସେମାନେ ଗାଧୋଇବାକୁ ନିକଟସ୍ଥ ଏକ ପୋଖରୀକୁ ଯାଇ ପୋଖରୀ ହୁଡ଼ାରେ କାଠ ରଖି ପୋଖରୀ ଭିତରେ ପଶିଥିଲେ। ଗାଧୋଉଥିବାବେଳେ ବାସନ୍ତୀ ଓ କବିତାଙ୍କ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡ଼ିଯାଇଥିଲେ। ଏହି ଦୁଇଜଣ ବୁଡ଼ି ଯାଉଥିବା ଦେଖି ଉପସ୍ଥିତ ସାଙ୍ଗମାନେ ଗ୍ରାମକୁ ଯାଇ ଏ ସମ୍ପର୍କରେ ଅନ୍ୟମାନଙ୍କୁ ଜଣାଇଥିଲେ। ଗ୍ରାମବାସୀ ପୋଖରୀକୁ ଆସି ଖୋଜାଖୋଜି କରି ଉଭୟଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳକୁ ନାବାଳିକାଦ୍ୱୟଙ୍କ ମୃତ୍ୟୁ ହୋଇସାରିଥିଲା।



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 14522/IND-II-PH-881 ତାରିଖ 23.09.2021
No. CAD-1298

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତହସିଲଦାର, ସଦର, କଟକ, ଓଡ଼ିଶାର କଟକ ଜିଲ୍ଲା, ସଦର ତହସିଲ ଅନ୍ତର୍ଗତ ଶିଳ୍ପପୁରୀ ଗ୍ରାମରେ କାଠଯୋଡି ନଦୀରେ ୫.୦୬ ହେକ୍ଟର ପରିମିତ ଖଣି ଅଞ୍ଚଳରେ ସ୍ଥିତ ଶିଳ୍ପପୁରୀ ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୩୦।୧୦।୨୦୨୧ରିଖ ଦିବା ୧୧.୩୦ ଘଟିକା ସମୟରେ କଟକ ଜିଲ୍ଲା ନୂଆପଡ଼ା, ସରକାରୀ ପ୍ରେସ୍ କଲୋନୀସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କଟକ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କଟକ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କଟକ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କଟକ** ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କଟକସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ

OIPR-08012/11/0110/2122

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 14417/IND-II-PH-924 ତାରିଖ 21.09.2021
No. CAD-1285

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତହସିଲଦାର, କାମାକ୍ଷାନଗର ଓଡ଼ିଶାର ଢେଙ୍କାନାଳ ଜିଲ୍ଲା, କାମାକ୍ଷାନଗର ତହସିଲ ଅନ୍ତର୍ଗତ ତଳଝଗଡ଼ାପଡ଼ା ଗ୍ରାମରେ ବ୍ରାହ୍ମଣୀ ନଦୀରେ ୫.୦୬ ହେକ୍ଟର ପରିମିତ ଖଣି ଅଞ୍ଚଳରେ ସ୍ଥିତ ତଳଝଗଡ଼ାପଡ଼ା ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୮।୧୦।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ତହସିଲ ଅନ୍ତର୍ଗତ ତଳଝଗଡ଼ାପଡ଼ା ଗ୍ରାମସ୍ଥିତ ମଙ୍ଗଳା ମନ୍ଦିର ନିକଟରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଢେଙ୍କାନାଳ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଢେଙ୍କାନାଳ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଢେଙ୍କାନାଳ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଅନୁଗୁଳ** ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୁଳସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ

OIPR-08012/11/0102/2122

## ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

ବ୍ରଜରାଜନଗର,(ଡି.ଏନ.ଏ.): ସ୍ଥାନୀୟ ବିଜୁପଟ୍ଟନାୟକ ଛକ ଓପିଏମ ଖେଳ ପଡିଆ ସମ୍ମୁଖରେ ଶୁକ୍ରବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଗଙ୍ଗାନଗର ଫାଟକପଡାର କନ୍ହେୟା କୁମାର (୨୫)। କନ୍ହେୟା ସ୍ଥାନୀୟ ଭୂତବଙ୍ଗଳାର ଏକ ଦୋକାନରେ କାମ କରୁଥିବା ବେଳେ ଅପରାହ୍ନରେ ଘରକୁ ଖାଇବାକୁ ଆସିଥିଲେ। ପ୍ରାୟ ୪ଟା ସମୟରେ ସେ ବାଇକ୍‌ରେ ଦୋକାନକୁ ଯାଉଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ମଣ୍ଡଳିଆସ୍ଥିତ କେନ୍ଦ୍ରୀୟ ଚିକିତ୍ସାଳୟକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ ବୁର୍ଲା ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବ୍ରଜରାଜନଗର ଥାନା ପକ୍ଷରୁ ତଦନ୍ତ ଜାରି ରହିଛି।

## ସଂକ୍ଷେପରେ

### ଆଶୀର୍ବାଦ ୧୯ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ ଟିମ୍‌ର ଉପଅଧିନାୟକ

ରାଉରକେଲା ଅଫିସ,୨୪।୯: ଓଡିଶା ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫିର



ଉପଅଧିନାୟକ ଭାବେ ରାଉରକେଲାର ଆଶୀର୍ବାଦ ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। ଇସ୍ପାତ ସହରର ଏହି ପ୍ରତିଭାବାନ ଯୁବ ଖେଳାଳି ୱିକେଟ କିପର ଓ ବ୍ୟାଟ୍‌ସମ୍ୟାନ ଭାବେ ଆସନ୍ତା ୨୮ ତାରିଖରେ ପଞ୍ଜାବ ମୋହାଲିରେ ହେବାକୁ ଥିବା ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ସୂଚନାଯୋଗ୍ୟ, ଭିନୁ ମଙ୍କଡ଼ ଟ୍ରଫି ବିସିସିଆଇ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନ୍ୟତମ ବୃହତ ଘରୋଇ ଟୁର୍ନାମେଣ୍ଟ ଅଟେ। ଏହି ଟୁର୍ନାମେଣ୍ଟରେ ଓଡିଶା ଦଳ ଦିଲ୍ଲୀ, ୟୁପି, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ବିହାର ସହ ମ୍ୟାଚ୍ ଖେଳିବ । ଆଶୀର୍ବାଦ ରାଉରକେଲା ଇସ୍ପାତ କାରଖାନାରେ ଟେକ୍‌ନିସିଆନ ଭାବେ କାର୍ଯ୍ୟରତ ବିକ୍ରମ ସ୍ୱାଇଁଙ୍କ ପୁତ୍ର। ସେଲ୍ ପରିବାରର ଏହି ପ୍ରତିଭାବାନ ଖେଳାଳି ୨୦୧୯ରେ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଜାତୀୟ ସ୍ତରରେ ପଦାର୍ପଣ କରିଥିଲେ।

### ଯୁବତୀଙ୍କ ନକଲି ଫେସ୍‌ବୁକ ଆକାଉଣ୍ଟ ଖୋଲି ଯୁବକ ଗିରଫ

ସମ୍ବଲପୁର,୨୪।୯(ବ୍ୟୁରୋ): ଯୁବତୀଙ୍କ ନକଲି ଫେସ୍‌ବୁକ ଆକାଉଣ୍ଟ ଖୋଲିବା ଅଭିଯୋଗରେ ସମ୍ବଲପୁର ଜିଲା ସାଇବର



ଥାନା ପୋଲିସ ଗୁରୁବାର ରାତିରେ ଧନୁପାଲି ଥାନା ଅଞ୍ଚଳରୁ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବରଗଡ ଜିଲା ଭେଡନ ଥାନା ଯୋଗିପାଲିର କ୍ଷୀରସିନ୍ଧୁ ପ୍ରଧାନ (୨୨)। ଅଭିଯୋଗ କ୍ରମେ କ୍ଷୀରସିନ୍ଧୁଙ୍କର ଯୁଯୁମୁରା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଫେସ୍‌ବୁକରେ ପରିଚୟ ହୋଇଥିଲା। କିଛିଦିନ ଫେସ୍‌ବୁକ ସାଙ୍ଗ ରହିବା ପରେ ଯୁବତୀ ଜଣଙ୍କ ଅନ୍‌ଫ୍ରେଣ୍ଡ କରିଦେଇଥିଲେ। ଏହାକୁ ନେଇ ଯୁବକ ଜଣଙ୍କ ପ୍ରତିଶୋଧ ନେବାକୁ ଯୋଜନା କରିଥିଲେ। ଯୁବତୀଙ୍କ ଫଟୋ ଦେଇ ଏକ ନକଲି ଫେସ୍‌ବୁକ ଆକାଉଣ୍ଟ ଖୋଲିଥିଲେ। ପରେ ଏହାକୁ ଏଡିଟିଂ କରି ଯୁବତୀଙ୍କ ନଗ୍ନ ଫଟୋ ଭାଇରାଲ କରିଥିଲେ। ଭୁବନେଶ୍ୱରରେ କାର୍ଯ୍ୟରତ ଥିବା ଯୁବତୀ ଜଣଙ୍କ ଏହା ଜାଣିବା ପରେ ବଡ ଭଉଣୀଙ୍କୁ କହିଥିଲେ। ବଡ ଭଉଣୀ ଆସି ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଥାନା ଅଧିକାରୀଣୀ ପି. ମେହେର ଏକ ମାମଲା ରୁଜୁ କରିବା ସହ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ।

### ଆର୍‌ଏସ୍‌ପିର ସ୍ୱଚ୍ଛତା ଅଭିଯାନ ଆରମ୍ଭ

ରାଉରକେଲା ଅଫିସ,୨୪।୯: ରାଉରକେଲା ଇସ୍ପାତ କାରଖାନା ପରିସରରେ ଥିବା ବିଭିନ୍ନ ୟୁନିଟରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ଶୁକ୍ରବାର ଷ୍ଟିଲ ମେଲ୍ଟିଂ ସପ୍-୨ ବିଭାଗରେ ଏହା ଆରମ୍ଭ ହୋଇଥିଲା। ବିଭାଗର ସିଜିଏମ ଏସ. ମାଝୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅପରେଶନ ବିଭାଗର ଜିଏମ୍ ଏସ. ପଣ୍ଡା, ମେକାନିକାଲ ବିଭାଗର ଜିଏମ୍ କୃଷ୍ଣ କୁମାର, ଇଲେକ୍ଟ୍ରି ବିଭାଗର ଜିଏମ୍ ଏମ. ଜି ଶ୍ରୀକାନ୍ତ ଉପସ୍ଥିତ ଥିଲେ। କଞ୍ଚାମାଲ ପ୍ରବନ୍ଧନ ବିଭାଗର ସିଜିଏମ୍ ଏସ.ଏସ ଚୌଧୁରୀଙ୍କ ନେତୃତ୍ୱରେ ତାଙ୍କ ବିଭାଗର ସ୍ୱଚ୍ଛତା ଅଭିଯାନ କାର୍ଯ୍ୟ କରାଯାଇଥିଲା।

### ତପସ୍ୱିନୀ ପ୍ରେକ୍ଷାଳୟରେ ନୂଆଁଖାଇ ଭେଟ୍‌ଘାଟ୍

ସମ୍ବଲପୁର,୨୪।୯(ବ୍ୟୁରୋ): ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଶୁକ୍ରବାର ଜୁହାର ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ବରଗଡ ଏମ୍‌ପି ସୁରେଶ ପୂଜାରୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ଏନ୍. ନାଗାରାଜୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ନୂଆଁଖାଇ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଫଳ ଚାଷୀ, ଶିକ୍ଷା, କ୍ରୀଡା, ଖବରଦାତା, କଳାକାର, ଆଇନଜୀବୀ, ଐତିହାସିକ, ଗବେଷକଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା। ପାରାଲିମ୍ପିଆନ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜୁହାର ପରିବାରରେ ବିଶ୍ୱଜିତ ପ୍ରଧାନ, ଡ. ସତ୍ୟନାରାୟଣ ଠାକୁର, ଡ. ପ୍ରୟାସ ତନସେନା, ତର୍ପଣ ପଧାନ, ଦେବାଶିଷ ବେହେରା, ପ୍ରଫୁଲ୍ଲ କୁମାର ଦାଶ, ଅରବିନ୍ଦ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫ୍ଲାଏଓଭର ପାଇଁ ହେବ ରେଳରୋକୋ

ସମ୍ବଲପୁର,୨୪।୯(ବ୍ୟୁରୋ)



ସମ୍ବଲପୁର ଏଡିଆର୍‌ଏମ୍‌ଙ୍କୁ ଭେଟୁଛନ୍ତି ଯୁଯୁମୁରା ଅଞ୍ଚଳବାସୀ।

ସମ୍ବଲପୁର ଜିଲା ଯୁଯୁମୁରା ଅଞ୍ଚଳବାସୀ ଶୁକ୍ରବାର ସମ୍ବଲପୁର ରେଳ ମଣ୍ଡଳ ଏଡିଆର୍‌ଏମ୍‌ଙ୍କୁ ଭେଟିଛନ୍ତି। ୫୫ନଂ. ଜାତୀୟ ରାଜପଥଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ରାସ୍ତାରେ ରେଳଫାଟକ ରହିଛି। ଏହି ସ୍ଥାନରେ ଅଣ୍ଡରପାସ୍ କିମ୍ବା ଫ୍ଲାଏଓଭର ନିର୍ମାଣ କରିବାକୁ ଦାବି କରିଛନ୍ତି। ଆଗାମୀ ୧୫ଦିନ ଭିତରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଯୁଯୁମୁରାଠାରେ ରୋଳରୋକୋ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଆଲୋଚନାରେ ଜୟନ୍ତ ପ୍ରଧାନ, ଗଡଲୁଇସିଂ ସରପଞ୍ଚ ଅଶ୍ୱିନୀ କୁମୁରା, ଓମ୍ ପ୍ରକାଶ ବିଶ୍ୱାଳ, ଗୋଲକ ବିହାରୀ ପ୍ରଧାନ, ଶ୍ୟାମ ସୁନ୍ଦର ଧରୁଆ, କୁନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରରେ ଯୁଯୁମୁରା ବ୍ଲକର ୧୮ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାଙ୍କ ସ୍ୱାକ୍ଷର ରହିଛି।

ଅଭିଯୋଗ କ୍ରମେ ସମ୍ବଲପୁର ଜିଲା ଯୁଯୁମୁରା ଥାନା ଛକରୁ ବ୍ଲକ ଛକ ରାସ୍ତାରେ ରେଲୱେ ଲାଇନ୍ ରହିଛି। ଏହି ଲାଇନ୍‌ରେ ଫ୍ଲାଇଓଭର ନିର୍ମାଣ କରିବାକୁ ପ୍ରାୟ ୧୦ବର୍ଷ ହେବ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ଏଥିପାଇଁ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ଓ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମଧ୍ୟ ନିଜ ସ୍ତରରେ ଚେଷ୍ଟା କରିଛନ୍ତି। ହେଲେ ନିଷ୍ପତ୍ତି ନେବାରେ ବିଳମ୍ବ କରାଯାଉଛି। ଏହି ଦାବି ନେଇ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ୨୦୧୭ରେ ରେଳରୋକୋ କରିବାକୁ ଯୋଜନା କରାଯାଇଥିଲା। ହେଲେ ରେଳ ବିଭାଗ ଓ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସୂଚନା ମିଳିପାରିଲା ନାହିଁ। ଏହି ରାସ୍ତାଦେଇ ବ୍ଲକ ଅଫିସ, ଯୁଯୁମୁରା ମେଡିକାଲ, କଲେଜ, ଆଦର୍ଶ ସ୍କୁଲ, ସରକାରୀ କାର୍ଯ୍ୟାଳୟ, ଘରୋଇ ଓ ସରକାରୀ ବ୍ୟାଙ୍କ ସହ ଶିକ୍ଷାନୁଷ୍ଠାନ ରହିଛି। ପ୍ରତିଦିନ ହଜାର ହଜାର ଯାନବାହନ ଯିବା ଆସିବା କରିଥାଏ। ମାନେଶ୍ୱର ବ୍ଲକର ୪, ରେଢାଖୋଲ ବ୍ଲକର ୬ ପଞ୍ଚାୟତ ସମେତ ପ୍ରାୟ ୨୦ ପଞ୍ଚାୟତବାସୀ ଏହା ଉପରେ ନିର୍ଭର କରନ୍ତି। ସମ୍ବଲପୁର-ଅନୁଗୋଳ ରେଳପଥ ରହିଛି। କୋଭିଡ୍ ସମୟରେ ରେଳ ଚଳାଚଳ କିଛି ମାତ୍ରାରେ କମିଥିବାବେଳେ ଦିନକୁ ପ୍ରାୟ ୨୫ରୁ ଅଧିକ ଟ୍ରେନ ଯାତାୟାତ କରୁଛି। ଜରୁରୀ କାମ ଥିଲେ ମଧ୍ୟ ଟ୍ରେନ ଯିବା ସମୟରେ ଲୋକଙ୍କୁ ଅଟକିବାକୁ ପଡିଥାଏ। ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିବା ନଜିର ରହିଛି। ଏବେ ଏହି ରେଳପଥ ୨ ଥାକିଆ କାମ ଚାଲୁରହିଛି। ଏହା ଚାଲୁ ହେଲେ ଲୋକମାନଙ୍କ ସମସ୍ୟା ଆହୁରି ବଢିଯିବ ବୋଲି ଅଭିଯୋଗ କରିଛନ୍ତି।

### ଏଡିଆର୍‌ଏମ୍‌ଙ୍କୁ ଭେଟି ଦାବି ଜଣାଇଲେ ଅଞ୍ଚଳବାସୀ

# ସମ୍ବଲପୁର ମାଟିକୁ ଭୁଲିହେବ ନାହିଁ



ଭିଏସ୍‌ଏସ୍ ଇନ୍‌ଡୋର ଷ୍ଟାଡିୟମରେ ଜିଲାପାଳ, ଏସ୍‌ପି ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସମ୍ବଲପୁର,୨୪।୯(ବ୍ୟୁରୋ)

### ପାରାଲିମ୍ପିଆନ ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର ମୋର କର୍ମଭୂମି। ଆଗକୁ ବଢିବା ପାଇଁ ଏଠାକାର ବ୍ୟକ୍ତି ବିଶେଷ, ଅନୁଷ୍ଠାନ ପ୍ରେରଣା ଦେଇଛନ୍ତି। ବ୍ୟାଡ୍‌ମିଣ୍ଟନ ଅଭ୍ୟାସ କରିବା ଓ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଅନେକ କିଛି ଶିଖିବାକୁ ମିଳିଛି। ସମ୍ବଲପୁର ମାଟିକୁ କେବେ ଭୁଲି ହେବ ନାହିଁ ବୋଲି ପାରାଲିମ୍ପିଆନ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ କହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ସେ ପ୍ରଥମେ ମା' ସମଲେଇଙ୍କୁ ଦର୍ଶନ କରିଥିଲେ। ମନ୍ଦିର ପରିସରରେ ପୂଜକମାନେ ତାଙ୍କୁ ସମଲେଇଙ୍କ ଫଟୋଚିତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଏକ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ସହର ପରିକ୍ରମା କରାଯାଇଥିଲା। ଭିଏସ୍‌ଏସ୍ ଇନ୍‌ଡୋର ଷ୍ଟାଡିୟମରେ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଜିଲାପାଳ ଶୁଭମ୍ ସକସେନା, ଏସ୍‌ପି ବାତୁଲା ଗଙ୍ଗାଧର, ଜିଲା କ୍ରୀଡା ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିପରି ଜିଲା ପୋଲିସ ପକ୍ଷରୁ ଲକ୍ଷ୍ମୀଟକିଜ ଛକରେ ସ୍ୱାଗତ କରାଯାଇଥିଲା। ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା ଓ ତପନ କୁମାର ମହାନ୍ତିଙ୍କ ସମେତ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଜିଲାର ୩୦ଗୋଟି ଅନୁଷ୍ଠାନ ଓ ରାତି ୮ଟାରେ କ୍ଷେତରାପୁର ଦୁର୍ଗା ମଙ୍ଗଳମଠାରେ ବ୍ୟାଡ୍‌ମିଣ୍ଟନ ଖେଳାଳି, କୋଚ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବିଧାନସଭା ହାଉସ୍ ସବ୍‌କମିଟିର ଝାରସୁଗୁଡ଼ା ଗସ୍ତ

ଝାରସୁଗୁଡ଼ା ଅଫିସ୍,୨୪।୯



ସମୀକ୍ଷା ବୈଠକରେ ଉପସ୍ଥିତ ଥିବା କମିଟି ସଦସ୍ୟ ଓ ବିଭାଗୀୟ ଅଧିକାରୀମାନେ।

ବିଧାନସଭା ହାଉସ୍ ସବ୍‌କମିଟି ୪ ଶୁକ୍ରବାର ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଓ ବିଦ୍ୟୁତ୍ ସରବରାହ କେନ୍ଦ୍ର ପରିଦର୍ଶନ କରିଥିଲେ। ସବ୍‌କମିଟିର ଚେୟାରମ୍ୟାନ୍ ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂହ ସାଲୁଜା, ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସଦସ୍ୟ ରହିଥିଲେ। ଏହି କମିଟି ବିଭିନ୍ନ ଅଞ୍ଚଳ ପରିଦର୍ଶନ କଲାପରେ ଜିଲା ଖଣିଜ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଚେୟାରମ୍ୟାନ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟି ସଦସ୍ୟଙ୍କ ସମେତ ବିଦ୍ୟୁତ୍ ବିଭାଗ ସ୍ୱତନ୍ତ୍ର ସଚିବ ସୁରଥ ଚନ୍ଦ୍ର ମଲ୍ଲିକ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିବ ଭିନସେଣ୍ଟ ପିକେ ଏକ୍କା, ଜିଲାପାଳ ସରୋଜ କୁମାର ସାମଲ, ଡିଏଫ୍‌ଓ ଲଳିତ କୁମାର ପାତ୍ର, ପିଡି ଡିଆର୍‌ଡିଏ ତପିରାମ ମାଝି, ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଉପଜିଲାପାଳ ଶିବ ଟପ୍ପୋ, ପିଡି (ଆର୍‌ଆଣ୍ଡଆର୍) ଆଲୋମଣି ସେଠୀ, ଏସ୍‌ଇ (ଇଲେକ୍ଟ୍ରିକାଲ) ସଞ୍ଜିତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲାରେ ଗଢିଉଠିଥିବା ବିଦ୍ୟୁତ୍ ଉତ୍ପାଦନ କମ୍ପାନୀମାନଙ୍କ ମଧ୍ୟରେ ଓପିଜିସି, ଓପିଟିସିଏଲ୍, ଟିପିଡବ୍ଲ୍ୟୁ, ଓଡିଏଲ୍, ବେଦାନ୍ତ, ଏସ୍‌ଏମ୍‌ସିର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଦ୍ୟୁତ୍ ଉତ୍ପାଦନ, ଅପହଞ୍ଚ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଇବା, ଲୋ ଭୋଲ୍‌ଟେଜ୍ ସମସ୍ୟା ଦୂର କରିବା,ବିଦ୍ୟୁତ ଚୋରି ରୋକିବା ସହ ବିଜୁଳି ବିତରଣରେ ଉନ୍ନତି ଆଣି ଲୋକଙ୍କ ଅଭାବ ଅସୁବିଧା ଦୂର କରିବାକୁ ବିତରଣକାରୀ ସଂସ୍ଥାକୁ କମିଟି ନିର୍ଦ୍ଦେଶ ଦେଇଥିଲା। ଜିଲାରେ ଦେଖାଦେଇଥିବା ବିଦ୍ୟୁତ୍ ସମସ୍ୟାକୁ ନେଇ ସବ୍‌କମିଟି ଉଦ୍‌ବେଗ ପ୍ରକାଶ କରିଛି।

### ବିଦ୍ୟୁତ୍ ସମସ୍ୟା ନେଇ ଉଦ୍‌ବେଗ

## ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କୁ ଦାବିପତ୍ର

ପଡିଆବାହାଲ,୨୪।୯ (ଡି.ଏନ.ଏ.)

ସମ୍ବଲପୁର ଜିଲା ଉଦ୍ୟାନ କୃଷକ ସଙ୍ଗଠନ ତରଫରୁ ଗୁରୁବାର ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ ଅନୁପସ୍ଥିତିରେ ସହକାରୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ୨୦୨୦ ରବି ଋତୁରେ ଅଦିନିଆ ବର୍ଷା ଜନିତ କ୍ଷୟକ୍ଷତିର କ୍ଷତିପୂରଣ ମିଳି ନାହିଁ। ବର୍ତ୍ତମାନ ବର୍ଷାଜନିତ କ୍ଷତି ସାଙ୍ଗକୁ ଅଭାବୀ ବିକ୍ରି ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ଉପଯୁକ୍ତ ବଜାର ବ୍ୟବସ୍ଥା ଓ ଶୀତଳ ଭଣ୍ଡାର ନ ଥିବାରୁ ଚାଷୀ ଚାପଗ୍ରସ୍ତ ହେଉଛି। ଏଭଳି ସମୟରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଉଦାସୀନତା ଚାଷୀଙ୍କୁ ଅଧିକ ନିରାଶା କରୁଛି ବୋଲି ଅଭିଯୋଗ କରିଛନ୍ତି। ଏ ଦିଗରେ ଉଦ୍ୟାନ ବିଭାଗ ବିହିତ ପଦକ୍ଷେପ ନ ନେଲେ ଉଦ୍ୟାନ କୃଷକ ସଙ୍ଗଠନ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ଚାଷୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କ ନେତୃତ୍ୱରେ ଦାବିପତ୍ର ଦିଆଯାଇଛି।

# ୟୁପିଏସ୍‌ସି ପରୀକ୍ଷାରେ ଅଙ୍କିତଙ୍କ ସଫଳତା



ପରିବାର ସଦସ୍ୟଙ୍କ ସହ ଅଙ୍କିତ।

ସମ୍ବଲପୁର,୨୪।୯(ବ୍ୟୁରୋ)

ସମ୍ବଲପୁର ଧନୁପାଲିର ଅଙ୍କିତ କୁମାର ବର୍ମା ୟୁପିଏସ୍‌ସି ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧୮୪ ର୍‍ୟାଙ୍କରେ ରହିଛନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ପରିବାର ବିଶେଷ କରି କାକାଙ୍କ ଶ୍ରେୟ ରହିଥିବା କହିଛନ୍ତି। ସେ ଜଣେ ଇଞ୍ଜିନିୟରିଂ ଛାତ୍ର ଅଟନ୍ତି। ଏସ୍‌ଆର୍‌ଏମ୍ ୟୁନିଭରସିଟିରେ କମ୍ପ୍ୟୁଟର ବିଜ୍ଞାନରେ ଗ୍ରାଜୁଏଶନ କରିଛନ୍ତି। ୨୦୧୫ ମସିହାରୁ ଦିଲ୍ଲୀରେ ରହି ୟୁପିଏସ୍‌ସି ପାଇଁ ପ୍ରସ୍ତୁତି ଚଳାଇଥିଲେ। ସେ ଟିସିଏସ୍‌ରେ ଚାକିରି ପାଇଥିଲେ ମଧ୍ୟ ଯୋଗ ଦେଇ ନ ଥିଲେ।

# ଗୋସୁରକ୍ଷା ନେଇ ୧୨ ଘଣ୍ଟିଆ ଅନଶନ

ସମ୍ବଲପୁର,୨୪।୯(ବ୍ୟୁରୋ)



ସମ୍ବଲପୁର ଗୋଲବଜାର ଛକରେ ଚାଲିଥିବା ଅନଶନ।

ସମ୍ବଲପୁର ଗୋଲବଜାରଠାରେ ଗୋ ସୁରକ୍ଷା ନେଇ ଶୁକ୍ରବାର ସକାଳ ୮ଟାରୁ ୧୨ ଘଣ୍ଟିଆ ଅନଶନ କରାଯାଇଛି। ହନୁମାନ ଜୟନ୍ତୀ ସମନ୍ୱୟ ସମିତି ଡାକରାରେ ଶତାଧିକ ମହିଳାପୁରୁଷ ଏଥିରେ ସାମିଲ ହୋଇଥିଲେ। ଆନ୍ଦୋଳନକାରୀ ଦର୍ଶାଇଛନ୍ତି, ସମ୍ବଲପୁର ଜିଲାରେ ବାଂଲାଦେଶୀ ଓ ରୋହିଙ୍ଗା ଅନୁପ୍ରବେଶକାରୀ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଉଛି। ତେଣୁ ବିଭିନ୍ନ ଅପରାଧିକ କାର୍ଯ୍ୟ ସହ ଗୋଚାଲାଣ ଓ ଗୋ ହତ୍ୟା କରାଯାଉଛି। ବେଆଇନ ଭାବେ କଂସେଇଖାନା ନିର୍ମାଣ କରି ହିନ୍ଦୁ ଭାବନାକୁ ଆଘାତ ଦିଆଯାଉଛି। ଧନୁପାଲି ଥାନା ଅଞ୍ଚଳରେ ବହୁସଂଖ୍ୟାରେ କଂସେଇଖାନା ରହିଛି। ଏ ନେଇ ଅଭିଯୋଗ କଲାପରେ ଗୋହତ୍ୟା ବନ୍ଦ, ଗୋ ସୁରକ୍ଷା ପାଇଁ ଗୋଶାଳା ନିର୍ମାଣ କରିବାକୁ ପ୍ରଶାସନ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ଦିଆଯାଉଛି। ହେଲେ ପାଳନ କରାଯାଉ ନାହିଁ। ଗୋଚାଲାଣକୁ ବିରୋଧ କଲେ ପୋଲିସ ମିଥ୍ୟା ମାମଲା ରୁଜୁ କରୁଛି। ଏହାକୁ ରୋକା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ତିବ୍ରତର କରାଯିବ। ଅନଶନରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, ସୁଧିର ବହିଦାର, ରାମଚନ୍ଦ୍ର ମେହେର, ଶିବ କୁମାର ଅଗ୍ରୱାଲ, କାର୍ତ୍ତିକ ବହିଦାର, ମୋହନ ପନସାରୀ, ପ୍ରଦୀପ ବେହେରା, ଅନୀଲ ସାହା, ସୁଦୀପ ପରିଡା, ସୌମିକବାବୁପ୍ରମୁଖ ସାମିଲ ହୋଇଥିଲେ।

## ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ନାକଟିଦେଉଳ,୨୪।୯(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରଠାରେ ଶିଶୁ ବାଟିକା ପର୍ଯ୍ୟାୟର ମାତୃ ସମ୍ମିଳନୀ ତଥା ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ବାଟିକାରେ ପଢୁଥିବା ଶିଶୁମାନଙ୍କର ମାଆ, ବାପା ଓ ଗୁରୁଜୀ ଗୁରୁମାମାନେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଅରୁଣ କୁମାର ବିଶ୍ୱାଳ, ସଭ୍ୟା ରୋଜାଲିନ ବିଶି ଓ ପ୍ରଭାସିନୀ ମେହେର ଅତିଥି ଭାବେ ଯୋଗଦେଇଥିଲେ। ଦିବା ପର୍ଯ୍ୟାୟରେ ଆଚାର୍ଯ୍ୟା ମଧୁସ୍ମିତା ମହାପାତ୍ର ବୋଧକଥା ଓ ପୂର୍ବତନ ଶିଶୁ ବାଟିକା ପ୍ରମୁଖ ପ୍ରଭାସିନୀ ମେହେର ଶିଶୁର ଯତ୍ନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଅତିଥି ପରିଚୟ ଓ ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଏପିଟିସି ୨ୟ ବାଟାଲିୟନର ଦୀକ୍ଷାନ୍ତ ସମାରୋହ

ଝାରସୁଗୁଡ଼ା ଅଫିସ,୨୪।୯

ଝାରସୁଗୁଡ଼ା ୨ୟ ବାଟାଲିୟାନ୍ ପଡିଆରେ ଶୁକ୍ରବାର ଆର୍ମ ପୋଲିସ୍ ଟ୍ରେନିଂ ସେଣ୍ଟର (ଏପିଟିସି) ତରଫରୁ ଏକ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ପେସିଆଲ୍ ଡିଜି ମନୋଜ ଛାବରା,ଏସ୍‌ପି ବିକାଶ ଚନ୍ଦ୍ର ଦାସ, ୨ୟ ବାଟାଲିୟାନ୍ କମାଣ୍ଡାଣ୍ଟ ଆଶିଷ କୁମାର ଦୁବେ, ଅବସରପ୍ରାପ୍ତ କମାଣ୍ଡାଣ୍ଟ ମନୋଜ ପୁରୋହିତ, ଗୋକୁଳ ଦର୍ଜୀ, ରୁଦ୍ରଦେବ ପ୍ରଧାନ, ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ କେନ୍ଦ୍ରରେ ଦୀର୍ଘ ୯ମାସ ଧରି ତାଲିମ ନେଇଥିବା ୧୦୮ଜଣ ଓଏସ୍‌ଏପି ସଶସ୍ତ୍ର ବାହିନୀକୁ ତାଲିମ ସମାପ୍ତ ପରେ ନିୟମିତ କାର୍ଯ୍ୟ କରିବା ପାଇଁ ସ୍ୱୀକୃତି ମିଳିଛି। ଏମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିରେ ଢେଙ୍କାନାଳ ଓଏସ୍‌ଏପି ୧ମ ବାଟାଲିୟନ, ଝାରସୁଗୁଡା ଓଏସ୍‌ଏପି ୨ୟ ବାଟାଲିୟନ, ବାରିପଦା ଓଏସ୍‌ଏପି ୫ମ ବାଟାଲିୟନ, ସମ୍ବଲପୁର ଓଏସ୍‌ଏପି (ଏସ୍‌ଏସ୍) ୧ମ ବାଟାଲିୟନ, ଗଜପତି ଓଏସ୍‌ଏପି (ଏସ୍‌ଏସ୍) ୩ୟ ବାଟାଲିୟନ, ଭୁବନେଶ୍ୱର ଏସ୍‌ଏସ୍ ବାଟାଲିୟନ, ଦେବଗଡ ଆଇଆର୍ ୪ର୍ଥ ବାଟାଲିୟନ, କଳାହାଣ୍ଡି ଏସ୍‌ଆଇଆର୍ ୯ମ ବାଟାଲିୟନ ଓ ଭୁବନେଶ୍ୱର ଓଆଇଏସ୍‌ଏଫ୍‌ର ସଶସ୍ତ୍ର ବାହିନୀ ଯୋଗ ଦେଇଥିଲେ।

# କଲେଜରେ ଜାତୀୟ ସେବା ଯୋଜନା ଦିବସ

ନାକଟିଦେଉଳ,୨୪।୯(ଡି.ଏନ.ଏ.)

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଠାରେ ଶୁକ୍ରବାର ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ସ୍ନାତକ କଲେଜ ଅଧକ୍ଷ ସୁଧୀର କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ଦାଶ ଅତିଥି ଭାବେ ଯୋଗଦେଇ ଯୋଜନାର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ୟୁଥ୍ ରେଡକ୍ରସ ସଂଯୋଜକ ଦେବେଶ କୁମାର ବିଶ୍ୱାଳ, ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ ପ୍ରମୁଖ ଜାତୀୟ ସେବା ଯୋଜନାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ନାତକ ମହାବିଦ୍ୟାଳୟ ବାଳିକା ବିଭାଗ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ଅତିଥି ଓ ବାଳକ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଭଜମୋହନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏଥିରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ୧୫୦ ଛାତ୍ରୀଛାତ୍ର ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

# ଆଶାକର୍ମୀଙ୍କ ମୁଖ୍ୟ ଚିକିତ୍ସାଳୟ ଘେରାଉ

ଝାରସୁଗୁଡ଼ା ଅଫିସ,୨୪।୯



ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଆଶାକର୍ମୀଙ୍କ ଧାରଣା।

୧୮ଦଫା ଦାବି ନେଇ ଓଡ଼ିଶା ଆଶାକର୍ମୀ ଆସୋସିଏଶନ ତରଫରୁ ସାରା ରାଜ୍ୟରେ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସକଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ଝାରସୁଗୁଡ଼ା ଜିଲା ଶାଖା ତରଫରୁ ଟ୍ରେଡ୍ ୟୁନିୟନ ସିଆଇଟିୟୁ ଶ୍ରମିକ ନେତା ଗୌରୀ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଆଶାକର୍ମୀ ଜିଲା ମୁଖ୍ୟ ଚିକିତ୍ସାଳୟ ଘେରାଉ କରିଥିଲେ। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଆଶାକର୍ମୀ ସାମିଲ ହୋଇଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସକଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ମୁଖ୍ୟ ଚିକିତ୍ସକ ଡା. ଡୋଲାମଣି ପଟେଲଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏହାର ଏକକିତା ନକଲ ସ୍ୱାସ୍ଥ୍ୟମନ୍ତ୍ରୀ ଓ ଜିଲାପାଳ ପ୍ରମୁଖଙ୍କୁ ପ୍ରଦାନ କରାଯାଇଥିଲା।

ସେମାନଙ୍କ ପ୍ରମୁଖ ଦାବି ମଧ୍ୟରେ ଆଶାକର୍ମୀଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା, ମାସିକ ସର୍ବନିମ୍ନ ୨୧ହଜାର ଟଙ୍କା ଦରମା, ଶ୍ରମିକ ବିରୋଧି ୪ଶ୍ରମିକ ବୋର୍ଡ ବାତିଲ, ୪୫ ଓ ୪୬ ତମ ଆଇଏଲ୍‌ସିର ନିଷ୍ପତ୍ତି ଲାଗୁ, ମାସିକ ୧୦ହଜାର ଟଙ୍କା ପେନ୍‌ସନ, ଇଏସ୍‌ଆଇ ଓ ଇପିଏଫ୍ ସୁବିଧା, ମେଡିକାଲ୍ ଷ୍ଟାଫ୍ ମାନ୍ୟତା, କାର୍ଯ୍ୟରତ ସମୟରେ ଦୁର୍ବ୍ୟବହାର କରା ନ ଯିବା, ପାରିଶ୍ରମିକ ଠିକ୍ ସମୟରେ ପ୍ରଦାନ, ଏଏନ୍‌ଏମ୍‌ମାନେ ଆଶାକର୍ମୀଙ୍କ ଉପରେ କରୁଥିବା ଅତ୍ୟାଚାରକୁ ବନ୍ଦ କରିବା, ୩ବର୍ଷ ଧରି କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀଙ୍କୁ ଅନ୍ୟତ୍ର ବଦଳି, ସ୍ୱାବ୍ ସଂଗ୍ରହ ଓ କୋଭିଡ୍ ପରୀକ୍ଷା ପାଇଁ ନିୟୋଜିତ ଆଶାକର୍ମୀଙ୍କୁ ଭତ୍ତା ପ୍ରଦାନ ଅନ୍ୟତମ। ଆନ୍ଦୋଳନରେ ଟ୍ରେଡ୍ ୟୁନିୟନ ଶ୍ରମିକ ନେତା ପାତ୍ର, ସୁନିତା ସିଂ, ରାଜେଶ୍ୱରୀ ନାଏକ, ନିରଞ୍ଜନୀ ମୁଣ୍ଡା, ରୀନା ପଟେଲ, ଅମୃତା ପଟେଲ, ପାର୍ବତୀ ପ୍ରଧାନ ଓ ଇନ୍ଦୁଦୀପ୍ ପ୍ରମୁଖ ସାମିଲ ଥିଲେ।

### ୧୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

## ଘର ସମ୍ମୁଖରୁ ଟେଣ୍ଟ ବୋଝେଇ ଗାଡ଼ି ଚୋରି

ବାଉଁଶୁଣୀ,(ଡି.ଏନ.ଏ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖଟଖଟିଆ ଗ୍ରାମରୁ ଗୁରୁବାର ବିଳମ୍ବିତ ରାତିରେ ଗୋଟିଏ ବୋଲେରୋ ପିକଅପ ଚୋରି ହୋଇଯାଇଥିବା ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଖଟଖଟିଆ ଗ୍ରାମରେ ଥିବା ସମ୍ଭବ ଟେଣ୍ଟ ହାଉସର ଏକ ବୋଲେରୋ ଓଆର ୧୯ ଏଚ ୨୬୯୬ ଘର ସାମ୍ନାରେ ରଖିଥିବାବେଳେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ଟେଣ୍ଟ ହାଉସର ମାଲିକ କୁଳମଣି ସମରଥ ଶୁକ୍ରବାର ସକାଳେ ମନମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣା ପଡ଼ିଛି।

### ସଂକ୍ଷେପରେ

## ରାଜବାହାଲ ଜଙ୍ଗଲରେ ମହାବଳ ବାଘ ଆତଙ୍କ

ସୁନ୍ଦରଗଡ଼/ଲେଫ୍ରିପଡା, ୨୪।୯(ଡି.ଏନ୍.ଏ.): ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ଲେଫ୍ରିପଡା ରେଞ୍ଜ ଅଧୀନ ରାଜବାହାଲ ଜଙ୍ଗଲରେ ମହାବଳ ଆତଙ୍କ। ଏହାକୁ ନେଇ ସ୍ଥାନୀୟ ଅଧିବାସୀ ଭୟଭୀତ ହୋଇଛନ୍ତି। ଗତ ରାତିରେ ରାଜବାହାଲ ପଞ୍ଚାୟତର ଆମଟପାନି ଖାଲପଡାର କିଛି ଗୋରୁକୁ ମହାବଳ ବାଘ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗ୍ରାମର ହାରୁନ୍ କେରକେଟାଙ୍କ ଗୋଟିଏ ଗୋରୁକୁ ବାଘ ଖାଇ ଅବଶିଷ୍ଟ ମୃତଦେହକୁ ଜଙ୍ଗଲରେ ପକାଇ ଦେଇଥିବା ବେଳେ ଅନ୍ୟ ଗୋଟିଏ ଗୋରୁ ବାଘ ଆକ୍ରମଣରେ ଆହତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବନବିଭାଗ ପକ୍ଷରୁ କୌଣସି ସୂଚନା ଦିଆ ଯାଇ ନ ଥିବାବେଳେ ଗ୍ରାମବାସୀଙ୍କ ଅଭିଯୋଗ ଉପରେ ଜଙ୍ଗଲ ବିଭାଗ ତଦନ୍ତ ଆରମ୍ଭ କରିଛି। ବାଘର ପାଦଚିହ୍ନକୁ ଚିହ୍ନଟ କରି କେଉଁ ପ୍ରଜାତିର ବାଘ ସେ ନେଇ ତଦନ୍ତ ଚାଲିଥିବା ଜଣାଯାଇଛି।

## ଚୋର ସନ୍ଦେହରେ ମାଡ଼ ଖାଇଲେ ମଦ ଭାଟି କର୍ମଚାରୀ

କୁତ୍ରା,୨୪।୯ ( ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଗମ୍ଭାରଡିହି ଖାଦାନପଡାରେ ମଦ ଭାଟି କର୍ମଚାରୀଙ୍କୁ ଗ୍ରାମବାସୀ ମାଡ଼ ମାରିଥିବା ସୂଚନା ମିଳିଛି। ଗୁରୁବାର କିଛିଲୋକ ଏକ ବୋଲେରୋ ଗାଡ଼ିରେ ଗମ୍ଭାରଡ଼ିହି ଅଞ୍ଚଳରେ ଘୁରିବୁଲୁଥିଲେ ତାହା ଗ୍ରାମବାସୀଙ୍କ ନଜରକୁ ଆସିଥିଲା। ସେମାନେ ଶୁକ୍ରବାର ପୁଣି ଅଞ୍ଚଳରେ ଘୁରିବୁଲୁଥିବାର ଗ୍ରାମବାସୀ ଦେଖିବାକୁ ପାଇ ଚୋର ଭାବି ମାଡ଼ମାରିଥିଲେ। କାରଣ ଗତ କିଛି ଦିନ ହେବ କୁତ୍ରା ଅଞ୍ଚଳରେ ଚୋରି ଓ ଡକାୟତି ବଢିଚାଲିଛି। ସେଇଥିପାଇଁ ସେମାନେ ସନ୍ଦେହରେ ଏମାନଙ୍କୁ ମାଡ ମାରି ସେମାନଙ୍କୁ ଗ୍ରାମରେ ଅଟକ ରଖିଥିଲେ। ପରେ କୁତ୍ରା ପୋଲିସକୁ ଖବର ଦେଇ ପୋଲିସକୁ ଜିମା ଦେଇଥିଲେ। ପରେ ପୋଲିସ ପଚରାଉଚୁରା ପରେ ଜଣାପଡିଥିଲା ଯେ, ସେମାନେ ରାଜଗାଙ୍ଗପୁରରେ ଥିବା ଏକ ମଦ ଭାଟିର କର୍ମଚାରୀ। ସେମାନେ ପାଉଚ ଭାଟି ମଦ ବିକ୍ରି କରିବା ପାଇଁ ସେଠାକୁ ଯାଇଥିବା ଜଣାପଡିଥିଲା।

## ଅମୃତ ମହୋତ୍ସବ ଓ ଗୋଷ୍ଠୀ ପରିଚାଳନା ତାଲିମ କେନ୍ଦ୍ର ଉଦ୍‌ଘାଟିତ

ଦେବଗଡ଼,୨୪।୯(ଡି.ଏନ.ଏ.): ତିଲେଇବଣି ବ୍ଲକ ପାଲକୁଦର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅମୃତ ମହୋତ୍ସବ ଓ ଗୋଷ୍ଠୀ ପରିଚାଳନା ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୁଜୀତ କୁମାର ନାଥ ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ନିମାଇଁ ଚରଣ ପଟ୍ଟନାୟକ ଯୋଗଦେଇ ଗୋଷ୍ଠୀ ପରିଚାଳନା ତାଲିମ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ତିଲେଇବଣି ବ୍ଲକ ସିଡିପିଓ ମାନବୀ ରାୟ ଓ ତିଲେଇବଣି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସତ୍ୟବ୍ରତ ମିଶ୍ର, ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳିକା ସ୍ମରଣିକା ମହାପାତ୍ର, ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ସଂଯୋଜିକା ବନିତା ବେକ, ଗୋମତୀ ଜେନା, ଶରତ ସାମଲ, ମୋହିନୀ ବିଶ୍ୱାଳ ସୂର୍ଯ୍ୟକାନ୍ତ ମିଶ୍ର, ରୀନା ଦ୍ୱିବେଦୀ, ଗୀତା ମିଞ୍ଜ ଓ ଉମାକେତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ ପରିଚାଳନା ତାଲିମ କେନ୍ଦ୍ରର ପ୍ରକଳ୍ପ ପରିଚାଳକ ବୃନ୍ଦାବନ ପ୍ରଧାନ ଗୋଷ୍ଠୀ ପରିଚାଳନା ଓ ସିଏମ୍‌ଟିସି ବିଷୟରେ ପାୱାର ପଏଣ୍ଟ ମାଧମରେ ବୁଝାଇଥିଲେ। ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳିକା ସ୍ମରଣିକା ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ସମସ୍ତଙ୍କ ପାଇଁ ପୋଷଣ ଜରୁରୀ

### ସୁନ୍ଦରଗଡ଼ରେ ଜାତୀୟ ପୋଷଣ ମାସ ପାଳିତ

ସୁନ୍ଦରଗଡ଼, ୨୪।୯(ଡି.ଏନ.ଏ.)

ବିଭିନ୍ନ ପୁଷ୍ଟିଶସ୍ୟରେ ରହିଥିବା ପୁଷ୍ଟିକର ଗୁଣ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ମାସକୁ ଜାତୀୟ ପୋଷଣ ମାସ ଭାବରେ ପାଳନ କରାଯାଉଛି। ତେଣୁ ପୁଷ୍ଟିଶସ୍ୟ ମିଶନ ଏବଂ ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ଶୁକ୍ରବାର ଜିଲାସ୍ତରୀୟ ପୋଷଣ ମାସ ପାଳନ କରାଯାଇଛି। ଜିଲାପାଳ ନିଖିଲ ପବନ କଲ୍ୟାଣ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପୁଷ୍ଟିକର ପନିପରିବା, ଡାଲି ଜାତୀୟ ଶସ୍ୟ ସହିତ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ମାଣ୍ଡିଆରୁ ପ୍ରସ୍ତୁତ ଲଡୁ, କେକ, ଗଜା, ପିଠା ଆଦି ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ।

ସମସ୍ତଙ୍କ ପୋଷଣ ନିହାତି ଜରୁରୀ। ବିଶେଷକରି ଗର୍ଭବତୀ ଓ ପ୍ରସୂତି ମା', କିଶୋରୀ ଏବଂ ଶିଶୁମାନଙ୍କର ପୁଷ୍ଟି ସାଧନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନେକ କାର୍ଯ୍ୟକ୍ରମ କରାଯାଉଛି। ତେଣୁ ଏ ଦିଗରେ ଲୋକମାନଙ୍କୁ ସଚେତନ କରିବା କ୍ଷେତ୍ରରେ ଅଙ୍ଗନୱାଡ଼ି କର୍ମୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମସ୍ତେ ସଚେତନ ରହିଲେ ହିଁ ପୋଷଣ ମାସ ପାଳନର ସାର୍ଥକତା ରହିବ ବୋଲି କହିଛନ୍ତି ଜିଲାପାଳ ନିଖିଲ ପବନ କଲ୍ୟାଣ। ନିକଟରେ ଶ୍ରେଷ୍ଠ ପୁଷ୍ଟିଶସ୍ୟ ପ୍ରୋତ୍ସାହକ ରାଜ୍ୟ ଭାବେ ଜାତୀୟ ସ୍ତରରେ ପୁରସ୍କୃତ ହୋଇଛି। ତେଣୁ ଏହି ଅବସରରେ ଅତିଥିମାନେ ମାଣ୍ଡିଆରୁ ପ୍ରସ୍ତୁତ କେକ କାଟିଥିଲେ। ଏହାସହ ୬ ଜଣ ଗର୍ଭବତୀ ମହିଳାଙ୍କୁ ସୁନ୍ଦରଗଡ଼ ଡିଏମଏଫ ପକ୍ଷରୁ ପୋଷଣ କିଟ ପ୍ରଦାନ କରାଯାଇଥିଲା। ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରୁ ଆସିଥିବା ସାନ ପିଲାମାନେ ନୃତ୍ୟ ପରିବେଷଣ କରି ପୋଷଣ ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତିନି ଜଣ ଶିଶୁଙ୍କର ଅନ୍ନପ୍ରାସନ ମଧ୍ୟ କରାଯାଇଥିଲା।

ଜିଲାସ୍ତରୀୟ ଏହି ପୋଷଣ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହିତ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, ଜିଲା ମୁଖ୍ୟ କୃଷି ଅଧିକାରୀ ରାମଚନ୍ଦ୍ର ନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରବାସିନୀ ଚକ୍ର, ସୁନ୍ଦରଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀପ୍ରିୟା ପ୍ରଧାନ, ଡିଏମଏଫର ପୋଷଣ ବିଶେଷଜ୍ଞ କୁସୁମ ସିଏସଙ୍କ ସହିତ ୨୧ଟି ସେକ୍ଟରର ସିଡିପିଓ, ସୁପରଭାଇଜରଙ୍କ ସହିତ ଅଙ୍ଗନୱାଡ଼ି କର୍ମୀମାନେ ଯୋଗ ଦେଇଥିଲେ।




ପୋଷଣ ମାସ ପାଳନ ଅବସରରେ ମଞ୍ଚାସୀନ ଅଧିକାରୀ।

## ସ୍କିମ ୱାର୍କର୍ସ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର




ସ୍କିମ ୱାର୍କରସ ସଂଘ ଦାବିପତ୍ର ଦେବାକୁ ବ୍ଲକ କାର୍ଯ୍ୟାଳୟ ଯାଉଛନ୍ତି।

ବଡ଼ଗାଁ,୨୪।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ସ୍କିମ ୱାର୍କରସ ସଂଘ ପକ୍ଷରୁ ବିଭିନ୍ନ ଦାବିକୁ ନେଇ ଶୁକ୍ରବାର ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ବିଡିଓଙ୍କ ଜରିଆରେ ଦାବିପତ୍ର ଦିଆଯାଇଛି। ସ୍କିମ ୱାର୍କରସ ମଧ୍ୟାହ୍ନ ଭୋଜନ ପାଚିକା, ସହାୟିକା, ଆଶାକର୍ମୀମାନେ ପୂର୍ବାହ୍ନରେ ବଡ଼ଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ସଭା କରିଥିଲେ। ସେଠାରେ ପାଚିକା, ସହାୟିକା ଓ ଆଶାକର୍ମୀମାନଙ୍କ ବିଭିନ୍ନ ସମସ୍ୟା ଏବଂ ଦୀର୍ଘବର୍ଷର ଦାବି ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ଏହା ପରେ ଜିଲା ଆଶାକର୍ମୀ ସଂଘର ସଭାନେତ୍ରୀ ମାଦିଲତା କୁଲୁ, କର୍ମକର୍ତ୍ତା ବିଦ୍ୟୁତ୍‌ପ୍ରଭା ବେହେରା, ଜ୍ୟୋତି କୁମାରୀ ଟେଟେ, ପଦ୍ମିନୀ କିସାନ, ପାଚିକା, ସହାୟିକା ସଂଘର ବ୍ଲକ ସଭାନେତ୍ରୀ ବଉଳ ରାଉତ, ସମ୍ପାଦିକା ହେଲେନ ଗୁଡ଼ିଆ, କର୍ମକର୍ତ୍ତା ସବିତା ସୋରେଙ୍ଗ, ରେବତୀ ବନଛରଙ୍କ ନେତୃତ୍ୱରେ ପାଚିକା, ସହାୟିକା ଆଶାକର୍ମୀମାନେ ଶୋଭାଯାତ୍ରାରେ ଆସି ବିଡିଓଙ୍କୁ ଦାବିପତ୍ର ଦେଇଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୨୦୦୯ ଡିସେମ୍ବର ୧ରୁ କେନ୍ଦ୍ର ସରକାର ପାଚିକା, ସହାୟିକାଙ୍କ ପ୍ରାପ୍ୟ ୧ହଜାର ଟଙ୍କା କରିଥିଲେ ମଧ୍ୟ ୨୦୧୨ ମାର୍ଚ୍ଚ ୩୧ପର୍ଯ୍ୟନ୍ତ ୬ଶହ, ୪ଶହ ମିଳିଛି। ୨୮ ମାସର ବକେୟା ପ୍ରାପ୍ୟ ଦିଆଯାଉ, ବର୍ଷକୁ ଦୁଇ ଯୋଡ଼ା ଶାଢ଼ି, ୬୦ବର୍ଷପରେ ଛଟେଇ ପାଚିକା, ସହାୟିକାଙ୍କୁ ଅବସରକାଳିନ ଅର୍ଥ ପ୍ରଦାନ, ବାର୍ଷିକ ୧୫ଦିନ ଛୁଟି, ଶ୍ରମିକ ମାନ୍ୟତା ଦେଇ ସର୍ବନିମ୍ନ ମଜୁରୀ ପ୍ରଦାନ, ପ୍ରସୂତିକାଳୀନ ଛୁଟି ଆଦି ଦାବି କରାଯାଇଥିବାବେଳେ ଆଶାକର୍ମୀଙ୍କୁ ରିସ୍କ ଏଲାଉନ୍ସ, ମହାମାରୀ ସମୟରେ ମୃତ୍ୟୁର କ୍ଷତିପୂରଣ, ଚାକିରୀ ନିୟମିତ କରାଯାଉ। ସର୍ବନିମ୍ନ ମଜୁରୀ ପ୍ରଦାନ, ସାମାଜିକ ସୁରକ୍ଷା ଓ ପେନସନ ଲାଗୁ କରିବାକୁ ଦାବି କରାଯାଇଛି।

# ମନ୍ତ୍ରୀଙ୍କୁ ଭେଟିଲା ଆଞ୍ଚଳିକ ଉନ୍ନୟନ କମିଟି

### ବଳମ-ଲଇମୁରା ପିଡବ୍ଲ୍ୟୁଡି ରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯାଉ

ଦେବଗଡ଼,୨୪।୯(ଡି.ଏନ୍.ଏ.)

ମରଣଯନ୍ତା ସାଜିଥିବା ବଳମ-ଲଇମୁରା ପିଡବ୍ଲ୍ୟୁଡି ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ନିମନ୍ତେ ଗୁରୁବାର କେଡିଆର୍ (କଣ୍ଟାପାଲି-ଦାନ୍ତାରୀବାହାଳ-ରମ୍ଭେଇ) ଆଞ୍ଚଳିକ ଉନ୍ନୟନ କମିଟି ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ମୁଖ୍ୟଯନ୍ତ୍ରୀ ଇଂ. ତାରା ପ୍ରସାଦ ମିଶ୍ରଙ୍କୁ ସାକ୍ଷାତ କରିଥିବା ଜଣାପଡିଛି। କେଡିଆର୍ ଆଞ୍ଚଳିକ ଉନ୍ନୟନ କମିଟିର ସମ୍ପାଦକ ଜନ୍ମେଜୟ ପ୍ରଧାନ, ବରିଷ୍ଠ ସଦସ୍ୟ ସିଦ୍ଧେଶ୍ୱର ପ୍ରଧାନ, ଚେଣ୍ଡଳ ଜାଲ, ଦୁଃଖବନ୍ଧୁ ନାୟକ, ସଞ୍ଜୟ କୁମାର ବେହେରା, ଜୟନ୍ତ କୁମାର ପୃଷ୍ଟି, ବିଶ୍ୱନାଥ ପ୍ରଧାନ, ବୁଲୁ ଦୀପ, ତରୁଣ କୁମାର ସାମଲ ଓ ସୁଜିତ କୁମାର ପ୍ରଧାନ ପ୍ରମୁଖ ଭୁବନେଶ୍ୱରରେ ବିଭାଗୀୟ ମନ୍ତ୍ରୀ ସାମଲ ଓ ମୁଖ୍ୟଯନ୍ତ୍ରୀ ଇଂ. ମିଶ୍ରଙ୍କୁ ସାକ୍ଷାତକରି ମରଣଯନ୍ତା ସାଜିଥିବା ବଳମ-ଲଇମୁରା ପିଡବ୍ଲ୍ୟୁଡ଼ି ରାସ୍ତାର ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଦାବି କରିଥିଲେ। ଏହି ଅବସରରେ ଆଲୋଚନା ସମୟରେ ବିଭାଗୀୟ ମନ୍ତ୍ରୀ ସାମଲ ଓ ମୁଖ୍ୟଯନ୍ତ୍ରୀ ଇଂ.ମିଶ୍ର ଯଥାଶୀଘ୍ର ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିବା କେଡିଆର୍ ଆଞ୍ଚଳିକ ଉନ୍ନୟନ କମିଟି ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ବାରକୋଟ ବ୍ଲକ ଅନ୍ତର୍ଗତ ବଳମ ୪୯ ନମ୍ବର ଜାତୀୟ ରାଜପଥଠାରୁ ରମ୍ଭେଇ, ଦାନ୍ତରୀବାହାଳ ଓ କଣ୍ଟାପାଲି ଗ୍ରାମ ପଞ୍ଚାୟତ ଦେଇ ତିଲେଇବଣି ବ୍ଲକର ଲଇମୁରା ଅଞ୍ଚଳକୁ ଯାଇଥିବା ଆରଡି ରାସ୍ତା ଅତ୍ୟନ୍ତ ଅବହେଳିତ ହୋଇ ପଡ଼ିରହିବା ସହ ବ୍ୟବହାର ଅନୁପଯୋଗୀ ତଥା ମରଣଯନ୍ତା ସାଜିଥିଲା। ଉପରୋକ୍ତ ତିନୋଟିଯାକ ପଞ୍ଚାୟତବାସୀଙ୍କୁ ନେଇ ଗଠିତ କେଡିଆର୍ (କଣ୍ଟାପାଲି-ଦାନ୍ତରୀବାହାଳ-ରମ୍ଭେଇ) ଆଞ୍ଚଳିକ ଉନ୍ନୟନ କମିଟିର ବାରମ୍ବାର ଦାବି, ରାସ୍ତାରୋକୋ ଆନ୍ଦୋଳନ ଓ ଆମରଣ ଅନଶନ ସାଙ୍ଗକୁ ବିଭିନ୍ନ ଅନୁଷ୍ଠାନ ଓ ରାଜନୈତିକ ଦଳର ପ୍ରୟାସ କ୍ରମେ ଏହି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇ ଏହାର ନିର୍ମାଣ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଶେଷ ହୋଇଥିଲା। ମାତ୍ର ବିଭିନ୍ନ କାରଣରୁ ଏହାର ପ୍ରାୟ ୨ବର୍ଷପରେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ନୈରାଶ୍ୟ ଭାବ ପ୍ରକାଶ ପାଇଥିଲା। ତେବେ କିଛିଦିନ ପୂର୍ବେ ରାଜ୍ୟ ସରକାର ଉକ୍ତ ରାସ୍ତା ନିର୍ମାଣ ପାଇଁ କରିଥିବା ପୁରୁଣା ବ୍ୟୟ ଅଟକଳକୁ ବାତିଲ କରି ୩୭ କୋଟି ୭୦ ଲକ୍ଷ ୫୬ ହଜାର ଟଙ୍କାର ନୂଆବ୍ୟୟ ଅଟକଳ ପ୍ରସ୍ତୁତ କରିଥିବାରୁ ଅଞ୍ଚଳବାସୀ ତଥା କେଡିଆର ଆଞ୍ଚଳିକ ଉନ୍ନୟନ କମିଟି ପକ୍ଷରୁ ଦେବଗଡ଼ ଜିଲା ପ୍ରଶାସନ, ରାଜ୍ୟ ସରକାର ଏବଂ ସରକାରଙ୍କ ପୂର୍ତ୍ତ ବିଭାଗ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲା। କମିଟିରେ ସମ୍ପାଦକ ପ୍ରଧାନଙ୍କ ନେତୃତ୍ୱରେ ବହୁ ସଦସ୍ୟ ଭୁବନେଶ୍ୱର ଗସ୍ତକରି ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଦାବି କରିଛି।



କେଡିଆର୍ ଆଞ୍ଚଳିକ ଉନ୍ନୟନ କମିଟି କର୍ମକର୍ତ୍ତା ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ଭେଟୁଛନ୍ତି।

## ନାବାଳିକାଙ୍କୁ କାମ କରିବାକୁ ପଠାଇବା ଯୋଜନା ପଣ୍ଡ

ଦେବଗଡ଼,୨୪।୯(ଡି.ଏନ.ଏ)

ଅନିଚ୍ଛା ସତ୍ତ୍ୱେ ଘର କାର୍ଯ୍ୟରେ ନିୟୋଜିତ ପାଇଁ ଜଣେ ନାବାଳିକାଙ୍କୁ ସମ୍ବଲପୁର ପଠାଇବାକୁ ଯୋଜନା ଚାଲିଥିବାବେଳେ ନାବାଳିକା ଜଣକ ଚତୁରତାର ସହ ଖସିଆସିଥିବା ଏବଂ ଏନେଇ ସୂଚନା ପାଇବା ପରେ ତାଙ୍କୁ ଚାଇଲ୍ଡଲାଇନ ଉଦ୍ଧାର କରିଥିବା ଜଣାପଡିଛି। ଚାଇଲ୍ଡଲାଇନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦେବଗଡ ସହରର ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ରିଆମାଳ ବ୍ଲକ ପଳସମା ଅଞ୍ଚଳର ଏକ ପରିବାରକୁ ମୋଟା ଅଙ୍କର ଦରମା ପ୍ରଲୋଭନ ଦେଖାଇ ତାଙ୍କ ନାବାଳିକା ଝିଅକୁ ବୁଧବାର ନିଜ ଘରକୁ ଆଣିଥିଲେ। ନାବାଳିକା ଜଣକ ଗୃହକର୍ତ୍ତାଙ୍କୁ କି କାମ କରିବାକୁ ପଡିବ ବୋଲି ପଚାରିବାରୁ କାମ କରିବାକୁ ସମ୍ବଲପୁର ଯିବାକୁ ପଡିବ ବୋଲି ଗୃହକର୍ତ୍ତା ଜଣକ ଉତ୍ତର ଦେଇଥିଲେ। ଫଳରେ ନାବାଳିକା ଜଣକ ଭୟଭୀତ ହୋଇପଡବା ସହ ରାତି ସମୟରେ ଚତୁରତାର ସହ ସେଠାରୁ ପଳାଇଆସିବା ସହ ଚାଲିଚାଲି ତିଲେଇବଣି ବ୍ଲକ ଅନ୍ତର୍ଗତ ଟାଇଁସର ଗ୍ରାମ ଆଡକୁ ବାହାରିବା ସହ ସେଠାକାର ଜଣେ ବ୍ୟକ୍ତିଙ୍କୁ ପଳସମା ରାସ୍ତା କେଉଁଆଡେ ବୋଲି ପଚାରିଥିଲେ। ଉକ୍ତ ବ୍ୟକ୍ତି ଜଣକ ତାଙ୍କର ସମ୍ପୂର୍ଣ୍ଣ ପରିଚୟ ଜାଣିବା ପରେ ଏ ସମ୍ପର୍କରେ ଫୋନ ଯୋଗେ ଚାଇଲ୍ଡଲାଇନ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବା ସହ ଆବଶ୍ୟକ ସହାୟତା ଲୋଡିଥିଲେ। ସୂଚନା ପାଇ ଚାଇଲ୍ଡଲାଇନର ଉପେନ୍ଦ୍ର ଭଞ୍ଜ, ମୋଜାହିଦ ଆଲମ ଓ ଶ୍ରୀଲେଖା ମେହେର ଟାଇଁସର ଗ୍ରାମରେ ପହଞ୍ଚି ଉକ୍ତ ନାବାଳିକଙ୍କୁ ଉଦ୍ଧାର କରିବା ସହ ପ୍ରାଥମିକ ଥଇଥାନ ନିମନ୍ତେ ଜିଲା ଶିଶୁ ମଙ୍ଗଳ ସମିତି ସମ୍ମୁଖରେ ଉପସ୍ଥାପନ କରିବା ପରେ ସପୋର୍ଟ ଆଶ୍ରୟ ଗୃହରେ ଥଇଥାନ କରିଥିବା ଜଣାପଡିଛି। ସେହିପରି ଚାଇଲ୍ଡଲାଇନର ସଂଯୋଜକ ରମାକାନ୍ତ ସାହୁ ଦେବଗଡ ଥାନାରେ ଏନେଇ ଲିଖିତ ଏତଲା ଦେଇଥିବା ଜଣାପଡିଛି।

# ମା' ଅକ୍ଷରପାଟ କ୍ଲବ ଚାମ୍ପିୟନ

### କନିଷ୍ଠ ବିଭାଗ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଦେବଗଡ଼,୨୪।୯(ଡି.ଏନ.ଏ)

ବାରକୋଟ ବ୍ଲକ ଅନ୍ତର୍ଗତ ଅକ୍ଷରଶୀଳା ଗ୍ରାମରେ ମା' ଅକ୍ଷରପାଟ ଫୁଟବଲ କ୍ଲବ ଆନୁକୂଲ୍ୟରେ ବୁଧବାର ଠାରୁ ମୋଟ ୧୬ଟି ଦଳକୁ ନେଇ ଆରମ୍ଭ ହୋଇଥିବା ମା' ଅକ୍ଷରପାଟ କନିଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଆମ୍ବଗାଁ ଫୁଟବଲ ଦଳକୁ ଟାଇବ୍ରେକର ଜରିଆରେ ୨-୦ଗୋଲରେ ପରାସ୍ତ କରି ଆୟୋଜକ ମା' ଅକ୍ଷରପାଟ ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ମ୍ୟାଚ୍‌ଗୁଡିକୁ ରେଫରୀ ଭାବେ ଦୁଃଶାସନ ପ୍ରଧାନ, ସରୋଜ ପ୍ରଧାନ, ବିଶିକେନ ମାଝି ଓ ସୁଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ। ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ କିଶୋର ଚନ୍ଦ୍ର ସାହୁ ଯୋଗଦେଇ ଚାମ୍ପିୟନ ମା' ଅକ୍ଷରପାଟ ଫୁଟବଲ କ୍ଲବ ଓ ରନର୍ସ ଅପ୍ ଆମ୍ବଗାଁ ଫୁଟବଲ ଦଳକୁ ଟ୍ରଫିସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ରମାକାନ୍ତ ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ଆୟୋଜକ ମା' ଅକ୍ଷରପାଟ ଫୁଟବଲ କ୍ଲବର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।



ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

## ନଦୀରୁ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ଲହୁଣୀପଡା,୨୪।୯(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ କେନାପାଲି ଗ୍ରାମ ବ୍ରାହ୍ମଣୀ ନଦୀ କୂଳରେ ଶୁକ୍ରବାର ମୃତଦେହ ଭାସୁଥିବା ଖବରପାଇ ଲହୁଣୀପଡା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। କିନ୍ତୁ ମୃତଦେହର କୌଣସି ପରିଚୟ ମିଳିପାରି ନାହିଁ। ମୃତଦେହ ନଦୀର ଉପରମୁଣ୍ଡରୁ ଭାସି ଆସି ଏଠାରେ ଲାଗିଥିବା ବେଳେ ସେ ଏକ ନୀଳରଙ୍ଗର ଫୁଲ ଟି ସାର୍ଟ ପିନ୍ଧିଛି। ବୟସ ୨୦/୨୫ ହେବ ବୋଲି ପୋଲିସ ଅନୁମାନ କରୁଛି।

# ଟ୍ରକ୍ ମାଲିକ ସଂଘର ୧୦ଜଣିଆ କୋର କମିଟି ଗଠିତ

### ସୁନ୍ଦରଗଡ଼ର ବୃହତ୍ତର ସ୍ୱାର୍ଥ ପାଇଁ ସମସ୍ତ ଟ୍ରକମାଲିକ ସଂଘ ଏକାଠି

ସୁନ୍ଦରଗଡ଼,୨୪।୯(ଡି.ଏନ୍.ଏ)

ସୁନ୍ଦରଗଡ଼ ଅଞ୍ଚଳର ସାମୂହିକ ବିକାଶ ଏବଂ ଟ୍ରକ୍ ମାଲିକମାନଙ୍କର ଅର୍ଥନୈତିକ ଉନ୍ନତି ସକାଶେ ଶୁକ୍ରବାର ସମସ୍ତ ଟ୍ରକ ମାଲିକ ସଂଘକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ବଟକିଶୋର ମିଶ୍ର ଓ ପ୍ରଫୁଲ୍ଲ ସୁନାନୀଙ୍କ ଆହ୍ୱାନ କ୍ରମେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବର୍ତ୍ତମାନ ପରିଚାଳିତ ୩ଟି ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଏକତ୍ରିତ ହୋଇ ଟ୍ରକମାଲିକଙ୍କର ବୃହତ୍ତର ସ୍ୱାର୍ଥ ଓ ଅଞ୍ଚଳର ସାମୂହିକ ସ୍ୱାର୍ଥକୁ ଗୁରୁତ୍ୱଦେଇ ଏକାଠି ହୋଇ ଆଗାମୀ ଦିନରେ କାମ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଛନ୍ତି। ଦୀର୍ଘ ୪ଘଣ୍ଟା ଧରି ଅନୁଷ୍ଠିତ ଏହି ବୈଠକରେ ଟ୍ରକ ମାଲିକମାନେ କିପରି ଉଚିତ ଭଡା ମୂଲ୍ୟ ପାଇବେ, ଫାଷ୍ଟ କମ୍ ଫାଷ୍ଟ ସର୍ଭିସ ଉପାୟ ଅବଲମ୍ବନ ପୂର୍ବକ ଅଧିକ ଲୋଡିଂ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ନିଯୁକ୍ତି ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ହୋଇଛି। ଉପସ୍ଥିତ ବରିଷ୍ଠ ସଭ୍ୟଙ୍କ ପରାମର୍ଶ ଅନୁସାରେ ଏକ ୧୦ଜଣିଆ କୋରକମିଟି ଗଠନ କରାଯାଇଛି। ଏହି କୋର କମିଟି ଅଞ୍ଚଳରେ ଥିବା କୋଇଲା ଖଣିଗୁଡିକରୁ ଟ୍ରାନପୋର୍ଟିଂ ହେଉଥିବା କୋଇଲା ପରିବହନକୁ ନିୟନ୍ତ୍ରଣ କରିବ। ଏହି ବୈଠକରେ ବିସ୍ଥାପିତ ଟ୍ରକ ମାଲିକ ସଂଘର ସଭାପତି ଗୋପାଳ ପ୍ରଧାନ, ସୁନ୍ଦରଗଡ ଟ୍ରକ ମାଲିକ ସଂଘର ପୂର୍ବତନ ସଭାପତି ଜ୍ଞାନରଞ୍ଜନ ହୋତା, ସଞ୍ଜୟ ନନ୍ଦ, ଲଲାଟେନ୍ଦୁ ପରିଡା, ରିତେଶ ପଟେଲଙ୍କ ସମେତ ଜୟ ଜଗନ୍ନାଥ ଟ୍ରକ ମାଲିକ ସଂଘର ବରିଷ୍ଠ ସଦସ୍ୟ ରତନ ଷଡଙ୍ଗୀ, ମନୋରଞ୍ଜନ ବହିଦାର, ସଞ୍ଜୟ ପୋଢ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମରେନ୍ଦ୍ର ପରିଡା, ରମଣୀରଞ୍ଜନ ଯୋଶୀ, ନରେନ୍ଦ୍ର ସିଂ, ଲକ୍ଷ୍ମୀନାରାୟଣ ମିଶ୍ର, ସୁବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଅକ୍ଟୋବର ମାସରୁ ଏହି କୋର କମିଟି କାର୍ଯ୍ୟ କରିବ। ସୁନ୍ଦରଗଡର ହେମଗିର ବ୍ଲକରେ ଏମ୍‌ସିଏଲ୍‌ର ବସୁନ୍ଧରା କୋଇଲା ଖଣି ଆରମ୍ଭ ହେବା ପରେ କୋଇଲା ପରିବହନ ବ୍ୟବସାୟ ସୁନ୍ଦରଗଡରେ ଅନେକ ପରିବାରଙ୍କ ଜୀବନଜୀବିକାର ମାଧ୍ୟମ ପାଲଟିଥିଲା। କୋଇଲା ଖଣିରୁ ଜିଲା ବାହାରେ ତଥା ରାଜ୍ୟ ବାହାରେ ଥିବା ବିଭିନ୍ନ କଲକାରଖାନାକୁ କୋଇଲା ପରିବହନକୁ ଶୃଙ୍ଖଳିତ କରିବା ପାଇଁ ସୁନ୍ଦରଗଡ ଟ୍ରକ ମାଲିକ ସଂଘ ଗଠିତ ହୋଇଥିଲା। ନିୟମାନୁଯାୟୀ ସଂଘର ନିର୍ବାଚିତ କର୍ମକର୍ତ୍ତା ନିର୍ବାଚିତ ହୋଇ ମାଲିକମାନଙ୍କର ତଥା ସୁନ୍ଦରଗଡର ସ୍ୱାର୍ଥକୁ ନେଇ ସଂଘ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରି ଆସୁଥିଲା। ମାତ୍ର ପରବର୍ତ୍ତୀ ସମୟରେ କୋଇଲା ପରିବହନ ପାଇଁ ନିୟୋଜିତ ଥିବା ୬ଚକିଆ ଟ୍ରକ ବଦଳରେ ମଲ୍ଟି ଏକ୍ସେଲ ଟ୍ରକ ଚଳାଚଳ ପରେ ଅନେକ ଟ୍ରକ ମାଲିକ ଦେବାଳିଆ ହୋଇ ଶାଗମାଛ ଦରରେ ଟ୍ରକଗୁଡିକୁ ବିକ୍ରି କରିବା ପରେ ସଂଘରେ ଫାଟ ସୃଷ୍ଟି ହୋଇଥିଲା। ଟ୍ରକ ମାଲିକଙ୍କ ଦେବାଳିଆ ସ୍ଥିତି ଯୋଗୁ କେବଳ ଟ୍ରକମାଲିକ ନୁହଁନ୍ତି ଅନେକ ଟ୍ରକ ଡ୍ରାଇଭର, ହେଲପର, ମେକାନିକ ଓ ପରିବହନରେ ନିୟୋଜିତ ଅନେକ ବ୍ୟକ୍ତି ଜୀବିକା ହରାଇବା ଯୋଗୁ ସେମାନଙ୍କ ପରିବାର ଓ ସୁନ୍ଦରଗଡରେ ମଧ୍ୟ ଏହାର ଆର୍ଥିକ ପ୍ରଭାବ ପଡି ବଜାର ବ୍ୟବସ୍ଥା ମାନ୍ଦା ପଡିଥିଲା। କିଛି ପ୍ରଭାବଶାଳୀ ଟ୍ରକ ମାଲିକ ଛଚକିଆ ବଦଳରେ ମଲ୍ଟିଏକ୍ସେଲ କ୍ରୟ କରି କୋଇଲା ପରିବହନ ବ୍ୟବସାୟକୁ ନିଜ କବଜାକୁ ନେବା ଫଳରେ ଧୀରେ ଧୀରେ ସୁନ୍ଦରଗଡ ଟ୍ରକ ମାଲିକ ସଂଘ ଏକ ପ୍ରକାର ଅଚଳବସ୍ଥାରେ ପହଞ୍ଚିଯାଇଥିଲା। ଏହାପରେ ଟ୍ରାନ୍ସପୋର୍ଟର ବନାମ ଟ୍ରକମାଲିକଙ୍କ ମଧ୍ୟରେ ଛକାପଞ୍ଝା ହୋଇ ୨୦୧୬ରେ ୩ଟି ଟ୍ରକ ମାଲିକ ସଂଘ ଗଢିଉଠିଥିଲା। ଏଭଳି ସ୍ଥିତିରେ ସାଧାରଣ ଟ୍ରକ ମାଲିକମାନେ କୋଇଲା ପରିବହନ ପାଇଁ କମ୍ ଭଡା ପାଇ ଦୟନୀୟ ଅବସ୍ଥାରେ ଗତି କରୁଥିଲେ। ଏହାକୁ ନେଇ ସୁନ୍ଦରଗଡରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ସେଲ୍ସମ୍ୟାନ୍ ଆବଶ୍ୟକ।
ଇଲେକ୍ଟ୍ରିକାଲ ସପ୍,
ଭୁବନେଶ୍ୱର
9437081583

ଏୟାରପୋର୍ଟ ରେ ଚାକିରୀ
(ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
ଏୟାର ହୋଷ୍ଟେସ୍, ଗ୍ରାଉଣ୍ଡ ଷ୍ଟାଫ୍, ସୁପରଭାଇଜର, ଚେକର, ଲୋଡର୍, ହେଲ୍‌ପର୍
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
CONTACT : 8448123162

APPOINTMENT
Urgently required DRIVER for domestic purpose in Bhubaneswar.
Contact:
9937203178

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରିବା ପାଇଁ 10th/+2, ITI Diploma Qualification ଥିବା Candidate ଆବଶ୍ୟକ।
ଦରମା - 7,000/- ରୁ 42,000/-
For Apply Contact
7894509327

ଆବଶ୍ୟକ ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କାରଖାନା ନିମ୍ନଲିଖିତ ପଦବୀ ପାଇଁ ଉପଯୁକ୍ତ ପ୍ରାର୍ଥୀ ଆବଶ୍ୟକ କରୁଛି। ମାର୍କେଟିଂ ମ୍ୟାନେଜର (୧), ସେଲ୍ସ ଏକ୍‌ଜିକ୍ୟୁଟିଭ୍ (୫), ଲ୍ୟାବ୍ ଟେକ୍‌ନିସିଆନ୍ (୧), ପ୍ରୋକୋରମେଣ୍ଟ ଅଫିସର (୨), ଡ୍ରାଇଭର (୨)। ଉପଯୁକ୍ତ ଯୋଗ୍ୟତା ସହିତ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
ଯୋଗାଯୋଗ: ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲିଃ., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ, ମୋ.- ୯୮୫୩୦୦୩୩୧୭
Email ID: pratichidairyproducts@gmail.com

A leading Health Organization required staff for all over Odisha DISTRICT MANAGER - (All Districts (M/F), Graduation. BLOCK COORDINATOR (For all Blocks) +2 above(M/F).
RSP SOLUTIONS
Plot No. -18, Krisna Garden, Phase-2, Jagamara, Bhubaneswar
Contact No. - 8455966556/ 7656007439

WANTED
ସିଙ୍ଗାପୁର (SINGAPORE)
ରକ୍ଷଣା ବେକ୍ଷଣ କମ୍ପାନୀ ସମସ୍ତ ପ୍ରକାରର ନିର୍ମାଣ କାମ ଯେପରିକି ଶ୍ରମିକ, ରୋଷେଇ, ସିକ୍ୟୁରିଟି ଗାର୍ଡ, ଅଫିସ୍ ଆସିଷ୍ଟାଣ୍ଟ, ପିଅନ, ଡ୍ରାଇଭର, ହେଲପର ଇତ୍ୟାଦି (ଭଲ ବେତନ, ଭଲ ସୁବିଧା। ଭାରତୀୟ ପରିଚାଳନା କମ୍ପାନୀ, ଗ୍ୟାରେଣ୍ଟି ସହିତ ପଠେଇବା)
କମଲ ପ୍ଲେସ୍‌ମେଣ୍ଟ ସୁରଟ, ଗୁଜୁରାଟ
9157312448, 9104103242, 9157012447

REQUIRED
ONE DIPLOMA CIVIL ENGINEER FOR OTELP PLUS PROJECT.
Salary: Rs.20,000/-
Contact: 9040268680

WANTED
Reputed Real Estate Company, Bhubaneswar requires experienced SALES OFFICER- 20 Nos. (M/F). Attractive salary + incentives.
Contact: 9437323319

GHANASHYAM HEMALATA VIDYAMANDIR, PURI
(A CBSE Affiliated Fully Residential School)
R.J Vihar, Bhuan, Chhaitana, Puri-2
Ph. No: - 7735629062 / 7873480470
E-mail: - puri.ghvm@gmail.com
REQUIREMENT OF TEACHERS

| POST | SUBJECTS |
|---|---|
| PGT | MATH, BIOLOGY, PHYSICS, CHEMISTRY, COMPUTER SCIENCE |
| TGT | ENGLISH, HINDI, MATH, SCIENCE |
| PRT | ENGLISH, HINDI, MATH, SCIENCE, SST, COMPUTER |
| PET | MALE AND FEMALE |
| NTT | FEMALE |

• Qualification : - As Per CBSE norms
• Competent & Experienced teachers with fluency in English
• Salary :- Negotiable Salary
• Free Accommodation, Fooding & Laundry for all the above posts.
• Interested candidate can apply by mailing their resume (with photograph) at puri.ghvm@gmail.com and send the hard copy to the address given above.
PRINCIPAL

## ମହିଳାଙ୍କୁ ଅଶ୍ଳୀଳ ଫଟୋ ପଠାଇ ଯୁବକ ଗିରଫ

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଧୀନ ହାବସପୁର ଗ୍ରାମର ଜଣେ ମହିଳାଙ୍କ ହ୍ୱାଟସଅପ୍ ନମ୍ବରକୁ ଅଶ୍ଳୀଳ ଫଟୋ ପଠାଇବା ଅଭିଯୋଗରେ ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ହେଲେ ଭବାନୀପାଟଣା ନୂଆପଡାର ଅଜିତ କୁମାର ପତି। ତାଙ୍କୁ ସ୍ଥାନୀୟ ଜେଏମଏଫସି କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଗତ ୧୭ ତାରିଖରେ ମହିଳାଙ୍କ ହ୍ୱାଟସ ନମ୍ବରକୁ ସମ୍ପୃକ୍ତ ଯୁବକ ୭୦ଟି ଅଶ୍ଳୀଳ ଫଟୋ ପଠାଇବା ସହ ୨ ଥର ଫୋନ କରିଥିଲେ। ଏ ନେଇ ମହିଳା ଜଣକ ଜୁନାଗଡ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୩୧୫/୨୧) ରୁଜୁ କରି ତଦନ୍ତ ଚଳାଇଥିଲା।

**ସଂକ୍ଷେପରେ**

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଲୋଇସିଂହା,୨୪।୯(ଡି.ଏନ.ଏ.): ଶୁକ୍ରବାର ଅପରାହ୍ନରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ କନ୍ଦାଜୁରୀ ପଞ୍ଚାୟତ ଅନ୍ତର୍ଗତ ଫଟାମୁଣ୍ଡା ଗ୍ରାମରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି । ମୃତ ଯୁବକ ଜଣକ ହେଲେ ଫଟାମୁଣ୍ଡା ଗ୍ରାମର ସୁଧୀର ତ୍ରିପାଠୀଙ୍କ ପୁଅ ସତ୍ୟ ନାରାୟଣ ତ୍ରିପାଠୀ (୨୧) । ଆଇଆଇସି ରମାକାନ୍ତ ଜେନା ଓ ଷ୍ଟାଫ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପୋଲିସ ସୂଚନା ଅନୁଯାୟୀ, ଗାଁ ଠାରୁ ଅଧ କି.ମି. ଦୂର ଫଟାମୁଣ୍ଡା-ଖଇରପାଲି ରାସ୍ତାରେ ଥିବା ଦାଦର ଜମିର ଏକ ପଳାଶ ଗଛରେ ସତ୍ୟ ନାରାୟଣ ବେକରେ ରଶି ଲଗାଇ ଝୁଲି ପଡିଥିବା ଦେଖିବାକୁ ମିଳିଥିଲା । ସେ ଏକ ଶାର୍ଟ ଓ ହାପ୍ ପ୍ୟାଣ୍ଟ ପିନ୍ଧିଥିଲେ । ଗଛ ତଳେ ସ୍ଲିପର ଚପଲ ହଳେ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ତାଙ୍କୁ କେହି ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ପାଇଁ ଗଛରେ ଟଙ୍ଗାଇ ଦେଇଥିବା ଆଲୋଚନା ହେଉଛି । ପୋଲିସ ପକ୍ଷରୁ ତଦନ୍ତ ଚାଲିଛି ।

## ସାପ କାମୁଡ଼ାରେ ଯୁବକ ମୃତ

ନୂଆପଡା ଅଫିସ/ଖଡିଆଳ, ୨୪।୯(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ଥାନା ଡୁଆଝର ପଞ୍ଚାୟତ ଅନ୍ତର୍ଗତ ଖନତରାଇ ଗାଁ ସୌରୀପଡାରେ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିତ୍ୟାନନ୍ଦ ମାଲି (୩୪)। ଶୁକ୍ରବାର ଶବ ବ୍ୟବଚ୍ଛେଦ ପରେ ପରବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନିତ୍ୟାନନ୍ଦଙ୍କୁ ଗୁରୁବାର ସନ୍ଧ୍ୟା ୫ଟାରେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୩୦/୨୧) ରୁଜୁ ହୋଇଛି। ଗରିବ ପରିବାର ହୋଇଥିବାରୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବେକରେ ଦଉଡ଼ି ଦେଇ ଯୁବକଙ୍କ ଆତ୍ମହତ୍ୟା

କୋକସରା,୨୪।୯(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଥାନା ଅଧୀନ କୋକସରା ଗ୍ରାମ ପୋଲିସ ପଡ଼ାରେ ଜଣେ ଯୁବକ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଅର୍ଜୁନ ନାଏକ (୨୮)। ଅର୍ଜୁନ ଗୁରବାର ସନ୍ଧ୍ୟା ୭ଟାରେ ନିଜ ଶୋଇବା କୋଠରୀରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏ ନେଇ ପରିବାର ପକ୍ଷରୁ କୋକସରା ଥାନାରେ ଅଭିଯୋଗ କରାଯାଇଛି। ଶୁକ୍ରବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଛି। କୋକସରା ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। କେଉଁ କାରଣରୁ ସେ ଆତ୍ମହତ୍ୟା କରିଛନ୍ତି ନା ଅନ୍ୟ କୌଣସି କାରଣ ରହିଛି ତାହା ଅସ୍ପଷ୍ଟ ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣା ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ଗୋପବନ୍ଧୁ ନାଏକ ସୂଚନା ଦେଇଛନ୍ତି ।

# ପୂର୍ବ ଶତ୍ରୁତାରୁ ହତ୍ୟା: ୩ ଗିରଫ

ସୋନପୁର,୨୪।୯(ନି.ପ୍ର.)



ହତ୍ୟାକାଣ୍ଡ ସମ୍ପର୍କରେ ଏସ୍‌ପି ସୀତାରାମ ଶତପଥୀ ସୂଚନା ଦେଉଛନ୍ତି।

**ସନ୍ଦୀପ ହତ୍ୟାକାଣ୍ଡର ପର୍ଦ୍ଦାଫାଶ**
- ଛୁରୀ ଓ ସ୍କୁଟି ଜବତ
- ହତ୍ୟା କରି ମୃତଦେହକୁ ମହାନଦୀରେ ଫିଙ୍ଗି ଦେଇଥିଲେ
- ୪ ଦିନ ପରେ ଜହ୍ନାପଙ୍କ ନିକଟରୁ ମୃତଦେହ ମିଳିଥିଲା

ସୁବର୍ଣ୍ଣପୁର ଜିଲା ବିନିକା ସହର ମାରୱାଡିପଡାର ସନ୍ଦୀପ ସାହୁ(୨୩)ଙ୍କ ହତ୍ୟା ଘଟଣାରେ ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବିନିକା ମାର୍କେଟ ପଡାର କାର୍ତ୍ତିକ ନାଗ(୨୪), ଧୀବର ପଡାର ନରେନ୍ଦ୍ର କୁମାର ବେହେରା(୨୦) ଓ ଉଲୁଣ୍ଡା ଥାନା ଗଣ୍ଡାବାହାଲର ଦିବ୍ୟ ଜଗଦଲା(୨୮)। ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ସନ୍ଦୀପଙ୍କ ସ୍କୁଟି (ନଂ ଓଡି୩୧ଇ-୬୧୮୧) ଓ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀକୁ ପୋଲିସ ଜବତ କରିଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ସୁବର୍ଣ୍ଣପୁର ଏସ୍‌ପି ସୀତାରାମ ଶତପଥୀ ଜିଲା ପୋଲିସ ମୁଖ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ମୃତ ସନ୍ଦୀପ, ମୁଖ୍ୟ ଅଭିଯୁକ୍ତ କାର୍ତ୍ତିକ ଓ ଦିବ୍ୟଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଆପରାଧିକ ମାମଲା ଥିଲା। ଏସ୍‌ପିଙ୍କ ସୂଚନା ଅନୁଯାୟୀ ସନ୍ଦୀପଙ୍କ କଥା ଓ ବ୍ୟବହାରକୁ ନେଇ ସହରରେ କୁକୁଡା ଦୋକାନ କରିଥିବା କାର୍ତ୍ତିକ ଅପମାନିତ ଅନୁଭବ କରିଥିଲେ। ତେଣୁ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରି କିଛି ଦିନ ହେବ ସେ ଛୁରୀ ଧରି ବୁଲୁଥିଲେ। ଗତ ୧୪ ତାରିଖରେ କାର୍ତ୍ତିକ କୌଶଳକ୍ରମେ ସନ୍ଦୀପଙ୍କୁ ମହାନଦୀ କୂଳ ବିନିକା ପାପକ୍ଷୟ ଘାଟକୁ ଡାକି ନେଇଥିଲେ। ସନ୍ଦୀପଙ୍କ ସ୍କୁଟିରେ ସନ୍ଦୀପ, କାର୍ତ୍ତିକ ଓ କାର୍ତ୍ତିକଙ୍କ କୁକୁଡା ଦୋକାନ କର୍ମଚାରୀ ନରେନ୍ଦ୍ର ଯାଇଥିଲେ। ନଦୀ କୂଳରେ ଥିବା ଏକ ପରିତ୍ୟକ୍ତ ପମ୍ପ ହାଉସରେ ତିନି ଜଣ ବସି ଆଲୋଚନା କରୁଥିବା ସମୟରେ ସୁଯୋଗ ଅପେକ୍ଷାରେ ଥିବା କାର୍ତ୍ତିକ ଓ ନରେନ୍ଦ୍ର ଧାରୁଆ ଛୁରୀରେ ସନ୍ଦୀପଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲେ। ପ୍ରବଳ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଦୁଇ ଅଭିଯୁକ୍ତ ବ୍ୟବହୃତ ଛୁରୀକୁ ନଦୀ କୂଳ ବୁଦା ମୂଳକୁ ଫିଙ୍ଗି ଦେଇଥିଲେ। ସନ୍ଦୀପଙ୍କ ସୁନା ଚେନ୍, ସୁନା ମୁଦି ଓ କାନ ଫାସିଆକୁ କାର୍ତ୍ତିକ ଓ ନରେନ୍ଦ୍ର ଖୋଲି ନେବା ପରେ ମୃତଦେହକୁ ମହାନଦୀରେ ଭସାଇ ଦେଇଥିଲେ। ପରେ ପମ୍ପ ହାଉସରେ ଲାଗିଥିବା ରକ୍ତ ଛିଟାକୁ ଭଲ ଭାବେ ଧୋଇ ସ୍କୁଟିରେ ଦୁହେଁ ଉଲୁଣ୍ଡା ପଳାଇଥିଲେ। ଏହାପରେ ଉଲୁଣ୍ଡାର ଦିବ୍ୟଙ୍କୁ ସେମାନେ ସନ୍ଦୀପଙ୍କ ଅଳଙ୍କାରଗୁଡିକୁ ବିକ୍ରି କରିବାକୁ ଦେଇଥିଲେ। ସେହିପରି ପ୍ରମାଣ ନଷ୍ଟ କରିବା ପାଇଁ ରଙ୍ଗ ବଦଳାଇବା ସକାଶେ ସ୍କୁଟିକୁ ଉଲୁଣ୍ଡାର ଏକ ଗ୍ୟାରେଜକୁ ଦେଇଥିଲେ। ତେବେ ଦିବ୍ୟ ଅଳଙ୍କାର ବିକ୍ରି କରି ନ ପାରି ଜଣେ ବ୍ୟକ୍ତିଙ୍କୁ ଦେଇଥିଲେ। ସେ ୨୫ ହଜାର ଟଙ୍କାରେ ଅଳଙ୍କାର ବିକ୍ରି କରି ଦିବ୍ୟଙ୍କୁ ଦେଇଥିଲେ। ଦିବ୍ୟ ୧୧ ହଜାର ଟଙ୍କା କାର୍ତ୍ତିକକୁ ଦେଇଥିଲେ ।

ଅନ୍ୟପକ୍ଷେ ନଦୀରେ ବନ୍ୟା କାରଣରୁ ସନ୍ଦୀପଙ୍କ ମୃତଦେହ ତଳ ମୁଣ୍ଡକୁ ଭାସି ଯାଇଥିଲା। ସନ୍ଦୀପଙ୍କ ବାପା ଦେବେନ୍ଦ୍ର ପୁଅକୁ ନ ପାଇ ୧୬ ତାରିଖରେ ବିନିକା ଥାନାରେ ଅଭିଯୋଗ କରିଥିଲେ। ଗତ ୧୮ ତାରିଖରେ ବୌଦ୍ଧ ଜିଲା ଜହ୍ନାପଙ୍କ ନିକଟ ମହାନଦୀ ଘାଟରୁ ତାଙ୍କ ମୃତଦେହ ମିଳିଥିଲା। ଏହାପରେ ସନ୍ଦୀପଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ବିନିକା ଥାନାରେ ଅଭିଯୋଗ କରିବା ସହିତ ସନ୍ଦିଗ୍ଧଙ୍କ ନାମ ପୋଲିସକୁ ଜଣାଇଥିଲେ। ପୋଲିସ କେଶ ନଂ ୧୭୮/୧୯ ମୂଳେ ହତ୍ୟା ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତନାଘନା ଜାରି ରଖିଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ଏସଆଇ ସୂର୍ଯ୍ୟକାନ୍ତ ସେଠୀ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାଲ ବିଛାଇ ଥିଲେ। ଅଭିଯୁକ୍ତ ଧରାପଡିବା ପରେ ଏବେ ଚୋରି ଅଳଙ୍କାର ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଥିବା ଏସ୍‌ପି ଶତପଥୀ କହିଛନ୍ତି। ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗ ଓ ବିନିକା ଆଇଆଇସି ପବିତ୍ର କୁମାର ସାହୁ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଇଓଙ୍କୁ ଆକ୍ରମଣ କରି ଲୁଟି ନେଲେ ୪ ଲକ୍ଷ ଟଙ୍କା

ବଲାଙ୍ଗୀର ଅଫିସ/ଟିକ୍ରାପଡା/ସଇଁତଲା,୨୪।୯ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଜନାର୍ଦ୍ଦନ ଯୋଷୀଙ୍କୁ ଆକ୍ରମଣ କରି ଲୁଟେରାମାନେ ତାଙ୍କ ଠାରୁ ୪ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଭତ୍ତା ହିତାଧିକାରୀଙ୍କ ଟଙ୍କା ନେଇ ସେ ଯାଉଥିବା ବେଳେ ଲୁଟ୍ କରାଯାଇଥିବା ଜଣାପଡିଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟା ସମୟରେ ପିଇଓ ଯୋଷୀ ଟିକ୍ରାପଡା ଗ୍ରାମ ପଞ୍ଚାୟତରୁ ତାଙ୍କ ନିଜ ଗାଁ ବେଲପଡା ବ୍ଲକର କେନ୍‌କେବା ଗାଁ ଅଭିମୁଖେ ଏକ ବାଇକ୍ (ଓଡି୦୩ପି ୮୪୮୦)ରେ ଯାଉଥିଲେ। ଫଟାମୁଣ୍ଡା-ଦେଓଗାଁ ନିକଟରେ କିଛି ଦୁର୍ବୃତ୍ତ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଲୁହାରଡ୍, ଭୁଜାଲି ଏବଂ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରାଯାଇଥିବା କୁହାଯାଇଛି। ଯୋଷୀଙ୍କୁ ଆକ୍ରମଣ କରି ତାଙ୍କ ଠାରୁ ୪ ଲକ୍ଷ ଟଙ୍କା ଲୁଟି ନେଇଥିବା କୁହାଯାଇଛି। ଗୁରୁତର ଆହତ ଯୋଷୀଙ୍କୁ ପୋଲିସ ଉଦ୍ଧାର କରିବା ପରେ ସେଠାରୁ ପାଟଣାଗଡ ଡାକ୍ତରଖାନାକୁ ନିଆଯାଇଥିବା ଜଣାପଡିଛି। ଟିକ୍ରାପଡା ଫାଣ୍ଡି ପୋଲିସ ଓ ସଇଁତଲା ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଅଞ୍ଚଳରେ ଲୁଟ୍‌ପାଟ ଘଟଣା ବୃଦ୍ଧି ପାଉ ଥିବାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି।



ଚାଷୀମାନେ ତହସିଲ ଅଫିସ୍ ଘେରାଉ କରିଛନ୍ତି।

# ତହସିଲ ଅଫିସ୍ ଘେରିଲା କୃଷକ ସଙ୍ଗଠନ

ପାଇକମାଳ, ୨୪।୯(ଡି.ଏନ.ଏ)

**ମରୁଡି ଘୋଷଣା ସହ ତିନି କୃଷି ଆଇନ ପ୍ରତ୍ୟାହାର ଦାବି**

ପାଇକମାଳ ବ୍ଲକ ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ସହ ତିନି କୃଷି ଆଇନ ପ୍ରତ୍ୟାହାର ଦାବିରେ ବରଗଡ଼ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଛି। ଏହି କ୍ରମରେ ସଙ୍ଗଠନର ଶତାଧିକ ଚାଷୀ ଶୁକ୍ରବାର ପାଇକମାଳ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ଚାଷୀମାନେ ପାଇକମାଳ ବଜାରରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାଇକମାଳ ବ୍ଲକ ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, କୃଷିଋଣ ଛାଡ, କେନ୍ଦ୍ର ସରକାରଙ୍କ ତିନି କୃଷି ଆଇନ ପ୍ରତ୍ୟାହାର, ପାଇକମାଳ ବ୍ଲକର ସମସ୍ତ ଅଞ୍ଚଳର ଜମିକୁ ଜଳସେଚନ ସୁବିଧା, ସମସ୍ତ ଉଠା ଜଳସେଚନ ଓ ଗଭୀର ନଳକୂପ ଖନନର ବିଦ୍ୟୁତ ଦେୟ ଛାଡ, ଯୁଦ୍ଧ କାଳୀନ ଭିତ୍ତିରେ ଶ୍ରମିକଙ୍କୁ କାମ ଯୋଗାଣ, ସମସ୍ତ କୃଷକ ପରିବାର ପାଇଁ ରାଶନ କାର୍ଡ ଏବଂ କାଳିଆ ଯୋଜନା ଅର୍ଥ ଯୋଗାଣ ପାଇଁ କୃଷକ ନେତାମାନେ ଦାବି କରିଥିଲେ। ପରେ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପାଇକମାଳ ତହସିଲଦାର ମନୋଜ କୁମାର ମେହେରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। କୃଷକ ନେତା ରମେଶ ମହାପାତ୍ର, ହର ବଣିଆଁ, ଅଶୋକ ସାହୁ, ବିଶ୍ୱନାଥ ରଣା, ଦହିତ ସାହୁ, ବାଳକୃଷ୍ଣ ବନଛୋର, ପିତାମ୍ବର ସାହୁ, ମୁକ୍ତେଶର ପଟେଲ, ରାହାସ ବିହାରୀ ସାହୁ, ଦେବକୀ ଭଙ୍ଗ, ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ତୃତୀୟ ଦିନରେ ୯ ପଞ୍ଚାୟତରେ ୮ହଜାର ୫୧୬ କାର୍ଡ ବଣ୍ଟନ

ଦେଓଗାଁ,୨୪।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଶୁକ୍ରବାର ସ୍ମାର୍ଟ ହେଲଥ କାର୍ଡ ବଣ୍ଟନ କାର୍ଯ୍ୟକ୍ରମର ତୃତୀୟ ଦିବସରେ ୯ଟି ପଞ୍ଚାୟତରେ ୮ହଜାର ୫୧୬ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି । ଏଥିସହ ବ୍ଲକର ସମସ୍ତ ୨୬ ପଞ୍ଚାୟତରେ ମନ୍ତ୍ରୀଙ୍କ ଦ୍ୱାରା ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହି ଦିନ ଦେଓଗାଁ ବ୍ଲକ ୧୨ନଂ ଜୋନ ବଡବନ୍ଧ ପଞ୍ଚାୟତରେ ୧୦୮୦, ଲଣ୍ଡାପଥରରେ ୧୧୬୫, ଧଣ୍ଡାମାଲରେ ୯୮୯, ସାରସମାଲରେ ୧୦୧୪, ବ୍ରାହ୍ମଣୀଯୋରରେ ୯୫୨, ବନ୍ଧପଡାରେ ୮୬୬ ଓ ୧୩ ନଂ ଜୋନର କୁଲୁତାପଡା ପଞ୍ଚାୟତରେ ୯୮୬, ଅର୍ଜ୍ଜୁନପୁରରେ ୬୯୭ ଓ ଗୁଡଖାପଲାରେ ୭୬୭ ହିତାଧିକାରୀ ଙ୍କୁ ସ୍ମାର୍ଟ ହେଲଥ କାର୍ଡ ବଣ୍ଟନ କରାଯାଇଛି। ୧୨ନଂ ଜୋନରେ ବ୍ଲକ ଅଧକ୍ଷା ରୀନା ମେହେରଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ.ଅରୁଣ କୁମାର ସାହୁ ,ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଶୁଶିଳ କୁମାର ଚାନ୍ଦ, ଆଦ୍ରିଜା ମଞ୍ଜରୀ ସିଂ ଦେଓ, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ,ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ୧୩ ନଂ ଜୋନରେ ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେରଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କାର୍ଡ ବଣ୍ଟନ କରିଥିଲେ । ବିଡିଓ ମୁରଲୀଧର ନାଏକ, ଜିଲା ପରିଷଦ ସଭ୍ୟ ଗୁରୁଦେବ ରଣା, ବିଜୁ ଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କଳା ସଂସ୍କୃତି ଏକତା ଭାବ ସୃଷ୍ଟି କରେ

ବଲାଙ୍ଗୀର ଅଫିସ,୨୪।୯

**ବଲାଙ୍ଗୀରରେ ନୂଆଖାଇ ଭେଟଘାଟ**

ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ପ୍ରାଙ୍ଗଣରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲାପାଳ ଚଞ୍ଚଳ ରାଣା, ଓଡିଶା ପର୍ଯ୍ୟଟନ ନିଗମ ଅଧକ୍ଷା ଶ୍ରୀମୟୀ ମିଶ୍ର, ବଲାଙ୍ଗୀର ଏସପି ନୀତିନ୍ କୁଶଲକର ଅତିଥି ଭାବେ ଯୋଗଦାନ କରିଥିଲେ। କବି ଆନନ୍ଦ ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅତିଥିମାନେ ନୂଆଁଖାଇ ତିହାରର ବିଶେଷତ୍ୱ ଉପରେ କହିଥିଲେ। କଳା, ସଂସ୍କୃତି କିଭଳି ଏକତା ଭାବ ସୃଷ୍ଟି କରେ କହିଥିଲେ। ଏହି ଅବସରରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ କଣ୍ଠଶିଳ୍ପୀ ସୁଶ୍ରୀ ବୀଥିକା ଚାଟାର୍ଜୀ, ନବୀନ କୁଅଁର, ଶଙ୍କର ପ୍ରଧାନ ଏବଂ ଆଲୋକ ଦାସଙ୍କୁ ଅତିଥିମାନେ ମାନପତ୍ର, ଉପାୟନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସାଂସ୍କୃତିକ ଦଳ ତାଙ୍କର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ରସରାଜ ଅଚ୍ୟୁତ୍ ପୁରୋହିତ ସଂଯୋଜନା କରିଥିଲେ। ଗୋପାଳ ପ୍ରଧାନ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ, ଗୁରୁଶ୍ରୀ ଘାସିରାମ ମିଶ୍ର, ପଦ୍ମଚରଣ ଆଚାର୍ଯ୍ୟ, ଡ. ଶ୍ରୀକର ମିଶ୍ର, ବିକାଶ ସାହୁ ଏବଂ ବହୁ କଳାକାର ଉପସ୍ଥିତ ଥିଲେ।



ନୂଆଁଖାଇ ଭେଟଘାଟ ଅବସରରେ ଅତିଥିମାନେ କଣ୍ଠଶିଳ୍ପୀ ନବୀନ କୁଅଁରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଥମ ସିଣ୍ଡିକେଟ୍ ବୈଠକ

ବଲାଙ୍ଗୀର ଅଫିସ,୨୪।୯

- ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ନାମ ହେଲା ପ୍ରଜ୍ଞା ବିହାର
- ୬ କଲେଜ ଅନୁବନ୍ଧିତ ହେଲେ

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରଥମ ସିଣ୍ଡିକେଟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ପ୍ରଜ୍ଞାବିହାର ନାମରେ ନାମିତ କରିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଏହି ବିଶ୍ୱବିଦ୍ୟାଳୟ ସହ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୬ଟି କଲେଜ ଅନୁବନ୍ଧିତ ହୋଇଛନ୍ତି। ବିନିକାର ସିଦ୍ଧାର୍ଥ କଲେଜ, ସକ୍ମାସ୍ଥିତ ଯୁବୋଦୟ କଲେଜ ଏଣ୍ଡ ଆଡଭାନ୍ସ ଟେକ୍‌ନୋଲଜି, କଣ୍ଟାବାଞ୍ଜି ମହିଳା କଲେଜ, ପାଟଣାଗଡର ପାଟଣେଶ୍ୱରୀ ମହିଳା ମହାବିଦ୍ୟାଳୟ, ଘସିଏନ୍‌ସ୍ଥିତ ପଞ୍ଚାୟତ ସମିତି କଲେଜ ଏବଂ ମେଣ୍ଡାର ମହର୍ଷି ବୁଦ୍ଧରାମ ମହାବିଦ୍ୟାଳୟ ଅନୁବନ୍ଧିତ ହୋଇଛନ୍ତି। ବୈଠକ ପ୍ରାରମ୍ଭରେ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ, ଏହା ହେଉଛି ବିଶ୍ୱବିଦ୍ୟାଳୟ ପାଇଁ ଐତିହାସିକ ଦିନ। ଏହି ବିଶ୍ୱବିଦ୍ୟାଳୟର ଉନ୍ନତି ଏବଂ ବିକାଶରେ ସିଣ୍ଡିକେଟ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସିଣ୍ଡିକେଟ୍ ଏକ ବତୀଘର ଭଳି କାମ କରିବ ବୋଲି ସେ ଆଶାପୋଷଣ କରିଥିଲେ। ଏହି ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ନୂଆଶିକ୍ଷା ନୀତି ଆପଣାଇବା ଉପରେ ଆଲୋଚନା ହୋଇଥିଲା। ଏହି ଶିକ୍ଷାନୁଷ୍ଠାନରୁ କିଭଳି ଭଲ ମଣିଷ ତିଆରି କରିହେବ ତାହା ହିଁ ପ୍ରାଥମିକତା ବୋଲି କୁହାଯାଇଥିଲା। ଏହି ଅବସରରେ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ବୋର୍ଡ ଅଫ୍ ଷ୍ଟଡିଜ୍‌କୁ ସିଣ୍ଡିକେଟ୍ ଅନୁମୋଦନ କରିଥିଲେ। ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ପ୍ରଜ୍ଞା ବିହାର ନାମରେ ନାମିତ କରାଯାଇଥିଲା। ସେହିପରି ଛାତ୍ରୀ ନିବାସଗୁଡିକୁ ଆରାଧାନା, ଉପାସନା, ନିରାଜନା ନାମରେ ନାମିତ କରାଯାଇଥିଲା। ଛାତ୍ରନିବାସ ଗୁଡିକୁ ହରିଶଙ୍କର, ଗନ୍ଧମାର୍ଦ୍ଦନ, ଋଷ୍ୟଶୃଙ୍ଗ ନାମରେ ନାମିତ କରାଯାଇଥିଲା। ବୈଠକରେ ସିଣ୍ଡିକେଟ୍ ସଦସ୍ୟ କୁଳପତି ପ୍ରଫେସର ମହାପାତ୍ର, ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସଚିବ ସୁରେନ୍ଦ୍ର କୁମାର ପଣ୍ଡା, ଡ ପାର୍ବତୀ ଗୁରୁ, ପ୍ରଫେସର ଲକ୍ଷ୍ମୀ ନାରାୟଣ ଦାଶ, ଡ ଫାଲଗୁନୀ ମହାନନ୍ଦିଆ, ଡ. ସୁଷମା ମଞ୍ଜରୀ ନାୟକ, ସନ୍ତୋଷ କୁମାର ତ୍ରିପାଠୀ, ଜୋହାନୀ ଖାକା, ଡ. ରେଣୁକା ମିଶ୍ର, ଦୀପ୍ତି ମଞ୍ଜରୀ ମେହେର, ବିଘ୍ନେଶ ପ୍ରସାଦ ମିଶ୍ର, ଡ. ସଙ୍ଗୀତା ରାଣୀ ବେଦବାକ୍, ପ୍ରଫେସର ଦୁର୍ଗାପ୍ରସନ୍ନ ମହାପାତ୍ର ଏବଂ ସରୋଜ କୁମାର ସାହୁ ଉପସ୍ଥିତ ଥିଲେ।



ପ୍ରଥମ ସିଣ୍ଡିକେଟ୍ ବୈଠକରେ ଉପସ୍ଥିତ ସଦସ୍ୟ।

# ସତ୍ୟପାଠକୁ ସନ୍ଦେହ, ତହସିଲ ଅଫିସ୍ ଘେରାଉ

ବରଗଡ଼ ଅଫିସ୍,୨୪।୯

ବରଗଡ଼ର ଜନସାଧାରଣ ତଥା ସମଲେଶ୍ୱରୀ ମନ୍ଦିର ପରିଚାଳନା କମିଟି ତରଫରୁ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲା ଉପରେ ବରଗଡ଼ ତହସିଲଦାର ଦାଖଲ କରିଥିବା ସତ୍ୟପାଠକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ସ୍ଥାନୀୟ ତହସିଲଦାରଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ଆଲୋଚନା କରିଥିଲେ। ଘଟଣାର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରିବା ପରେ କମିଟି ସହିତ ବୈଠକ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ସାମଲ କହିବା ପରେ ଲୋକେ ଘେରାଉରୁ ଓହରିଥିଲେ। ଅନ୍ୟପକ୍ଷେ ଏ ଦିଗରେ ବିହିତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସମଲେଶ୍ୱରୀ ମନ୍ଦିର ପରିଚାଳନା କମିଟି ଏବଂ ସାଧାରଣ ଜନତା ଚେତାବନୀ ଦେଇଛନ୍ତି।



ସତ୍ୟପାଠ ନେଇ ବରଗଡ଼ ଉପଜିଲାପାଳଙ୍କ ସହିତ ଆଲୋଚନା।

ପ୍ରକାଶ ଯେ, ସମଲେଶ୍ୱରୀ ଦେବୀଙ୍କ ଜମିକୁ ନେଇ ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ବିଚାରାଧୀନ ରହିଛି। ଏହି ମାମଲାରେ ଜିଲାପାଳ ଓ ଉପଜିଲାପାଙ୍କ ତରଫରୁ ବରଗଡ଼ ତହସିଲଦାର ଏକ ସତ୍ୟପାଠ ଦାଖଲ କରିଛନ୍ତି। ତେବେ ସେହି ସତ୍ୟପାଠ ଅମୂଳକ, ଉଦ୍ଦେଶ୍ୟମୂଳକ ଏବଂ ଭିତ୍ତିହୀନ ବୋଲି ସମଲେଶ୍ୱରୀ ମନ୍ଦିର ପରିଚାଳନା କମିଟି ଏବଂ ଜନସାଧାରଣ ଅଭିଯୋଗ କରିଛନ୍ତି। ପୂର୍ବରୁ ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ରିପୋର୍ଟରେ ସେ ନେଇ ବରଗଡ଼ ତହସିଲ ଅଫିସରେ କୌଣସି ନଥିପତ୍ର ଉପଲବ୍ଧ ନ ଥିବା ଉଲ୍ଲେଖ କରି ରିପୋର୍ଟ ଦିଆଯାଇଥିଲା। ପରେ ଉଚ୍ଚ ନ୍ୟାୟାଳରେ ସେ ନେଇ ଦାଖଲ ହୋଇଥିବା ସତ୍ୟପାଠ ସନ୍ଦେହଜନକ ବୋଲି ଅଭିଯୋଗ କରି ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସମୀର ପ୍ରଧାନ, ପ୍ରଶାନ୍ତ ମହାପାତ୍ର, ପ୍ରୀତମ ସିଂଙ୍କ ସମେତ ବହୁଲୋକ ଏଥିରେ ସାମିଲ ହୋଇଥିଲେ।

**ଜଙ୍ଗଲ କାଟିବା ଅଭିଯୋଗରେ ୨୦ ଗିରଫ**

ବେହେରା(ଡି.ଏନ.ଏ.): ଜଙ୍ଗଲ କାଟିବା ଅଭିଯୋଗରେ ୨୦ଜଣଙ୍କୁ ଶୁକ୍ରବାର ଗିରଫ କରିଛି କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ବେହେରା ବନବିଭାଗ ଟିମ୍। ସେମାନଙ୍କୁ ବେହେରା ବନବିଭାଗ ଅଫିସରେ ରଖାଯାଇଛି। ଶନିବାର ଧର୍ମଗଡ କୋର୍ଟକୁ ପଠାଯିବ ବୋଲି ଫରେଷ୍ଟର ଫାଲଗୁନି ମେହେର ସୂଚନା ଦେଇଛନ୍ତି। ସେମାନେ ସମସ୍ତେ ନବରଙ୍ଗପୁର ଜିଲାର ଡେଙ୍ଗାଗୁଡା, ଜୁନାପାଣି, ଜାମପାଣି, ଟିକିଲି ଓ କେନ୍ଦୁସାହିର ବାସିନ୍ଦା ବୋଲି ଜଣାପଡିଛି। ସୂଚନା ଯେ, ୨୦ଜଣ ପୋଡୁଚାଷ କରିବା ପାଇଁ ଜଙ୍ଗଲ କାଟି ସଫା କରିଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ବେହେରା ଫରେଷ୍ଟ ଟିମ୍ ସାହାଜଖୋଲ ଜଙ୍ଗଲ କୁମପେନ ଅଞ୍ଚଳରୁ ସେମାନଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ଛୁରା ମାଡ଼

ରେଢ଼ାଖୋଲ,୨୪।୯ (ଡି.ଏନ.ଏ.): ସମ୍ବଲପୁର ଜିଲା ରେଢାଖୋଲ ଥାନା ଅନ୍ତର୍ଗତ ଝାଙ୍କରପଡା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଶ୍ୱଶୁର ଘରକୁ ଆସିଥିବା ଜ୍ୱାଇଁଙ୍କୁ ଛୁରା ମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ରେଢାଖୋଲ ପୋଲିସ ଗ୍ରାମକୁ ଯାଇ ତଦନ୍ତ କରିବା ସହ ଦୁର୍ବୃତ୍ତମାନେ ଛାଡି ଯାଇଥିବା ଏକ ବାଇକ୍ ଓ ଛୁରା ଜବତ କରିଛି। ସୂଚନା ମତେ ଝାଙ୍କରପଡା ଗ୍ରାମର ପୁଷ୍ପାଞ୍ଜଳି ସାହୁ ଅନୁଗୋଳ ଜିଲା କିଆକଟା ଥାନା ଧୁଡିଆପଡା ଗ୍ରାମରେ ବିବାହ କରିଥିଲେ। ତେବେ ଶାଶୁ ଘରେ ପାରିବାରିକ ସମସ୍ୟା ଯୋଗୁ ଗତ ୮ ମାସ ହେବ ସେ ବାପଘରେ ଆସି ରହୁଥିଲେ। ଗୁରୁବାର ରତ୍ନାବଡମାଳ ଗ୍ରାମର ବଡଜ୍ୱାଇଁ ପ୍ରେମାନନ୍ଦ ବେହେରା ଶାଳି ପୁଷ୍ପାଞ୍ଜଳିଙ୍କ ପାରିବାରିକ ସମସ୍ୟା ସମାଧାନ କରିବାକୁ ଆସିଥିଲେ। ରାତିରେ ସେ ଶ୍ୱଶୁର ଘରେ ଶୋଇଥିବା ବେଳେ ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି କବାଟ ବାଡେଇଥିଲେ। ପରିବାର ଲୋକେ କବାଟ ଖୋଲିବା ପରେ ସମ୍ପୃକ୍ତ ଯୁବକମାନେ ପ୍ରେମାନନ୍ଦଙ୍କୁ ଘରଭିତରୁ ଟାଣିନେଇ ଛୁରିରେ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ।

### ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ରେଢାଖୋଲ,୨୪।୯ (ଡି.ଏନ.ଏ.): ରେଢାଖୋଲ ରେଞ୍ଜ ଅନ୍ତର୍ଗତ ଘୋଷରାମାଳ ପଞ୍ଚାୟତର ବ୍ରାହ୍ମଣି ଗ୍ରାମରେ ଗୁରୁବାର ରାତିରେ ଏକ ହାତୀ ଆକ୍ରମଣରେ ସୁମିତ୍ରା ଦେହୁରି (୫୫) ନାମ୍ନୀ ମହିଳାଙ୍କ ମୃତ୍ୟୁ ହୋଇଛି। ଖବରପାଇ ରେଢାଖୋଲ ରେଞ୍ଜ କର୍ମଚାରୀ ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ଶୁକ୍ରବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନାମତେ ସୁମିତ୍ରାଙ୍କ ସ୍ୱାମୀ ପୀତାମ୍ବର କୌଣସି କାମରେ ବାହାରକୁ ଯାଇଥିବା ବେଳେ ଘରକୁ ଫେରି ନ ଥିଲେ। ସୁମିତ୍ରା ଅନ୍ୟ ଜଣଙ୍କ ସହ ତାଙ୍କୁ ଖୋଜିବାକୁ ଯାଉଥିବା ବେଳେ ଜଙ୍ଗଲିଆ ରାସ୍ତାରେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ମୃତକଙ୍କ ପରିବାର ବର୍ଗଙ୍କୁ ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଡିଏଫ୍‌ଓ ରମାକାନ୍ତ ନାୟକ କହିଛନ୍ତି।

# କମଳା ହାରିସ୍‌ଙ୍କୁ ମୋଦିଙ୍କ ସ୍ୱତନ୍ତ୍ର ଉପହାର



ଆମେରିକା ଉପରାଷ୍ଟ୍ରପତି କମଳା ହାରିସଙ୍କ ସହ ସେଲ୍ଫି ନେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।




ପ୍ରଧାନମନ୍ତ୍ରୀ ଉପହାର ଦେଇଥିବା ଚେସ୍ ସେଟ୍।

ୱାଶିଂଟନ,୨୪।୯

୩ ଦିନିଆ ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସେଠାକାର ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ହ୍ୱାଇଟ୍ ହାଉସ୍‌ରେ ସାକ୍ଷାତ୍ କରିଛନ୍ତି। ହାରିସ୍ ଆମେରିକାର ଉପରାଷ୍ଟ୍ରପତି ହେବା ପରେ ଉଭୟ ନେତାଙ୍କ ମଧ୍ୟରେ ଏହା ହେଉଛି ପ୍ରଥମ ଭେଟ। ଏହି ଅବସରରେ ମୋଦି ହାରିସ୍‌ଙ୍କୁ ସ୍ୱତନ୍ତ୍ର ଉପହାର ଦେଇଛନ୍ତି।

### ଆତଙ୍କବାଦ ପ୍ରସଙ୍ଗରେ ପାକିସ୍ତାନକୁ ଆମେରିକାର ତାଗିଦ

ସାକ୍ଷାତ୍ ବେଳେ ପ୍ରଧାନମନ୍ତ୍ରୀ ମୋଦି କମଳା ହରିସ୍‌ଙ୍କୁ ପୂର୍ବରୁ ଭାରତ ସରକାରଙ୍କ ଅଧୀନରେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ତାଙ୍କ ଅଜା ପି.ଭି. ଗୋପାଲନ୍ ସହ ସମ୍ପର୍କିତ ଏକ ପୁରୁଣା ବିଜ୍ଞପ୍ତିର ନକଲ, କାଠରେ ତିଆରି କଳାକୃତିର ଫ୍ରେମ୍ ଓ ବାରାଣସୀର 'ଗୁଲାବୀ ମୀନାକରି' ଚେସ୍ ସେଟ୍ ଉପହାର ଦେଇଛନ୍ତି। ଏହାସହ ମୋଦି ଭାରତ ଓ ଆମେରିକାକୁ ସ୍ୱାଭାବିକ ସହଯୋଗୀ ଭାବେ ଅଭିହିତ କରିଛନ୍ତି। ଦୁଇନେତା ଭାରତ-ଆମେରିକା ପ୍ରତିରକ୍ଷା ସହଯୋଗିତା ଏବଂ ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ସମେତ ଗଣତନ୍ତ୍ର ପ୍ରତି ବିପଦ ଭଳି ବୈଶ୍ୱିକ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଭାରତ ବିରୋଧରେ ଆତଙ୍କବାଦ ବନ୍ଦ କରିବା ପାଇଁ ହାରିସ୍ ପାକିସ୍ତାନକୁ ତାଗିଦ କରିଥିବା ନେଇ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଭାରତର ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଏହି ବିଷୟରେ ଗଣମାଧ୍ୟମକୁ ଜଣାଇଛନ୍ତି। କ୍ୱାଡ୍ ସମ୍ମିଳନୀ ପାଇଁ ସେଠାରେ ଉପସ୍ଥିତ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ଏବଂ ଜାପାନ ପ୍ରତିପକ୍ଷ ଜୋଶିହିଦେ ସୁଗାଙ୍କୁ ମଧ୍ୟ ମୋଦି ଉପହାର ଦେଇଥିଲେ।

# ନାବାଳିକାଙ୍କୁ ଗଣବଳାତ୍କାର: ୨ଗିରଫ

ଦେବଗଡ଼/ରିଆମାଳ, ୨୪।୯(ଡି.ଏନ୍.ଏ.)



ଗିରଫ ଯୁବକ ଦ୍ୱୟ।

ଦେବଗଡ଼ ଜିଲା ରିଆମାଳ ଥାନା ଅଞ୍ଚଳରେ ଜନୈକା ନାବାଳିକା (୧୨)ଙ୍କୁ ଜଙ୍ଗଲକୁ ଟେକିନେଇ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପୋଲିସ ରିଆମାଳ ଥାନା କଙ୍କରଖୋଳ ଗ୍ରାମର ସୁବାସ ବାଦୀ(୨୧) ଓ ଚିନ୍ମୟ ବାଦୀ(୨୨)ଙ୍କୁ ଗିରଫ କରିଛି। ଦେବଗଡ଼ ଏସ୍‌ପି ରାଜକିଶୋର ପାଇକରାୟ ଓ ରିଆମାଳ ଥାନା ଅଧିକାରୀ ଗୋପବନ୍ଧୁ ବେହେରା ସଦଳବଳ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେଠାରୁ ଅଭିଯୁକ୍ତ ଦ୍ୱୟଙ୍କର ଚପଲ, ମନିପର୍ସ, ଆଧାର କାର୍ଡ ଓ ନାବାଳିକାଙ୍କ ଅନ୍ତଃବସ୍ତ୍ର ଜବତ କରିଥିଲେ। ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନାବାଳିକା ତାଙ୍କ ବଡବାପାଙ୍କ ଘରେ ରହି ପାଠ ପଢନ୍ତି। ବୁଧବାର ସନ୍ଧ୍ୟାରେ ଟ୍ୟୁଶନ ସାରି ଏକ ସାଇକେଲ ଯୋଗେ ଛତାବର ଗ୍ରାମକୁ ଫେରୁଥିଲେ। ତେବେ ନିକଟସ୍ଥ କଙ୍କରଖୋଳ ଗ୍ରାମର ସୁବାସ ଓ ଚିନ୍ମୟ ନାବାଳିକାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକିନେଇ ବଳାତ୍କାର କରିଥିଲେ। କିଛି ସମୟ ପରେ ଏକ ଦମ୍ପତି ବାଇକ୍ ଯୋଗେ ଉକ୍ତ ଜଙ୍ଗଲ କଡ ରାସ୍ତାଦେଇ ଯାଉଥିବାବେଳେ ନାବାଳିକା ସହାୟତା ଲାଗି ଚିତ୍କାର କରିଥିଲେ। ନାବାଳିକା ପାଟିକରିବାରୁ ଅଭିଯୁକ୍ତ ଯୁବକ ଦ୍ୱୟ ସେଠାରେ ତାଙ୍କୁ ଛାଡି ଚାଲିଯାଇଥିଲେ। ନାବାଳିକା ସେଠାରୁ କାନ୍ଦିକାନ୍ଦି ଘରକୁ ଫେରିବା ପରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଏନେଇ ବିଚାରବିମର୍ଶ କରିବା ପରେ ଗୁରୁବାର ସନ୍ଧ୍ୟାରେ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଶୁଆ ତେଲି
ଯାଉଥା ପେଲି।**

ନ ବୁଝି ନ ଶୁଝି ଆଗକୁ ମାଡ଼ି ଚାଲିଲେ ବିପଦ ମୁଣ୍ଡେଇବାର ସମ୍ଭାବନା ରହିଥାଏ। ହୋସ୍ ନ ଥାଇ ଆଗମୁହାଁ ହୋଇ ଧାଉଁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନାକ ଥିଲେ ଗୁଣା ନାହିଁ
ଗୁଣା ଥିଲେ ନାକ ନାହିଁ।**

ଈଶ୍ୱର ସମସ୍ତଙ୍କୁ ସବୁ ଜିନିଷ ପରିପୂର୍ଣ୍ଣ କରି ଦେଇ ନ ଥାନ୍ତି। କାହାର ବହୁ କୁଟୁମ୍ବ ଅଥଚ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ହେଉଛି ତ ପୁଣି କାହାର ଅଚଳାଚଳ ସମ୍ପତ୍ତି ଅଛି କିନ୍ତୁ ସେସବୁ ଭୋଗ କରିବାକୁ କେହି ନାହାନ୍ତି। କାହାର ରାଜପ୍ରାସାଦ ପରି ବିରାଟ ଘର କିନ୍ତୁ ରହିବାକୁ କେହି ଲୋକ ନାହାନ୍ତି, ପୁଣି କାହାର ଲୋକବାକ ଥିଲେ ବି ରହିବାକୁ ଘର ଖଣ୍ଡିଏ ନାହିଁ। ଈଶ୍ୱରଙ୍କ ସୃଷ୍ଟିରେ ଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟକରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

### ୫ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୪।୯(ବ୍ୟୁରୋ): ରାଜଧାନୀରେ ଦୀର୍ଘଦିନ ଧରି ବ୍ରାଉନସୁଗାର କାରବାର କରୁଥିବା ଜଣେ ବେପାରୀଙ୍କୁ ତମାଣ୍ଡୋ ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ମୁକ୍ତାପୁର ଗ୍ରାମର ମନୋଜ ବେହେରା(୩୮)। ତାଙ୍କଠାରୁ ପୋଲିସ ଗୋଟିଏ ମୋବାଇଲ ଓ ୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ପୂର୍ବାହ୍ନରେ ଅଭିଯୁକ୍ତ ମନୋଜ ବ୍ରାଉନସୁଗାର ବିକ୍ରି ପାଇଁ ତମାଣ୍ଡୋ ଓଭରବ୍ରିଜ୍ ତଳେ ଠିଆ ହୋଇ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଖବର ପାଇ ପୋଲିସ ତାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା।


**OFFICE OF THE MUNICIPAL COUNCIL, JATNI**

No. 4196 Date: 18.09.2021

**QUOTATION CALL NOTICE**

No. C-1018: Sealed quotations are invited from Registered Electrical Contractor/Reputed Firms/Manufacturers/Suppliers having valid Income Tax and GST Registration Certificate for supply and installation of luminaries in Park and open space in Jatni Municipality in two cover bid. The cover one will contain Technical Bids and the cover two will contain the price bid. After evaluation of Technical Bid the Financial Bid of qualified biddes will be opened. Preference shall be given to those supplier who have already rendered similar type of services to various Urban Local Bodies of Odisha State Government. The rate should be inclusive of all taxes, conveyance etc. complete in all respect. The tender paper will be available in Jatni Municipality Office on payment of Rs.2000/- (Rupees two thousand) and EMD of Rs.10000/- (Rupees ten thousand) in shape of Cash/Bank Draft in favour of Executive Officer, Jatni Municipality. The quotation shall be submitted on or before Dt.28.09.2021 at 3.00 P.M. and the bid will be opened at 3.30 P.M. in the presence of the bidder or their authorized representative. The Detailed Quotation Call Notice is also available in district web portal **https://khordha.nic.in**. The undersigned reserves all rights to reject any or all quotations without assigning any reason thereof.

**Sd./- Executive Officer, Jatni Municipality**
OIPR-13041/11/0016/2122

**OFFICE OF THE DEPUTY DIRECTOR OF TEXTILES, BARGARH**
At/P.O./District- Bargarh, PIN-768028
Email- adt-bargarh@gov.in/ddtbargarh@gmail.com

Advt. No. 2688 Dated: 22.09.2021

**TENDER CALL NOTICE**

No. PP-39: Sealed tender quotation is inviting from the registered bidders having expertise in the field of erection & installation of 20 nos. of hoardings on feature on hand looms welfare schemes in different places of Bargarh & Sambalpur district. The list of identified locations, specified features to be displayed in hoarding and other detail term and conditions are available in website **www.sadhacodisha.org, www.boyanika.com & www.sambalpuribastralaya.com**.
Interested bidders may submit their tender as "Tender for erection and installation of Handloom hoardings to the undersigned through Speed Post/Registered Post/Courier service in Office of the **Deputy Director of Textiles Bargarh**. The tender shall be reached on or before 2 PM of dated 05.10.2021 positively and will be opened by the committee in presence of the bidders at 3.00 PM on the same date. The undersigned reserves the right to reject any or all the tenders without any reason thereof.

**Sd./- S.K.Nag**
**Deputy Director of Textile, Bargarh**
OIPR-31032/11/0001/2122

**GOVERNMENT OF ODISHA** No. O-767
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH**
At/P.O.- Sankara, Sundargarh - 770020, E-mail: address-serw_sundargarh@yahoo.com
No. Tender Online - RWCCESNG-15 of 2021-22 Letter No. 2952 / Dtd.23.09.21

**e-Procurement Notice**

1. Type of the Work : Building
2. Class of Contractor : As specified in the Column - 6 of the Annexure
3. Time of Completion : As specified in the Column - 5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column - 4 of the Annexure
6. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 15 of 2021-22 | 29.09.2021 11.00 A.M. | 22.10.2021 3.00 P.M. | 21.10.2021 3.00 P.M. | 26.10.2021 11.00 A.M. | Will be intimated separately |

Furtehr details can be seen from the website **www.tendersodisha.gov.in**.

**Sd./- Chief Construction Engineer, Rural Works Circle, Sundargarh**
OIPR-25133/11/0023/2122

**ତହସିଲ କାର୍ଯ୍ୟାଳୟ, କାମାକ୍ଷାନଗର**
**ଜିଲ୍ଲା-ଢେଙ୍କାନାଳ**
ସଂଖ୍ୟା 3945/ତାରିଖ: 23.09.2021

**ଲଘୁ ଖଣିଜ ସକାଶେ ଦୀର୍ଘମିଆଦୀ ଲିଜ୍ ଇସ୍ତାହାର**

No. F-151:- ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ କାମାକ୍ଷାନଗର ତହସିଲ ଜିଲ୍ଲା: ଢେଙ୍କାନାଳ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡ଼ିକର ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ପାଇଁ ତହସିଲଦାର, କାମାକ୍ଷାନଗରଙ୍କ ଦ୍ୱାରା ତା୨୨.୧୦.୨୦୨୧, ୨୯.୧୦.୨୦୨୧, ୦୫.୧୧.୨୦୨୧ରିଖ ଯଥାକ୍ରମେ ୧ମ, ୨ୟ ଓ ୩ୟ ପର୍ଯ୍ୟାୟରେ ନିଲାମ କରାଯିବ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ)ରେ ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.dhenkanal.nic.inରେ ଉପଲବ୍ଧ ହେବ।

ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତଗୁଡ଼ିକରେ ତହସିଲ କାର୍ଯ୍ୟାଳୟରେ ଥିବା ନିଲାମ ବାକ୍ସ, ରେଜେଷ୍ଟ୍ରି ପୋଷ୍ଟ କିମ୍ୱା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିଲାମ ତାରିଖର ପୂର୍ବଦିନ ଯଥା ତା ୨୧.୧୦.୨୦୨୧, ୨୮.୧୦.୨୦୨୧, ୦୪.୧୧.୨୦୨୧ରିଖ ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୫ ଘଣ୍ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତଗୁଡ଼ିକ ଗ୍ରହଣଯୋଗ୍ୟ ହେବନାହିଁ।

ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି।

ସ୍ୱା./- ତହସିଲଦାର, କାମାକ୍ଷାନଗର
OIPR-24065/11/0005/2122

**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
**OFFICE OF THE EXECUTIVE ENGINEER, LIFT IRRIGATION DIVISION, SUBARNAPUR**
E-mail ID: eeolicsnp@gmail.com

**NOTICE INVITING REQUEST FOR PROPOSAL FOR SELECTION OF FACILITY MANAGEMENT AGENCY FOR ENGAGEMENT OF UNARMED SECURITY GUARD**

NO. 2227 Dt. 21.09.21

No. CAD-1290: Executive Engineer, Lift Irrigation Division, Subarnapur invites sealed proposals from eligible bidders (Firms/Agencies) interested to provide "Facility Management Services" on outsourcing basis vide a service contract to be engaged at Lift Irrigation Divison, Subarnapur.
Tender documents can be had from the Office of the Executive Engineer, Lift Irrigation Division, Subarnapur during office hours on working days from **Dt.28.09.21 to Dt.07.10.21** on application and payment of cost of tender paper (non-refundable Rs.4000/-) in shape of Bank Draft/Banker's Cheque drawn on any Nationalized Bank in favour of **Executive Engineer, Lift Irrigation Division,** Subarnapur payable at Subarnapur. The details as below:

| Cost of Tender Paper | Mode of Payment | GST @ 5% on Paper Cost | Mode of Payment of GST @ 5% on Paper Cost |
|---|---|---|---|
| Rs.4000/- (Rupees Four thousand only) | In shape of Bank Draft/Banker's Cheque drawn on any Nationalized Bank in favour of Executive Engineer, Lift Irrigation Division, Subarnapur payable at Subarnapur | Rs.200/- (Two hundred only) | Through Challan to be deposited in GST No. 21AAACO5986G1ZF of OLIC |

The completed tender documents shall be received at L.I. Division, Subarnapur by Speed Post/Registered Post/Courier only upto 02.00 P.M. of Dt.08.10.21 which will be opened at Lift Irrigation, Subarnapur on the same day at 03.30 P.M. in presence of tenderers or their authorized representative if any.
The tender must be accompanied with all required documents/EMD as per DTCN in absence of which the tender will summarily be rejected.
The undersigned reserves the right to accept or reject any or all the tenders without assigning any reason thereof.

**Sd./- Executive Engineer, L.I. Division, Subarnapur**
OIPR-32316/11/0001/2122

**ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର**

**ବିଜ୍ଞାପନ**

ପତ୍ର ସଂଖ୍ୟା ୮୩୩୧ ତା୨୪।୦୯।୨୦୨୧

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସାମାଜିକ ସୁରକ୍ଷା ଯୋଜନାର ବାର୍ଷିକ ତଦନ୍ତ ଅନ୍ତର୍ଗତ ମଧୁବାବୁ ପେନସନ ଯୋଜନା ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା ଇତ୍ୟାଦି ପାଇଁ ଆସନ୍ତା ତା୨୭।୦୯।୨୦୨୧ରିଖରୁ ତା୦୮।୧୦।୨୦୨୧ରିଖ ପର୍ଯ୍ୟନ୍ତ ସମ୍ପୃକ୍ତ ୱାର୍ଡ଼ କାର୍ଯ୍ୟାଳୟରେ ତଦନ୍ତ କରାଯିବ। ଏଥିରେ ଉପଯୁକ୍ତ ହିତାଧିକାରୀଙ୍କୁ ଚୟନ କରିବା ସହିତ ଅନୁପଯୁକ୍ତ ହିତାଧିକାରୀଙ୍କୁ ବାଦ ଦିଆଯିବ। ଏହି କାର୍ଯ୍ୟକ୍ରମ ନିମ୍ନ ସୂଚୀମତେ କରାଯିବ। କୌଣସି ବ୍ୟକ୍ତିଙ୍କର ଆପତ୍ତି ଅଭିଯୋଗ ଥିଲେ ତା୦୮।୧୦।୨୦୨୧ରିଖ ସୁଦ୍ଧା ନିଜ ୱାର୍ଡ଼ ଅଫିସର ତଦନ୍ତ କମିଟି ପାଖରେ ଯୋଗାଯୋଗ କରିବା ହେବେ। ନିର୍ଦ୍ଧାରିତ ସମୟ ସୀମା ପରେ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

| Sl. No. | Date | Ward No. | Time | Members of the Verifying Team | Location |
|---|---|---|---|---|---|
| 1 | 27.09.2021 | 1, 3, 8 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 2 | 28.09.2021 | 2, 4, 9, 13, 35, 21 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 3 | 29.09.2021 | 10, 31, 16, 39 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 4 | 30.09.2021 | 6, 11, 17, 32, 41 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 5 | 01.10.2021 | 7, 12, 36, 27 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 6 | 04.10.2021 | 18, 19, 20, 25, 38 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 7 | 05.10.2021 | 14, 22, 24, 26, 29, 34 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 8 | 07.10.2021 | 23, 15, 28, 40, 37 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 9 | 08.10.2021 | 5, 30, 33 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |

ସ୍ୱା./- ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର

**ତହସିଲ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ଜିଲ୍ଲା: କୋରାପୁଟ**

ବିଜ୍ଞପ୍ତି ସଂଖ୍ୟା: ୧୮୪୧/୨୦୨୧ (ସୈରାତ) ତା୨୧।୦୯।୨୦୨୧

**ଲଘୁ ଖଣିଜ ଉତ୍ସ ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ପଟ୍ଟାଙ୍ଗି ତହସିଲ ଅନ୍ତର୍ଗତ ନିମ୍ନ ପ୍ରଦତ୍ତ ଲଘୁ ଖଣିଜ ସୈରାତ ଉତ୍ସଗୁଡ଼ିକର ଓଡ଼ିଶା ଦ୍ରବ୍ୟ ରିହାତି ଆଇନ, ୨୦୧୬ ଓ ଏହାର ସଂଶୋଧନ ଆଇନ ୨୦୧୮ ମୁତାବକ ଆସନ୍ତା ୦୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC, Rule-2016ର ଫର୍ମ M (Form-M) ପୂରଣ କରି ଏହାର ତିନି କପି ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ ପୂର୍ବକ ଠିକ୍ ଭାବରେ ବନ୍ଦ ଥିବା ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ପ୍ରଥମ ପର୍ଯ୍ୟାୟ ତା୨୫।୦୯।୨୦୨୧ଠାରୁ ୧୬।୧୦।୨୦୨୧ ସମୟ ଅପରାହ୍ନ ଘ୦୪.୩୦ମିନିଟ୍, ଦ୍ୱିତୀୟ ପର୍ଯ୍ୟାୟ ତା୨୧।୧୦।୨୦୨୧ରିଖଠାରୁ ୨୭।୧୦।୨୦୨୧ ସମୟ ଅପରାହ୍ନ ଘ୦୪.୩୦ମିନିଟ୍ ଏବଂ ଶେଷ ପର୍ଯ୍ୟାୟ ତା୩୦।୧୦।୨୦୨୧ରିଖଠାରୁ ୦୫।୧୧।୨୦୨୧ ସମୟ ଅପରାହ୍ନ ଘ୦୨.୦୦ ମିନିଟ୍ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଠିକା ପେଟିକା (Tender Box)ରେ ପକାଇ ପାରିବେ କିମ୍ବା ରେଜିଷ୍ଟ୍ରି ବା କ୍ଷିପ୍ର ଡାକ ମାଧ୍ୟମରେ ପଠାଇପାରିବେ। ଏହି ବିଜ୍ଞାପନର ସମସ୍ତ ବିବରଣୀ କୋରାପୁଟ ଜିଲ୍ଲା ୱେବସାଇଟ୍ **www.koraput.nic.in**ରେ ଦେଖିପାରିବେ। ଯଦି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି।

| କ୍ରମିକ ନଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ରକବା (ଏକରରେ/HC) | କିସମ | ରୟାଲଟି ଦର (ଟଙ୍କାରେ/ଘ.ମି. ପ୍ରତି) | ଅତିରିକ୍ତ ଦେୟ କର (ଟଙ୍କାରେ/ଘ.ମି. ପ୍ରତି) |
|---|---|---|---|---|---|---|---|---|
| ୧ | ପଥର ଖଣି | ଓଲାପାରୁ | 25 | 39 | 4.80/1.942 | କୁପୁଲି | 130.00 | 8.00 |
| ୨ | ମୋରମ ଖଣି | ଓଲାପାରୁ | 25 | 200 | 12.30/4.97 | କୁପୁଲି | 35.00 | 2.00 |
| ୩ | ପଥର ଖଣି | ସରଗି ଗୁଡ଼ା | 76 | 507 | 9.00/3.64 | ପାହାଡ଼ | 130.00 | 8.00 |
| ୪ | ପଥର ଖଣି | କରଞ୍ଜ ଗୁଡ଼ା | 41 | 157 | 4.90/1.98 | ପାହାଡ଼ | 130.00 | 8.00 |
| ୫ | ମୋରମ ଖଣି | ପୁକାଲି | 186 | 245 | 6.30/2.549 | ପାହାଡ଼ | 35.00 | 2.00 |

ସ୍ୱା./- ତହସିଲଦାର, ପଟ୍ଟାଙ୍ଗି, ଜିଲ୍ଲା: କୋରାପୁଟ

**THE ODISHA AGRO INDUSTRIES CORPORATION LIMITED**
95, Satyanagar Bhubaneswar - 751007

**EMPANELMENT OF ELECTRICAL CONTRACTORS**

No. CAD-1293: Applications are invited for empanelment of electrical contractors in the corporation in prescribed form from eligible electrical contractors/firms having HT license in confirmty to OERC for execution of all types of electrical works at different locations of Odisha. The vendors/contractors should have sufficient experience in construction & execution of projects with electrical works. The interested firms/contractors may submit their non-bidding Expression of Interest (EOI) on or before **Dt.25.10.2021 upto 4 P.M.** The application form if downloaded from **http://odishaagro.nic.in** be attached with non-refundable fee in shape of Demand Draft (D.D.) for **Rs.5900/- (Rupees five thousand nine hundred only) (Incl. of GST)** of any Nationalized Bank drawn in favour of M.D. The Odisha Agro Industries Corporation Ltd. payable at Bhubaneswar along with required documents as specified in the form. Application form can also be purchased from the Head Office of OAIC Ltd., Bhubaneswar on payment of **Rs.5900/- (Rupees five thousand nine hundred only)** (Non-refundable) in shape of Bank Draft or Cash on all working days. The undersigned reserves the right to accept/reject any or all application(s) without assigning any reason thereof.

**Sd./- Managing Director**
OIPR-01047/11/0014/2122




## ଜଙ୍ଗଲ ସଂରକ୍ଷଣ

ବିଦ୍ୟାଳୟ ପରିସରରେ
ଅଥବା ରାସ୍ତା କଡ଼ରେ
ବୃକ୍ଷରୋପଣ କରି କରାଇ
ଆଗକୁ ପାଦେ ବଢ଼ରେ।
ଜଙ୍ଗଲରୁ କାଠ କାଟିବାକୁ
ନିଷିଦ୍ଧ କରାଯାଇଛି
ପଶୁପକ୍ଷୀଙ୍କ ଶିକାର ବନ୍ଦ
ଘୋଷଣା କରା ହୋଇଛି।
ବିଦ୍ୟାଳୟରେ ଗଠନ ହୋଇ
'ଇକୋ' କ୍ଲବ ତ ରହିଛି
ବୃକ୍ଷରୋପଣ କରିବା ଲାଗି
ବାରତା ନିତି ଦେଉଛି।
ରାସ୍ତା ତିଆରି କରିବା ପାଇଁ
ଗଛ କାଟିବ ଯେବେ
ଲଗାଇବାକୁ ହେବ ନିହାତି
ସେତିକି ଗଛ ତେବେ।
ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର
ପୁରସ୍କାର ଦିଆଯାଉଛି
ବନୀକରଣ କରୁଛି ଯିଏ
ସିଏ ତାହାକୁ ପାଉଛି।

–**ନିରଞ୍ଜନ ସାହୁ**, *ନିହଲପ୍ରସାଦ, ଗଁଦିଆ ପାଟଣା, ଢ଼େଙ୍କାନାଳ*

## ଘାଣ୍ଟ ତରକାରି

ଦ୍ୱିତୀୟା ଓଷାର ପରଦିନ ହୁଏ
ଗଜାମୁଗ ତରକାରି
ଘାଣ୍ଟ ତରକାରି ଖାଇବାକୁ ଲାଗେ
ସତରେ ସୁଆଦ ଭାରି

ଦିନକ ଆଗରୁ ବୋଉ,
ଯୋଗାଡ଼ି ରଖଇ ଗଜାମୁଗ, ବୁଟ
ଦେଶୀଆଳୁ, ସାରୁ, ଓଉ।

କଖାରୁ, କଦଳୀ, କନ୍ଦମୂଳ, ଆଳୁ
ମସଲା, ଖଣ୍ଡନଡ଼ିଆ
ସବୁକୁ ପକାଇ ରାନ୍ଧିଦିଏ ବୋଉ
ଲାଗଇ ଭାରି ବଢ଼ିଆ

ଗରମ ଗରମ ଆଣି,
ପରଷି ଦିଅଇ ଭାତ ସଂଗେ ଘାଣ୍ଟ
ଆମ ମନକଥା ଜାଣି।

ବୋଉ ରାନ୍ଧୁଥାଏ ଘାଣ୍ଟ ତରକାରି
ମହକଇ ଆମ ଘର
ରନ୍ଧା କାମ ଏବେ ସରିଲା କି ନାହିଁ
ଉଣ୍ଡୁଥାଏ ବାର ବାର।

–**ଜୟକୃଷ୍ଣ ସାହୁ**
*କପିଳପ୍ରସାଦ, ଭୁବନେଶ୍ୱର*

## ବୃକ୍ଷ

ଚେରରେ ଧରିଛି ମାଟିକୁ ଜାବୁଡ଼ି
ଛିଡା ହୋଇଛି ସେ ଜୀବନ ସାରା,
ଗଭୀର ମାଟିରୁ ଜଳ ଟାଣି ଆଣି
ଶୀତଳ ରଖୁଛି ଆମରି ଧରା।
ବାସଗୃହ,ଖାଦ୍ୟ,ଆସବାବପତ୍ର
ପୋଷାକ, କାଗଜ ଦାନ ବୃକ୍ଷର,
ଜଳ,ବାୟୁ,ମାଟି ସୁସ୍ଥ ପରିବେଶ
ଦେଇଥାଏ ବୃକ୍ଷ ଯେ ବାରମ୍ବାର।
ଏତେ ସବୁ ପାଇ ତଥାପି ମଣିଷ
କୃତଘ୍ନ ହୋଇଣ କାଟେ ଗଛକୁ ,
କେମିତି କହିବା ଜ୍ଞାନୀ ଏ ମଣିଷ
ହୁଇସିଲ୍ ମାରି ଡାକେ ଧ୍ୱଂସକୁ।
ରୋଗ ବଇରାଗ ନିମନ୍ତ୍ରଣ କରେ
ଭଳିଭଳି ରୋଗ ଆସଇ ମାଡି ,
ଉତ୍ତାପ ବଢୁଛି ଦିନୁଦିନ ପୁଣି
ଗ୍ଲେସିଅର ସବୁ ଯାଏ ତରଳି।
ସମୁଦ୍ର ପତନ ବଢିବଢି ଚାଲେ
ଜଳାର୍ଣ୍ଣବ ହେବ ସତେକି ପୃଥ୍ୱୀ,
ସ୍ୱାର୍ଥପର ଏଇ ମଣିଷ କେମିତି
ଭବିଷ୍ୟତ କଥା ପାରୁନି ଚିନ୍ତି।

–**ଅରୂପ କୁମାର ବିଶ୍ୱାଳ**
*ଏନ୍.ଏ.ସି. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାରାଦୀପ, ଜଗତ୍‌ସିଂହପୁର*

## ନିଷ୍ଠାପର ଭାବ

ନିଷ୍ଠାପର ଭାବ ପ୍ରକାଶ ପାଇଲେ
କାର୍ଯ୍ୟଟି ହୁଏ ସଫଳ,
ନିଷ୍ଠାପର ଭାବ ଜାଗରିତ ହେଲେ
ଦୃଢ଼ ହୁଏ ମନୋବଳ।
ନିଷ୍ଠାପର ଭାବେ କାର୍ଯ୍ୟରତ ଥିଲେ
ସବୁଠି ପାରିବ ଜିଣି,
ନିଷ୍ଠାପର ଭାବ ସଫଳତା ଚାବି
ପୁସ୍ତକରୁ ଅଛେ ଜାଣି।
ନିଷ୍ଠାପର ଭାବ ଆଗକୁ ଆଗକୁ
ବଢ଼ିବା ପ୍ରେରଣା ଦିଏ,
ନିଷ୍ଠାପର ଭାବ ଜଟିଳ କର୍ମକୁ
ସରଳ ବି କରିଥାଏ।
ନିଷ୍ଠାପର ଭାବ ମନରେ ପ୍ରାଣରେ
ସୁଖ ଶାନ୍ତି ଦିଏ ଭରି,
ନିଷ୍ଠାପର ଭାବ ଅସମ୍ଭବଟିକୁ
ସମ୍ଭବ ଦିଏ କରି।

–**ବସନ୍ତ କୁମାର ଦାସ,**
*ରମ୍ଭା, ବରି, ଯାଜପୁର*

ଜଣା ଅଜଣା

## ଝିଟିପିଟି



➤ପୃଥିବୀରେ ପାଖାପାଖି ୫୦୦୦ ପ୍ରଜାତିର ଝିଟିପିଟି ଅଛନ୍ତି।
➤ଶତ୍ରୁଠାରୁ ରକ୍ଷା ପାଇବା ପାଇଁ ଝିଟିପିଟି ତାହାର ଲାଞ୍ଜକୁ ବ୍ୟବହାର କରେ।
➤ନିଜ ଶରୀରରୁ ଲାଞ୍ଜ ଅଲଗା କରି ନିଜକୁ ରକ୍ଷା କରିଥାଏ।
➤ପୃଥିବୀର ଯେକୌଣସି ସ୍ଥାନରେ ଝିଟିପିଟି ରହିପାରନ୍ତି।
➤ଏପରି କେତେକ ପ୍ରଜାତିର ଝିଟିପିଟି ଅଛନ୍ତି, ଯେଉଁମାନେ ବଞ୍ଚିଥିବା ପର୍ଯ୍ୟନ୍ତ ଆଦୌ ପାଣି ପିଇ ନ ଥାନ୍ତି।
➤ଚାମେଲିନ୍ ପ୍ରଜାତିର ଝିଟିପିଟି ନିଜର ରଙ୍ଗ ପରିବର୍ତ୍ତନ କରିପାରନ୍ତି। ଏପରି ରଙ୍ଗ ପରିବର୍ତ୍ତନ କରି ସେମାନେ ପରସ୍ପର ମଧ୍ୟରେ ଯୋଗାଯୋଗ ରକ୍ଷା କରିଥାଆନ୍ତି। ଅନ୍ୟପକ୍ଷରେ ଶିକାରୀମାନଙ୍କଠାରୁ ସେମାନେ ନିଜକୁ ରକ୍ଷା କରିଥାଆନ୍ତି।
➤ସବଠାରୁ ବିଶାଳ ଝିଟିପିଟି ଭାବରେ 'କୋମୋଡୋ ଡ୍ରାଗନ' ପ୍ରଜାତିର ଝିଟିପିଟିଙ୍କୁ ଗଣନା କରାଯାଇଥାଏ। ସେମାନଙ୍କଠାରୁ ଦୂରରେ ଥିବା ଶିକାରକୁ ସେମାନେ ନିଜ ପାଟିରୁ ବିଷ ଫୋପାଡ଼ି ସଂଗ୍ରହ କରିଥାଆନ୍ତି। ଏହି ଝିଟିପିଟି ପ୍ରାୟ ୧୦ ଫୁଟ ପର୍ଯ୍ୟନ୍ତ ବଢ଼ିପାରନ୍ତି।
➤ମେରାଇନ୍ ଗାଲାପାସୋଗ ପ୍ରଜାତିର ଝିଟିପିଟି ପାଣିରେ ପହଁରି ପାରନ୍ତି।
➤ଦୁନିଆର ସବୁଠାରୁ ଛୋଟ ଝିଟିପିଟି ହେଉଛି ଜରାଗୁଆ। ଏହା ୧.୬ ସେମି. ପର୍ଯ୍ୟନ୍ତ ବଢ଼ିପାରେ।

## ଟଗଲା ଭୀମୁ






ସୁହାନି
୭ବର୍ଷ

ଆ
ଇ
ନା

## ସନିଆର ଶିକ୍ଷା

ଗପ

ଗୋଟିଏ ଗାଁରେ କୃଷକଟିଏ ଥିଲା। ନାଁ ତା'ର ସନିଆ। ଘରେ ବୁଢ଼ୀମା', ସ୍ତ୍ରୀ ଓ ୧୨ ବର୍ଷର ପୁଅଟିଏ। ପୁଅକୁ ଶ୍ରଦ୍ଧାରେ ଡାକୁଥିଲେ କରୁଣାକର। ପୁଅର ନାଁ ଯେମିତି, ଗୁଣ ସେମିତି। ବୁଦ୍ଧି, ବିଦ୍ୟା ଓ ଦୟାରେ ସେ କରୁଣାର ଗନ୍ତାଘର। ତା'ର ଜୀବଜନ୍ତୁଙ୍କଠାରେ ଅତ୍ୟନ୍ତ ସ୍ନେହ ଓ ଦୟା।

ସେଦିନ ଥାଏ ରବିବାର। କରୁଣାକର ସାଙ୍ଗମାନଙ୍କ ସହିତ ଦାଣ୍ଡରେ ଖେଳୁଥାଏ। ଏତିକିବେଳେ ତାଙ୍କ ପଡ଼ୋଶୀ ଭାଗୁଆଳି ଗୋପାଳ କକା ଦାଣ୍ଡଦୁଆରେ ଡାକ ଛାଡ଼ିଲେ, ''ସନିଆ ଭାଇ, ବିଲକୁ ଯିବୁନି କି? ଆଜିପରା ଅଧା ହଳଥିବା ବିଲଟା ସାରିବା।'' ସନିଆ ଗାମୁଛାଟାକୁ ମୁଣ୍ଡରେ ଭିଡ଼ି ଦେଇ ଚାଳରେ ଖୋଷା ହୋଇଥିବା ପାଞ୍ଚଣଟାକୁ ଆଣି ଗୁହାଳକୁ ଗଲା ବଳଦ ଫିଟାଇବାକୁ। ଗୋଟିଏ ବଳଦକୁ ବାହାରକୁ ଆଣି ସାରି ଅନ୍ୟଟିକୁ ଆଣିବାକୁ ଗଲା। ସେତେବେଳକୁ ବଳଦଟି ଶୋଇଛି। ଯେତେ ବାଡ଼ିରେ ପିଟିଲା, କେଞ୍ଚାକେଞ୍ଚ କଲା, ସେ ଉଠୁ ନ ଥାଏ। ସନିଆ ବାରମ୍ବାର ବାଡ଼ାଉଥିବା ଅବସ୍ଥାରେ କରୁଣାକର ହଠାତ୍ ଯାଇ ବାପାଙ୍କ ହାତକୁ ଧରି ପକାଇଲା।


ବଳଦକୁ ଚାହିଁ ବିକଳ ହୋଇ କରୁଣାକର କହିଲା, ''ଏ କ'ଣ କରୁଛ ବାପା! ବଳଦଟିକୁ ଏପରି ନିଷ୍ଠୁର ଭାବେ ପିଟୁଛ କାହିଁକି? ତା' ଆଖିକୁ ଦେଖ ଲୁହ କେମିତି ବୋହିଯାଉଛି? ତା'ର ଦେହ ଭଲ ନାହିଁ। ସେମାନେ ଆମ ପରି କଥା କହିପାରୁ ନାହାନ୍ତି। ଏପରି ନିର୍ଦ୍ଦୟ ଭାବେ ବାଡେଇଲେ ତାକୁ କ'ଣ କଷ୍ଟହେଉନି? ଗୃହପାଳିତ ପ୍ରାଣୀଙ୍କ ଜୀବନ ମଣିଷ ହାତରେ। ଆମେ ତାଙ୍କୁ ଦୟା ନ କଲେ ସେମାନେ କେତେ ଦୁଃଖ ପାଇବେ?''

ପୁଅ ମୁହଁକୁ ସନିଆ ଆଁ କରି ଅନେଇଥାଏ। ଆଶ୍ଚର୍ଯ୍ୟ ହୋଇ ଭାବିଲା, ''ଏଡ଼େ ଟିକିଏ ପିଲା, କେତେ ବୁଦ୍ଧି ତା'ର!'' ସନିଆର ମନଟା ଦୁଃଖ ଓ ଅବସୋସରେ ଭରିଗଲା। କହିଲା, ''ପୁଅରେ! ଚାଲ, ପାଖ ପଶୁ ଡାକ୍ତରଖାନାରୁ ଡାକ୍ତର ଡାକିଆଣିବା।'' ବାପ-ପୁଅ ଡାକ୍ତରଙ୍କୁ ଡାକିଆଣିଲେ। ଡାକ୍ତରବାବୁ ବଳଦକୁ ଔଷଧ ଓ ଇଞ୍ଜେକ୍ସନ ଦେବାର କିଛି ସମୟ ପରେ ସେ ଛିଡ଼ା ହୋଇ ଆଶ୍ୱସ୍ତିରେ ନିଃଶ୍ୱାସ ମାରିଲା। ସମସ୍ତେ ଖୁସୀ। ସନିଆଠାରୁ କରୁଣାକର ବିଷୟରେ ସବୁ ଶୁଣି ଡାକ୍ତରବାବୁ କହିଲେ, ''ସନିଆ! ତମେ କରୁଣାକର ଭଳି ପୁଅକୁ ପାଇ ଧନ୍ୟ ହୋଇଛ। ସିଏ ତୁମ ଆଖି ଖୋଲିଦେଇଛି। ସବୁ ପିଲା ଯଦି ତୁମ ପୁଅ ପରି ହୋଇଯିବେ, ତା'ହେଲେ ଜୀବଜଗତ ସଂସାରରେ ତିଷ୍ଠି ରହିବ। ଜୀବଜନ୍ତୁଙ୍କୁ ସ୍ନେହ ଶ୍ରଦ୍ଧା କଲେ ଓ ଉପଯୁକ୍ତ ଯତ୍ନ ନେଲେ ମଣିଷ-ଗୃହପାଳିତ ପ୍ରାଣୀ ସାଥୀ ହୋଇ ଚଳିବେ। 'ଜୀବେ ଦୟା' ଉକ୍ତିଟି ନିଶ୍ଚୟ ସାର୍ଥକ ହେବ। କାରଣ ଜୀବଜନ୍ତୁଙ୍କ ସହ ମଣିଷସମାଜ ଓତପ୍ରୋତ ଭାବେ ଜଡ଼ିତ।'' ସନିଆ ପୁଅଠାରୁ ଉଚିତ ଶିକ୍ଷା ପାଇଥିବାରୁ ଲଜ୍ଜା ଅନୁଭବ କରୁଥିଲା।



– **ପୁଷ୍ପଲତା ମହାନ୍ତି**
୭୧/ଏ, ବିଜେବି ସ୍କୋୟାର, ଭୁବନେଶ୍ୱର

## ଖିଲିଖିଲି ହସ



(ଅଜା-ନାତି ମଧ୍ୟରେ କଥାବାର୍ତ୍ତା)
ଥରେ ଅଜା ବାରଣ୍ଡାରେ ବସି ଖବରକାଗଜ ପଢୁଥିଲେ। ଏତିକି ବେଳେ ତାଙ୍କର ନାତି ବବଲୁ ଆସି କହିଲା, ଜେଜେ କ'ଣ କରୁଛ ? ଜେଜେ ଉତ୍ତର ଦେଲେ, ମୁଁ ପେପର ପଢୁଛି, ଆଚ୍ଛା ତୋ ପାଠ ପଢ଼ା କେମିତି ଚାଲିଛି ? ବବଲୁ କହିଲା, 'ଠିକ୍ ଆପଣଙ୍କ ଜୀବନ ପରି।' ଅଜା ପଚାରିଲେ, ଆରେ ତୁ କ'ଣ କହୁଛୁ ମୁଁ ଜାଣିପାରୁନି। ବବଲୁ ଉତ୍ତର ଦେଲା, ମାନେ, ଭଗବାନ ଭରସା।

---

ଥରେ ପପୁ ଗୋଟିଏ କୁକୁଡା ପାଖରେ ବସି ରୁଟି ଖାଉଥାଏ। ଏହାଦେଖି ତା' ବାପା ତାକୁ ପଚାରିଲେ, ଆରେ ପପୁ, ତୁ କୁକୁଡା ପାଖରେ ବସି କାହିଁକି ରୁଟି ଖାଉଛୁ ? ପପୁ କହିଲା, ବାପା, ମୁଁ ଚିକେନ୍ (କୁକୁଡା) ସହ ରୁଟି ଖାଉଛି।

ଶିଶୁ ପ୍ରତିଭା

## ଅଲ୍‌ରାଉଣ୍ଡର ରୂପାଲୀ


ରୂପାଲୀ

ନିଜର ଓଜସ୍ୱିନୀ ଅଭିଭାଷଣ ତଥା ଚେତନାଧର୍ମୀ ବ୍ୟଙ୍ଗକବିତା ମାଧ୍ୟମରେ ବିଦ୍ୟାଳୟଠାରୁ ମହାବିଦ୍ୟାଳୟ ତଥା ଗ୍ରାମରୁ ସହର ପର୍ଯ୍ୟନ୍ତ ସେ ବାଣ୍ଟି ଚାଲିଛନ୍ତି ସଚେତନତାର ବାର୍ତ୍ତା। ଖୁବ୍ କମ୍ ବୟସରୁ ସେ ନିଜ ଦକ୍ଷତା, ସୃଜନଶୀଳତା ଓ ବାଗ୍ମୀତାର ପରିଚୟ ଦେଇ ପ୍ରମାଣ କରି ଦେଇଛନ୍ତି, ଝିଅଟିଏ କୌଣସି ଗୁଣରେ ପୁଅଠାରୁ କମ୍ ନୁହେଁ। ପୁରାଣ ହେଉ କିମ୍ବା ସାହିତ୍ୟ, ସଂସ୍କୃତି ଅବା ବିଜ୍ଞାନ ପ୍ରତ୍ୟେକ ବିଷୟରେ ଅନର୍ଗଳ ଭାଷଣ ଦେଇ ସେ ନା କେବଳ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିପାରିଛନ୍ତି ବରଂ ସାଉଁଟିଛନ୍ତି ଅନେକ ପ୍ରଶଂସା ଓ ପୁରସ୍କାର। ଏଭଳି ଜଣେ ଶିଶୁ ପ୍ରତିଭା ହେଉଛନ୍ତି ନୟାଗଡ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ସୁନାଖଳା ଗ୍ରାମର ମାତା ପ୍ରମିଳା ଏବଂ ପିତା ଅଧ୍ୟାପକ ରମେଶ ଚନ୍ଦ୍ର ସାହୁଙ୍କ ସାନ ଝିଅ ରୂପାଲୀ।

ବର୍ତ୍ତମାନ ସେ କଟକ ଜିଲା ବାଙ୍କୀ ଅନ୍ତର୍ଗତ ଯୋକିଡୋଳାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ରୀ। ତାଙ୍କ ମନରେ ଭରି ରହିଛି ଏକ ସ୍ୱଚ୍ଛ, ସମୃଦ୍ଧ ତଥା ବିକଶିତ ସମାଜ ଓ ରାଷ୍ଟ୍ର ଗଠନର ସ୍ୱପ୍ନ ; ଯାହାକୁ ପାଥେୟ କରି ସେ ସମ୍ପ୍ରତି ସରକାରଙ୍କର ଜନମଙ୍ଗଳ ଯୋଜନା ଯଥା ବେଟି ବଚାଓ, ବେଟି ପଢାଓ, ବାଲ୍ୟ ବିବାହ ବିରୋଧ, ଶିଶୁ ଶିକ୍ଷା ଅଧିକାର, ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ, ସ୍ୱଚ୍ଛ ଭାରତ ମିଶନ, ଜଳ ସ୍ୱଚ୍ଛତା ଓ ପରିମଳ ଯୋଜନା, ପରିବେଶ ସୁରକ୍ଷା, ନିଶା ନିବାରଣ, ନାରୀ ସଶକ୍ତୀକରଣ, ଭାଷା ଓ ସଂସ୍କୃତିର ସୁରକ୍ଷା ଆଦି କାର୍ଯ୍ୟକ୍ରମଗୁଡ଼ିକ ଉପରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆରମ୍ଭ କରିଛନ୍ତି ଅନେକ ଅଭିନବ ପ୍ରୟାସ। ସମ୍ପ୍ରତି କରୋନା ସମୟରେ ସଭା ସମିତି ଉପରେ କଟକଣା ଥିବାରୁ 'ସାହୁ ରୂପାଲୀ' ନାମରେ ସେ ନିଜ ୟୁ -ଟ୍ୟୁବ୍ ଚ୍ୟାନେଲ ଖୋଲି ଏସବୁ ସଚେତନତା ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ଉଦ୍ୟମ ଜାରି ରଖିଛନ୍ତି। ସେ ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ସାମିଲ ହେବା ସହିତ ବିଭିନ୍ନ ଜିଲା ତଥା ରାଜ୍ୟସ୍ତରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରି ବହୁବାର ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ନିଜର ସୃଜନଶୀଳତା ପାଇଁ ତାଙ୍କୁ ମିଳିଛି ରାଜ୍ୟ ଶିଶୁ ସୁରକ୍ଷା ଓ ଅଧିକାର ବିଭାଗ ପକ୍ଷରୁ ଶିଶୁ ପ୍ରତିଭା ସମ୍ମାନ- ୨୦୧୬, ଶ୍ରେଷ୍ଠ କନ୍ୟାରତ୍ନ ସମ୍ମାନ- ୨୦୧୭, ପଠାଣି ସାମନ୍ତ ଚନ୍ଦ୍ରଶେଖର ସମ୍ମାନ- ୨୦୧୭, କଳିଙ୍ଗ କନ୍ୟା ଶିଶୁ ପ୍ରତିଭା ସମ୍ମାନ- ୨୦୧୭, ଋତୁରାଜ ବସନ୍ତ ସମ୍ମାନ- ୨୦୧୮, କୁସୁମୀ ମହୋତ୍ସବ ସମ୍ମାନ- ୨୦୧୮, ଶିଶୁ ବଜାର ଶିଶୁ ପ୍ରତିଭା ସମ୍ମାନ- ୨୦୧୮, କର୍ତ୍ତବ୍ୟ ବୋଧିନି ସମ୍ମାନ- ୨୦୧୯, ସୁରଭି ସ୍ୱପ୍ନ ସମ୍ମାନ- ୨୦୨୦ ଭଳି ଅନେକ ସମ୍ମାନ। ତେବେ ସେ ଜଣେ ମେଧାବୀ ଛାତ୍ରୀ ମଧ୍ୟ। ଏହା ବ୍ୟତୀତ ଚିତ୍ର ଆଙ୍କିବା ଓ କବିତା ଲେଖିବାରେ ତାଙ୍କର ବିଶେଷ ରୁଚି ରହିଛି। ଭାରତର ପୂର୍ବତନ ରାଷ୍ଟ୍ରପତି ଡ଼. ଏ. ପି. ଜେ. ଅବଦୁଲ କଲାମଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ଆଗକୁ ବଢୁଥିବା ରୂପାଲୀ ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବାର ଲକ୍ଷ୍ୟ ରଖିଛନ୍ତି।

ଗିନିଜ୍ ୱାର୍ଲ୍ଡ ରେକର୍ଡ

## ଆଇସକ୍ରିମ୍ ତିଆରି କରି ବିଶ୍ୱ ରେକର୍ଡ

ଆଇସକ୍ରିମ୍-ଏହାକୁ ଦେଖିବା ମାତ୍ରେ ପିଲାମାନଙ୍କ ପାଟିରୁ ଲାଳ ଗଡ଼ିଥାଏ। ପିଲାଏ, ତୁମେମାନେ ତ ବିଭିନ୍ନ ଫ୍ଲେଭରର ଆଇସକ୍ରିମ୍ ନିଶ୍ଚୟ ଖାଇଥିବ। କାହାକୁ ଚକୋଲେଟ୍ ଫ୍ଲେଭର ତ କାହାକୁ ଭାନିଲା, ବଟରସ୍କଚ୍ ଆଦି ଭଲ ଲାଗିଥାଏ। କିନ୍ତୁ ୧୦୦୦ରୁ ଅଧିକ ପ୍ରକାରର ଆଇସକ୍ରିମ୍ ଫ୍ଲେଭର ତିଆରି ବି ହୋଇପାରେ, ଏକଥା ହୁଏତ ଖୁବ୍ କମ୍ ଜାଣିଥିବେ। ମୋଟ ୧୦୦୧ ପ୍ରକାରର ଫ୍ଲେଭରରେ ଆଇସକ୍ରିମ୍ ତିଆରି କରି ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛି ବ୍ରିଟେନରେ ଥିବା ପାନ ଆଣ୍ଡ ଆଇସ ବ୍ରାଣ୍ଡ ନାମକ ଏକ କମ୍ପାନୀ। ଏଠାରେ ଏତେ ପ୍ରକାରର ଆଇସକ୍ରିମ୍ ରହିଛି ଯେ ଯେତେବେଳେ ଯାହା ଖୋଜିବେ ପାଇପାରିବେ।




ବିଭିନ୍ନ ଫ୍ଲେଭରର ଆଇସକ୍ରିମ୍ ଏଠାରେ ସୁନ୍ଦରଭାବେ ଚେରୀ ଏବଂ କ୍ୟାଣ୍ଡି ଦ୍ୱାରା ସର୍ଭ କରାଯାଇଥାଏ। ସବୁଠୁ ଅଧିକ ପ୍ରକାରର ଆଇସକ୍ରିମ୍ ତିଆରି କରିଥିବାରୁ ଏବେ ଏହି ମଲ୍ ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇପାରିଛି।

ତୁମ ତୂଳୀରୁ



**ଅନ୍ୱେଷା ଜେନା**
କ୍ଲାସ- ୪, ଗଣପତି ଶିଶୁ ବିଦ୍ୟାମନ୍ଦିର, ବମ୍ଫୁରୀ, କନ୍ଦରପୁର, କଟକସଦର






**ସତଭିଶା ପଟ୍ଟନାୟକ**
କ୍ଲାସ- ୨, ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ


**ଭବାଂଶୀ ହୋତା**
କ୍ଲାସ- ୬, ବିଜ୍ଞାନ ଇଣ୍ଟରନ୍ୟାଶନାଲ୍ ସ୍କୁଲ, ଜୟପୁର, କୋରାପୁଟ







**ଅନନ୍ୟା ରୂପାଲୀ ତ୍ରିପାଠୀ**
କ୍ଲାସ- ୭, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଲକାନଗିରି

# ଓଡ଼ିଶାର ଆର୍ଥିକ ସ୍ଥିତି ନେଇ ଭାଜପା-ବିଜେଡି ମୁହାଁମୁହିଁ

ଭୁବନେଶ୍ୱର,୨୪।୯(ବ୍ୟୁରୋ)

ରାଜ୍ୟରେ କୋଟି କୋଟି ଟଙ୍କାର ପୁଞ୍ଜିନିବେଶ ହେଉଛି। ପର୍ଯ୍ୟାପ୍ତ ପରିମାଣର କେନ୍ଦ୍ରୀୟ ଆର୍ଥିକ ଅନୁଦାନ ଆସୁଛି। ଦୀର୍ଘ ୨୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାଜ୍ୟରେ ଶାସନ କ୍ଷମତାରେ ଥିବା ବିଜେଡି ନିଜକୁ ୧ ନମ୍ବର ବୋଲି ପ୍ରଚାର କରିଆସୁଛି। ହେଲେ ପ୍ରାଚୁର୍ଯ୍ୟଭରା ଓଡ଼ିଶା ଆଜି ଦରିଦ୍ର ରାଜ୍ୟରେ ପରିଣତ ହୋଇଛି ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଅପରାଜିତା ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅପରାଜିତା କହିଛନ୍ତି, ଓଡ଼ିଶାର ଦାରିଦ୍ର୍ୟ ସ୍ଥିତି ଏବଂ ମହିଳାଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା ଚିନ୍ତାର କାରଣ ସାଜିଛି। ରାଜ୍ୟକୁ ବାସ୍ତବରେ ୧ ନମ୍ବରରେ ପରିଣତ କରିବାକୁ ହେଲେ ସର୍ବପ୍ରଥମେ ଆମେ ନିଜର ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ ହେବା ନିହାତି ଜରୁରୀ। ନ୍ୟାଶନାଲ ସାମ୍ପଲ ସର୍ଭେ ଅନୁଯାୟୀ ଜାତୀୟ ସ୍ତରରେ ସହରାଞ୍ଚଳ ପରିବାରରେ 'ହାରାହାରି ସମ୍ପତ୍ତି ମୂଲ୍ୟ' ୨୭.୧୨ ଲକ୍ଷ ଟଙ୍କା ହୋଇଥିବାବେଳେ ଓଡ଼ିଶାରେ ଏହା ୧୩.୪୧ ଲକ୍ଷ ଟଙ୍କା ଏବଂ ଜାତୀୟ ସ୍ତରରେ ଗ୍ରାମାଞ୍ଚଳ ପରିବାରରେ 'ହାରାହାରି ସମ୍ପତି ମୂଲ୍ୟ' ୧୫.୯୨ ଲକ୍ଷ ଟଙ୍କା ଅଟେ। ଓଡ଼ିଶାରେ ଏହା ମାତ୍ର ୫.୩୨ ଲକ୍ଷ ଟଙ୍କା ଅଛି। ଓଡ଼ିଶାର ଚାଷୀ ପରିବାରର 'ହାରାହାରି ସମ୍ପତି ମୂଲ୍ୟ' ମାତ୍ର ୬.୨୧ ଲକ୍ଷ ଟଙ୍କା ଅଟେ। ଏହି ପରିମାଣ ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ, ଝାଡ଼ଖଣ୍ଡଠୁ ମଧ୍ୟ ବହୁ ପଛରେ ଅଛି। ଏହା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଅପରାଜିତା କହିଛନ୍ତି। ଓଡ଼ିଶା ଅଧିକ ଋଣଗ୍ରସ୍ତ ହେବା ଚିନ୍ତାର କାରଣ ସାଜିଛି। ସର୍ବଭାରତୀୟ ସ୍ତରରେ ଋଣଗ୍ରସ୍ତ ଚାଷୀ ପରିବାର ତାଲିକା ରାଜ୍ୟରେ ପ୍ରଥମ ୧୦ଟି ରାଜ୍ୟ ମଧ୍ୟରୁ ୯ମ ସ୍ଥାନରେ ରହିଛି ବୋଲି ସେ କହିଛନ୍ତି।

ଅପରାଜିତାଙ୍କ ଅଭିଯୋଗକୁ କଡ଼ା ଭାଷାରେ ନିନ୍ଦା କରି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର ଏକ ପ୍ରେସ ବାର୍ତ୍ତା ଜରିଆରେ କହିଛନ୍ତି, ଯାହା ଜଣାପଡୁଛି ଅପରାଜିତା ଷଡଙ୍ଗୀ ଏବେ ବି ନିଜକୁ ରାଜନୈତିକ ବ୍ୟକ୍ତି ଭାବେ ନୁହେଁ ବରଂ ଜଣେ ପ୍ରଶାସିକା ଭାବୁଛନ୍ତି। ଓଡ଼ିଶା ସରକାରଙ୍କୁ ସମାଲୋଚନା କରିବା ପାଇଁ କୌଣସି ପ୍ରସଙ୍ଗ ନ ପାଇ ଗଣମାଧ୍ୟମରେ ରାଜନୈତିକ ଦୃଷ୍ଟିରୁ ପ୍ରାସଙ୍ଗିକ ରହିବାକୁ ରିପୋର୍ଟର ଭୁଲ ବ୍ୟାଖ୍ୟା କରିବା ସହ ଏକପାଖିଆ ମତ ଦେଉଛନ୍ତି। ଏଥିରୁ ଜଣାପଡୁଛି ଦାରିଦ୍ର୍ୟ ହାରକୁ ୨୪% ହ୍ରାସ କରିବା ସହିତ ୮୦ ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟରୁ ବାହାର କରିଥିବାରୁ ନୀତି ଆୟୋଗ ଭାରତର ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ଓଡ଼ିଶାକୁ ପ୍ରଶଂସା କରିଥିବା ବିଷୟରେ ସେ ବୋଧହୁଏ ଅବଗତ ନାହାନ୍ତି। ଅପରାଜିତା ଶସ୍ତା ରାଜନୀତି ଛାଡନ୍ତୁ ଏବଂ ଓଡ଼ିଶାକୁ ବଦନାମ ତଥା ଅପମାନିତ କରିବାକୁ ଚେଷ୍ଟା ନ କରନ୍ତୁ ବୋଲି ଶ୍ରୀମୟୀ କହିଛନ୍ତି।

# ମାଟି ତଳେ ଚାପିହୋଇ ନାବାଳକ ମୃତ



ଉତ୍ତ୍ୟକ୍ତ ଲୋକମାନେ ୨ଟି ଗାଡ଼ି ପୋଡ଼ି ଦେଇଛନ୍ତି।

## ଉତ୍ତେଜନା, ୨ ଜେସିବି ପୋଡ଼ି

ଛେଣ୍ଡିପଦା,୨୪।୯(ସ୍ୱ.ପ୍ର.)

ଅନୁଗୋଳ ଜିଲା ନିଶା ଥାନା କାଳିଆକଟା ଗାଁରେ ଶୁକ୍ରବାର ଏକ କମ୍ପାନୀର କନଭେୟର ଲାଇନ୍ ପାଇଁ କାର୍ଯ୍ୟ ଚାଲୁଥିବା ବେଳେ ଘଟିଛି ଅଘଟଣ। ଏକ ହାଇୱା ଗଦଉଥିବା ମାଟି ତଳେ ଚାପି ହୋଇ କାଶିଆ ପ୍ରଧାନଙ୍କ ପୁଅ ସୁଜିତ ପ୍ରଧାନ (୧୫)ଙ୍କ ମୃତ୍ୟୁ ହୋଇଛି। ଘଟଣା ଜଣାପଡ଼ିବା ପରେ ଗାଁରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ୨ଟି ଜେସିବି ପୋଡ଼ି ଦେଇଥିଲେ। ଖବରପାଇ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ମୃତକଙ୍କ ପରିବାରରୁ ଜଣଙ୍କୁ ଚାକିରି ଓ କ୍ଷତିପୂରଣ ପ୍ରଦାନ ନେଇ ପ୍ରତିଶ୍ରୁତି ଦେବାପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

ପ୍ରକାଶ ଯେ, ରାସ୍ତା କାର୍ଯ୍ୟ ଚାଲୁଥିବାବେଳେ ସୁଜିତ ସେଠାରେ ଛିଡ଼ା ହୋଇ କାମ ଦେଖୁଥିଲେ। ଏହି ସମୟରେ ଏକ ହାଇୱା ପଛେଇ ପଛେଇ ଯାଇ ମାଟି ଗଦାଇ ଦେଇଥିଲା। ଫଳରେ ସେଠାରେ ଠିଆ ହୋଇଥିବା ସୁଜିତ ମାଟି ଭିତରେ ଚାପି ହୋଇ ଯାଇଥିଲେ। ଏହା ଦେଖି ଗାଡ଼ିଚାଳକ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ନାବାଳକଙ୍କୁ ଉଦ୍ଧାର କରିଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ଗ୍ରାମବାସୀ ଦୁଇଟି ଜେସିବି ମେଶିନକୁ ପୋଡି ଦେଇଥିଲେ। ଘଟଣାସ୍ଥଳରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା, ଅନୁଗୋଳ ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା ଓ ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ। ଏ ସଂକ୍ରାନ୍ତରେ ନିଶା ଶିଳ୍ପାଞ୍ଚଳ ଥାନାରେ ନଂ. ୨୦୬ରେ ଏକ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ପ୍ରକାଶ କରିଛନ୍ତି।

# ଆଶାକର୍ମୀଙ୍କ ଧାରଣା

ରାଉରକେଲା ଅଫିସ,୨୪।୯

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ସମ୍ମୁଖରେ ଆଶାକର୍ମୀମାନେ ବିଭିନ୍ନ ଦାବି ନେଇ ଶୁକ୍ରବାର ଧାରଣା ଦେଇଥିଲେ। ଅଲ ଇଣ୍ଡିଆ କୋର୍ଡ଼ିନେଶନ କମିଟି ଅଫ ସ୍କିମ ୱାର୍କର୍ସ(ସିଆଇଟିୟୁ) ଓ ସମସ୍ତ ଟ୍ରେଡ଼ ୟୁନିୟନର ଆହ୍ୱାନକ୍ରମେ ଏହି ଧର୍ମଘଟ ଡାକରା ଦିଆଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଆର୍‌ଜିଏଚ୍ ନିର୍ଦ୍ଦେଶକଙ୍କୁ ୧୮ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଆଶାକର୍ମୀ ସଂଘ ଜିଲା ସଭାପତି ହୃଦାନନ୍ଦ ଯାଦବ, ରାଜ୍ୟ ସାଧାରଣ ସମ୍ପାଦିକା ଶକୁନ୍ତଳା ମହାକୁଡ଼, ବିମାନ ମାଇତି, ଶ୍ରୀମନ୍ତ ବେହେରା, ରାଜ କିଶୋର ପ୍ରଧାନ, ଯଯାତୀ କେଶରୀ ସାହୁ, ରୀନା ଭୂମିଜ, ସସ୍ମିତା ଖେସ, ଜୟନ୍ତୀ ପାଣ୍ଡବ, ବୀଣଶ ନାୟକ, ସରୋଜିନୀ ଦାସ, ରୀତାରାଣଇ ମାନାଙ୍କ ସମେତ ବହୁ ଆଶାକର୍ମୀ ଉପସ୍ଥିତ ଥିଲେ।

# ଭାଜପାର ବୃକ୍ଷରୋପଣ କାର୍ଯ୍ୟକ୍ରମ



ଭାଜପା କର୍ମକର୍ତ୍ତା ବୃକ୍ଷରୋପଣ କରୁଛନ୍ତି।

ରାଉରକେଲା ଅଫିସ,୨୪।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୧ତମ ଜନ୍ମ ଦିବସ ଅବସରରେ ଜିଲା ସେବା ସମର୍ପଣ କାର୍ଯ୍ୟକ୍ରମ ପ୍ରଭାରୀ ଲଲାଟେନ୍ଦୁ ନାୟକଙ୍କ ଆହ୍ୱାନ କ୍ରମେ ପଶ୍ଚିମ ମଣ୍ଡଳ କୃଷକ ମୋର୍ଚ୍ଚା ତାରକନାଥ ମହାପାତ୍ରଙ୍କ ନେତୃତ୍ୱରେ ଶୁକ୍ରବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାଜପାର ବହୁ କର୍ମକର୍ତ୍ତା ସେକ୍ଟର-୬ ସ୍ଥିତ ଅନୁସୂଚିତ ଜାତି ଜନଜାତି କ୍ଲବ ପରିସରରେ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା, ଦୀପକ ତିୱାରୀ, ବ୍ୟାସଦେବ ନାଥ, ଆଲୋକ କୁମାର ନାୟକ, ତୁରଣ କୁମାର ତନ୍ତୀ, ରାଜକୁମାର ହିର, ଅଶୋକ ଲେଙ୍କା, ମହେନ୍ଦ୍ର କୁମ୍ଭାରଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୪୨ଜଣଙ୍କୁ ଜାତୀୟ ସେବା ଯୋଜନା ପୁରସ୍କାର

## ଓଡ଼ିଶାରୁ ବିକ୍ରମ ବିଷୋଇ, ଜନ୍ମେଜୟ ଗିରି ପୁରସ୍କୃତ

ଭୁବନେଶ୍ୱର, ୨୪।୯(ବ୍ୟୁରୋ)

୨୦୧୯-୨୦ ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ପୁରସ୍କାର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ଭବନରେ ଭର୍ଚୁଆଲରେ ଆୟୋଜିତ ସମାରୋହରେ ବିଶ୍ୱବିଦ୍ୟାଳୟ, ଯୁକ୍ତ୨ ପରିଷଦ, ଏନ୍‌ଏସ୍‌ଏସ୍ ୟୁନିଟ୍, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସମେତ ବିଭିନ୍ନ ବର୍ଗର ୪୨ଜଣଙ୍କୁ ରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ଦୁଇଜଣ ଓଡ଼ିଆ ରହିଛନ୍ତି। ସ୍ୱେଚ୍ଛାସେବୀ ବର୍ଗରେ ଓଡ଼ିଶାର ବିକ୍ରମ ବିଷୋଇ ଓ ଜନ୍ମେଜୟ ଗିରି ଏହି ପୁରସ୍କାର ଗ୍ରହଣ କରିଛନ୍ତି।

ବିକ୍ରମ ହେଉଛନ୍ତି ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍‌ର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ। ସେ କଲେଜର ପୋଷ୍ୟ ଗ୍ରାମରେ ସାମାଜିକ କାର୍ଯ୍ୟରେ ଜଡ଼ିତ ଅଛନ୍ତି। ସେ ଚିଲିକା ହ୍ରଦ ନିକଟରେ ସ୍ୱାସ୍ଥ୍ୟ ସଚେତନତା, ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ସାଇକେଲ ରାଲି ଓ ଷ୍ଟ୍ରିଟ୍ ପ୍ଲେ ମାଧ୍ୟମରେ ସଚେତନତା, ସମାନତା ଓ ଲିଙ୍ଗଭେଦ ସମ୍ବେଦନଶୀଳତାର ମୂଲ୍ୟବୋଧ ପାଇଁ ବାଲୁଗାଁରେ ଆଇନଗତ ସଚେତନତା, ମତ୍ସ୍ୟଜୀବୀ ପରିବାର ମଧ୍ୟରେ ଶିକ୍ଷାର ପ୍ରୋତ୍ସାହନ ତଥା ସ୍କୁଲ ଡ୍ରପ୍‌ଆଉଟ୍ ପିଲାଙ୍କ ଆଡ୍‌ମିଶନ ପାଇଁ ସେ କାର୍ଯ୍ୟ କରିଛନ୍ତି। ସେ ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭାବେ ରାଜ୍ୟ ତଥା ଜିଲାସ୍ତରୀୟ ପୁରସ୍କାର ମଧ୍ୟ ପାଇଛନ୍ତି। ସେହିଭଳି ଜନ୍ମେଜୟ ମୟୂରଭଞ୍ଜ ଜିଲା ସୀମାନ୍ତ ମହାବିଦ୍ୟାଳୟର ଜଣେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ। କଲେଜର ପୋଷ୍ୟ ଆଦିବାସୀ ଗ୍ରାମରେ ସେ ସେବା କରିଛନ୍ତି। ଏନ୍‌ଏସ୍‌ଏସ୍ ୟୁନିଟ୍ ସହାୟତାରେ ଗାଁର ମୌଳିକ ସୁବିଧା ଯଥା ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ସହ ବୃକ୍ଷରୋପଣରେ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି। ସେ ମଧ୍ୟ ବିଶ୍ୱବିଦ୍ୟାଳୟ ସ୍ତରର ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପୁରସ୍କାର ୨୦୨୦ ଏବଂ କଲେଜ ସ୍ତରର ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପୁରସ୍କାର ୨୦୧୯ ପାଇଛନ୍ତି।

ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, କୋଭିଡ୍-୧୯ ଭଳି ବିପଦ ସମୟରେ ଏନ୍‌ଏସ୍‌ଏସ୍ ଦ୍ୱାରା ୨.୩ କୋଟିରୁ ଅଧିକ ମାସ୍କ ପ୍ରସ୍ତୁତ କରାଯାଇ ଦେଶର ବିଭିନ୍ନ ସ୍ଥାନରେ ବିତରଣ କରାଯାଇଥିଲା। ଏହାର ସ୍ୱେଚ୍ଛାସେବୀମାନେ ହେଲ୍ପଲାଇନ ମାଧ୍ୟମରେ ଲୋକଙ୍କୁ କୋଭିଡ୍ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ସହିତ ଜିଲା ପ୍ରଶାସନକୁ ସଚେତନତା ଏବଂ ରିଲିଫ୍ କାର୍ଯ୍ୟରେ ସାହାଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଯୋଗଦେଇଥିଲେ।

# ବର୍ଷାରେ ଭାଙ୍ଗିଲା ଘର, ପର ଘରେ ଆଶ୍ରୟ

ପଲମ,୨୪।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଘଣ୍ଟମାଲ ପଞ୍ଚାୟତସ୍ଥିତ ଘଁଟମାଲ ମନ୍ଦିରପଡାରେ ରହନ୍ତି ଲୋଚନା ମାଝି। କିଛି ବର୍ଷ ପୂର୍ବେ ତାଙ୍କ ସ୍ୱାମୀ ମୃତ୍ୟୁବରଣ କରିଥିବା ବେଳେ ସେ ଏକ ଝାଟିମାଟି କୁଡିଆରେ ଏକାକୀ ରହି ଆସୁଥିଲେ। ପର ଘରେ ମୂଲ ଲାଗି ଚଳି ଆସୁଥିବା ଲୋଚନାଙ୍କ ପ୍ରତି ପ୍ରକୃତି ଦାଉ ସାଧିଲା। ଯେଉଁ ଘରେ ଆଶ୍ରୟ ନେଇ ଆସୁଥିଲେ ତାହା ଲଘୁଚାପ ବର୍ଷାରେ ସମ୍ପୂର୍ଣ୍ଣ ଉଜୁଡି ଗଲା। ଏବେ ଅସହାୟ ମହିଳା ପର ଘରେ ଆଶ୍ରୟ ନେଇ ବହୁତ ଦୁଃଖରେ ଜୀବନଯାପନ କରୁଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଦୁଃଖିର ଦୁଃଖ ଦୁର କରିବା ପାଇଁ ଇନ୍ଦିରାଆବାସ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଭାରତ ବନ୍ଦକୁ ସଫଳ ପାଇଁ ବୈଠକ

ରାଉରକେଲା ଅଫିସ,୨୪।୯: ତିନି କୃଷକ ଆଇନ ପ୍ରତ୍ୟାହାର, ଶ୍ରମ ଆଇନକୁ ସଂଶୋଧନ କରିବା ଓ ଦରଦାମ ପ୍ରତିବାଦରେ ଆସନ୍ତା ୨୭ ତାରିଖ ବନ୍ଦ ଡାକରାକୁ ସଫଳ କରିବା ପାଇଁ ଏଆଇଟିୟୁସି କାର୍ଯ୍ୟାଳୟରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ସନ୍ତୋଷ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ସଦାନନ୍ଦ ସାହୁ ଯୋଗଦେଇ ବିଗତ ଦିନର କାର୍ଯ୍ୟକ୍ରମ ଉପରେ ରିପୋର୍ଟ ଉପସ୍ଥାପନ କରିଥିଲେ। ପଶୁପତିନାଥ ଚାଟାର୍ଜୀ, ଅକ୍ଷୟ ସାମଲ, ଦୁର୍ଗା ବାଗ, ଅରୁଣ ଦୀପ, ପଞ୍ଚାନନ ସୁନା, ଅଭି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୩ଦିନ ପାଇଁ ଭୁବନେଶ୍ୱର କୋର୍ଟ ପରିସର ସିଲ୍

## ୧୫ ଆଇନଜୀବୀ ଓ ଜୁଡିସିଆଲ କର୍ମଚାରୀ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୨୪।୯ (ବ୍ୟୁରୋ): ଭୁବନେଶ୍ୱର କୋର୍ଟ ଓ ଏହା ପରିସରକୁ ୩ଦିନ ପାଇଁ ସିଲ କରାଯାଇଛି। କୋର୍ଟର ୧୫ଜଣ ଜୁଡିସିଆଲ କର୍ମଚାରୀ ଓ ଆଇନଜୀବୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ବିଏମ୍‌ସି ପକ୍ଷରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହାକୁ ସିଲ୍ କରାଯାଇଥିବା ସୂଚନା ଦିଆଯାଇଛି। ସେହିପରି କରୋନା ସଂକ୍ରମଣ ପାଇଁ ଜିଲା କୋର୍ଟ, ଦେବୋତ୍ତର କମିଶନରଙ୍କ କାର୍ଯ୍ୟାଳୟ, କୋର୍ଟ ପରିସରରେ ଥିବା ବାର୍ ଆସୋସିଏଶନ କାର୍ଯ୍ୟାଳୟ ମଧ୍ୟ ୩ଦିନ ପର୍ଯ୍ୟନ୍ତ ବନ୍ଦ ରହିବ। ଏହାବ୍ୟତୀତ ସମ୍ପୃକ୍ତ ଜୁଡିସିଆଲ କମ୍ପ୍ଲେକ୍ସକୁ ସାନିଟାଇଜ୍ କରାଯିବା ସହ ବିଏମ୍‌ସି ଅଧିକାରୀଙ୍କ ବ୍ୟତୀତ ଅନ୍ୟମାନଙ୍କ ପ୍ରବେଶ ଓ ପ୍ରସ୍ଥାନକୁ ବାରଣ କରାଯାଇଛି। ସଂକ୍ରମିତ କର୍ମଚାରୀ ଓ ଆଇନଜୀବୀଙ୍କୁ ଆଇସୋଲେଶନରେ ରହିବା ସହ ଚିକିତ୍ସା ସମ୍ପର୍କିତ କୌଣସି ଆବଶ୍ୟକତା ହେଲେ ବିଏମ୍‌ସି ସହିତ ଯୋଗାଯୋଗ କରିବାକୁ କୁହାଯାଇଛି। ଆସନ୍ତା ୨୭ରେ କୋର୍ଟ ପରିସର ଖୋଲାଯାଇ ସମସ୍ତ କର୍ମଚାରୀଙ୍କ ଆର୍‌ଟିପିସିଆର୍ ଟେଷ୍ଟ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।


WORKS DEPARTMENT No. B-415
OFFICE OF THE EXECUTIVE ENGINEER, ROURKELA (R&B) DIVISION, UDITNAGAR, ROURKELA
E-mail ID: eepwdrkl@gmail.com
Government of Orissa "e" Procurement Notice
Bid Identification No. 27/2021-2022 Dated: 20.09.2021
1. Number of Works : 12 (Twelve) number of works
2. Estimated Cost : Rs.8.12 lakhs to 38.79 lakhs
3. Period of Completion : 3 (Three) to 6 (Six) Calendar Months
4. Date & time of availability of bid document in the portal : Dt.04.10.2021 at 11.00 A.M.
5. Last date/time for receipt of bids in the portal : Dt.22.10.2021 upto 05.00 P.M.
6. Date of Opening of Bid : Dt.26.10.2021 at 11.00 A.M.
7. Name and address of the Officer Inviting Bid : Executive Engineer (R&B), Division, Rourkela, Udit Nagar
Further details can be seen from the e-procurement portal "http//tendersorissa.gov.in".
Sd./- Executive Engineer
R&B Division, Rourkela
OIPR-34068/11/0010/2122

କଟକ ଉନ୍ନୟନ କର୍ତ୍ତୃପକ୍ଷ
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨
ସୂଚନା
No. CAD-1257: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତନଗର) ସେକ୍ଟର-୯ରେ ପ୍ଲଟ ନଂ.- 3E/331ଟିକୁ ପି. ଦିଲ୍ଲୀପ କୁମାର ପାତ୍ରୋ, ପି.- ୪ପି. ଭରଦାରାଜୁଲୁ ପାତ୍ରୋ, ସା: କଲେଜ ଛକ, ଆସ୍କା, ପୋ: ନୂଆଗାଁ, ଥା: ଆସ୍କା, ଜିଲ୍ଲା: ଗଞ୍ଜାମଙ୍କୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ପି. ଦିଲ୍ଲୀପ କୁମାର ପାତ୍ରୋଙ୍କ ମୃତ୍ୟୁ ପରେ ତାଙ୍କର ପତ୍ନୀ ପି. ସୁଜାତା କୁମାରୀ ପାତ୍ରୋ, ସା/ପ୍ଲଟ ନଂ. 3E/331, ସେକ୍ଟର-୯, ସି.ଡି.ଏ., ପୋ: ଅଭିନବ ବିଡ଼ାନାସୀ, ଥା: ମର୍କତ ନଗର, ଜିଲ୍ଲା: କଟକ - 753014 ଉକ୍ତ ପ୍ଲଟ ସହିତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତପ୍ରରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
ସ୍ୱା./- ସଚିବ
OIPR-13037/11/0090/2122

ଓଡ଼ିଶା କୋ-ଅପରେଟିଭ୍ ଟସର୍ ଏବଂ ସିଲ୍କ ଫେଡେରେସନ୍ (SERIFED) Ltd.
ଶହୀଦନଗର ଭୁବନେଶ୍ୱର
ନୋଟିସ୍
No. PP-36: ଏତଦ୍ୱାରା ଓଡ଼ିଶାର ସମସ୍ତ ବୁଣାକାର ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ସେରିଫେଡ୍ ଭୁବନେଶ୍ୱରଙ୍କ ପାଖରେ ପ୍ରାୟ ଟ.୬,୦୦,୦୦,୦୦୦/- (ଛଅ କୋଟି ଟଙ୍କା)ର ଟସର ଗୁଟି ଓ ବାଛ କୋଷା ବିକ୍ରି ହେବା ପାଇଁ ଉପଲବ୍ଧ ଅଛି। ଏହି ଟସର କୋଷା ସେରିଫେଡ୍‌ର ନିଜସ୍ୱ ଗୋଦାମ ବ୍ୟତୀତ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଓ ସୁନ୍ଦରଗଡ଼ ଜିଲ୍ଲାମାନଙ୍କରେ ଥିବା ସହକାରୀ ରେଶମ ଶିଳ୍ପମାନଙ୍କ ଅଧୀନରେ ଥିବା ଟସର ସହଯୋଗ ସମିତିର ଗୋଦାମମାନଙ୍କରେ ବିକ୍ରିଯୋଗ୍ୟ ପ୍ରସ୍ତୁତି କାର୍ଯ୍ୟ ଶେଷ କରାଯାଇ ଗଚ୍ଛିତ ରଖାଯାଇଛି।
ଏଣୁ ଆଗ୍ରହୀ ବୁଣାକାର/ସ୍ୱୟଂ ସହାୟକ ଗୋଷ୍ଠୀ/ପ୍ରାଥମିକ ବୁଣାକାର ସହଯୋଗ ସମିତି ଓ କୁଶଳୀ କାରିଗରମାନଙ୍କ ଦ୍ୱାରା ଯଦି ଟସର କୋଷାର ଆବଶ୍ୟକତା ଥାଏ, ତେବେ ଆପଣମାନେ ପରିଚାଳନା ନିର୍ଦ୍ଦେଶକ ସେରିଫେଡ୍ ଭୁବନେଶ୍ୱରଙ୍କୁ ଯୋଗାଯୋଗ କରି ତା୧୫।୧୦।୨୦୨୧ରିଖ ଦିବା ୩ ଘଟିକା ମଧ୍ୟରେ ଆବେଦନ ପତ୍ର ପ୍ରଦାନ କଲେ ପ୍ରାଥମିକତା ଭିତ୍ତିରେ ତାର ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ଟସର କୋଷା ଯୋଗାଇ ଦିଆଯିବ।
ରାଜ୍ୟର ବୁଣାକାରମାନଙ୍କ ଆବଶ୍ୟକତା ପୂରଣ ପରେ ତା୧୫।୧୦।୨୧ରିଖ ପରଠାରୁ ବାହାର ରାଜ୍ୟର ଟସର କ୍ରେତାମାନଙ୍କୁ ମଧ୍ୟ ଟସର କୋଷା ଯୋଗାଇ ଦିଆଯିବ।
ମୋବାଇଲ ନମ୍ବର ସହିତ ଯୋଗାଯୋଗ କରନ୍ତୁ:
୧. ପ୍ରଦୀପ କୁମାର ପଟ୍ଟନାୟକ - ୯୪୩୮୨୯୫୮୮୫
୨. ପୁରୁଷୋତ୍ତମ ଦାଶ - ୯୪୩୭୩୯୩୯୬୦
ସ୍ୱା./- ପରିଚାଳନା ନିର୍ଦ୍ଦେଶକ, ସେରିଫେଡ୍
OIPR-39036/11/0002/2122

OFFICE OF THE GENERAL MANAGER
WATCO DIVISION, CUTTACK
Telephone/ e-mail/ FAX: 0671-2547115/gmwatcoctc@gmail.com
NATIONAL COMPETITIVE BIDDING THROUGH e-Procurement
No.C-1011
Bid Identification No. WATCO(W)- 07/2021-22 Dtd. 16.09.2021

| | | | |
|---|---|---|---|
| 1 | Name of the work | : | 6 Nos. of works |
| 2 | Estimated cost | : | Rs.17.08 lakhs to 88.27 lakhs (Approx.) |
| 3 | Period of completion | : | 3 (Three) calendar months |
| 4 | Date & time of availability of bid document in the portal | : | From 11 A.M. of dt.22.09.21 to 5.00 P.M. of dt.07.10.2021 |
| 5 | Last date / time of receipt of bids in the portal | : | 07.10.2021 upto 05.00 P.M. |
| 6 | Date & time of opening of bids | : | 08.10.2021 at 12.30 P.M. |
| 7 | Name and address of the officer inviting bid | : | The General Manager, WATCO Division, Cuttack-753003, Odisha, Ph. (0671) 2547115, email: gmwatcoctc@gmail.com |
| 8 | The bidders have to participate in ONLINE bidding only. | | |

Further details can be seen from the website www.tendersodisha.gov.in
Sd./- General Manager, WATCO Division, Cuttack
OIPR-13170/11/0010/2122

Government of Odisha
OFFICE OF THE EXECUTIVE ENGINEER, RURAL WORKS DIVISION, DHENKANAL
Email ID- eerwdivisiondhenkanal@yahoo.co.in; Contact No.- 06762 286706, Mobile No.- 9437255309
No. 4518//Dtd.22.09.21
2nd Corrigendum to Bid Identification No. Online-Dkl-08/2021-22
No.O-756:- In the unavoidable circumstances, the tender can not be uploaded in the scheduled date and time. Hence Availability of Tender on-line for bidding and opening of the tender invited vide T.O.TCN No. Dkl-08/2021-22 has been rescheduled as follows by the Procurement Officer, Executive Engineer, R.W. Division, Dhenkanal.

| Procurment Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Technical bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Dhenkanal | Online Dkl-08 | 27.09.2021 at 11.00 A.M. | 04.10.2021 upto 5.00 PM | 01.10.2021 upto 4.00 PM | 05.10.2021 at 11.00 A.M. |

All other terms and conditions are available in website www.tendersorissa.gov.in
Corrigendum if any shall only be published in the website
Authority reserves the right of reject any or all tenders without asssigning any reason thereof.
OIPR-25101/11/0006/2122
Sd./- Executive Engineer, R.W. Division, Dhenkanal

GOVERNMENT OF ODISHA
OFFICE OF THE ENGINEER-IN-CHIEF, RURAL WORKS, BHUBANESWAR
Unit-IV, Sachivalay Marg, Bhubaneswar-751001, Fax: 0674-2394705
No.26841/RR-BR-MISC-(Part-II)-03/2013 Date. 20.09.2021
1st corrigendum to Bid Identification No- Online-04/2021-22(Bridges) invited vide this office letter No-25120 Dt.06.09.2021
No.O-758:- Due to some unavoidable circumstances, partial modification in tender ID No- Online-04/2021-22(Bridges) invited vide this office letter No-25120 dt-6.09.2021 has been made which may be read as follows.
(i) The BID Identification No- Online-04/2021-22 (Bridges) may be read as Bid Identification No- Online-04/2021-22 (Bridges)
(ii) The date of availability of tender, Seeking tender clarification, Opening of Technical bid has been modified as follows.

| Sl. No. | Items | Time schedule as per original TCN | Time schedule as per Corrigendum Notice |
|---|---|---|---|
| 1 | Availability of Tender on-line for bidding | From 20.09.2021 at 11.00 AM To 05.10.2021 up to 5.00 PM | Extended From 30.09.2021 at 11.00AM To 21.10.2021 up to 5.00 PM |
| 2 | Last Date & Time of seeking tender clarification if any | 28.09.2021 at 2.00 PM | 8.10.2021 at 2.00 PM |
| 3 | Date & Time of opening of tender (Technical Bid) | 07.10.2021 at 11.00 AM | 22.10.2021 at 11.00 AM |
| 4 | Date & Time of opening of tender (Price Bid) | Will be intimated separately | Will be intimated later on to the successful bidders |

All other terms and conditions will remain unaltered
Sd./- Dt.20.09.2021
OIPR-25123/11/0010/2122
Chief Engineer (Buildings & Bridges), Rural Works, Odisha, Bhubaneswar

Odisha Lift Irrigation Corporation Ltd.
(A Govt. of Odisha Undertaking)
OFFICE OF THE EXECUTIVE ENGINEER, L.I. DIVISION, BARGARH
E-Procurement Notice-01/2021-22
E-mail- eeolicbgh@gmail.com, Phone-06646-246126
No.CAD-1280:-
1. Name of the Tender Inviting Officer : Executive Engineer, L.I. Division, Bargarh
2. Name of the work : Power supply, Installation and energisation of 20 Nos. Revival CLIPs in different blocks of Bargarh District
3. No. of Packages : 20 Nos.
4. Tender Amount : Varies from 07.69 Lakhs to 18.13 Lakhs
5. Date and time of availability of bid documents in the portal for online bidding **from 10.00 hrs dated 28.09.2021 to 18.00 hrs dated 07.10.2021.**
6. Last date and time of receipt of bids in the portal up to **18.00 hrs. Dated-07.10.2021**
7. Last date and time of clarification upto **17.00 hrs Dated-05.10.2021.**
8. Date of opening of technical bid (Cover-1) **at 11.00 hrs. Dated-08.10.2021.**
9. Date of opening of financial bid (Cover-2) will be informed after evaluation of technical bids.
10. Further details can be seen from the e-procurement portal of Govt. of Odisha i.e. **www.tendersodisha.gov.in.**
11. Subsequent corrigendum/addendum if required shall be available in the above portal.
Sd./- Executive Engineer, L.I. Division, Bargarh
OIPR-32277/11/0001/2122

See Career Appointment on every Wednesday & Saturday

OFFICE OF THE COLLECTOR & DISTRICT MAGISTRATE No. g-39
KALAHANDI, BHAWANIPATNA - 766001 (ODISHA)
(TENDER CALL NOTICE)
No. 1798/SW Dtd. 18.09.2021
1. The sealed tenders are invited from the intending Registered Printing Press/Supplying Agencies for printing and supply of **"Parent's + Manual (Odia)/Poster on ECCE/Flip Book on ECCE"** of Kalahandi District.
2. Tender papers required for the tender can be obtained from the Office of the Collector & District Magistrate, Kalahandi (DSWO Section) on payment of Rs.2000/- (Rupees two thousand) only (non-refundable) in cash towards cost of tender paper on any working day from the date of this notice till 25.10.2021 5.00 P.M. during office hour.
3. The tender papers can also be downloaded from the website **http:/www.kalahandi.nic.in**. In case of tender papers used downloading from the website the tender shall accompany Bank Draft of Rs.2000/- (Rupees two thousand) only in favour of **"District Social Welfare Office, Kalahandi"** payable at SBI Main Branch, Bhawanipatna.
4. The tender shall reach the District Social Welfare Office, Kalahandi by Registered Post/Courier Service/Speed Post only on or before **25.10.2021 at 5.00 P.M.** The tender received beyond the date and time mentioned above shall not be taken into consideration.
5. Tender paper must be accompanied with the money receipt/DD towards cost of tender papers and other relevant documents as mentioned in the tender paper. Failure to comply the instruction specified there on or non-submission of any of the documents specified, the bid shall summarily be rejected.
6. The sealed tenders will be opened on **26.10.21 at 3.00 P.M.** by the undersigned in this office in presence of the tenderers or their authorised agents and members of the district level purchase Committee constituted for the purpose.
7. The undersigned reserves the right to cancel or reject any or all the tenders without assigning any reason thereof.
8. The details of this tender is available in the Notice Board/District website **http:/www.kalahandi.nic.in**.
Sd./- Collector, Kalahandi
OIPR-24180/11/0011/2122

**ସଂକ୍ଷେପରେ**

## ମନ୍ତ୍ରଣାଳୟଗୁଡ଼ିକର ଖର୍ଚ୍ଚ କଟକଣା ହଟାଗଲା

**ନୂଆଦିଲ୍ଲୀ,୨୪।୯:** କୋଭିଡ ଯୋଗୁ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗଗୁଡିକ ଉପରେ କେନ୍ଦ୍ର ସରକାର ଖର୍ଚ୍ଚ କଟକଣା ଲଗାଇଥିଲେ। ଏହି କଟକଣାକୁ ସରକାର ଶୁକ୍ରବାର ହଟାଇ ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷର ବଳକା ସମୟ ଲାଗି ବଜେଟ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ମନ୍ତ୍ରଣାଳୟଗୁଡ଼ିକ ଖର୍ଚ୍ଚ କରିପାରିବାକୁ ଅନୁମତି ଦିଆଯାଇଛି। ବଜେଟ ଲକ୍ଷ୍ୟ ତୁଳନାରେ ରାଜକୋଷକୁ ଟିକସ ଆଦାୟରେ ବେଶ୍ ଉନ୍ନତି ଆସିଛି। କୋଭିଡ ଦ୍ୱିତୀୟ ଲହର ସତ୍ତ୍ୱେ ମଧ ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ମେ ଅବଧିରେ ଦେଶର ଆର୍ଥିକ କାର୍ଯ୍ୟକଳାପ ବେଶ୍ ଉନ୍ନତ ରହିଛି। ଜୁଲାଇ-ସେପ୍ଟେମ୍ବର ତ୍ରୈମାସ ଲାଗି ଅର୍ଥ ମନ୍ତ୍ରଣାଳୟ ମନ୍ତ୍ରଣାଳୟ ଏବଂ ବିଭାଗଗୁଡିକ ଉପରେ ୨୦% ଖର୍ଚ୍ଚ କଟକଣା ଲାଗୁ କରିଥିଲା। ତ୍ୱରିତ ଭିତ୍ତିରେ ପୂର୍ବର ଅର୍ଡରକୁ ପ୍ରତ୍ୟାହାର କରାଯାଇଛି। ବଜେଟ ପ୍ରସ୍ତାବ ମୁତାବକ ମନ୍ତ୍ରଣାଳୟ ଏବଂ ବିଭାଗ ଖର୍ଚ୍ଚ କରିପାରିବେ ବୋଲି ଅର୍ଥନୈତିକ ବ୍ୟାପାର ବିଭାଗର ବଜେଟ ଡିଭିଜନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ନେଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ ୭୪% ବୃଦ୍ଧି

**ନୂଆଦିଲ୍ଲୀ,୨୪।୯:** ଚଳିତ ଆର୍ଥିକ ବର୍ଷ ବର୍ତ୍ତମାନ ସୁଦ୍ଧା ନେଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ ୭୪% ବୃଦ୍ଧି ଘଟି ୫.୭୦ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହା ମଧ୍ୟରେ ବ୍ୟକ୍ତିଗତ ଆୟକର ଏବଂ କର୍ପୋରେଟ ଟିକସ ସାମିଲ ରହିଥିବା ଜଣାପଡିଛି। ଅଗ୍ରିମ ଟିକସ ଏବଂ ଟିଡିଏସ୍ ପେମେଣ୍ଟରେ ଉନ୍ନତି ଆସିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଗତ ବର୍ଷ ସମାନ ଅବଧିରେ ସରକାର ୩.୨୭ ଲକ୍ଷ କୋଟି ଟଙ୍କା ଆଦାୟ କରିବାକୁ ସକ୍ଷମ ହୋଇଥିଲେ ବୋଲି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ସ୍ପଷ୍ଟ କରାଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷ ସମାନ ସମୟ ତୁଳନାରେ ଟିକସ ଆଦାୟ ୨୭% ବୃଦ୍ଧି ହୋଇଛି। ଏହି ଅବଧିରେ ୪.୪୯ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ ହୋଇଥିଲା। ସେହିଭଳି ମୋଟ ପ୍ରତ୍ୟକ୍ଷ ଟିକସ ଆଦାୟ ବର୍ତ୍ତମାନ ସୁଦ୍ଧା ୪୭% ବଢି ୬.୪୫ ଲକ୍ଷ କୋଟି ଟଙ୍କା ଛୁଇଁଛି।

# ଯାନରେ ଫ୍ଲେକ୍ସ ଫୁଏଲ ଇଞ୍ଜିନ ଶୀଘ୍ର

**ନୂଆଦିଲ୍ଲୀ,୨୪।୯**

ଯାନଗୁଡ଼ିକରେ ଶୀଘ୍ର ଫ୍ଲେକ୍ସ ଫୁଏଲ ଇଞ୍ଜିନ ଲାଗୁ ହେବ। କାର ନିର୍ମାଣକାରୀ କମ୍ପାନୀଗୁଡ଼ିକୁ ଏହି ବର୍ଗର ଇଞ୍ଜିନ ପ୍ରସ୍ତୁତ କରିବାକୁ ଆଗାମୀ ୩ରୁ ୪ ମାସରେ ଅନୁମତି ପ୍ରଦାନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଶୁକ୍ରବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ସ୍ଥାନୀୟ ଭାବେ ଉତ୍ପାଦିତ ହେଉଥିବା ଇଥାନଲ ବ୍ୟବହାର ଦ୍ୱାରା ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର କମାଇବାକୁ ସରକାର ଯୋଜନା ରଖିଛନ୍ତି। ବିଏମ୍‌ଡବ୍ଲ୍ୟୁ, ମର୍ସିଡିଜ,ଟାଟା ଏବଂ ମହିନ୍ଦ୍ରା ଭଳି କମ୍ପାନୀଗୁଡ଼ିକୁ ଏଭଳି ଇଞ୍ଜିନ ପ୍ରସ୍ତୁତ କରିବା ଲାଗି କୁହାଯିବ। ଏଭଳି ଇଞ୍ଜିନ ଲାଗୁ


ନୀତିନ ଗଡକରୀ

କରିବା ଲାଗି ବଜାଜ ଏବଂ ଟିଭିଏସ୍ ଭଳି କମ୍ପାନୀଗୁଡିକୁ କୁହାଯାଇଛି। ଫ୍ଲେକ୍ସ ଫୁଏଲ ବା ଫ୍ଲେକ୍ସିବୁଲ ଫୁଏଲ ଏକ ବିକଳ୍ପ ଇନ୍ଧନ। ଏହା ଗ୍ୟାସୋଲିନ ଏବଂ ମିଥାନଲ କିମ୍ବା ଇଥାନଲ ମିଶ୍ରଣରେ ପ୍ରସ୍ତୁତ କରାଯାଇଥାଏ। ଜୀବନକାଳ ଭିତରେ ଦେଶ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ବନ୍ଦ ହେବା ଦେଖିବାକୁ ଇଚ୍ଛା ବୋଲି ସେ ମତ ପ୍ରକାଶ କରିଛନ୍ତି। ଦେଶର କୃଷକ ମାନେ ଏହାର ବିକଳ୍ପ ଭାବେ ମିଥାନଲ ପ୍ରସ୍ତୁତିରେ ଯୋଗଦାନ ରଖି ପାରିବେ। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ପୁନେରେ ୩ ମିଥାନଲ ପ୍ଲାଣ୍ଟକୁ ଶୁଭାରମ୍ଭ କରିଥିବା ସେ ସୂଚନା ଦେଇଛନ୍ତି। ଏଭଳି ଅଧିକ ପ୍ଲାଣ୍ଟ ସ୍ଥାପନା ଲାଗି କାମ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି।

### ୨୦୨୫ ସୁଦ୍ଧା ୨୦% ଇଥାନଲ ମିଶ୍ରଣ ଲକ୍ଷ୍ୟ

୨୦୨୫ ସୁଦ୍ଧା ପେଟ୍ରୋଲ ଏବଂ ଡିଜେଲରେ ୨୦% ଇଥାନଲ ମିଶ୍ରଣ ନେଇ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଧାର୍ଯ୍ୟ ଲକ୍ଷ୍ୟ ହାସଲ ନେଇ ସରକାର ଆଶାବାଦୀ ଥିବା କହିଛନ୍ତି। ଇଥାନଲ ମିଶ୍ରଣ ହାର ୯% ଛୁଇଁଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି। ଦେଶର ଶକ୍ତି ନିରାପତ୍ତା ଲାଗି ଇଥାନଲ ମିଶ୍ରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ସେ କହିଛନ୍ତି ଯେ, ଭାରତ ୮୫% ଲିକ୍ୟୁଡ ହାଇଡ୍ରୋକାର୍ବନ ଆମଦାନୀ କରୁଥିବା ବେଳେ ଏଥି ବାବଦକୁ ୧୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛି। ଏହାବାଦ ଗ୍ୟାସ ଆମଦାନୀ ମଧ ହେଉଛି। ନୂତନ ଶକ୍ତି ଉତ୍ସ ସନ୍ଧାନ, ଉତ୍ପାଦନ ଏବଂ ଇଥାନଲ ମିଶ୍ରଣ ଭଳି ଦିଗ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ପଡିବ। ନିକଟରେ ଇଥାନଲ ମିଶ୍ରଣ ନେଇ ହୋଇଥିବା ଟେଣ୍ଡର ପ୍ରକ୍ରିୟାକୁ ଭଲ ରେସପନ୍ସ ମିଳିଥିବା ସେ ସ୍ପଷ୍ଟ କରିଛନ୍ତି।

## ବଜାରରେ ଆଇ ଫୋନ୍ ୧୩ ସିରିଜ



**ଭୁବନେଶ୍ୱର,୨୪।୯**

ଆପଲ୍ ଆଇଫୋନ ୧୩ ସିରିଜ ଶୁକ୍ରବାର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଶହୀଦ ନଗରସ୍ଥିତ ଏସ୍ଏ ଇନଫୋସିସ୍ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହାର ଉନ୍ମୋଚନ କରାଯାଇଛି। ଏସ୍ଏ ଇନଫୋସିସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭିଷେକ ପୋଦ୍ଦାର, ସଂସ୍ଥାର ବାଣିଜ୍ୟକ ମୁଖ୍ୟ ପିୟୁସ କୁମାର ଏବଂ ଲକ୍ଷ୍ମୀ ମୋବାଇଲର ସ୍ୱତ୍ତ୍ୱାଧିକାରୀ ନକୁଳ ସୁବୁଦ୍ଧି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଆଇଫୋନ-୧୩ର ୩ଟି ମଡେଲ ବର୍ତ୍ତମାନ ବଜାରରେ ଉପଲବ୍ଧ ହେଉଛି। ଏହା ମଧ୍ୟରେ ଆଇଫୋନ ୧୩, ଆଇଫୋନ ୧୩ ମିନି ଏବଂ ୧୩ ପ୍ରୋ ମାକ୍ସ ରହିଛି। ମଡେଲଗୁଡ଼ିକର ମୂଲ୍ୟ ୬୯,୯୦୦ ଟଙ୍କାରୁ ୧,୭୯,୯୦୦ ଟଙ୍କା ରହିଛି। ଫୋନଗୁଡ଼ିକରେ ୫ରୁ ୬ ହଜାର ଟଙ୍କାର କ୍ୟାଶବ୍ୟାକ ଉପଲବ୍ଧ ରହିଛି।

**ଜନ୍ମଦିନ ଶୁଭେଚ୍ଛା**



**ଶୁଭଜିତ୍ (ଲକି)**

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

-:ଶୁଭେଚ୍ଛା ସହ:-
ବନ୍ଧୁ ଓ ପରିବାରବର୍ଗ ।

ଧ-୭୧୧୬୮

## ୨୬ରେ ବ୍ରହ୍ମପୁର ଅରୁନ୍ଧତୀ ଜୁଏଲର୍ସ ଶୁଭାରମ୍ଭ


ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ଓ ଅନ୍ୟମାନେ।

**ବ୍ରହ୍ମପୁର ଅଫିସ୍,୨୪।୯**

ଅରୁନ୍ଧତୀ ଜୁଏଲର୍ସ ରେଶମ ସହର ବ୍ରହ୍ମପୁରର ଶଙ୍କର ପ୍ଲାଜାଠାରେ ଚଳିତ ମାସ ୨୬ରେ ଏହାର ନୂଆ ଫ୍ଲାଗଶିପ୍ ଶୋ'ରୁମ ଶୁଭାରମ୍ଭ କରିବ। ଚର୍ଚ୍ଚ ରୋଡଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଫ୍ଲାଗଶିପ୍ ଶୋ'ରୁମ୍ ୧୨ ହଜାର ବର୍ଗଫୁଟ ପରିମିତ। ଏଥିରେ ଦେଶର କୋଣ ଅନୁକୋଣରୁ ପ୍ରସ୍ତୁତ କରାଯାଇଥିବା ଡିଜାଇନ୍ ଓ ସଂପୂର୍ଣ୍ଣ ହଲମାର୍କ ଶୁଦ୍ଧତାଯୁକ୍ତ ସୁନା ଗହଣା, ହୀରା ଗହଣା, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୁପା ଗହଣା ଓ କଳାକୃତି ଏବଂ ପ୍ରିମିୟମ୍ ସିଲ୍କ ଶାଢ଼ିର ସମ୍ଭାର ରଖାଯିବ। ସେହିଭଳି ଗ୍ରାହକ ୫ ଷ୍ଟାର ପ୍ରମିସ୍ ସେବା ଏବଂ ପାର୍ବଣ ଋତୁ ପର୍ଯ୍ୟନ୍ତ ଆକର୍ଷଣୀୟ ଅଫର ପାଇପାରିବେ। ସୁନା ଗହଣା ଗଢାମଜୁରି ଉପରେ ୧୧.୯୧% ସହ ୨୫ ଗ୍ରାମ ସୁନା କିଣିଲେ ସୁନା କଏନ୍ ଓ ୨ ଗ୍ରାମ ସୁନା କ୍ରୟ କଲେ ରୌପ୍ୟ ମୁଦ୍ରା ସହ ଆକର୍ଷଣୀୟ ଉପହାର ମଧ ରହିଛି। ସୁନା ଗହଣା କ୍ରୟ ଉପରେ ଇନ୍ସ୍ୟୁରାନ୍ସ ରହିଛି। ୨୧ ଜଣ ଲକ୍ଷପତି ବିଜେତା ଅଫର୍ ୨୦୨୨ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରହିବ। ଖବରଦାତା ସମ୍ମିଳନୀରେ ଅରୁନ୍ଧତୀ ଗ୍ରୁପର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର, ଅପରେଶନ୍ ମୁଖ୍ୟ ନୀହାର ରଞ୍ଜନ ରଥ, ଜୋନାଲ ମ୍ୟାନେଜର ନିରଞ୍ଜନ ବେହେରା ଓ ବ୍ରହ୍ମପୁର ଶାଖା ମୁଖ୍ୟ ମୋହନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଧାର ପଥରେ ଅର୍ଥ ବ୍ୟବସ୍ଥା:ସୀତାରାମନ

**ଚଣ୍ଡିଗଡ,୨୪।୯**

ଦେଶର ଅର୍ଥ ବ୍ୟବସ୍ଥା ନିରନ୍ତର ସୁଧାର ପଥରେ ରହିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଏବଂ ପ୍ରତ୍ୟକ୍ଷ ଟିକସ ଆଦାୟ ବର୍ତ୍ତମାନ ବୃଦ୍ଧି ଘଟୁଛି। ଖୁଚୁରା ଏବଂ କ୍ଷୁଦ୍ର ନିବେଶକମାନେ ଭାରତୀୟ ଶେୟାର ବଜାର ଉପରେ ଭରଷା ଦେଖାଉଥିବାରୁ ଭାରତୀୟ ଷ୍ଟକ ବଜାରର ଆତ୍ମ ବିଶ୍ୱାସ ବଢିଛି। କୋଭିଡ ପୂର୍ବ ସ୍ଥିତିକୁ ଅର୍ଥ ବ୍ୟବସ୍ଥା ଦ୍ରୁତ ହାରରେ ପ୍ରତ୍ୟାବର୍ତ୍ତନ କରୁଛି। ଏହା ହୋଇ ନ ଥିଲେ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଟିକସ ଆଦାୟରେ ଏଭଳି ଅଭିବୃଦ୍ଧି କେବେ ହୁଅନ୍ତା ନାହିଁ ବୋଲି ସେ ମତ ପ୍ରକାଶ କରିଛନ୍ତି। ସେ ପୁଣି କହିଛନ୍ତି, ୬ ବର୍ଷିଆ ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରାଯାଇଛି। ପ୍ରତି ମାସରେ ହାରାହାରି ଜିଏସ୍‌ଟି ଆଦାୟ ୧.୧୧ ଲକ୍ଷ କୋଟି ଟଙ୍କାରୁ ୧.୧୨ ଲକ୍ଷ କୋଟି ଟଙ୍କା ମଧ୍ୟରେ ରହୁଛି। ଷ୍ଟକ ବଜାରରେ ପୂର୍ବରୁ ରିଟେଲ ନିବେଶକମାନେ ମ୍ୟୁଚୁଆଲ ଫଣ୍ଡ ଦ୍ୱାରା ଅଂଶ ଗ୍ରହଣ କରୁଥିବା ବେଳେ ବର୍ତ୍ତମାନ ପ୍ରତ୍ୟକ୍ଷ ଭାବେ ଭାଗ ନେଉଛନ୍ତି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BCF FINANCE**
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା
ମାର୍କସିଟ | ଆଧାରକାର୍ଡ | କୃଷି | ପଶୁପାଳନ | ସମ୍ପତି | ଲଘୁ ଉଦ୍ୟୋଗ | ବ୍ୟକ୍ତିଗତ | BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8470867033

**Pratichi**
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀ ପାଇଁ ପୁରୀ, କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ଯୋଗାଯୋଗ : ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲି., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ
ମୋ.- ୯୮୫୩୦୦୩୩୧୭
Email ID: pratichidairyproducts@gmail.com

**ଭାରତର ନଂ.1 Tower Company**
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ ୨୨୨/- ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

**VISWAJANANI FINANCE**
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

**ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ**
ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଫୁର୍‌ସତ୍**

## ତ୍ରୁଟିପୂର୍ଣ୍ଣ କେଶ କଟା ପାଇଁ ୨ କୋଟି କ୍ଷତିପୂରଣ

**ନୂଆଦିଲ୍ଲୀ:** ଦିଲ୍ଲୀର ଏକ ସେଲୁନ୍‌ରେ ଭୁଲ ଭାବେ ମହିଳାଙ୍କ କେଶ କାଟିବା ମହଙ୍ଗା ପଡିଛି। ସେଲୁନକୁ ଏବେ ୨ କୋଟି ଟଙ୍କାର କ୍ଷତି ପୂରଣ ଦେବାକୁ ପଡିବ। ଜାତୀୟ ଉପଭୋକ୍ତା ବିବାଦର ସମାଧାନ ଆୟୋଗ (ଏନସିଡିଆରଡିସି) ମହିଳାଙ୍କୁ ଦୁଇ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଗ କହିବାନୁସାରେ, ସେଲୁନ କେବଳ ମହିଳାଙ୍କ କେଶକୁ ଭୁଲ ଭାବେ କାଟି ନାହିଁ ବରଂ ଭୁଲ କେଶ ଔଷଧ ଦେଇ କେଶକୁ ସ୍ଥାୟୀ କ୍ଷତି ପହଞ୍ଚାଇଛି। ଏହି କାରଣରୁ ୨ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଷ୍ଟିସ ଆର.କେ ଅଗ୍ରୱାଲ ଏବଂ ଡା. ଏସଏମ କାନ୍ତିକର ଏହି ନିର୍ଦ୍ଦେଶ ଦେଇଛନ୍ତି। ଆୟୋଗ କେଶକଟା ସମୟରେ ମହିଳାଙ୍କ ଆୟ କଥା ମଧ ବିଚାରକୁ ନେଇଥିଲେ। ଏହି ଘଟଣା ଏପ୍ରିଲ ୨୦୧୮ରେ ଘଟିଥିଲା। ମହିଳା ଜଣକ ହେୟାର



ପ୍ରଡକ୍ଟରର ମଡେଲ ଥିଲେ ଏବଂ ବିଭିନ୍ନ ହେୟାର କେୟାର ବ୍ରାଣ୍ଡର ମଡେଲିଂ କରୁଥିଲେ। ସେ ତାଙ୍କ କେଶ ଚିକିତ୍ସା ପାଇଁ ଦିଲ୍ଲୀର ଆଇଟିସି ମୌର୍ଯ୍ୟ ହୋଟେଲର ସେଲୁନକୁ ଯାଇଥିଲେ। ସେଠାରେ ତାଙ୍କ କେଶ ଭୁଲ୍ ଭାବେ କଟାଯାଇଯିବାରୁ ମହିଳାଙ୍କ ଆର୍ଥିକ କ୍ଷତି ହୋଇଥିଲା। ସେଲୁନର ଭୁଲ କେଶ ଚିକିତ୍ସା ହେତୁ ମହିଳା ମଡେଲିଂ ଦୁନିଆରେ ଆଉ ଆଗକୁ ବଢିପାରି ନ ଥିଲେ। ଏହି ପରିପ୍ରେକ୍ଷୀରେ ମହିଳା ଜଣକ କହିଥିଲେ ଯେ, ସେଲୁନର ରାସାୟନିକ ପଦାର୍ଥ ଯୋଗୁ ତାଙ୍କ କେଶ ନଷ୍ଟ ହୋଇଯାଇଥିଲା ଏବଂ ଏହା ପରେ ସେ ତିନି କୋଟି କ୍ଷତିପୂରଣ ମାଗି ଜାତୀୟ ଉପଭୋକ୍ତା ବିବାଦ ସମାଧାନ କମିଶନଙ୍କ ନିକଟକୁ ଯାଇଥିଲେ।

## କୁକୁର ପାଇଁ ଛତା ଧରିଲେ

**ନୂଆଦିଲ୍ଲୀ:** ଆଜିର ସମାଜରେ ଅନେକ ସହୃଦୟ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନବିକତାର ଉଦାହରଣ ସାଜିଛନ୍ତି। ଏମିତି ଜଣେ ବ୍ୟକ୍ତିଙ୍କୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା। କୁକୁରକୁ ବର୍ଷାରୁ ରକ୍ଷା କରିବା ପାଇଁ ଜଣେ ବ୍ୟକ୍ତି ଛତା ଧରି ରାସ୍ତା ଉପରେ ଅନେକ ସମୟ ଛିଡ଼ା ହୋଇଛନ୍ତି। ଏହି ଫଟୋକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି ରତନ ଟାଟା। ଫଟୋକୁ ଶେୟାର କରିବା ପରେ ସେ କ୍ୟାପଶନରେ ଲେଖିଛନ୍ତି କି ଜଣେ ଦୟାଳୁ କର୍ମଚାରୀ ନିଜ ଛତାରେ କୁକୁରକୁ ବର୍ଷାରୁ ରକ୍ଷା କରିଛନ୍ତି। ଫଟୋଟି ମୁମ୍ବାଇର। ମୁମ୍ବାଇରେ ସେଦିନ ପ୍ରବଳ ବର୍ଷା ହେଉଥିଲା ବୋଲି ସୂଚନା ଦିଏ। ତେଣୁ ବର୍ଷା ପ୍ରକୋପରୁ କୁକୁରକୁ ରକ୍ଷା କରିବା ପାଇଁ ମୁମ୍ବାଇର ଉକ୍ତ ବ୍ୟକ୍ତି ଏଭଳି ଦୟାଭାବ ଦେଖାଇଛନ୍ତି। ରତନ ଟାଟାଙ୍କର ଏହି ଫଟୋକୁ ସୋସିଆଲ ମିଡିଆରେ ଦେଖିବା ପରେ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ବହୁସଂଖ୍ୟାରେ ଲୋକେ ଏହି ଫଟୋକୁ



ପୁଣିଥରେ ଶେୟାର କରିବା ସହିତ ପ୍ରଶଂସା ବି କରିଛନ୍ତି। ସେଥିପାଇଁ ଏବେ ଏହି ଫଟୋଟି ଭାଇରାଲ ହେବାରେ ଲାଗିଛି। ଏବେ ସୁଦ୍ଧା ଏହି ଫଟୋକୁ ୧୦ ଲକ୍ଷରୁ ଅଧିକ ଲୋକ ପସନ୍ଦ କରି ସାରିଲେଣି। ତେବେ ଅଧିକାଂଶ ଲୋକ ଏହି ଫଟୋକୁ ଦେଖି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି।



## ଅଡୁଆରେ କପିଲ ଶର୍ମାଙ୍କ ଶୋ'

**ମୁମ୍ବାଇ:** ପୁଣି ଅଡୁଆରେ କମେଡିଆନ୍ କପିଲ ଶର୍ମାଙ୍କ 'ଦ କପିଲ ଶର୍ମା ଶୋ'। ମଧ୍ୟପ୍ରଦେଶର ଶିବପୁରୀ ଜିଲା କୋର୍ଟରେ ଶୋ' ବିରୋଧରେ ଏତଲା ଦାଏର ହୋଇଛି। କୋର୍ଟ ରୁମ୍ ଦୃଶ୍ୟ ଦେଖାଉଥିବା ବେଳେ କଳାକାରମାନେ ମଦ୍ୟପାନ କରୁଥିବା ଶୋ'ରେ ଦେଖାଯାଇଥିଲା। ଏହା କୋର୍ଟ ପ୍ରତି ଅପମାନ ବୋଲି ଅଭିଯୋଗରେ କୁହାଯାଇଛି। ଏକ ଏପିସୋଡରେ ମଞ୍ଚ ଉପରେ କୋର୍ଟ ପରି ସେଟ୍ କରାଯାଇଥିଲା। ସେଥିରେ ଅଭିନେତାମାନେ ମଦ୍ୟପାନ କରୁଥିବା ଦେଖିବାକୁ ମିଳିଥିଲା। ଏହା କୋର୍ଟର ଅବମାନନା ହୋଇଥିବାରୁ ଏପରି ପ୍ରଦର୍ଶନକୁ ବନ୍ଦ କରିବା ଉଚିତ ବୋଲି କୁହାଯାଇଛି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
(ତାରିଖ: ୨୫.୦୯.୨୦୨୧)




✓ ଶ୍ରୀମତି ଗୁଣମୟୀ ମିଶ୍ର
ଆବିର୍ଭାବ-୦୨.୦୩.୧୯୪୫
ତିରୋଧାନ-୧୫.୦୯.୨୦୨୧
ସ୍ୱାମୀ ✓ ଗତିଶ୍ୱର ମିଶ୍ର।
ଲକ୍ଷ୍ମୀସାଗର, ଭୁବନେଶ୍ୱର।
ତୁମେ ଯେଉଁଠାରେ ଅଛ ଭଲରେ ଥାଅ... ତୁମର ଆର୍ଶୀବାଦ ଆମ ଉପରେ ସବୁବେଳେ ରହିଥାଉ। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ତୁମର ଶୋକ ସନ୍ତପ୍ତ ପରିବାର ବର୍ଗ।
ଧ-୨୧୭୪୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



✓ ରାଜ କିଶୋର ସେନାପତି
ବଡଗୁଆଳିପଡା, ଡେଲାଙ୍ଗ, ଭୁବନେଶ୍ୱର
ଆମକୁ ଏମିତି ହଠାତ୍ ଛାଡ଼ି ଚାଲିଯିବ, କେବେ ଭାବିନଥିଲୁ। ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା, ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ କର୍ତ୍ତବ୍ୟପରାୟଣତା ଆମମାନଙ୍କ ଜୀବନର ମାର୍ଗଦର୍ଶକ ହେଉ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା।
-----: ଶୋକସନ୍ତପ୍ତ:-----
ପତ୍ନୀ-ଜେମାମଣି, ପୁତ୍ର-ପ୍ରଗତି, ଜିତୁ, ପୁତ୍ରବଧୂ-ମାନା, ନିନା, ପୁତ୍ରୀ-ମମି, ମୁନା, ଟୁନି, ଜ୍ୱାଇଁ-ଦେବ, ପୂର୍ଣ୍ଣ, ମିଟୁ, ନାତି, ନାତୁଣୀ ପରିବାର ଓ ଆତ୍ମୀୟସ୍ୱଜନ
ଧ-୨୧୭୫୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ହାରାମଣି ତ୍ରିପାଠୀ
ଡିହପୁର, ମନ୍ଦାରବସ୍ତ, କଣାସ, ଜିଲ୍ଲା- ପୁରୀ
ଆବିର୍ଭାବ: ୩୧।୧୨।୧୯୩୦
ତିରୋଧାନ: ୦୭।୧୦।୨୦୨୦
(ଆଶ୍ୱିନ ମାସ, କୃଷ୍ଣପକ୍ଷ, ପଞ୍ଚମୀ ତିଥି)
ଚାହୁଁଚାହୁଁ ବର୍ଷଟିଏ ବିତିଗଲା। ସବୁକିଛି କାଲି ପରି ଲାଗୁଛି। ତୁମ ଅବର୍ତ୍ତମାନରେ ପ୍ରତିଟି ମୁହୂର୍ତ୍ତ ଅସହ୍ୟ ଅନୁଭବ ହେଉଛି। ତୁମ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମେ ଜୀବନର ପ୍ରତି ମୁହୂର୍ତ୍ତରେ ଅନୁଭବ କରିପାରୁଛୁ ଆଖିପତା ବୁଜିଲେ ଭାସି ଆସୁଛି ପ୍ରତିଟି ମୁହୂର୍ତ୍ତର ସ୍ମୃତି। ତୁମର ପୁଣ୍ୟତିଥି ଅବସରରେ ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମା ଯେଉଁଠି ଥାଉ ଶାନ୍ତିରେ ରହୁ ଏବଂ ତୁମେ ଆଶୀର୍ବାଦ ସର୍ବଦା ଆମକୁ ପ୍ରଦାନ କରୁଥାଅ ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ ପରିବାର:
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି, ନାତୁଣୀବୋହୂ, ନାତୁଣୀ, ନାତୁଣୀ ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୭୪୨

**୨ୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ରବୀନ୍ଦ୍ର କୁମାର ପ୍ରଧାନ
ଆବିର୍ଭାବ: ୦୫।୦୩।୧୯୬୨
ତିରୋଧାନ: ୨୫।୦୯।୨୦୧୯
ତୁମର ଆଦର୍ଶ, ସ୍ନେହ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୭୪୩

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସଂଘମିତ୍ରା ସ୍ୱାଇଁ
ଆବିର୍ଭାବ: ୨୫।୦୯।୧୯୮୨
ତିରୋଧାନ: ୦୭।୧୦।୨୦୨୦
(ଆଶ୍ୱିନ କୃଷ୍ଣପକ୍ଷ ପଞ୍ଚମୀ ତିଥି)
ଗେହ୍ଲାଳିଆ ମାମାରେ ତୁ ସିନା ଚାଲିଗଲୁ ଆମକୁ ପରକରି ଦେଇ ସେପାରିକୁ, ଜୀବନରେ ସମ୍ପର୍କ କେବେବି ସରେନି କଥା ନ ହେଲେ ମଧ ଆଖିରେ ରହିଥାଏ । ଆଖିରୁ ଦୂରେଇ ଗଲେ ବି ମନରେ ରହିଯାଏ । ପ୍ରଭୁ ଜଗନ୍ନାଥଙ୍କ ପାଖରେ ଆମର ଏତିକି ବିନମ୍ର ମିନତି, ତୋର ଅମର ଆତ୍ମାର ସଦ୍‌ଗତି ହେଉ ।
ହତଭାଗିନୀ ଶାଶୁ (କଲ୍ୟାଣୀ ସ୍ୱାଇଁ), ହତଭାଗ୍ୟ ଶ୍ୱଶୁର (ହେମନ୍ତ ସ୍ୱାଇଁ), ହତଭାଗ୍ୟ ସ୍ୱାମୀ ( ସ୍ମୃତି ରଞ୍ଜନ ସ୍ୱାଇଁ), ହତଭାଗିନୀ ନଣନ୍ଦ (ମାମୁନି), ହତଭାଗ୍ୟ ପୁତ୍ର (ପପୁଲୁ), ହତଭାଗ୍ୟ ତୁଗୁ (Pet Dog).





କିଟ୍ ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍‌ରେ ଶୁକ୍ରବାର ବାଳକ ବିଭାଗରେ ଓଡ଼ିଶା-କର୍ଣ୍ଣାଟକ ଏବଂ ବାଳିକାରେ ଓଡ଼ିଶା-ଆନ୍ଧ୍ର ପ୍ରଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଓଡ଼ିଶା କ୍ୱାର୍ଟର ଫାଇନାଲ୍‌ରେ

**ଜାତୀୟ ଜୁନିୟର ଖୋ ଖୋ**

**ଭୁବନେଶ୍ୱର, ୨୪।୯(କ୍ରୀଡ଼ା ପ୍ରତିନିଧି)**

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ଓଡ଼ିଶା ବାଳିକା ଓ ବାଳକ ଦଳ ପ୍ରବେଶ କରିଛନ୍ତି। ଶୁକ୍ରବାର ବାଳିକା ବିଭାଗ ପ୍ରି-କ୍ୱାର୍ଟର ଫାଇନାଲରେ ବାଳିକା ଦଳ ୨୬-୫ ପଏଣ୍ଟରେ ହିମାଚଳ ପ୍ରଦେଶକୁ ଏବଂ ବାଳକ ୧୭-୧୦ରେ ମଣିପୁରକୁ ପରାସ୍ତ କରିଥିଲା। ପୂର୍ବରୁ ବାଳିକା ଦଳ (୨୩-୨) ଏକ ଇନିଂସ ଓ ୨୧ ପଏଣ୍ଟରେ ଆନ୍ଧ୍ର ପ୍ରଦେଶକୁ ଏବଂ ବାଳକ ଦଳ (୧୬-୯) ୭ ପଏଣ୍ଟରେ କର୍ଣ୍ଣାଟକକୁ ହରାଇ ଦେଇଥିଲା।

ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ବାଳକ ବିଭାଗରେ ମଣିପୁର (୩୯-୨) ଇନିଂସ ଓ ୨୯ ପଏଣ୍ଟରେ ନାଗାଲାଣ୍ଡ, ଝାଡ଼ଖଣ୍ଡ (୧୩-୮) ଇନିଂସ ଓ ୫ ପଏଣ୍ଟରେ ଅରୁଣାଚଳ ପ୍ରଦେଶ, ତେଲଙ୍ଗାନା (୧୧-୧୦) ୧ ପଏଣ୍ଟରେ ଛତିଶଗଡ଼କୁ ହରାଇଥିବାବେଳେ ଦିଲ୍ଲୀ ଓ ତାମିଲନାଡୁ ମ୍ୟାଚ ୧୦-୧୦ ପଏଣ୍ଟରେ ଟାଇ ହୋଇଛି। ହରିୟାଣା (୨୦-୧୪) ୬ ପଏଣ୍ଟରେ ଗୁଜରାଟ, କୋହ୍ଲାପୁର (୩୦-୧୩) ୧୭ ପଏଣ୍ଟରେ ମଧ୍ୟଭାରତ, ଆନ୍ଧ୍ର ପ୍ରଦେଶ (୧୬-୧୩) ୩ ପଏଣ୍ଟରେ କେରଳକୁ ହରାଇ ଦେଇଛି।

ବାଳିକା ବିଭାଗରେ ଛତିଶଗଡ଼ (୧୯-୯) ଇନିଂସ ଓ ୧୦ ପଏଣ୍ଟରେ ଅରୁଣାଚଳ ପ୍ରଦେଶ, କୋହ୍ଲାପୁର (୧୦-୭) ଇନିଂସ ଓ ୩ ପଏଣ୍ଟରେ ରାଜସ୍ଥାନ, ହରିୟାଣା (୭-୬) ୧ ପଏଣ୍ଟରେ କେରଳ, ତାମିଲନାଡୁ (୨୦-୪) ଏକ ଇନିଂସ ୧୬ ପଏଣ୍ଟରେ ମଧ୍ୟଭାରତ, ପଞ୍ଜାବ (୯-୮) ୧ ପଏଣ୍ଟରେ ଦିଲ୍ଲୀ, ପଶ୍ଚିମବଙ୍ଗ (୧୦-୯) ୧ ପଏଣ୍ଟରେ ଗୁଜରାଟକୁ ପରାସ୍ତ କରିଛି।

## ସ୍ଲୋ ଓଭର ରେଟ୍ ପାଇଁ କେକେଆର୍‌କୁ ଜରିମାନା

**ଆବୁଧାବି, ୨୪।୯ (ପି.ଟି.):** ଚଳିତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ସ୍ଲୋ ଓଭର ରେଟ୍ ପାଇଁ କୋଲକାତା ନାଇଟ ରାଇଡର୍ସ (କେକେଆର୍) ଅଧିନାୟକ ଇଅନ ମୋର୍ଗାନ ଓ ତାଙ୍କ ସାଥୀ ଖେଳାଳିମାନଙ୍କୁ ଜରିମାନା କରାଯାଇଛି। ମୋର୍ଗାନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ବେଳେ ତାଙ୍କ ସାଥୀ ଖେଳାଳିଙ୍କୁ ଜଣକା ପିଛା ୬ ଲକ୍ଷ ଟଙ୍କାରୁ କମ୍ କିମ୍ବା ସେମାନଙ୍କ ବ୍ୟକ୍ତିଗତ ମ୍ୟାଚ ଫି'ର ୨୫ ପ୍ରତିଶତ ଜରିମାନା କରାଯାଇଛି। ଏହି ମ୍ୟାଚରେ କେକେଆର୍ ୭ ଉଇକେଟରେ ବିଜୟ ଲାଭ କରିଥିଲା।

# ଓଡ଼ିଶାରେ ହେବ ଭାରତର ପ୍ରଥମ ଜାତୀୟ ଚେସ୍ ଏକାଡେମୀ

**ଭୁବନେଶ୍ୱର, ୨୪।୯(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଚେସ୍ ପାଇଁ ଆସିଛି ଆଉ ଏକ ଖୁସି ଖବର। ଭାରତର ପ୍ରଥମ ଜାତୀୟ ଚେସ୍ ଏକାଡେମୀ ଭୁବନେଶ୍ୱରରେ ପ୍ରତିଷ୍ଠା କରାଯିବ। ଏହା କିଟ୍ ଓ କିସ୍ କ୍ୟାମ୍ପରେ ଅବସ୍ଥାପିତ ହେବ। ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍)ର ବାର୍ଷିକ ସାଧାରଣ କାଉନ୍‌ସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଚେସ୍ ଏକାଡେମୀ ହେବ ଏବଂ ଏଥିରୁ ଖେଳାଳି ଉପକୃତ ହେବେ। ଉକ୍ତ ବୈଠକରେ ଯୋଗ ଦେଇଥିବା ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ)ର ସଭାପତି ରଞ୍ଜନ ମହାନ୍ତି ନିର୍ବିବାଦରେ ସର୍ବଭାରତୀୟ ଚେସ୍ ଫେଡେରେଶନର ଯୁଗ୍ମ ସମ୍ପାଦକ ମନୋନୀତ ହୋଇଛନ୍ତି। ଏଥିପାଇଁ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ଓ ସଭାପତି ରଞ୍ଜନ ମହାନ୍ତି ଏଆଇସିଏଫ୍ ସଭାପତି ସଞ୍ଜୟ କପୁର, ସମ୍ପାଦକ ଭରତ ସିଂ ଚୌହାନ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା ଏବଂ ଓଡ଼ିଶା ସରକାରଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।



ସର୍ବଭାରତୀୟ ଚେସ୍ ଫେଡେରେଶନର ବାର୍ଷିକ ସାଧାରଣ କାଉନ୍‌ସିଲ ବୈଠକରେ ଯୋଗ ଦେଇଥିବା ବ୍ୟକ୍ତିମାନେ।

## ନଟରାଜନଙ୍କ ବଦଳ ଖେଳାଳି ଉମରାନ



**ଦୁବାଇ,୨୪।୯:** କୋଭିଡ୍-୧୯ ସଂକ୍ରମିତ ହୋଇ ଦ୍ରୁତ ବୋଲର ଟି. ନଟରାଜନ ହାଇଦ୍ରାବାଦ ଦଳରୁ ବାଦ୍ ପଡିଛନ୍ତି। ତାଙ୍କ ବଦଳରେ ନବାଗତ ଦ୍ରୁତ ବୋଲର ଉମରାନ ମଲିକଙ୍କୁ ହାଇଦ୍ରାବାଦ ଦଳରେ ସାମିଲ କରାଯାଇଛି। ଚଳିତ ଆଇପିଏଲରେ ଉମରାନ ସ୍ୱଳ୍ପ ସମୟ ପାଇଁ ଦଳରେ ସାମିଲ ହୋଇଛନ୍ତି ବୋଲି ହାଇଦ୍ରାବାଦ ଟିମ୍ ମ୍ୟାନେଜମେଣ୍ଟ ତରଫରୁ ସୂଚନା ଦିଆଯାଇଛି। ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ଖେଳିବା ପୂର୍ବରୁ ନଟରାଜନ କରୋନା ପଜିଟିଭ ବୋଲି ପରୀକ୍ଷାରୁ ଜଣାପଡିଥିଲା। ୨୧ ବର୍ଷୀୟ ଉମରାନ ଜମ୍ମୁ- କଶ୍ମୀର ତରଫରୁ ଗୋଟିଏ ଲେଖାଏ ଟି୨୦ ଓ ଲିଷ୍ଟ ଏ ମ୍ୟାଚ୍ ଖେଳି ୪ଟି ଉଇକେଟ ହାସଲ କରିଥିଲେ। ସେ ପୂର୍ବରୁ ନେଟ ବୋଲର ଭାବେ ହାଇଦ୍ରାବାଦ ଦଳରେ ସାମିଲ ହୋଇଥିଲେ।

# ବିଜୟଧାରା ବଜାୟ ଲକ୍ଷ୍ୟରେ ଦିଲ୍ଲୀ

**ଆବୁଧାବି,୨୪।୯**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଏ ପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଶନିବାର ପ୍ରଥମ ମୁକାବିଲାରେ ରାଜସ୍ଥାନ ରୟାଲ୍ସକୁ ଭେଟିବ। ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଏ ପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳି ୭ ବିଜୟ, ୨ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ଦିଲ୍ଲୀ ତା'ର ଶୀର୍ଷସ୍ଥାନକୁ ଆହୁରି ଦୃଢ କରିବା ଲକ୍ଷ୍ୟରେ ରହିଛି। ଚଳିତ ସଂସ୍କରଣର ପ୍ରଥମ ଫେଜ୍‌ରେ ଦିଲ୍ଲୀ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ବୁଧବାର ହାଇଦ୍ରାବାଦକୁ ୮ ଉଇକେଟରେ ପରାସ୍ତ କରି ଦ୍ୱିତୀୟ ଫେଜ୍ ଆରମ୍ଭ କରିଥିଲା।

ପ୍ରଥମ ଫେଜ୍‌ରେ ରାଜସ୍ଥାନ ପ୍ରଭାବୀ ସାବ୍ୟସ୍ତ ହୋଇ ନ ଥିଲେ ମଧ୍ୟ ଗତ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସଠାରୁ ବିଜୟ ଛଡାଇ ନେଇ ୨ ରନରେ ଜିତିବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ଏହି ମ୍ୟାଚ୍‌ରେ ଦିଲ୍ଲୀକୁ ହରାଇପାରିଲେ ରାଜସ୍ଥାନ ପଏଣ୍ଟ ତାଲିକାର ଟପ୍-୪ରେ ସ୍ଥାନ ହାସଲ କରିବ। ରାଜସ୍ଥାନ ଏ ପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୪ଟି ଲେଖାଏ ବିଜୟ ଓ ପରାଜୟ ସହ ୮ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଛି।

ରାଜସ୍ଥାନ ପାଇଁ ଯୁବ ବ୍ୟାଟ୍ସମ୍ୟାନ ଯଶସ୍ୱୀ ଜୟସ୍ୱାଲ ଓ ମହିପାଲ ଲୋମରର ଭଲ ପ୍ରଦର୍ଶନ କରିଛନ୍ତି। ତେବେ ଅଧିନାୟକ ସଞ୍ଜୁ ସାମସନଙ୍କୁ ଅଧିକ ଦାୟିତ୍ୱ ନେବାକୁ ହେବ। ବୋଲିଂରେ ଯୁବ ଦ୍ରୁତ ବୋଲର କାର୍ତ୍ତିକ ତ୍ୟାଗୀ ଓ ବାଂଲାଦେଶ ପେସର ମୁସ୍ତାଫିଜୁର ରହମାନ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଗତ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ଏହି ଦୁଇ ବୋଲର ଦମ୍ ଦେଖାଇଛନ୍ତି। ଶେଷ ଦୁଇ ଓଭରରେ କଞ୍ଜୁସ ବୋଲିଂ କରି ଏହି ଦୁଇ ବୋଲରରୁ ଦଳକୁ ଜିତାଇଥିଲେ। ଦିଲ୍ଲୀକୁ ହରାଇଲେ ଆଉ ୨ ପଏଣ୍ଟ ହାସଲ କରି ପଞ୍ଜାବ ଟପ୍-୪ରେ ସ୍ଥାନ ପାଇବ। ଦିଲ୍ଲୀରେ ଅଭିଜ୍ଞ ଓପନର ଶିଖର ଧାୱନ ଓ ଯୁବ ବ୍ୟାଟ୍ସମ୍ୟାନ ପୃଥ୍ୱୀ ଶ ଇନିଂସ ଓପନ କରି ସଫଳତା ହାସଲ କରିଛନ୍ତି। ଧାୱନ ସର୍ବାଧିକ ୪୨୨ ଓ ପୃଥ୍ୱୀ ୩୧୯ ରନ ସଂଗ୍ରହ କରିଛନ୍ତି। ଏହି ଯୋଡି ୬ଟି ଅର୍ଦ୍ଧଶତକୀୟ ଭାଗୀଦାରି ସ୍ଥାପନ କରିବା ସହ ୮୮ଟି ଚୌକା ଓ ୨୧ଟି ଛକା ମାରିଛନ୍ତି। ଦ୍ୱିତୀୟ ଫେଜ୍‌ରେ ଶ୍ରେୟାସ ଆୟାର ଅପରାଜିତ ୪୭ ରନକରି ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ପ୍ରଥମ ଫେଜରେ ଇଞ୍ଜୁରି କାରଣରୁ ବାଦ୍ ପଡିଥିଲେ। ଅଧିନାୟକ ରିଷଭ ପନ୍ତ (୨୪୮ ରନ), ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଓ ଶିମରନ ହେଟମେୟରଙ୍କୁ ନେଇ ଦିଲ୍ଲୀ ମିଡିଲ ଅର୍ଡର ବେଶ୍ ଶକ୍ତିଶାଳୀ ମନେହେଉଛି। ବୋଲିଂ ବିଭାଗରେ ଦିଲ୍ଲୀ କୌଣସି ପରିବର୍ତ୍ତନ କରିବ ନାହିଁ। ଆଭେସ ଖାଁ, କାଗିସୋ ରାବାଡା ଓ ଅନରିଚ୍ ନୋର୍ଜ ଏହି ମ୍ୟାଚ୍‌ରେ ରାଜସ୍ଥାନ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ।

**ରାଜସ୍ଥାନ ରୟାଲ୍ସ ଦଳ:**
ସଞ୍ଜୁ ସାମ୍‌ସନ (ଅଧିନାୟକ), ଲିଆମ୍ ଲିଭିଂଷ୍ଟୋନ୍, ଏଭିନ ଲୁଇସ୍, ଡେଭିଡ ମିଲର, କ୍ରିସ୍ ମୋରିସ, ଓସାନେ ଥୋମାସ, ମୁସ୍ତାଫିଜୁର ରହମନ, ଟାବ୍ରେଜ୍ ସାମ୍‌ସି, ଗ୍ଲେନ ଫିଲିପ୍ସ, ଚେତନ ସାକାରିୟା, ରିୟାନ ପରାଗ, ରାହୁଲ ଟେୱାଟିଆ, ଆକାଶ ସିଂ, ଅନୁଜ ରାୱତ, କେସି କାରିପପ୍ପା, ଯଶସ୍ୱୀ ଜୟସ୍ୱାଲ, ଶିବମ ଦୁବେ, ଶ୍ରେୟାସ ଗୋପାଳ, କାର୍ତ୍ତିକ ତ୍ୟାଗୀ, ମୟଙ୍କ ମାର୍କଣ୍ଡେ, ଜୟଦେବ ଉନାଡ୍‌କଟ, କୁଲ୍‌ଦୀପ ଯାଦବ ଓ ମହିପାଲ ଲୋମରର।

**ଦିଲ୍ଲୀ କ୍ୟାପିଟାଲ୍ସ ଦଳ:**
ରିଷଭ ପନ୍ତ (ଅଧିନାୟକ), ଅଜିଙ୍କ୍ୟ ରାହାନେ, ପୃଥ୍ୱୀ ଶ, ରିପଲ ପଟେଲ, ଶିଖର ଧାୱନ, ଶିମରନ ହେଟମେୟର, ଶ୍ରେୟାସ ଆୟାର, ଷ୍ଟିଭ ସ୍ମିଥ୍, ଅମିତ ମିଶ୍ରା, ଅନରିଚ ନୋର୍ଜ, ଆଭେସ ଖାଁ, ବେନ ଡ୍ୱାରସୁଇସ୍, ଈଶାନ୍ତ ଶର୍ମା, କାଗିସୋ ରାବାଡା, କୁଲୱନ୍ତ ଖେଜ୍ରୋଲିୟା, ଲୁକମ୍ୟାନ ମେରିୱାଲା, ପ୍ରବୀଣ ଦୁବେ, ଟମ୍ କୁରାନ, ଉମେଶ ଯାଦବ, ଅକ୍ଷର ପଟେଲ, ଲଳିତ ଯାଦବ, ମାର୍କସ ଷ୍ଟୋଇନିସ୍, ରବିଚନ୍ଦ୍ରନ ଅଶ୍ୱିନ, ସାମ ବିଲିଙ୍ଗ୍ସ ଓ ବିଷ୍ଣୁ ବିନୋଦ।

**ଆର୍ଚେରୀ ୱାର୍ଲ୍ଡ ଚାମ୍ପିୟନଶିପ୍**

# ୩ ଭାରତୀୟ କ୍ୱାର୍ଟରରେ

**ୟାଙ୍କଟନ (ୟୁଏସ୍‌ଏ), ୨୪।୯ (ପି.ଟି.)**

ଭାରତୀୟ ଆର୍ଚର ଅଙ୍କିତା ଭକତ, ଅଭିଷେକ ବର୍ମା ଓ ଜ୍ୟୋତି ସୁରେଖା ଭେନମ ପ୍ରମୁଖ ଏଠାରେ ଚାଲିଥିବା ବିଶ୍ୱ ଆର୍ଚେରୀ ଚାମ୍ପିୟନଶିପ୍‌ର ବ୍ୟକ୍ତିଗତ ଇଭେଣ୍ଟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିବା ସହ ପଦକ ଆଶା ଉଜ୍ଜୀବିତ ରଖିଛନ୍ତି। ଭାରତ ପୂର୍ବରୁ ମହିଳା କମ୍ପାଉଣ୍ଡ ଓ ମିକ୍ସଡ ଫାଇନାଲରେ ପ୍ରବେଶ କରି ଦୁଇଟି ପଦକ ନିଶ୍ଚିତ କରିସାରିଛି। ଫାଇନାଲ ଶନିବାର ଅନୁଷ୍ଠିତ ହେବ।

ଅଙ୍କିତା ଗୁରୁବାର ଅନୁଷ୍ଠିତ ବ୍ୟକ୍ତିଗତ ରିକର୍ଭ ଇଭେଣ୍ଟରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। କୋଲକାତାର ଏହି ୨୩ ବର୍ଷୀୟ ତୀରନ୍ଦାଜ ବିଶ୍ୱର ୪ନମ୍ବର ତଥା କୋରିଆର କାଙ୍ଗ୍ ଚାଏ-ୟଙ୍ଗ୍‌ଙ୍କୁ ହରାଇ ଦେଇଛନ୍ତି। କାଙ୍ଗ୍ ନିକଟରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଏକ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। କୋରିଆର ହେଭିୱେଟ୍ ଖେଳାଳିଙ୍କୁ ଅଙ୍କିତା ୬-୪ (୨୯-୨୮, ୨୮-୨୮, ୨୭-୨୭, ୨୪-୨୯, ୨୯-୨୮)ରେ ପରାସ୍ତ କରିଥିଲେ। କ୍ୱାର୍ଟରଫାଇନାଲରେ ସେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍)ର କାସେ କାଫ୍‌ହୋଲ୍ଡଙ୍କୁ ଭେଟିବେ। ବର୍ତ୍ତମାନର ବିଶ୍ୱ କପ୍ ସ୍ୱର୍ଣ୍ଣ ବିଜେତା ବର୍ମା ସ୍ଲୋଭାକିଆର ଜୋସେଫ୍ ବୋସାନସ୍କିଙ୍କୁ ୧୪୫-୧୪୨ ( ୨୯-୨୮, ୩୦-୨୭, ୨୮-୨୯, ୩୦-୨୯, ୨୮-୨୯)ରେ ହରାଇ ଦେଇଛନ୍ତି। ପୂର୍ବତନ ଏସିଆନ ଗେମ୍ସ ଟିମ୍ ଚାମ୍ପିୟନ ବର୍ମା ବର୍ତ୍ତମାନ ବିଶ୍ୱର ନମ୍ବର ୱାନ ଆମେରିକାନ୍ ମାଇକ୍ ସ୍ଲୋଏସରଙ୍କ ସହ ମୁକାବିଲା କରିବେ। ଜ୍ୟୋତି ଚମତ୍କାର ପ୍ରଦର୍ଶନ ସହ କୋରିଆର ଚାଏଓନ୍ ସୋଙ୍କ ବିପକ୍ଷରେ ମୋଟ ଉପରେ ୧୪୬-୧୪୨ ରେ ବିଜୟ ହାସଲ କରିଛନ୍ତି। ସେ ବର୍ତ୍ତମାନ କ୍ରୋଏସିଆର ଆମାଣ୍ଡା ମ୍ଲିନାରିକ୍‌ଙ୍କୁ ସାମ୍ନା କରିବେ। ମ୍ଲିନାରିକ୍ ହେଉଛନ୍ତି ୨୧ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ।



ଜ୍ୟୋତି ସୁରେଖା ଭେନମ



ଦିଲ୍ଲୀ କ୍ୟାପିଟାଲ୍ସ ଦଳର ଅଭ୍ୟାସ ସେସନରେ ସହକାରୀ କୋଚ୍ ମହମ୍ମଦ କୈଫ ଓ ଶ୍ରେୟାସ ଆୟାର।

# ହାଇଦ୍ରାବାଦ-ପଞ୍ଜାବ ମୁକାବିଲା ଆଜି

**ଶାରଜା,୨୪।୯**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଶନିବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ ଓ ପଞ୍ଜାବ କିଙ୍ଗ୍ସ ମୁହାଁମୁହିଁ ହେବେ। ଲିଗ୍‌ରେ ଉଭୟ ଦଳ ସଂଘର୍ଷ କରୁଛନ୍ତି। ହାଇଦ୍ରାବାଦ ପଏଣ୍ଟ ତାଲିକାର ଅଷ୍ଟମ ତଥା ସର୍ବନିମ୍ନ ସ୍ଥାନରେ ରହିଥିବା ବେଳେ ପଞ୍ଜାବ ଗୋଟିଏ ସ୍ଥାନ ଉପରେ ରହି ସପ୍ତମ ସ୍ଥାନରେ ରହିଛି। ଏ ପର୍ଯ୍ୟନ୍ତ ହାଇଦ୍ରାବାଦ ୮ଟି ମ୍ୟାଚ୍ ଖେଳି ୧ ବିଜୟ ଓ ୭ଟି ପରାଜୟ ସହ ୨ ପଏଣ୍ଟ ପାଇଛି। ସେହିପରି ପଞ୍ଜାବ ୯ ମ୍ୟାଚ ଖେଳି ୩ ବିଜୟ, ୬ ପରାଜୟ ସହ ୬ ପଏଣ୍ଟ ହାସଲ କରିଛି। ତେଣୁ ପ୍ଲେ-ଅଫ୍‌ରେ ସ୍ଥାନ ହାସଲ କରିବାକୁ ହେଲେ ଉଭୟ ଦଳକୁ ଏବେ ପ୍ରାୟ ସବୁମ୍ୟାଚ୍ ଜିତିବାକୁ ହେବ। ଖାସ୍ କରି କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ହାଇଦ୍ରାବାଦ ଦଳକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ନିହାତି ଜରୁରୀ ହୋଇପଡିଛି। ଗତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ପରାସ୍ତ ହେବା ପରେ ହାଇଦ୍ରାବାଦର ପ୍ଲେ-ଅଫ୍ ଆଶା କ୍ଷୀଣ ହୋଇଛି।

ଅପରପକ୍ଷରେ ପଞ୍ଜାବ ଗତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ବିଜୟୀ ହେବ ବୋଲି ଆଶା କରାଯାଉଥିଲେ ମଧ୍ୟ ଶେଷ ଓଭରରେ କାର୍ତ୍ତିକ ତ୍ୟାଗୀଙ୍କ ସୁନ୍ଦର ବୋଲିଂ କାରଣରୁ ପରାସ୍ତ ହୋଇଥିଲା। ପଞ୍ଜାବଠାରୁ ରାଜସ୍ଥାନ ବିଜୟ ଛଡାଇ ନେଇଥିଲା। ଶେଷ ଓଭରରେ ବିଜୟ ପାଇଁ ୪ ରନ ଆବଶ୍ୟକ ହେଉଥିବା ବେଳେ ପଞ୍ଜାବ ମାତ୍ର ଗୋଟିଏ ରନ୍ କରି ୨ ଉଇକେଟ ହରାଇଥିଲା। ଦଳରେ ଏକାଧିକ ଦେଶୀ, ବିଦେଶୀ ତାରକା ଖେଳାଳି ରହିଥିଲେ ମଧ୍ୟ ପଞ୍ଜାବ ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ଅଧିନାୟକ ଲୋକେଶ ରାହୁଲଙ୍କୁ ଏ ନେଇ ଧ୍ୟାନ ଦେବାକୁ ହେବ। ଆଇପିଏଲର ଗତ ୧୪ଟି ସଂସ୍କରଣରେ ପଞ୍ଜାବ ଦଳର ଅଧିନାୟକ ଓ କୋଚ ନିୟମିତ ଭାବେ ବଦଳିଛନ୍ତି। ଦଳରେ ମଧ୍ୟ ଆବଶ୍ୟକାତଠାରୁ ଅଧିକ ଓ ବାରମ୍ବାର ପରିବର୍ତ୍ତନ କରାଯାଇଛି। ବ୍ୟାଟିଂରେ ରାହୁଲ ଓ ମୟଙ୍କ ଅଗ୍ରୱାଲ ସବୁଠାରୁ ପ୍ରଭାବୀ ଓପନିଂ ଯୋଡି ସାବ୍ୟସ୍ତ ହୋଇଛନ୍ତି। ଗତ ମ୍ୟାଚ୍‌ରେ ଏହି ଯୋଡି ୧୧.୫ ଓଭରରେ ୧୨୦ ରନ ସଂଗ୍ରହ କରିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ। ୪୧ ବର୍ଷୀୟ ବିସ୍ଫୋରକ କ୍ରିସ୍ ଗେଲ୍ ବିସ୍ଫୋରକ ବ୍ୟାଟିଂ କରିବାର କ୍ଷମତା ରଖୁଥିଲେ ମଧ୍ୟ ତାଙ୍କୁ ଗତ ମ୍ୟାଚ୍ ଖେଳାଯାଇ ନ ଥିଲା।



ଲୋକେଶ ରାହୁଲଙ୍କ ଅଭ୍ୟାସ।

## ସଂକ୍ଷେପରେ

### ହ୍ୱାଟମୋର ବରୋଦା ହେଡ୍ କୋଚ୍



**ଭଦୋଦରା,୨୪।୯:** ଅଷ୍ଟ୍ରେଲିଆ ପୂର୍ବତନ କ୍ରିକେଟର ତଥା ବିଶ୍ୱକପ୍ ବିଜୟୀ କୋଚ୍ ଡେଭ୍ ହ୍ୱାଟମୋର ବରୋଦା ହେଡ କୋଚ୍ ଭାବେ ନିଯୁକ୍ତ ପାଇଛନ୍ତି। ଆଗାମୀ ସେସନରେ ସେ ଦାୟିତ୍ୱ ଗ୍ରହଣ କରିବେ। ଏ ନେଇ ଶୁକ୍ରବାର ବରୋଦା କ୍ରିକେଟ ଆସୋସିଏଶନ ସମ୍ପାଦକ ଅଜିତ ଲିଲି କହିଛନ୍ତି। ସେ ବୁଧବାର ଯୋଗ ଦେଇଛନ୍ତି। ସେ ମଧ ବିଭିନ୍ନ ବୟସବର୍ଗର କୋଚ୍ଙ୍କୁ ମଧ ଗାଇଡ୍ କରିବେ। ୬୭ ବର୍ଷୀୟ ହ୍ୱାଟମୋରଙ୍କର ଅନ୍ତର୍ଜାତୀୟ କ୍ରିକେଟ ଖେଳିବାର ଯଥେଷ୍ଟ ଅଭିଜ୍ଞତା ରହିଛି। ତାଙ୍କ ତତ୍ତ୍ୱାବଧାନରେ ୧୯୯୬ରେ ଶ୍ରୀଲଙ୍କା ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଏହାପରେ ସେ ବିଭିନ୍ନ ଦଳ ଓ ଭାରତୀୟ ଘରୋଇ କ୍ରିକେଟ ପାଇଁ କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ସେ ନେପାଳ ଓ କେରଳ ପାଇଁ ମଧ କାର୍ଯ୍ୟକରିଛନ୍ତି। ୨୦୨୧-୨୦୨୨ ସେସନ ପାଇଁ ଘରୋଇ କ୍ରିକେଟ ସିଜନ ଆରମ୍ଭ କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘୋଷଣା କରିସାରିଛି।

### ପ୍ରଫେସନାଲ ରେସ୍ଲିଂରେ ଚେଷ୍ଟା କରିବେ ସତ୍ନାମ

**ନୂଆଦିଲ୍ଲୀ, ୨୪।୯ (ପି.ଟି.):** ଡୋପିଂ ପାଇଁ ବାସନ୍ଦ ହେବା ପୂର୍ବରୁ ବାସ୍କେଟବଲ ଖେଳାଳି ସତ୍ନାମ ସିଂ ଭମାରା ପ୍ରଥମ ଭାରତୀୟ ଭାବେ ଏନ୍‌ବିଏ ଟିମ୍‌ରେ ସ୍ଥାନ ପାଇବା ସୌଭାଗ୍ୟ ଅର୍ଜନ କରିଥିଲେ। ବର୍ତ୍ତମାନ ସେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ)ର ଏକ ପ୍ରଫେସନାଲ ରେସ୍ଲିଂରେ ଭାଗ ନେବାଲାଗି ମନ ବଳାଇଛନ୍ତି। ୨୫ ବର୍ଷୀୟ ସିଂ ୨୦୧୫ରେ ଡଲାସ ମାଭେରିକ୍ସ ବାସ୍କେଟବଲ୍ ଦଳ ସହିତ ଚୁକ୍ତି କରି ଏନ୍‌ବିଏରେ ସାମିଲ ହୋଇ ଇତିହାସ ସୃଷ୍ଟି କରିଥିଲେ। ବର୍ତ୍ତମାନ ସେ ଆଟଲାଣ୍ଟାସ୍ଥିତ ନାଇଟ୍‌ମେୟାର ଫ୍ୟାକ୍ଟ୍ରିରେ ଜଣେ ପ୍ରୋ-ରେସ୍ଲର ଭାବେ ଟ୍ରେନିଂ ନେଉଛନ୍ତି। ସେ ଅଲ୍ ଏଲିଟ୍ ରେସ୍ଲିଂ (ଏଇଡବ୍ଲ୍ୟୁ)ରେ ଭାଗ ନେବେ। ସିଂ ଏନ୍‌ବିଏ କିମ୍ବଦନ୍ତୀ ଶାକ୍ୱିଲ ଓ'ନିଲଙ୍କ ପଦାଙ୍କ ଅନୁସରଣ କରିଛନ୍ତି। ୨୦୧୯ରେ ଡୋପ୍ ଟେଷ୍ଟରେ ବିଫଳ ହେବା ପରେ ସିଂ ବର୍ତ୍ତମାନ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ଶୃଙ୍ଖଳା କମିଟି ଦ୍ୱାରା ୨ ବର୍ଷ ବାସନ୍ଦ ହୋଇଛନ୍ତି। ଏହାର ମିଆଦ ନଭେମ୍ବର ୧୯ରେ ଶେଷ ହେଉଛି।

### ମାଇକେଲ ଓଏନ୍ ପାକିସ୍ତାନ ଫୁଟ୍‌ବଲ ଲିଗ୍‌ର ବ୍ରାଣ୍ଡ୍ ଆମ୍ବାସାଡ଼ର



**କରାଚୀ, ୨୪।୯ (ପି.ଟି.):** ଇଂଲଣ୍ଡର ପୂର୍ବତନ ଫୁଟ୍‌ବଲ ଷ୍ଟାର ମାଇକେଲ ଓଏନ ଶୁକ୍ରବାର ପାକିସ୍ତାନ ଫୁଟବଲ ଲିଗ୍ (ପିଏଫ୍ଏଲ୍)ର ବ୍ରାଣ୍ଡ ଆମ୍ବାସାଡ଼ର ଭାବେ ନିଯୁକ୍ତି ପାଇଛନ୍ତି। ଗ୍ଲୋବାଲ ସକର ଭେଞ୍ଚର (ଜିଏସ୍‌ଭି) ହେଉଛି ଏହି ଘରୋଇ ଫୁଟ୍‌ବଲ ଲିଗ୍‌ର ଆୟୋଜକ। ଓଏନଙ୍କ ସହ ଏହି କମ୍ପାନୀ ୩ ବର୍ଷିଆ ଚୁକ୍ତି କରିଛି। ଅକ୍ଟୋବରରେ ଓଏନ୍ ପିଏଫ୍ଏଲର ଲୋଗୋ ଉନ୍ମୋଚନ ଇଂଲଣ୍ଡରେ କରିବେ ବୋଲି ଜିଏସ୍‌ଭି ପକ୍ଷରୁ ସୂଚନା ଦିଆଯାଇଛି। ଓଏନ ଆହୁରି ମଧ ଫୁଟ୍‌ବଲ ମାଷ୍ଟର୍ସ କ୍ଲାସେସ୍‌ର ଏକ ସିରିଜର ପରିଚାଳନା ପାଇଁ ପାକିସ୍ତାନ ଗସ୍ତରେ ଯିବେ। ଇଂଲଣ୍ଡ ଜାତୀୟ ଦଳ ବ୍ୟତୀତ ଓଏନ ଟପ୍ ଲିଗ୍‌ରେ ମାଞ୍ଚେଷ୍ଟର ୟୁନାଇଟେଡ୍, ରିଅଲ ମାଡ୍ରିଡ୍, ଲିଭରପୁଲ୍ ଓ ନ୍ୟୁ କ୍ୟାସେଲ ୟୁନାଇଟେଡ୍‌ରୁ ପ୍ରତିନିଧିତ୍ୱ କରିଛନ୍ତି। ସେ ୨୦୦୧ରେ ବାଲନ ଡି' ଅର୍ ପୁରସ୍କାର ମଧ ଜିତିଥିଲେ।

# ଚେନ୍ନାଇର ସପ୍ତମ ବିଜୟ

**ଶାରଜା, ୨୪।୯**

ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସ ୬ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ପରାସ୍ତ କରିଛି। ୯ ମ୍ୟାଚରୁ ୭ମ ବିଜୟ ସହ ଚେନ୍ନାଇ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଛି। ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ସତ୍ତ୍ୱେ ଆରସିବି ୨୦ ଓଭରରେ ୬ ଉଇକେଟ ହରାଇ ୧୫୬ ରନ କରିଥିଲା। ୧୫୭ ରନର ବିଜୟ ଲକ୍ଷ୍ୟକୁ ଚେନ୍ନାଇ ୧୮.୧ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। କୌଣସି ବ୍ୟାଟ୍ସମ୍ୟାନ ବଡ଼ ସ୍କୋର କରି ନ ଥିଲେ ହେଁ ଟପ୍ ଅର୍ଡରର ଉପଯୋଗୀ ଅବଦାନ ସହାୟତାରେ ଚେନ୍ନାଇ ମ୍ୟାଚ ଜିତିଥିଲା। ଓପନର ଋତୁରାଜ ଗାଏକ୍ୱାଡ ୩୮(୨୬ ବଲ, ୪ ଚୌକା, ୧ ଛକା), ଫାଫ୍ ଡୁ'ପ୍ଲେସି ୩୧(୨୬ ବଲ, ୨ ଚୌକା, ୨ ଛକା), ମୋଇନ ଅଲୀ ୨୩ (୧୮ ବଲ, ୨ ଛକା) ଓ ଅମ୍ବାତି ରାୟୁଡୁ ୩୨(୨୨ ବଲ, ୩ ଚୌକା, ୧ ଛକା) ରନ କରି ଆଉଟ ହୋଇଥିଲେ। ସୁରେଶ ରାଇନା ୧୭ ଓ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୧୧ ରନରେ ଅପରାଜିତ ରହିଥିଲେ। ଆରସିବି ପକ୍ଷରୁ ହର୍ଷଲ ପଟେଲ ୨ଟି ଏବଂ ଯୁଜବେନ୍ଦ୍ର ଚହଲ ଓ ଗ୍ଲେନ ମ୍ୟାକ୍ସୱେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆରସିବି ପକ୍ଷରୁ ଓପନିଂ ଯୋଡ଼ି ଅଧିନାୟକ ବିରାଟ କୋହଲି ଓ ଦେବଦତ୍ତ ପଡ଼ିକାଲ ୧୧୧ ରନ ଯୋଗକରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ମାତ୍ର ଏହି ଯୋଡ଼ି ଭାଙ୍ଗିବାରେ ଆରସିବି ଇନିଂସ ଦିଗହରା ହୋଇ ଯାଇଥିଲା। କୋହଲି ୪୧ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ୫୩ ରନ କରି ୧୪ତମ ଓଭରର ଦ୍ୱିତୀୟ ବଲ୍‌ରେ ଆଉଟ ହୋଇଥିଲେ। କୋହଲିଙ୍କୁ ରବୀନ୍ଦ୍ର ଜାଡେଜାଙ୍କ ହାତରେ କ୍ୟାଚ କରାଇ ଡ୍ୱେନ ବ୍ରାଭୋ ଚେନ୍ନାଇକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଆତ୍ମବିଶ୍ୱାସର ସହ ଖେଳୁଥିବା ପଡିକାଲ ଦ୍ରୁତ ହାରରେ ରନ ସଂଗ୍ରହ କରି ୫୦ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୭୦ ରନ କରି ଶାର୍ଦ୍ଦୁଳ ଠାକୁରଙ୍କ ଶିକାର ହୋଇଥିଲେ। ମିଡଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଦଳପାଇଁ ମହଙ୍ଗା ପଡ଼ିଥିଲା। ବିଶେଷ କରି ଦୁଇ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଏବି ଡି'ଭିଲର୍ସ ଓ ଗ୍ଲେନ ମ୍ୟାକ୍ସୱେଲଙ୍କ ବିଫଳତା ଦଳକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲା। ଡି'ଭିଲର୍ସ ୧୧ ବଲ୍‌ରୁ ୧୨ ଓ ମ୍ୟାକ୍ସୱେଲ ୯ ବଲ୍‌ରୁ ୧୧ ରନରେ ଆଉଟ ହୋଇଥିଲେ। ପଦାର୍ପଣ ଆଇପିଏଲ ମ୍ୟାଚ ଖେଳିଥିବା ଟିମ୍ ଡାଭିଡ ୧ ଓ ହର୍ଶଲ ପଟେଲ ୩ ରନରେ ଆଉଟ ହେବାରୁ ଆରସିବି ବଡ଼ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା। ଚେନ୍ନାଇ ବୋଲରଙ୍କ ମଧ୍ୟରେ ଡ୍ୱେନ ବ୍ରାଭୋ ୩ଟି, ଶାର୍ଦ୍ଦୁଳ ଠାକୁର ୨ଟି ଏବଂ ଦୀପକ ଚହର ଗୋଟିଏ ଉଇକେଟ ନେଇଥିଲେ।



ଉଇକେଟ ନେବା ପରେ ଡ୍ୱେନ୍ ବ୍ରାଭୋଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୫୬/୬ (ଦେବଦତ୍ତ ପଡିକାଲ-୭୦, ବିରାଟ କୋହଲି-୫୩, ଡ୍ୱେନ ବ୍ରାଭୋ-୩/୨୪, ଶାର୍ଦ୍ଦୁଳ ଠାକୁର-୨/୨୯, ଦୀପକ ଚହର-୧/୩୫)। ଚେନ୍ନାଇ ସୁପରକିଙ୍ଗ୍ସ ୧୮.୧ ଓଭରରେ ୧୫୭/୪(ଋତୁରାଜ ଗାଏକ୍ୱାଡ-୩୮, ଅମ୍ବାତି ରାୟୁଡୁ-୩୨, ଫାଫ୍ ଡୁ'ପ୍ଲେସି-୩୧, ହର୍ଶଲ ପଟେଲ-୨/୨୫, ଯୁଜବେନ୍ଦ୍ର ଚହଲ-୧/୨୬, ଗ୍ଲେନ ମ୍ୟାକ୍ସୱେଲ-୧/୧୭)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୯ | ୭ | ୨ | ୧୪ | +୧.୧୮୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୭ | ୨ | ୧୪ | +୦.୬୧୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୫ | ୪ | ୧୦ | -୦.୭୨୦ |
| ନାଇଟ ରାଇଡର୍ସ | ୯ | ୪ | ୫ | ୮ | +୦.୩୬୩ |
| ରାଜସ୍ଥାନ ରୟାଲ୍ସ | ୮ | ୪ | ୪ | ୮ | -୦.୧୫୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୪ | ୫ | ୮ | -୦.୩୧୦ |
| ପଞ୍ଜାବ କିଙ୍ଗ୍ସ | ୯ | ୩ | ୬ | ୬ | -୦.୩୪୫ |
| ସନ୍‌ରାଇଜର୍ସ | ୮ | ୧ | ୭ | ୨ | -୦.୬୮୯ |

### ଶନିବାର ମ୍ୟାଚ



ଦିଲ୍ଲୀ କ୍ୟାପିଟାଲ୍ସ **ବନାମ** ରାଜସ୍ଥାନ ରୟାଲ୍ସ
ସ୍ଥାନ : ଆବୁଧାବି
ସମୟ : ଅପରାହ୍ନ ୩.୩୦

ସନ୍‌ରାଇଜର୍ସ **ବନାମ** ପଞ୍ଜାବ କିଙ୍ଗ୍ସ
ସ୍ଥାନ : ଶାରଜା
ସମୟ : ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଭାରତ ସିରିଜ୍ ହାରିଲା



ବିଜୟସୂଚକ ରନ୍ ସ୍କୋର ପରେ ଉଲ୍ଲସିତ ବେଥ୍ ମୁନି।

## ମହିଳା କ୍ରିକେଟ

**ମ୍ୟାକ୍‌କେ, ୨୪।୯ (ପି.ଟି.):** ଭାରତ ବିପକ୍ଷ ଦ୍ୱିତୀୟ ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆ ୫ ଉଇକେଟରେ ରୋମାଞ୍ଚ ବିଜୟ ହାସଲ କରିଛି। ଏଥିସହ ଘରୋଇ ଦଳ ୨-୦ରେ ଅଗ୍ରଣୀ ଲାଭ କରିବା ସହ ଗୋଟିଏ ମ୍ୟାଚ ବାକି ଥାଇ ଆଗୁଆ ସିରିଜ କବ୍‌ଜା କରିନେଇଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ବିଜୟ ଲାଭ କରିବା ପାଇଁ ଅଷ୍ଟ୍ରେଲିଆ ଅନ୍ତିମ ଓଭରରେ ୧୩ ରନ ଆବଶ୍ୟକ କରୁଥିଲା। ଶେଷ ବଲ୍‌ରେ ହିଁ ଦଳ ବିଜୟ ଲାଭ କରିଥିଲା। ମ୍ୟାଚ ଶେଷ ହେବାବେଳକୁ ମୁନି ୧୨୫ ଓ ନିକୋଲା କାରେ ୩୯ରନ କରି ଅପରାଜିତ ରହିଥିଲେ। ଅଭିଜ୍ଞ ଝୁଲଣ ଗୋସ୍ୱାମୀ ଅନ୍ତିମ ଓଭରରେ ୨ଟି ନୋ ବଲ୍ ପକାଇଥିଲେ। ପୂର୍ବରୁ ଓପନର ସ୍ମୃତି ମନ୍ଧାନାଙ୍କ ଧୈର୍ଯ୍ୟପୂର୍ଣ୍ଣ ୮୬ରନ ସହାୟତାରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆୟୋଜକ ଦଳ ବିପକ୍ଷରେ ଚ୍ୟାଲେଞ୍ଜିଂ ୨୭୪ ରନ କରିଥିଲା। ମନ୍ଧାନା ତାଙ୍କ ୧୯ତମ ଅର୍ଦ୍ଧଶତକରେ ୧୧ଟି ଚୌକା ଲଗାଇଥିଲେ। ରିଚା ଘୋଷ (୪୪)ଙ୍କ ସହ ତାଙ୍କର ୭୬ରନ ଏବଂ ଶେଫାଳି ବର୍ମା (୨୨)ଙ୍କ ସହ ତାଙ୍କର ୭୪ରନର ଭାଗୀଦାରି ହୋଇଥିଲା। ଏଥିଯୋଗୁ ଭାରତ ଏକ ଚ୍ୟାଲେଞ୍ଜ ଦେବା ଭଳି ସ୍କୋର କରିପାରିଥିଲା।

**ସଂକ୍ଷିପ୍ତ ସ୍କୋର**

**ଭାରତ ମହିଳା ଦଳ :** ୫୦ ଓଭରରେ ୨୭୪/୭ (ସ୍ମୃତି ମନ୍ଧାନା-୮୬, ରିଚା ଘୋଷ-୪୪ ; ତାହଲିଆ ମ୍ୟାକ୍‌ଗ୍ରା (୩/୪୫), ସୋଫି ମୋଲିନେକ୍ସ (୨/୨୮), ଡାର୍ସି ବ୍ରାଉନ୍(୧/୬୩)।
**ଅଷ୍ଟ୍ରେଲିଆ ମହିଳା ଦଳ:** ୫୦ ଓଭରରେ ୨୭୫/୫ (ବେଥ୍ ମୁନି-୧୨୫*, ତାହଲିଆ ମ୍ୟାକ୍‌ଗ୍ରା-୭୪ ; ଝୁଲଣ ଗୋସ୍ୱାମୀ-୧/୪୦, ମେଘନା ସିଂ-୧/୩୮, ଦୀପ୍ତି ଶର୍ମା-୧/୬୦)।

# ୧୯ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ କର୍ମକର୍ତ୍ତାମାନେ।

**ଜଟଣୀ, ୨୪।୯ (ଡି.ଏନ୍.ଏ.)**

ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଦ୍ୱାରା ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଆଶ୍ରୟ ଇନ୍‌ଡୋର ହଲ୍‌ରେ ୧୯ବର୍ଷରୁ କମ୍ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଆସୋସିଏଶନର ସମ୍ପାଦକ ନିଲିନ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ୧୫୬ଜଣ ପୁରୁଷ ଏବଂ ମହିଳା ଭାଗନେଇଛନ୍ତି। ବାଳକ ସିଙ୍ଗଲ୍ସ ଏବଂ ଡବଲ୍ସ, ବାଳିକା ସିଙ୍ଗଲ୍ସ ଏବଂ ଡବଲ୍ସ ସହିତ ମିକ୍ସଡ ଡବଲ୍ସ ମଧ ଖେଳାଯିବ। ମୋଟ ୫ଟି ଇଭେଣ୍ଟରେ ଖେଳ ହେବ ଏବଂ ୧୬ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଶୁକ୍ରବାର ପ୍ରଥମ ଦିବସରେ ୮୦ଜଣ ବାଳକ ଏବଂ ବାଳିକାଙ୍କୁ ନେଇ ଖେଳ ହୋଇଥିଲା। ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ରେଫରି ରୀତା ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ତାଙ୍କୁ ଆଶ୍ରୟ କ୍ଲବର ସଦସ୍ୟ ସୁରଜ ପଟ୍ଟନାୟକ, ପୁଣ୍ୟଶ୍ଳୋକ ଦଳାଇ, ଦିବ୍ୟରଞ୍ଜନ ମହାନ୍ତି, ଶରତ ବେହେରା ପ୍ରମୁଖ ସହାୟତା କରିଥିଲେ।

# ସେମିଫାଇନାଲରେ ଏଫ୍‌ସି ଗୋଆ

**କଲ୍ୟାଣୀ, ୨୪।୯**

ଏଫ୍‌ସି ଗୋଆ ୧୩୦ତମ ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଗୋଆ ୫-୧ ଗୋଲରେ ଦିଲ୍ଲୀ ଏଫ୍‌ସିକୁ ପରାସ୍ତ କରିଛି। ପୂରା ୯୦ ମିନିଟ ଆଧିପତ୍ୟ ବିସ୍ତାର କରି ଖେଳିଥିବା ଗୋଆ ପକ୍ଷରୁ ଦେବେନ୍ଦ୍ର ମୁର୍ଗାଓକର (୧୫ତମ ମିନିଟ), ମହମ୍ମଦ ନେମିଲ (୧୮) ଓ ବ୍ରାଣ୍ଡନ ଫର୍ନାଣ୍ଡେସ (୪୫+୩) ପ୍ରଥମାର୍ଦ୍ଧରେ ୩ଟି ଏବଂ ଲିଆଣ୍ଡର ଡି'କୁନ୍‌ହା (୮୪ ) ଓ ରୋମାରିଓ ଜେସୁରାଜ (୯୦+୨) ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ ଦେଇଥିଲେ। ଦିଲ୍ଲୀ ପକ୍ଷରୁ ନିଖିଲ ମାଲି ୮୨ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ମ୍ୟାଚ ବିଜୟୀ ପ୍ରଦର୍ଶନ ପାଇଁ ଗୋଆ ଦଳର ଲିଆଣ୍ଡର ଡି'କୁନ୍‌ହା ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲ ଶନିବାର ବେଙ୍ଗାଲୁରୁ ଏଫ୍‌ସି ଓ ଆର୍ମି ଗ୍ରୀନ୍ ମଧ୍ୟରେ ଅନୁଷ୍ଠିତ ହେବ। ଏହାର ବିଜେତାକୁ ଗୋଆ ୨୯ ତାରିଖରେ ଦ୍ୱିତୀୟ ସେମିଫାଇନାଲରେ ଭେଟିବ। ମ୍ୟାଚଟି ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲ ୨୭ ତାରିଖରେ ମହମ୍ମଡାନ ସ୍ପୋର୍ଟିଂ ଓ ବେଙ୍ଗାଲୁରୁ ୟୁନାଇଟେଡ ମଧ୍ୟରେ ଖେଳାଯିବ।




ବିଜୟ ହାସଲ ପରେ ଉଲ୍ଲସିତ ଏଫ୍‌ସି ଗୋଆ ଦଳର ଖେଳାଳିମାନେ।

# ଏକ ଫୋନ୍ କଲ୍ ବଦଳାଇଛି ଜୀବନ

**ମୁମ୍ବାଇ, ୨୪।୯:** ହସ୍ପିଟାଲରୁ କୋଲକାତା ନାଇଟ ରାଇଡର୍ସର ନୂଆ ବ୍ୟାଟିଂ ସେନସେସନ ଭେଙ୍କଟେଶ ଆୟାର ପୂର୍ବତନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ସଞ୍ଜୟ ଜଗଦଲେଙ୍କୁ ଏକ ଫୋନ୍ କଲ କରିଥିଲେ। ଏହି ଫୋନ୍ କଲ ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା। ବ୍ୟାଟିଂ ପ୍ରତିଭା ଓ ଉପଯୋଗୀ ବୋଲିଂ ଦକ୍ଷତା ଥିଲେ ମଧ ଏହି ଫୋନ୍ କଲ ଏବେ ତାଙ୍କ ପାଇଁ ଖ୍ୟାତି ଓ ଯଶ ଆଣିଦେଇଛି। ଆଗକୁ ସେ ଜଣ ସଫଳ କ୍ରିକେଟର ହୋଇପାରିବେ ବୋଲି ଆଶା କରାଯାଉଛି।

୨୦୧୯ ରଣଜୀ ଟ୍ରଫି କ୍ୟାମ୍ପରୁ ବାଦ୍ ପଡିବା ପରେ ସେ ଅଭିଜ୍ଞ କ୍ରିକେଟ ପ୍ରଶାସକ ଓ ପୂର୍ବତନ ଜାତୀୟ ଚୟନକର୍ତ୍ତା ଜଗଦଲେଙ୍କୁ ଫୋନ କରି ସାହାଯ୍ୟ ମାଗିଥିଲେ। ଭେଙ୍କଟେଶଙ୍କ ଇଚ୍ଛାଶକ୍ତି ଓ ମନୋଭାବ ଦେଖି ଜଗଦଲେ ବେଶ୍ ପ୍ରଭାବିତ ହୋଇଥିଲେ। ୧୪ ବର୍ଷରୁ କମ୍ ଟୁର୍ନାମେଣ୍ଟ ଖେଳୁଥିବା ବେଳେ ତାଙ୍କୁ ଦେଖିଆସିଛି ବୋଲି ଜଗଦଲେ କହିଛନ୍ତି। ୧୨-୧୩ ବର୍ଷରୁ ସେ ଲଗାତର ଉଇକେଟକିପିଂ କରୁଥିଲେ ଓ ଭଲ ଖେଳୁଥିଲେ। ୨-୩ବର୍ଷ ତଳେ ସେ ୨୩ ବର୍ଷରୁ କମ୍ ଟୁର୍ନାମେଣ୍ଟରେ ସେ ମଧ ପ୍ରଦେଶ ପାଇଁ ଆଖିଦୃଶିଆ ପ୍ରଦର୍ଶନ କରିଥିଲେ। ୨୦୧୯ ରଣଜୀ ସେସନ ପାଇଁ ଚୟନକର୍ତ୍ତାମାନେ ୨୫- ୩୦ ଖେଳାଳିଙ୍କୁ ନେଇ ଏକ ଶର୍ଟଲିଷ୍ଟ ଜାରିକରିଥିଲେ। ଏଥିରେ ଭେଙ୍କଟେଶଙ୍କ ନାମ ନ ଥିଲା। ଅବଶ୍ୟ ଏ ବିଷୟରେ ସବିଶେଷ କିଛି ଜାଣି ନ ଥିଲି। ତେବେ ସେ ହସ୍ପିଟାଲରୁ ମତେ କଲ କରିଥିଲେ ବୋଲି ଜଗଦଲେ କହିଛନ୍ତି। ୮-୯ ଦିନ ହେବ ହସ୍ପିଟାଲରେ ରହିଛି ଓ କ୍ରିକେଟ ଖେଳିପାରି ନାହିଁ। ଯଦି ମୋତେ ସିଲେକ୍ସନ ଟ୍ରାଏଲରେ ସାମିଲ କରାଯାଏ ତାହାଲେ ଭଲ ହେବ ଓ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବି ବୋଲି ଭେଙ୍କଟେଶ କହିଥିଲେ। ତାଙ୍କର ଏହି ମନୋଭାବ ମତେ ପ୍ରଭାବିତ କରିଥିଲା। ହସ୍ପିଟାଲରେ ଥିଲେ ମଧ ସେ ମତେ କଲ କରିଥିଲେ ଜଗଦଲେ ମନେ ପକାଇ କହିଛନ୍ତି। ଏହାରେ ସେ ଭେଙ୍କଟେଶଙ୍କୁ ସୁଯୋଗ ଦେବା ପାଇଁ ଚୟନକର୍ତ୍ତାଙ୍କୁ କହିଥିଲେ। ଏହାପରେ ଭେଙ୍କଟେଶ ପଛକୁ ଫେରି ଚାହିଁନାହାନ୍ତି ଓ ଯାହା ଘଟିଛି ତାହା ସମସ୍ତଙ୍କୁ ଜଣା। ସେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଦମ୍‌ଦାର ବ୍ୟାଟିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୬ ବର୍ଷୀୟ ଭେଙ୍କଟେଶ ଏବେ କୋଲକାତର ବ୍ୟାଟିଂ ସେନସେସନ ବନିଯାଇଛନ୍ତି। ମୁମ୍ବାଇ ବିପକ୍ଷରେ ସେ ୫୩ ରନର ଅର୍ଦ୍ଧଶତକୀୟ ଇନିଂସ ଓ ବାଙ୍ଗାଲୋର ବିପକ୍ଷରେ ଦ୍ରୁତ ତଥା ଅପରାଜିତ ୪୧ ରନ ସଂଗ୍ରହ କରିଥିଲେ।

ଚୟନକର୍ତ୍ତାଙ୍କୁ ଭେଙ୍କଟେଶଙ୍କ ପ୍ରତିଭା ଓ ଦକ୍ଷତା ନେଇ ଅବଗତ କରାଇଥିଲି। ଜଣେ ପଞ୍ଚମ ବୋଲରଙ୍କ ଆବଶ୍ୟକତା ଓ ଜଣେ ବ୍ୟାଟ୍ସମ୍ୟାନ- ବୋଲର ବା ଅଲରାଉଣ୍ଡରଙ୍କ ଆବଶ୍ୟକତା ସବୁ ଦଳ ନିକଟରେ ଥାଏ। ଏପରିସ୍ଥଳେ ଭେଙ୍କଟେଶଙ୍କ ଗୁରୁତ୍ୱ ରହିଛି। ତେଣୁ ତାଙ୍କୁ ଏକ ସୁଯୋଗ ଦିଆଯିବା ଆବଶ୍ୟକ। ସମ୍ଭାବ୍ୟ ଦଳରେ ସ୍ଥାନ ପାଇ ନ ଥିଲେ ମଧ ତାଙ୍କୁ ଦୁଇଟି ଟ୍ରାଏଲ ମ୍ୟାଚ୍ ଖେଳିବାର ସୁଯୋଗ ଦେବା ପାଇଁ ଚୟନକର୍ତ୍ତାଙ୍କୁ କହିଥିଲେ। ଗୋଟିଏ ମ୍ୟାଚ୍‌ରେ ସୁଯୋଗ ଦେବା ଠିକ୍ ହେବ ନାହିଁ। ସେ ଟ୍ରାଏଲ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଥିଲେ ଓ ମଧ୍ୟପ୍ରଦେଶ ସମ୍ଭାବ୍ୟ ଦଳରେ ସ୍ଥାନ ପାଇଥିଲେ। ଫିଟ୍‌ନେସ ପାଇଁ ସେ କଠିନ ପରିଶ୍ରମ କରୁଛନ୍ତି।



ଭେଙ୍କଟେଶ ଆୟାର

# ଓଡ଼ିଶା ବାଳିକା, ବାଳକ ସଫ୍ଟବଲ ଦଳ ଘୋଷିତ

**ଭୁବନେଶ୍ୱର, ୨୪।୯ (କ୍ରୀଡ଼ା ପ୍ରତିନିଧି)**

ପଞ୍ଜାବର ଲଭ୍‌ଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟରେ ଆସନ୍ତା ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଜୁନିୟର ସଫ୍ଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଓଡ଼ିଶା ବାଳିକା ଓ ବାଳକ ସଫ୍ଟବଲ ଦଳ ଶୁକ୍ରବାର ପଞ୍ଜାବ ଯାତ୍ରା କରିଛି। ଓଡ଼ିଶା ସଫ୍ଟବଲ ଆସୋସିଏଶନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ସହ ସମ୍ପାଦକ ରାଜକିଶୋର ପଟ୍ଟନାୟକ, କୋଷାଧ୍ୟକ୍ଷ ଶକ୍ତି ରଞ୍ଜନ ମହାନ୍ତି, ଅମୀୟ କୁମାର ଚାନ୍ଦ, ବିଭୁଦତ୍ତ ରଥ, ଅଚ୍ୟୁତାନନ୍ଦ ସାହୁ, ସୁନୀତା ବର୍ମା ଏବଂ ଅନ୍ୟ କର୍ମକର୍ତ୍ତାମାନେ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ବାଳିକା ଦଳ: ଧରିତ୍ରୀ ସିଂ, ଦୟନ୍ତି ଟପ୍ପୋ, ସୁଲୋଚନା ମଲିକ, ମମତା ସିଂ, ମାମାଲି ବେହେରା, ପ୍ରତିମା ଜେନା, ରାଜଶ୍ରୀ ପଣ୍ଡା, ମୋନାଲିସା ଦାସ, ପ୍ରତିକ୍ଷା ତ୍ରିପାଠୀ, ଅପର୍ଣ୍ଣା ସାମଲ, ସସ୍ମିତା ସ୍ୱାଇଁ, ପ୍ରିସିତା ଦାସ, ଲୋପାମୁଦ୍ରା ସାହୁ, ସୋନାଲିକା ଜେନା। କୋଚ୍: ଜିତେନ୍ଦ୍ର ମହାନ୍ତି, ମ୍ୟାନେଜର: ଜୟଶ୍ରୀ ମହାନା। ଓଡ଼ିଶା ବାଳକ ଦଳ: ତପୁ ସିଂ, ଖଗେଶ୍ୱର ମଲିକ, ସୁନୀଲ ଟୁଡୁ, ସନ୍ଦିପ କୁମାର କରକରିଆ, ପ୍ରିୟାଂଶୁ ଶେଖର ବିଶ୍ୱାଳ, ସତ୍ୟରଞ୍ଜନ ନାୟକ, ସୁରଡା ଲକ୍ଷ୍ମଣ, ଜ୍ୟାକସନ ପାଲାକା, ରଞ୍ଜନ କୁମାର ଦାସ, ଲୋକେଶ କୁମାର, ଶୁଭ୍ରଜିତ ସାହୁ, ପଦ୍ମଲୋଚନ ପଣ୍ଡା, ବିମ୍ବଜ୍ୟୋତି ସାହୁ, ପରଭେଶ ପାତ୍ର। କୋଚ୍: ଗୌତମ ବିଶ୍ୱାସ, ମ୍ୟାନେଜର: କୈଳାସ ଚନ୍ଦ୍ର ମହାଳିକ।



ଜାତୀୟ ଜୁନିୟର ସଫ୍ଟବଲ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ଗହଣରେ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ତୃତୀୟ ଦିନରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାଟ କାର୍ଡ ବଣ୍ଟନ ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ଶୁକ୍ରବାର ସରଗାଡ,ବାଦିମୁଣ୍ଡା,ଉପରବାହାଲ,ତଲିଉଡାର,ରତାଖଣ୍ଡି ଓ ବାନିପାଲି ପଞ୍ଚାୟତରେ କାର୍ଡ ବଣ୍ଟନ କରାଯାଇଥିଲା। ଏଥିରେ ସମବାୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ସ୍ମାଟ କାର୍ଡ ବଣ୍ଟନ କରି କାର୍ଯ୍ୟକାରିତା ସମ୍ପର୍କରେ କହିଥିଲେ । ଏହି ଅବସରରେ ଜିଲା, ବ୍ଲକସ୍ତରୀୟ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧି ପ୍ରମୁଖ ଉପସ୍ଥିତଥିଲେ ।

## ସଂକ୍ଷେପରେ

### ପାଟଣାଗଡ଼ ବୁନ୍ଦେଲିବନ୍ଧରୁ ଯୁବକଙ୍କ ଗଳିତ ମୃତଦେହ ଜବତ

**ପାଟଣାଗଡ,୨୪।୯(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ବାବାଜୀପଡାସ୍ଥିତ ବୁନ୍ଦେଲିବନ୍ଧରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ ହୋଇଛି। ବନ୍ଧ ଭିତରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଏହାପରେ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀମାନେ ମୃତଦେହକୁ ଉଦ୍ଧାର କରିଥିଲେ। ମୃତ ଯୁବକ ଜଣକ ଗଙ୍ଗାସାଗର ଗ୍ରାମର ଚମ୍ପେଶ୍ୱର ଶବର ବୋଲି ଜଣାପଡିଛି। ଏହି ଯୁବକ ଜଣକ ଧୁମାଭଟା ପ୍ରାଣୀଧନ ଚିକିତ୍ସାଳୟରେ କାର୍ଯ୍ୟରତ ଥିଲେ। ପ୍ରାୟ ୧୦ ଦିନ ତଳୁ ସେ ନିଖୋଜ ଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଏହା ଆତ୍ମହତ୍ୟା କି ହତ୍ୟା ସେ ନେଇ ଚର୍ଚ୍ଚା ଚାଲିଛି। ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

### ୪ ପଞ୍ଚାୟତରେ ସ୍ମାର୍ଟ କାର୍ଡ ବଣ୍ଟନ

**ଲାଠୋର,୨୪।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର, ଟଙ୍କପାଣି, ରେଙ୍ଗାଲି ଏବଂ ତେଲେନପାଲି ପଞ୍ଚାୟତରେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଶୁକ୍ରବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ବଣ୍ଟନ କରିଛନ୍ତି। ତାଙ୍କ ସହ ବିଡିଓ ରଶ୍ମି ରଞ୍ଜନ ରାଉତ, ସିଡିପିଓ ସରିତା ଦୋରା, ଗ୍ରାମ ପଞ୍ଚାୟତ ଅଧିକାରୀ ସୁଶାନ୍ତ ପାଣି,ଉପାଧକ୍ଷ ପ୍ରକାଶ ମେହେର,ସରପଞ୍ଚ ବିଜୟ ଲକ୍ଷ୍ମୀ ବାଗ, ସୁପରଭାଇଜର ପଙ୍କଜନୀ ମିଶ୍ର, ଅଞ୍ଜଳି ମିଶ୍ର ଉପସ୍ଥିତ ଥିଲେ। ପ୍ରଥମେ କରୁଆଝର ପଞ୍ଚାୟତରେ ବିଧାୟକ ଉପସ୍ଥିତ ଜନସାଧାରଣଙ୍କୁ ସରକାରଙ୍କ ଜନହିତକର ଯୋଜନା ଉପରେ ଆଲୋକପାତ କଲା ପରେ ସ୍ମାର୍ଟ କାର୍ଡ ବଣ୍ଟନ ଆରମ୍ଭ କରା ଯାଇଥିଲା। ବିଧାୟକ କାର୍ଡ ବଣ୍ଟନ ଶୁଭାରମ୍ଭ କରିବା ପରେ ଉପସ୍ଥିତ ଅଧିକାରୀମାନେ ମଧ ବାଣ୍ଟିଥିଲେ। କରୁଆଝର ପରେ ବିଧାୟକ ଅନ୍ୟ ତିନି ପଞ୍ଚାୟତରେ କାର୍ଡ ବାଣ୍ଟିଥିଲେ। ସଭା କାର୍ଯ୍ୟ ଅଶୋକ ପାଣିଗ୍ରାହୀ ତୁଲାଇ ଥିବା ବେଳେ ପିଇଓ ମନୋଜ ସାହୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ଗିରି, ହେମବତୀ ସୁନା, ରାଜକୁମାରୀ କଲେତ, ପାଞ୍ଚ ମାଝୀ, ଚୁଲେଶ୍ୱରୀଙ୍କ ସମେତ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇ ସହଯୋଗ କରିଥିଲେ।

### ଦେଓଗାଁ ବ୍ଲକକୁ ମରୁଡି ଘୋଷଣା ପାଇଁ ଦାବିପତ୍ର

**ଦେଓଗାଁ,୨୪।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଅଧିକାଂଶ ପଞ୍ଚାୟତରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଏଣୁ ଅଞ୍ଚଳବାସୀଙ୍କ ପକ୍ଷରୁ ଶୁକ୍ରବାର ବନ୍ଧପଡାଠାରେ ବ୍ଲକ କଂଗ୍ରେସ ପକ୍ଷରୁ ଦେଓଗାଁ ବ୍ଲକକୁ ସମ୍ପୂର୍ଣ୍ଣ ରୂପେ ମରୁଡି ଘୋଷଣା କରିବା ପାଇଁ କୃଷିମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କୁ ଦାବି ଜଣାଇଥିଲେ। ସେହିପରି ସାରସମାଲରେ ଛାୟାକାନ୍ତ ଭୋଇ ଓ ଦୀନବନ୍ଧୁ ବେହେରାଙ୍କ ନେତୃତ୍ୱରେ କଂଗ୍ରେସ କର୍ମକର୍ତ୍ତାମାନେ ମରୁଡି ଘୋଷଣା, କୃଷି ଋଣ ଛାଡ, ବେସରକାରୀ କମ୍ପାନୀଠାରୁ ଫସଲ ବୀମା ପ୍ରତ୍ୟାହାର କରି ସରକାରୀ ସଂସ୍ଥାକୁ ହସ୍ତାନ୍ତର କରିବା ଆଦି ଦାବି କରିଥିଲେ । ଦେଓଗାଁ ଅଞ୍ଚଳବାସୀଙ୍କ ତରଫରୁ ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ବିଜୟାନନ୍ଦ ସମବାୟ ଚିନିକଳକୁ ପୁନଃ ଚାଲୁ କରିବା ପାଇଁ ବଡବନ୍ଧ ପଞ୍ଚାୟତରେ ଭିଲେଜର୍ସ ଇଣ୍ଡିଆ ପାର୍ଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

### ଅରିନ୍ଦମଙ୍କ ଅକାଳ ବିୟୋଗରେ ଶୋକ

**ବରଗଡ଼ ଅଫିସ୍,୨୪।୯:** ମହାନଦୀର ମୁଣ୍ଡଳି ବ୍ୟାରେଜ ନିକଟରେ ଫସି ରହିଥିବା ହାତୀକୁ ଉଦ୍ଧାର ସମୟରେ ସେଠାରେ କାର୍ଯ୍ୟରତ ଯୁବ ରିପୋର୍ଟର ଅରିନ୍ଦମ ଦାସଙ୍କ ଅକାଳ ବିୟୋଗ ସଭିଁଙ୍କୁ ମର୍ମାହତ କରିଛି । ଏହି କ୍ରମରେ ଶୁକ୍ରବାର ସନ୍ଧ୍ୟାରେ ବରଗଡ଼ ସାମ୍ବାଦିକ ଭବନରେ ଏକ ଶୋକସଭା ହୋଇଥିଲା। ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଶୋକସଭାରେ ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ଉପସ୍ଥିତ ରହି ଯୁବ ରିପୋର୍ଟର ସ୍ୱର୍ଗତ ଦାସଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ। ସେହିପରି ସଂଘର ଉପସଭାପତି ବିରେନ୍ଦ୍ର ପ୍ରଧାନ, ବରିଷ୍ଠ ସଭ୍ୟ ଉମେଶ ବିଶ୍ୱାଳଙ୍କ ସମେତ ଅନ୍ୟ ସଭ୍ୟବୃନ୍ଦ ସ୍ମୃତିଚାରଣ ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ ।

# ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତା

**ଆଇସିଡିଏସ୍ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା**

**ନୂଆପଡ଼ା ଅଫିସ,୨୪।୯**

ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଶୁକ୍ରବାର ନୂଆପଡା ସଦର ବ୍ଲକ ଭୈଁଷାତାଲ ପଞ୍ଚାୟତ ମୁଢେଲା ଗ୍ରାମବାସୀ ନୂଆପଡା ସମ୍ମନିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଭୈଁଷାତାଲ ପଞ୍ଚାୟତ ମୁଢେଲା ଗାଁରେ ଅଙ୍ଗନୱାଡି କର୍ମୀ ନିଯୁକ୍ତ ପାଇଁ ଗାଁର ୧୩ଜଣ ଆଶାୟୀ ପ୍ରାର୍ଥୀ ଦରଖାସ୍ତ ଦାଖଲ କରିଥିଲେ। ୧୩ଜଣ ମଧ୍ୟରୁ ଝୁନିଆ ମାଝିଙ୍କୁ ଚୟନ କରାଯାଇଥିଲା । ହେଲେ ସମ୍ମନିତ ଶିଶୁ ବିକାଶ ପ୍ରକଳ୍ପ ନିର୍ଦ୍ଦେଶିକା ସାନ୍ତା ବାରିକ ଅନ୍ୟ ଜଣେ ଝିଅ ଜାମିନି ଧରୁଆଙ୍କୁ ଝୁନିଆ ମାଝି ନାଁରେ ନିଯୁକ୍ତି ପତ୍ର ଦେଇଥିଲେ। ପରେ ଭୈଁଷାତାଲ ସମିତି ସଭ୍ୟ ମନୋଜ କୁମାର ବଞ୍ଜାରା ସହିତ ଜାମିନି ଆସି ଆଇସିଡିଏସ୍ କାର୍ଯ୍ୟାଳୟକୁ ଆସି ମୋର ଛତିଶଗଡରେ ବିବାହ ପ୍ରସ୍ତାବ ହୋଇଛି ମୁଁ ଚାକିରୀ କରିବି ନାହିଁ ବୋଲି ଲିଖିତ ଭାବେ ଜଣାଇଥିଲେ। ଗ୍ରାମବାସୀ ଏହା ଜଣିବା ପରେ ଗୁରୁବାର ସିଡିପିଓ କାର୍ଯ୍ୟାଳୟକୁ ଆସି ବୁଝିବାରୁ ଜାମିନି ଚାକିରୀ କରିବି ନାହିଁ ବୋଲି ଦରଖାସ୍ତ ଲେଖି ଦେଇଥିବା ସିଡିପିଓ କହିଥିଲେ। ସେଠାରେ ଝୁନିଆଙ୍କୁ ସେହି ପ୍ରକାର ଦରଖାସ୍ତ ଲେଖାଇବା ଅକ୍ଷର ମେଳ ହେଲାନାହିଁ। ଅଙ୍ଗନୱାଡି କର୍ମୀ ଚୟନରେ ଅନିମିତତା ହୋଇଥିବା ଅଭିଯୋଗ କରି ଗ୍ରାମବାସୀ ଗୁରୁବାର ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସିଡିପିଓ ବାରିକ ଗୁରୁବାର ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସମାଧାନ ପାଇଁ ସମୟ ମାଗିଥିଲେ। ସମାଧାନ ନ ହେବାରୁ ଗ୍ରାମବାସୀ ଶୁକ୍ରବାରଠାରୁ ଧାରଣାରେ ବସିଛନ୍ତି। ନୂଆପଡା ଉପଜିଲାପାଳ ତରଣିସେନ ନାଏକ ଧାରଣାସ୍ଥଳକୁ ଆସି ୧୫ ଦିନ ମଧରେ ଆମେ ଦରଖାସ୍ତ କାହାର ଲେଖା ତଦନ୍ତ ପାଇଁ ପଠାଇବୁ, ରିପୋର୍ଟ ଆସିବା ପରେ ଯିଏ ପାଇବା ଯୋଗ୍ୟ ତାଙ୍କୁ ଦିଆଯିବ ବୋଲି କହିଥିଲେ। କିନ୍ତୁ ଧାରଣାକାରୀମାନେ ଝୁନିଆଙ୍କୁ ନିଯୁକ୍ତି ଦିଆଯାଉ ଓ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅଡି ବସିଥିଲେ। ଯେଉଁ ପର୍ଯ୍ୟନ୍ତ ଝୁନିଆଙ୍କୁ ନ୍ୟାୟ ନ ମିଳିଛି ଓ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଧାରଣାରେ ବସିବୁ ବୋଲି ଝୁନିଆ ମାଝି, ପ୍ରେମଲାଲ ନାଏକ, ୟାଦରାମ ପାଣ୍ଡେ, ପୁନିତ ରାମ ମାଝି, ପରଶ ରାମ ପାଣ୍ଡେ ଓ ଗ୍ରାମବାସୀ ଦାବି କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଧାରଣା ଜାରିରହିଥିଲା।


ଗ୍ରାମବାସୀ ଧାରଣାରେ ବସିଛନ୍ତି।

## ବରପାଲିରେ ସଟ୍ଟା କାରବାର

**ବରପାଲି,୨୪।୯(ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି ସହରରେ ସଟ୍ଟା କାରବାର ଜୋର୍ ଧରିଛି। ସହରର ବିଭିନ୍ନ ଗଳିକନ୍ଦିରେ ଏହି କାରବାର ଖୋଲାଖୋଲି ଚାଲିଛି। କିନ୍ତୁ ଏଥିପ୍ରତି କିଛି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଞ୍ଚଳର ସଚେତନ ନାଗରିକମାନେ ଅଭିଯୋଗ କରିଛନ୍ତି। ଏ ନେଇ ଥାନା ଅଧିକାରୀ ରୋଜାଲିନ ପଟେଲଙ୍କୁ ପଚାରିବାରୁ ସେଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ପ୍ରକାଶ ଯେ, ବରପାଲି ସହରରେ ଦୀର୍ଘଦିନରୁ ସଟ୍ଟାଖେଳ ଚାଲିଛି। ସ୍ଥାନୀୟ କିଛି ଲୋକ ଏଥିରେ ସହଯୋଗ କରି ଆସୁଥିବା ସଚେତନ ନାଗରିକ ମହଲରେ ଅଭିଯୋଗ ହୋଇଛି। ଯେଉଁଠି ସଟ୍ଟାଖେଳ ଚାଲିଛି, ସମ୍ପୃକ୍ତ ଅଞ୍ଚଳର ସିସି କ୍ୟାମେରାକୁ ନିରୀକ୍ଷଣ କଲେ ଅଭିଯୁକ୍ତଙ୍କୁ ଜାଣି ହେବ । ମାତ୍ର ପୋଲିସ ବରପାଲି ସହରରେ ସଟ୍ଟା ରୋକିବାରେ ଠୋସ୍ ପଦକ୍ଷେପ ନେଉ ନ ଥିବା ଯୋଗୁ ଏଥିରେ ପୋଲିସର ଭୂମିକାକୁ ନେଇ ମଧ୍ୟ ସାଧାରଣରେ ନାନା ସନ୍ଦେହ ଉପୁଜିଛି।

# ମୃତଦେହ ଧରି ଆନ୍ଦୋଳନ


ଶବ ରଖି ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ଆଗରେ ଆନ୍ଦୋଳନ।

**ବିଦ୍ୟୁତ୍ ସଂସ୍ପର୍ଶରେ କର୍ମଚାରୀ ମୃତ**

**ବରଗଡ଼ ଅଫିସ୍,୨୪।୯**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବୁଢ଼ାମାଳ ଗ୍ରାମରେ ଶୁକ୍ରବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୋହେଲା ବ୍ଲକ ଗ୍ରୀଞ୍ଜେଲ ଗ୍ରାମର ଲଳିନ୍ଦ୍ର ସା (୪୮)। ଲଳିନ୍ଦ୍ର ଜଣେ ବିଦ୍ୟୁତ କର୍ମଚାରୀ ଏବଂ ଗୋଟିଏ ବିଦ୍ୟୁତ ଖୁଣ୍ଟ ଉପରକୁ ଚଢ଼ି ଲାଇନ କାମ କରୁଥିଲେ। ହଠାତ୍ ବିଦ୍ୟୁତ ସଂଯୋଗ କରାଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଏବଂ ଅନ୍ୟାନ୍ୟ ଦାବିରେ ବିଦ୍ୟୁତ କର୍ମଚାରୀ ଓ ଅଞ୍ଚଳବାସୀ ମୃତଦେହ ଧରି ଟିପିଡବ୍ଲ୍ୟୁଓଡିଏଲର ବରଗଡ଼ ପଶ୍ଚିମ ଖଣ୍ଡ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ମାତ୍ର କୌଣସି ଅଧିକାରୀ ସେଠାକୁ ଆଲୋଚନା ପାଇଁ ନ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଲୋକେ ମୃତଦେହ ଧରି ଅଫିସ ସମ୍ମୁଖ ରାସ୍ତାକୁ ଆସି ଆନ୍ଦୋଳନ କରିଥିଲେ । ଖବର ଲେଖାହେବା ସୁଦ୍ଧା (ରାତ୍ରି ୮ଟା) ଆନ୍ଦୋଳନ ଜାରି ରହିଥିଲା।

## ପୋଲିସ ଟିମ୍‌ର ଚଢ଼ାଉ, ୪ ଜୁଆଡି ଗିରଫ

**ସୋନପୁର,୨୪।୯(ନି.ପ୍ର.)**

ସୋନପୁର ଥାନା ମଲ୍ଲିକମୁଣ୍ଡା ଗାଁରେ ଘୁଡୁଘୁଡୁପଟି ଖେଳ ଚାଲିଥିବା ବେଳେ ପୋଲିସ ଟିମ୍ ଶୁକ୍ରବାର ଚଢାଉ କରିଛି। ଏହି ଘଟଣାରେ ୪ ଜଣ ଜୁଆଡିଙ୍କୁ ପୋଲିସ ଗିରଫ କରିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ହେଲେ ସୋନପୁର ଥାନା ଗୋବିନ୍ଦପୁରର ଭାଗିରଥୀ ମହାନନ୍ଦ, ଖମ୍ବେଶ୍ୱରୀପାଲିର ମନଧର କୁଅଁର, ଡୁଙ୍ଗୁରିପାଲିର ବିପିନ ସାହୁ ଓ ବଲାଙ୍ଗୀର ଜିଲା ଆଗଲପୁର(ମଘା)ର ଉପେନ୍ଦ୍ର ତନସେନା। ସେମାନଙ୍କ ନିକଟରୁ ପୋଲିସ ଘୁଡୁଘୁଡୁପଟି ଖେଳ ସାମଗ୍ରୀ ସମେତ ନଗଦ ୫ ହଜାର ୨ ଶହ ଟଙ୍କା ଜବତ କରିଛି। ଅନ୍ୟମାନେ ଫେରାର ହୋଇ ଯାଇଛନ୍ତି। ସୋନପୁର ଥାନା ଏଏସଆଇ ଆନନ୍ଦ କୁମାର ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଏହି ଚଢାଉ କରିଥିଲା। ହରଡଖୋଲ ପାଣ୍ଡି ଅଧିକାରୀ ଏକାଦୋଶିଆ ପଧାନ ମାମଲାର ତଦନ୍ତ କରୁଛନ୍ତି ।

# ବିଭିନ୍ନ ସମସ୍ୟା ନେଇ ଶ୍ରମିକ ମହାସଂଘର ସାଧାରଣ ବୈଠକ


ଜିଲା ଶ୍ରମିକ ମହାସଂଘର ସାଧାରଣ ବୈଠକରେ ଉପସ୍ଥିତ ଶ୍ରମିକମାନେ।

**ଅକ୍ଟୋବର ପ୍ରଥମ ସପ୍ତାହରେ ଆନ୍ଦୋଳନ ନିଷ୍ପତ୍ତି**

**ନୂଆପଡ଼ା ଅଫିସ,୨୪।୯**

ନୂଆପଡା ସଦର ବ୍ଲକ ଶ୍ରମିକ ମହାସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଜିଲା ଶ୍ରମିକ ମହାସଂଘ ବରିଷ୍ଠ ଶ୍ରମିକ ନେତା ସୁଖଦେବ ସାହୁଙ୍କ ନେତୃତ୍ୱରେ ଗୁରୁବାର ନୂଆପଡା ସାହୁ ସମାଜ ଭବନଠାରେ ବିଭିନ୍ନ ସମସ୍ୟା ନେଇ ଏସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ଅନ୍ୟତମ ବରିଷ୍ଠ ସଦସ୍ୟ ଭକ୍ତବନ୍ଧୁ ଧରୁଆ ସଭା ପରିଚାଳନା କରିଥିବା ବେଳେ ମହାସଂଘ ଜିଲା ଆବାହକ ଯଦୁମଣି ପାଣୀଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଟ୍ରେଡ ୟୁନିୟନ ଶତାଧିକ ନେତୃମଣ୍ଡଳୀ ଓ କର୍ମକର୍ତ୍ତା ବୈଠକରେ ସାମିଲ ହୋଇଥିଲେ। ଏହା ପରେ ପ୍ରତ୍ୟେକ ପଞ୍ଚାୟତରେ ଶ୍ରମିକମାନଙ୍କ ବୈଠକ କରି ଆନ୍ଦୋଳନ ପାଇଁ ପ୍ରସ୍ତୁତି କରିବାକୁ ନିଷ୍ପତ୍ତି ହୋଇଛି। ବିଭିନ୍ନ ଶ୍ରମିକ ସଙ୍ଗଠନ ଓ ମହାସଂଘ ଗଠନ ହେବା ପରେ ମହାସଂଘ ମାଧ୍ୟମରେ ଜିଲା ଶ୍ରମ ଅଧିକାରୀ, ଜିଲାପାଳ, ଶ୍ରମମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରି ଘେରାଉ ଓ ଆନ୍ଦୋଳନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ କିମ୍ବା ଦାବି ପୂରଣ ହୋଇ ନାହିଁ। ଜିଲା ସଦର ମହକୁମାକୁ ଶ୍ରମ କାର୍ଯ୍ୟାଳୟ ସ୍ଥାନାନ୍ତର, ଦାଦନମୁକ୍ତ ଜିଲା ପାଇଁ ଉଚିତ ପଦକ୍ଷେପ, ଶ୍ରମ କାର୍ଯ୍ୟାଳୟରେ ଖାଲିଥିବା ସମସ୍ତ ଅଧିକାରୀ ଓ କର୍ମଚାରୀ ପଦବୀ ପୂରଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟରତ ଶ୍ରମିକଙ୍କ ପାଉଣା ପ୍ରଦାନ ଏବଂ ବ୍ୟାପକ ଦୁର୍ନୀତିର ତଦନ୍ତ ଇତ୍ୟାଦି ଦାବି ନେଇ ଆସନ୍ତା ଅକ୍ଟୋବର ପ୍ରଥମ ସପ୍ତାହରେ ସାରା ଜିଲାର ଶ୍ରମିକ ମିଳିତ ଭାବେ ଏକ ବଡ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜ୍ଞାନ ରଞ୍ଜନ ସାହୁ, ଘନଶ୍ୟାମ ପାଣ୍ଡେ, ଅନିରୁଧ ନାଗ, ବାବୁଲାଲ ମାଝି, ଲଭ ମାଝି, ଟିକେଶ୍ୱର ପାଣ୍ଡେ, ଛବିରାମ ମାଝି, ବଳଧର କେତକି, ବଟକୃଷ୍ଣ ରଣା, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଜ୍ୟୋତି ପ୍ରକାଶ ବିଶି ପ୍ରମୁଖ ସାମିଲ ଥିଲେ।

# ବୀରମହାରାଜପୁର କଲେଜରେ ରାଷ୍ଟ୍ରୀୟ ସେବା ମିଶନ ପ୍ରତିଷ୍ଠା ଦିବସ

**ଅମରପାଲି,୨୪।୯(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜ ରେ ରାଷ୍ଟ୍ରୀୟ ସେବା ମିଶନ ପ୍ରତିଷ୍ଠା ଦିବସ ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ମୁରଲୀଧର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷା ବିଭାଗର ଅଧାପକ ଶିଶିର ବସ୍ତିଆ, ଇଂରାଜୀ ଅଧାପିକା ଗୀତାଞ୍ଜଳି ପୁଜାହାରୀ, ଇତିହାସ ବିଭାଗର ଅଧାପିକା ବନ୍ଦିତା ବିଶ୍ୱାଳ, ଏନଏସଏସ ସଞ୍ଚାଳକ ବିଜୟ ପ୍ରଧାନ ମଞ୍ଚାସୀନ ଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ସେବାର ମହତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇବା ସହିତ ରାଷ୍ଟ୍ର ଗଠନ ଦିଗରେ ଛାତ୍ରୀଛାତ୍ରଙ୍କ ସେବା ମନୋବୃତ୍ତିର ଗୁରୁତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଅଧାପିକା ସୀମାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ କଲେଜ ପରିସରରେ ଅଧାପିକା ହରିପ୍ରିୟା ମହାପାତ୍ରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କୁ ନେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା।



ରାଷ୍ଟ୍ରୀୟ ସେବା ମିଶନ ପ୍ରତିଷ୍ଠା ଦିବସ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ।

# ନ୍ୟାୟ ପାଇଁ ପୀଡ଼ିତା ପରିବାର ଜିଲାପାଳଙ୍କ ଦ୍ୱାରସ୍ଥ

**ନୂଆପଡ଼ା ଅଫିସ,୨୪।୯**

ଶୁକ୍ରବାର ନ୍ୟାୟ ପାଇଁ ଶେଷରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ନୂଆପଡ଼ା ଜିଲା କୋମନା ଥାନା ବିଲେଇଜୋର ଗାଁର ଝାଙ୍କରୀପଡାର ଏକ ପୀଡ଼ିତା ପରିବାର। ସେହି ସମୟରେ ନୂଆପଡା ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ପହଞ୍ଚି ପୀଡ଼ିତା ପରିବାରଙ୍କୁ ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

କୋମନା ଥାନା ବିଲେଇଜୋର ଗାଁର ଝାଙ୍କରୀପଡାର ଡାଳିମ୍ବ ନାଗ ଅଭିଯୋଗ କରିଛନ୍ତି ଯେ, ଗତ ୧୨ ତାରିଖ ସନ୍ଧ୍ୟା ୬ଟାରେ ତାଙ୍କ ଗ୍ରାମର କେତେଜଣ ବ୍ୟକ୍ତି ନିଶସକ୍ତ ଅବସ୍ଥାରେ ତାଙ୍କ ଘରକୁ ଆସି ଗାଳିଗୁଲଜ କରିଥିଲେ। କାହିଁକି ଗାଳି କରୁଛ ବୋଲି କହିବାରୁ ତାଙ୍କ ପ୍ରତି ଅସଦାଚରଣ ପ୍ରଦର୍ଶନ କରିବା ସହିତ ମାଡ ମାରିଥିଲେ । ଏହା ଦେଖି ତାଙ୍କ ସ୍ୱାମୀ ଧରମସିଂ ବିରୋଧ କରିବାରୁ ତାଙ୍କୁ ଓ ପରିବାର ଅନ୍ୟମାନଙ୍କୁ ମଧ୍ୟ ମାଡ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ କୋମନା ଥାନାରେ ୧୩ ତାରିଖରେ ଲିଖିତ ଅଭିଯୋଗ ଦେବା ପାଇଁ ଆସିଥିବା ଅଭିଯୋଗକାରୀଙ୍କୁ ପୋଲିସ ୨ ଦିନ ଥାନାରେ ଅଟକ ରଖି ମାଡ ମାରି ଛାଡି ଦିଆଯାଇଥିବା ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଗତ ୧୬ ତାରିଖରେ ନୂଆପଡା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅଭିଯୁକ୍ତମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏକ ଦାବିପତ୍ର ଦେଇ ଗୁହାରୀ କରିଥିଲେ। ସେଥିରେ ମଧ୍ୟ ସୁଫଳ ମିଳିଲା ନାହିଁ। ଶେଷରେ ନିରାଶ ହୋଇ ପୀଡ଼ିତା ପରିବାର ନୂଆପଡା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପୀଡ଼ିତାଙ୍କ ପରିବାର।



ଖବରଦାତା ସମ୍ମିଳନୀ ଅବସରରେ ହାଜର କରାଯାଇଥିବା ୩ ଅଭିଯୁକ୍ତ (ବାମ) ଓ ଜବତ ୧୧ ବାଇକ୍।

# ଚୋରି ୧୧ ବାଇକ୍ ଉଦ୍ଧାର, ୩ ଅଭିଯୁକ୍ତ ଜେଲ ଗଲେ

**ବାଇକ୍ ଚୋରି ର୍‍ୟାକେଟର ରହସ୍ୟ ଉନ୍ମୋଚନ**

**ଲୋଇସିଂହା,୨୪।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ବାଇକ୍ ଚୋରି ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ଏଥିସହିତ ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିବା ୧୧ଟି ବାଇକ୍ ଉଦ୍ଧାର କରିଛି। ଏହି ଚୋରି ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚୁଡାପାଲି ଗ୍ରାମର ବିଶ୍ୱରଞ୍ଜନ ପରିଡା(୧୯), ଖଳିଆପାଲି ଗ୍ରାମର ଭକ୍ତ ଭୂଏ(୨୭)(କୁଶମେଲ) ଓ ବଲାଙ୍ଗୀର ଟାଉନ ଥାନା ଆନନ୍ଦ ନଗରର ପ୍ରଶାନ୍ତ ରଣା ଓରଫ ମୁନା (୨୧)। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଲୋଇସିଂହା ପୁଟାପାଲି ଗ୍ରାମର ଅରୂପ ସିଂ ପୁଟାଙ୍କ ଆପାଚି ବାଇକ୍(ଓଡି୦୩ ଏଫ୯୩୯୨) ଗତ ୬ ତାରିଖରେ ତାଙ୍କ ଘରୁ ଚୋରି ହୋଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଗତ ୧୬ ତାରିଖରେ ଛୁଇବନ୍ଧଠାରେ ଅନ୍ୟ ଜଣେ ବ୍ୟକ୍ତି ତାଙ୍କ ବାଇକ୍ ଚଳାଉଥିବା ସେ ଦେଖି ତାଙ୍କର ପିଛା କରି ଅଟକାଇ ବଲାଙ୍ଗୀର ସଦର ଥାନା ଜିମା ଦେଇଥିଲେ। ପୋଲିସ ତଦନ୍ତ କରି ନଂ-୨୭୭।୨୧ରେ ଏକ ମାମଲା ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶରେ ଲୋଇସିଂହା ଆଇଆଇସି ରମାକାନ୍ତ ଜେନା,ଏସଆଇ ନବୀନ ଭୋଇ,ରୀନାକାନ୍ତି ଡୁମଡୁମ,ଏଏସଆଇ ବି.ପି କଣ୍ଡାଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଅଭିଯୁକ୍ତଙ୍କ ଠାରୁ ସୂଚନା ପାଇ ଲୋଇସିଂହା ପୋଲିସ ବିଭିନ୍ନ ଥାନା ଅଞ୍ଚଳରେ ଚଢାଉ କରି ୨ଟି ବଜାଜ୍ ଡିସ୍କକଭର(ଓଡି୨୬ ସି ୪୭୨୬), (ଓଡି୧୭ -୯୮୬୮), ଗୋଟିଏ ହିରୋ ସୁପର ସ୍ପେଲେଣ୍ଡର(ଓଡି୦୩ଏଫ ୦୬୮୫), ଟିଭିଏସ ଆପାଚି(ଓଡି୦୩ ଜି ୧୯୩୯), ୪ ଟି ନମ୍ବର ବିହୀନ ଗାଡି ସମେତ ୧୧ଟି ବାଇକ୍ ଜବତ କରିଥିଲା। ଲୋଇସିଂହା ଥାନା ସଭାଗୃହଠାରେ ସଦର ଏସଡିପିଓ ତୋଫାନ ବାଗ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଥିଲେ। ଏହି ଘଟଣାରେ ଆହୁରି ବାଇକ୍ ଜବତ ହେବା ସହ ଅଭିଯୁକ୍ତ ଗିରଫ ହେବେ ବୋଲି ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଆଇଆଇସି ରମାକାନ୍ତ ଜେନା ଉପସ୍ଥିତ ଥିଲେ।

## ଘର ସମ୍ମୁଖରୁ ଟେଷ୍ଟ ବୋଝେଇ ଗାଡ଼ି ଚୋରି

ବାଉଁଶୁଣୀ,(ଡି.ଏନ.ଏ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖଟଖଟିଆ ଗ୍ରାମରୁ ଗୁରୁବାର ବିଳମ୍ବିତ ରାତିରେ ଗୋଟିଏ ବୋଲେରୋ ପିକଅପ ଚୋରି ହୋଇଯାଇଥିବା ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଖଟଖଟିଆ ଗ୍ରାମରେ ଥିବା ସମ୍ବବ ଟେଷ୍ଟ ହାଉସର ଏକ ବୋଲେରୋ ଓଆର ୧୯ ଏଚ ୨୬୭୬ ଘର ସାମ୍ନାରେ ରଖିଥିବାବେଳେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ଟେଷ୍ଟ ହାଉସର ମାଲିକ କୁଳମଣି ସମରଥ ଶୁକ୍ରବାର ସକାଳେ ମନମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣା ପଡ଼ିଛି।

**ସଂକ୍ଷେପରେ**

## ରାଷ୍ଟ୍ରୀୟ ପୋଷଣ ମାସ ପାଳନ

ତରଭା,୨୪।୯(ଡି.ଏନ.ଏ.): ସୋନପୁର ଜିଲା ତରଭା ବ୍ଲକ ଅଧୀନ ଶିବତୁଲା ଗ୍ରାମର ୨ ନଂ ଅଙ୍ଗନୱାଡି କେନ୍ଦ୍ରରେ ତରଭା ଶିଶୁ ବିକାଶ ପ୍ରକଳ୍ପ ସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳନ କରାଯାଇଥିଲା । ସିଡିପିଓ ସବିତା ଦୋରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଗୌରୀମଣି ହାଂସଦା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ପ୍ରତାପ ପଧାନ ଯୋଗ ଦେଇଥିଲେ । ସିଡିପିଓ ଦୋରା ପୃଷ୍ଟିକର ଖାଦ୍ୟ, ନିଜ ବାଡି ବଗିଚାର ଫଳମୂଳ ଓ ପନିପରିବା ଖାଇବା ଉପରେ ଅଧିକ ଗୁରୁତ୍ୱ ଦେବା ସହ କିପରି ପୁଷ୍ଟିହୀନତା ଦୂର କରି ପାରିବା ସେ ଉପରେ ବୁଝାଇଥିଲେ। ମୁଖ୍ୟଅତିଥି ହାଂସଦା ସୁଷମ ଖାଦ୍ୟ ଓ ତାର ଉପକାରିତା ବିଷୟରେ ବୁଝାଇବା ସହିତ କିଶୋରୀ ସମୟରୁ ସୁସ୍ଥ ରହିଲେ ସୁସ୍ଥ ଶିଶୁ ଜନ୍ମ ହେବ ଓ ସୁସ୍ଥ ସମାଜ ଗଠିତ ହେବ ବୋଲି ସମସ୍ତଙ୍କୁ ଅବଗତ କରିଥିଲେ। ଏହି ଅବସରରେ ସିଡିପିଓ ଓ ସମାଜ ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା । ପୃଷ୍ଟିହୀନତାର ଶିକାର ଦୁଇ ଜଣ ଶିଶୁଙ୍କ ମାଆଙ୍କୁ ପୋଷଣ କିଟ୍ ତଥା ନିଜ ବାଡିରେ ଲଗାଇବା ପାଇଁ ପନିପରିବା ମଞ୍ଜି ଓ ଚାରା ପ୍ରଦାନ କରାଯାଇଥିଲା । କିଶୋରୀମାନଙ୍କ ଦ୍ୱାରା ପୋଷଣକୁ ନେଇ ନାଟକ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପୁଷ୍ଟିକର ଖାଦ୍ୟ, ଫଳମୂଳ, ପନିପରିବା ଓ ତ୍ରିରଙ୍ଗା ମାଠିଆ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଆଙ୍ଗନୱାଡି କର୍ମୀ ସୁଷମା ପଧାନ,କଲ୍ୟାଣୀ ବଗର୍ତ୍ତୀ ଓ ଜ୍ୟୋତ୍ସ୍ନା ବାରିକ ସହଯୋଗ କରିଥିଲେ । ଆଇସିଡିଏସର ସମସ୍ତ ସୁପରଭାଇଜର, ଗର୍ଭବତୀ ମହିଳା ଓ କିଶୋରୀ ମାନେ ଉପସ୍ଥିତ ଥିଲେ ।

## ଯୁବ ରେଡକ୍ରସ୍ ତାଲିମ କାର୍ଯ୍ୟକ୍ରମ

ଭବାନୀପାଟଣା,୨୪।୯(ଡି.ଏନ.ଏ.): କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ ପକ୍ଷରୁ ଅଣତାଲିମପ୍ରାପ୍ତ ଯୁବ ରେଡ୍‌କ୍ରସ୍ ପରାମର୍ଶଦାତାଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାଟିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ଶତପଥୀଙ୍କ ଦ୍ୱାରା ରେଡ୍‌କ୍ରସ୍ ପତାକା ଉତ୍ତୋଳନ ପରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହେଇଥିଲା। ସଭାରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ପୀତାମ୍ବର ଭୋଇ ସଭାପତିତ୍ୱ କରିଥିଲେ। ସଭାରେ ପରାମର୍ଶଦାତା ଡ. ରାଧାରାଣୀ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଜିଲା ଯୁବ ରେଡ୍‌କ୍ରସ୍ ଆବାହକ ସମ୍ପାଦକ ସଞ୍ଜୀବ ସାହୁ, ଜିଲା ସଂଯୋଜକ ଶାନ୍ତନୁ ପରିଡା, ଉପକୁଳସଚିବ ଡ. ଜୟଦେବ ସାହୁ, ବୌଦ୍ଧ ଜିଲା ଆବାହକ ସମ୍ପାଦକ ପ୍ରବୀର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଶୁଭଲକ୍ଷ୍ମୀ ଦାସ, କିଶୋର ଘଡେଇ, ବିକାଶ ଦାସ, ଦୀପକ ପ୍ରଧାନ, ଆଦିତ୍ୟ ନାରାୟଣ ପ୍ରଧାନ, ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ସାକ୍ଷୀ ପାଢ଼ୀ, ଅପର୍ଣ୍ଣାରାଣୀ ସାହୁ, ଶ୍ରାବଣୀ ବାନାର୍ଜୀ, ତନୁଜା ସାହୁ, ଯଶୋବନ୍ତ ସିଂ ନାଏକ ପ୍ରମୁଖ ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ପ୍ରବୀର ଦାସ, ଡ. ଜୟନ୍ତୀବାଳା ନାୟକ ଓ ଡ. ରାଧାରାଣୀ ନାୟକ ରେଡ୍‌କ୍ରସ୍‌ର ଇତିହାସ, ରକ୍ତଦାନର ମହତ୍ତ୍ୱ ଓ ସଡକ ସୁରକ୍ଷା ବିଷୟରେ ତାଲିମ ପ୍ରଦାନ କରିଥିଲେ।

# ଏନ୍‌ଏଚ୍‌ଏମ୍ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବୌଦ୍ଧ,୨୪।୯ (ସ୍ୱ.ପ୍ର)


ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ଧାରଣା।

ବୌଦ୍ଧ ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ(ଡିପିଏମ) ରୂପକ କୁମାର ମହାପାତ୍ରଙ୍କୁ ଏପିଡେମୋଲୋଜିଷ୍ଟ ଜ୍ଞାନରଞ୍ଜନ ମହାନ୍ତି ମାଡ ମାରିବା ଅଭିଯୋଗ କରିବା ସହ ଜିଲାସାରା ଜାତୀୟ ସ୍ୱାସ୍ଥ୍ୟ ମିଶନର କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି କର୍ମଚାରୀମାନେ ଧାରଣା ଦେଇଥିବା ଜଣାଯାଇଛି। ସୂଚନା ମୁତାବକ ଗୁରୁବାର ସନ୍ଧ୍ୟାରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୋଷ କୁମାର ମହାପାତ୍ରଙ୍କ କାର୍ଯ୍ୟାଳୟ ଭିତରେ ଜନୈକ ଡାଟା ଏଣ୍ଟ୍ରି ଅପରେଟର ବେଆଇନ ନିଯୁକ୍ତିକୁ ନେଇ ଡିପିଏମ ଓ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଏପିଡେମୋଲୋଜିଷ୍ଟ ମହାନ୍ତି କୌଣସି କାର୍ଯ୍ୟରେ ସେଠାରେ ପହଞ୍ଚିଥିବାବେଳେ ସେ ହଠାତ୍ ଡିପିଏମ ମହାପାତ୍ରଙ୍କୁ ମୁଥ ମାରିଥିବା ଅଭିଯୋଗ ହୋଇଛି। ତେଣୁ ଏହି ମାମଲାର ନିରପେକ୍ଷ ତଦନ୍ତ ଓ ତୁରନ୍ତ ନ୍ୟାୟ ଦାବିରେ ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀମାନେ ରାତିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ୧୨ ଘଣ୍ଟା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଶେଷରେ ବାଧ୍ୟହୋଇ କଲମଛାଡ ଆନ୍ଦୋଳନ ଆରମ୍ଭ ହୋଇଥିବା ଜଣାଯାଇଛି। ତେବେ ଏନେଇ ଏପିଡେମୋଲୋଜିଷ୍ଟ ମହାନ୍ତି ସେ ଡିପିଏମଙ୍କୁ ମାଡ ମାରିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତିହୀନ ବୋଲି ପ୍ରକାଶ କରିବା ସହିତ ତାଙ୍କ ଉପରକୁ ଡିପିଏମ ହାତ ଉଠାଇବା ପରେ ସେ ହାତ ତଳକୁ କରି ଦେଇଥିବା କହିଥିଲେ। ମିଳିଥିବା ସୂଚନା ମୁତାବକ ଏହି ମାମଲାରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ହସ୍ତକ୍ଷେପ କରି ସମସ୍ତ ଅଭିଯୋଗ ଶୁଣିବା ପରେ ଏପିଡେମୋଲୋଜିଷ୍ଟ ମହାନ୍ତିଙ୍କୁ ଡିପିଏମଙ୍କୁ କ୍ଷମା ମାଗିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ମହାନ୍ତି କ୍ଷମା ମଧ୍ୟ ମାଗିସାରିଛନ୍ତି। କିନ୍ତୁ ଡିପିଏମ ଓ ତାଙ୍କର ସମର୍ଥକମାନେ ଏଥିରେ ସନ୍ତୋଷ ପ୍ରକାଶ ନ କରି ଏପିଡେମୋଲୋଜିଷ୍ଟ ମହାନ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିକରି ଏହି ଧାରଣା ଜାରି ରଖିଥିବା ଜଣାଯାଇଛି। ତେବେ ଏହି ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭୟ କୁମାର ଦାଶଙ୍କୁ ପଚାରିବାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ କାର୍ଯ୍ୟରତ ଉଭୟ କର୍ମଚାରୀଙ୍କ ମଧ୍ୟରେ ବିବାଦ ଉପୁଜିଛି। ଏ ସମ୍ପର୍କରେ ତାଙ୍କ ନିକଟରେ ଅଭିଯୋଗ ପହଞ୍ଚିବା ପରେ ପ୍ରଥମେ ସମାଧାନ ପାଇଁ ଉଦ୍ୟମ କରାଯାଇଥିଲା। କିନ୍ତୁ କର୍ମଚାରୀମାନେ ନିଜ ଜିଦରେ ଅଟଳ ରହିବାରୁ କମିଟି ବୈଠକ ବସାଯାଇ ସମସ୍ତଙ୍କ ପରାମର୍ଶ କ୍ରମେ ମାମଲାକୁ ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକଙ୍କ ପାଖକୁ ପଠାଇ ଦିଆଯାଇଛି। ଉପରୁ ଯାହା ଆଦେଶ ଆସିବ ଜିଲା ସ୍ତରରେ ତାହା କାର୍ଯ୍ୟକାରୀ କରାଯିବ ବୋଲି ଡା. ଦାଶ ପ୍ରକାଶ କରିଥିଲେ।

# ରକ୍ତଦାନ କରି ପ୍ରମୋଦଙ୍କୁ ସମ୍ବର୍ଦ୍ଧନା


ସଂକଳ୍ପ ପରିବାର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ବରଗଡ଼ ଅଫିସ୍,୨୪।୯

ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ଗୁରୁବାର ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲା। ପ୍ରମୋଦ ନିଜେ ଫିତା କାଟି ଶିବିରର ଶୁଭାରମ୍ଭ କରିଥିଲେ। ଶିବିରରେ ୫୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଟାଉନ ଥାନାଧିକାରୀ ସଦାନନ୍ଦ ପୂଜାହାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରକୁ ସଂକଳ୍ପ ପରିବାରର ସଭାପତି ରୋହିତ ଜୟସ୍ୱାଲ, ସଂଯୋଜକ ବିକାଶ ଅଗ୍ରୱାଲ ପ୍ରମୁଖ ପରିଚାଳନା କରିଥିବାବେଳେ ବରଗଡ଼ ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ସେହିପରି ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ମଧ୍ୟ ପ୍ରମୋଦଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏକ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ଖଣ୍ଡହଥାସ୍ଥିତ ନିଷ୍ଠା ଭବନକୁ ପାଛୋଟି ଅଣାଯାଇଥିଲା। ନିଷ୍ଠା ପରିବାରର ସଭାପତି ରକ୍ଷପାଳ ସାହୁ, ଉପସଭାପତି କ୍ଷୀରୋଦ୍ର ସାହ ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ମଦନ ମୋହନ ଦାଶ ମଞ୍ଚ ପରିଚାଳନା କରିଥିଲେ। ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିକିତ୍ସା ପାଇଁ ବିଡିଓଙ୍କୁ ଗୁହାରି କଲେ ବୃଦ୍ଧ

କୋକସରା,୨୪।୯(ଡି.ଏନ.ଏ.)


ଗୁହାରି କରୁଛନ୍ତି ବୃଦ୍ଧ ଅରକ୍ଷିତ ବେମାଲ।

ଚିକିତ୍ସା ପାଇଁ ପାଖରେ ଅର୍ଥ ନ ଥିବାରୁ ବିଡିଓଙ୍କୁ ଗୁହାରି କରିଛନ୍ତି ବୃଦ୍ଧ ଅରକ୍ଷିତ ବେମାଲ (୭୦)। ଶୁକ୍ରବାର ଟେମରା ସମିତି ସଭ୍ୟ ରାଜେନ୍ଦ୍ର ନାଏକ ଓ ଅନ୍ୟ ଜଣେ ଯୁବକଙ୍କ ସହ କୋକସରା ବ୍ଲକ ଅଫିସକୁ ଆସି ଚିକିତ୍ସା ପାଇଁ ଅତିରିକ୍ତ ବିଡିଓ ପୁରୁଷୋତ୍ତମ ଧରୁଆଙ୍କୁ ଭେଟିଛନ୍ତି। ସରକାରୀ ସହାୟତା ପ୍ରଦାନ ସହ ଚିକିତ୍ସା ପାଇଁ ବୁର୍ଲା ପଠାଇବାକୁ ଅରକ୍ଷିତ ଗୁହାରି କରିଛନ୍ତି। ସୂଚନା ଯେ, କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରାର ଅରକ୍ଷିତଙ୍କ ଜାନୁୟାରୀରେ ଦୁର୍ଘଟଣାରେ ବାମ ହାତ ଭାଙ୍ଗିଯାଇଥିଲା। ତାଙ୍କୁ ବୁର୍ଲା ମେଡିକାଲରେ ଅସ୍ତ୍ରୋପଚାର ପରେ ହାତରେ ରଡ଼ ଭର୍ତ୍ତି କରାଯାଇଛି। ଏବେ ହାତରେ ଥିବା ରଡ଼ ବାହାର କରିବାକୁ ପାଖରେ ଅର୍ଥ ନାହିଁ। ସେ ବୁର୍ଲା ଯାଇ ନ ପାରି ଦୟନୀୟ ଅବସ୍ଥାରେ ରହିଛନ୍ତି। ଏପଟେ ବୃଦ୍ଧ ଅରକ୍ଷିତଙ୍କ ସ୍ତ୍ରୀ ବ୍ୟତିତ ଆହା ପଦେ କହିବାକୁ ପାଖରେ କେହି ନାହାନ୍ତି। ଫଳରେ ବେସାହାରା ଅବସ୍ଥାରେ ଦୁଇ ପ୍ରାଣୀ ରହୁଛନ୍ତି। ରେଡ଼କ୍ରସ କିମ୍ବା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଚିକିତ୍ସା ପାଇଁ ଜିଲାପାଳଙ୍କୁ ଜଣାଇ ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି ଏବିଡିଓ ଧରୁଆ ପ୍ରତିଶ୍ରୁତି ଦେଇଛନ୍ତି।

## ଚୋରା ଗଞ୍ଜେଇ ମାମଲା, ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡାଦେଶ

ବୌଦ୍ଧ,୨୪।୯(ସ୍ୱ.ପ୍ର.)

ବୌଦ୍ଧ ଜିଲା ଦୌରାଜଜ ସୁଶ୍ରୀ ପ୍ରତିମା ପଣ୍ଡା ଏକ ଚୋରା ଗଞ୍ଜେଇ ମାମଲାକୁ ଶୁକ୍ରବାର ବିଚାର କରି ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଆଦେଶ ଦେବା ସହ ଏକ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ମନମୁଣ୍ଡା ଅବକାରୀ କର୍ମଚାରୀ ପକ୍ଷରୁ ଏସଆଇ ରମେଶ ଚନ୍ଦ୍ର ମହାନ୍ତି ଓ ଅନ୍ୟ ଅବକାରୀ କର୍ମଚାରୀମାନେ ଗତ ୨୦୨୦ ଏପ୍ରିଲ ୨ତାରିଖରେ ମନମୁଣ୍ଡା -ଦପଲା ଅଞ୍ଚଳରେ ଅବକାରୀ ତନଖି କାର୍ଯ୍ୟ କରୁଥିଲେ। ଅବକାରୀ କର୍ମଚାରୀମାନେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଲେ ଯେ, ଦପଲା ଗ୍ରାମର (କୁରୁମୁଣ୍ଡା) ଗଣେଶ୍ୱର ବଗର୍ତ୍ତୀ ନିଜ ଘରେ ଗଞ୍ଜେଇ ରଖିଛନ୍ତି। ସଙ୍ଗେ ସଙ୍ଗେ ଅବକାରୀ କର୍ମଚାରୀମାନେ ଗଣେଶ୍ୱରଙ୍କ ଘରେ ଚଢାଉ କରିଥିଲେ। ସେ ଏକ ଘରେ ଗଞ୍ଜେଇ ବସ୍ତାଗୁଡିକରେ ଭର୍ତ୍ତି କରୁଥିବା ଦେଖିବା ସହ ଘର ଭିତରକୁ ୩ ଗୋଟି ବସ୍ତାରୁ ୧୦୪ କେଜି ଗଞ୍ଜେଇ ଜବତ କରିଥିଲେ। ଏକ ମାମଲା ରୁଜୁ କରି ଗଣେଶ୍ୱରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପରବର୍ତ୍ତୀ ସମୟରେ ମାମଲାଟି ବୌଦ୍ଧ ଜିଲା ଦୌରାଜଜ ଅଦାଲତରେ ବିଚାର ହୋଇଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ୩ଜଣ ସାକ୍ଷୀଙ୍କ ବୟାନକୁ ଭତ୍ତି କରି ପ୍ରମାଣ ଥିବା ନେଇ ଜିଲା ଦୌରାଜଜ ପ୍ରତିମା ପଣ୍ଡା ଅଭିଯୁକ୍ତ ଗଣେଶ୍ୱର ବଗର୍ତ୍ତୀଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେବା ସହ ଏକ ଲକ୍ଷ ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ କାରାଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି। ମାମଲାଟିକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ (ପିପି) ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ।

# ଶକ୍ତି ସଂରକ୍ଷଣ ଉପରେ କୃଷି ସମ୍ବନ୍ଧୀୟ ପ୍ରଶିକ୍ଷଣ

ଭବାନୀପାଟଣା,୨୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୃଷକମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ କାର୍ଯ୍ୟକରୀ ଆସୁଥିବା କଳାହାଣ୍ଡି କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦୁଇ ଦିନ ଧରି ପୃଥକ ଭାବେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅଗ୍ରଣୀ ଚାଷୀମାନଙ୍କୁ ନେଇ ଶକ୍ତି ସଂରକ୍ଷଣ ଉପରେ କୃଷି ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଖଣିଜ ତୈଳ ସଂରକ୍ଷଣ ଗବେଷଣା ସଂଘ, ଖଣିଜ ତୈଳ ଏବଂ ପ୍ରାକୃତିକ ଗ୍ୟାସ ବିଭାଗ ଭାରତ ସରକାର ଏବଂ ଓଡିଶା କୃଷି ଓ ବୈଷୟିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ଅମିତାଭ ପଣ୍ଡା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବା ବେଳେ କେନ୍ଦ୍ରର କ୍ଷେତ୍ର ବୈଜ୍ଞାନିକ ସୁଶ୍ରୀ ଉତ୍କଳିକା ନାଏକ ପରିଚାଳନା କରିଥିଲେ। ଶକ୍ତିର ଉପଯୁକ୍ତ ସଂରକ୍ଷଣ, ଟ୍ରାକ୍ଟର ସମ୍ବନ୍ଧୀୟ ସୀମିତ ତୈଳ ବିନିଯୋଗ, ସୌରଶକ୍ତି ଚାଳିତ ଡିଜେଲ ପମ୍ପ ସମ୍ପର୍କରେ ଭାରତ ସରକାରଙ୍କ ପକ୍ଷରୁ ଉପଲବ୍ଧ ହେଉଥିବା ସୁବିଧା ସୁଯୋଗ ଏବଂ ଅନ୍ୟାନ୍ୟ ସ୍କିମ୍ ବିଷୟରେ ଭିଡିଓ ଏବଂ ପାୱାରପଏଣ୍ଟ ମାଧମରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ପଣ୍ଡାଙ୍କ ସହିତ ତୁଳସୀ ମାଝି ପ୍ରମୁଖ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କେନ୍ଦ୍ରର ପ୍ରାଣୀ ବିଶେଷଜ୍ଞ ଡ. ହୃଦାନନ୍ଦ ମଲ୍ଲିକ, ହେମନ୍ତ କୁମାର ସାହୁ ଓ ଅନିଲ କୁମାର ରାଉତରାୟ ସହଯୋଗ କରିଥିଲେ। କ୍ଷେତ୍ର କୃଷି ବିଶେଷଜ୍ଞ ସୁଶ୍ରୀ ଉତ୍କଳିକା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।


ଚାଷୀମାନଙ୍କୁ ଶକ୍ତି ସଂରକ୍ଷଣ ଉପରେ କୃଷି ସମ୍ବନ୍ଧୀୟ ପ୍ରଶିକ୍ଷଣ ଦିଆଯାଉଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ସେଲ୍‌ସମ୍ୟାନ୍ ଆବଶ୍ୟକ । ଇଲେକ୍ଟ୍ରିକାଲ ସପ୍, ଭୁବନେଶ୍ୱର
9437081583

**ଏୟାରପୋର୍ଟ ରେ ଚାକିରୀ (ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)**
ଏୟାର ହୋଷ୍ଟେସ୍, ଗ୍ରାଉଣ୍ଡ ଷ୍ଟାଫ୍, ସୁପରଭାଇଜର, ଚେକର, ଲୋଡର, ହେଲ୍‌ପର
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
CONTACT : 8448123162

**APPOINTMENT**
Urgently required DRIVER for domestic purpose in Bhubaneswar.
Contact:
9937203178

**ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରିବା ପାଇଁ 10th/+2, ITI Diploma Qualification ଥିବା Candidate ଆବଶ୍ୟକ ।
ଦରମା - 7,000/- ରୁ 42,000/-
For Apply Contact
7894509327

**ଆବଶ୍ୟକ** ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କାରଖାନା ନିମ୍ନଲିଖିତ ପଦବୀ ପାଇଁ ଉପଯୁକ୍ତ ପ୍ରାର୍ଥୀ ଆବଶ୍ୟକ କରୁଛି। ମାର୍କେଟିଂ ମ୍ୟାନେଜର (୧), ସେଲ୍ସ ଏକଜିକ୍ୟୁଟିଭ୍ (୫), ଲ୍ୟାବ୍ ଟେକ୍‌ନିସିଆନ୍ (୧), ପ୍ରୋକୋରମେଣ୍ଟ ଅଫିସର (୨), ଡ୍ରାଇଭର (୨)। ଉପଯୁକ୍ତ ଯୋଗ୍ୟତା ସହିତ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
ଯୋଗାଯୋଗ: ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲିଃ., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ, ମୋ.- ୯୮୫୩୦୦୩୩୧୭
Email ID: pratichidairyproducts@gmail.com

A leading Health Organization required staff for all over Odisha DISTRICT MANAGER - (All Districts (M/F), Graduation. BLOCK COORDINATOR (For all Blocks) +2 above(M/F).
RSP SOLUTIONS
Plot No. -18, Krisna Garden, Phase-2, Jagamara, Bhubaneswar
Contact No. - 8455966556/ 7656007439

**WANTED**
ସିଙ୍ଗାପୁର (SINGAPORE)
ରକ୍ଷଣା ବେକ୍ଷଣ କମ୍ପାନୀ ସମସ୍ତ ପ୍ରକାରର ନିର୍ମାଣ କାମ ଯେପରିକି ଶ୍ରମିକ, ରୋଷେଇ, ସିକ୍ୟୁରିଟି ଗାର୍ଡ, ଅଫିସ୍ ଆସିଷ୍ଟାଣ୍ଟ, ପିଅନ, ଡ୍ରାଇଭର, ହେଲପର ଇତ୍ୟାଦି (ଭଲ ବେତନ, ଭଲ ସୁବିଧା । ଭାରତୀୟ ପରିଚାଳନା କମ୍ପାନୀ, ଗ୍ୟାରେଣ୍ଟି ସହିତ ପଠେଇବା)
କମଲ ପ୍ଲେସମେଣ୍ଟ ସୁରଟ, ଗୁଜୁରାଟ
9157312448, 9104103242, 9157012447

**REQUIRED**
ONE DIPLOMA CIVIL ENGINEER FOR OTELP PLUS PROJECT.
Salary: Rs.20,000/-
Contact: 9040268680

**WANTED**
Reputed Real Estate Company, Bhubaneswar requires experienced SALES OFFICER- 20 Nos. (M/F). Attractive salary + incentives.
Contact: 9437323319

**GHANASHYAM HEMALATA VIDYAMANDIR, PURI**
(A CBSE Affiliated Fully Residential School)
R.J Vihar, Bhuan, Chhaitana, Puri-2
Ph. No: - 7735629062 / 7873480470
E-mail: - puri.ghvm@gmail.com

REQUIREMENT OF TEACHERS

| POST | SUBJECTS |
|---|---|
| PGT | MATH, BIOLOGY, PHYSICS, CHEMISTRY, COMPUTER SCIENCE |
| TGT | ENGLISH, HINDI, MATH, SCIENCE |
| PRT | ENGLISH, HINDI, MATH, SCIENCE, SST, COMPUTER |
| PET | MALE AND FEMALE |
| NTT | FEMALE |

- Qualification : - As Per CBSE norms
- Competent & Experienced teachers with fluency in English
- Salary :- Negotiable Salary
- Free Accommodation, Fooding & Laundry for all the above posts.
- Interested candidate can apply by mailing their resume (with photograph) at puri.ghvm@gmail.com and send the hard copy to the address given above.

PRINCIPAL

# ପାଚିକା, ସହାୟିକାମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ ଦାବି

ନୂଆପଡ଼ା ଅଫିସ,୨୪।୯



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ପାଚିକା ଓ ସହାୟିକା ସଂଘ।

ନୂଆପଡା ଜିଲାର ସ୍କୁଲରେ ମଧ୍ୟାନ୍ନ ଭୋଜନ ପ୍ରସ୍ତୁତ କରୁଥିବା ନିଖିଳ ଓଡିଶା ଏମଡିଏମ ପାଚିକା ଓ ସହାୟିକା ସଂଘ ପକ୍ଷରୁ ୮ଦଫା ସମ୍ବଳିତ ଏକ ଦାବିପତ୍ର ଶୁକ୍ରବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ନୂଆପଡା ମିନିଷ୍ଟାଡିୟମଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ୮ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ସ୍କୁଲଗୁଡ଼ିକରେ ମଧ୍ୟାନ୍ନ ଭୋଜନ ପ୍ରସ୍ତୁତ କାର୍ଯ୍ୟ କରୁଥିବା ପାଚିକା ଓ ସହାୟିକାମାନେ ସର୍ବନିମ୍ନ ମଜୁରି ପାଇବାରୁ ବଞ୍ଚିତ ହେଉଛନ୍ତି। ପାଚିକା ଓ ସହାୟିକାମାନେ ବାରମ୍ବାର ଦାବି ଜଣାଇବା ପରେ ମାସକୁ ୧୪ଶହ ଟଙ୍କା ଦିଆଯାଉଛି। ଏହି ଅର୍ଥ ମଧ୍ୟ ନିୟମିତ ମିଳୁନାହିଁ। ଫଳରେ ଗୁଜୁରାଣ ମେଣ୍ଟାଇବାରେ ଅସୁବିଧା ହେଉଛି। ୨୦୦୯ ଡିସେମ୍ବର ୧୦ଠାରୁ କେନ୍ଦ୍ର ସରକାର ପାଚିକା ସହାୟିକାମାନଙ୍କ ପ୍ରାପ୍ୟ ଏକ ହଜାର ଟଙ୍କା ସ୍ଥିର କରିଥିଲେ ମଧ୍ୟ ୩୧ ମାର୍ଚ୍ଚ ୨୦୧୨ ପର୍ଯ୍ୟନ୍ତ ପାଚିକାକୁ ୬ ଶହ ଓ ସହାୟିକାକୁ ୪ଶହ ଟଙ୍କା ପୈଠ କରାଯାଇଛି। ସେମାନଙ୍କ ବକେୟା ୨୮ ମାସର ପ୍ରାପ୍ୟ ତୁରନ୍ତ ପ୍ରଦାନ, ବର୍ଷକୁ ଦୁଇ ଯୋଡା ଶାଢୀ ପ୍ରଦାନ, ୧୦ ମାସ ବଦଳେ ୧୨ ମାସର ପ୍ରାପ୍ୟ ପ୍ରଦାନ, ୬୦ ବର୍ଷ ପରେ ଛଟେଇ ହେଉଥିବା ପାଚିକା ସହାୟିକାମାନଙ୍କୁ ଅବସରକାଳୀନ ଅର୍ଥ ପ୍ରଦାନ, ବର୍ଷକୁ ୧୫ ଦିନର ଛୁଟି ମଞ୍ଜୁର କରିବା ସହିତ ପ୍ରସୁତି କାଳିନ ଛୁଟି ମଧ୍ୟ ମଞ୍ଜୁର, ପାଚିକା ଓ ସହାୟିକାମାନଙ୍କୁ ଶ୍ରମିକ ମାନ୍ୟତା ଦେବା ସହିତ ସର୍ବନିମ୍ନ ମଜୁରୀ ପ୍ରଦାନ ଆଦି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ନିଖିଳ ଓଡିଶା ଏମଡିଏମ ସଭାନେତ୍ରୀ ଧନମତୀ ଖର୍ସେଲ, ସମ୍ପାଦିକା ଅନୁପମା ବାଗ, ରାଜ୍ୟ ଉପସଭାପତି ପାଣ୍ଡବ ଭୋଇ, ଜିଲା ସଂଯୋଜକ ଯୁଧିଷ୍ଠିର ପ୍ରଧାନୀ ଓ ଜିଲାର ପାଚିକା ଓ ସହାୟିକାମାନେ ଉପସ୍ଥିତ ରହିଥିଲେ ।

# ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ବିକ୍ଷୋଭ

ବରଗଡ଼ ଅଫିସ୍,୨୪।୯

ପଶ୍ଚିମଓଡ଼ିଶା ଅଙ୍ଗନୱାଡ଼ି କର୍ମୀ, ସହାୟିକା ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ବରଗଡ଼ ଜିଲା ଭେଡ଼େନରେ ବିଡ଼ିଓ ଏବଂ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷାନୀତିରେ ସଂଶୋଧନ, କର୍ମୀଙ୍କୁ ପ୍ରାଥମିକ ଶିକ୍ଷକ ମାନ୍ୟତା ପ୍ରଦାନ ସହିତ ଶିକ୍ଷକ ପାଉଥିବା ହାରରେ ଦରମା, ସରକାରୀ ମାନ୍ୟତା ପ୍ରଦାନ, ସମନ୍ୱିତ ଶିଶୁ ବିକାଶ ଯୋଜନା ଘରୋଇକରଣ ପ୍ରକ୍ରିୟା ବନ୍ଦ କରିବା ପାଇଁ ସଂଘ ଦାବି କରିଛି । ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ସଂଘର କର୍ମକର୍ତ୍ତା, ସଭ୍ୟମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସଂଘର ଆବାହକ ପ୍ରଶାନ୍ତ ପାଢ଼ୀଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କର୍ମକର୍ତ୍ତା, ସଭ୍ୟମାନେ ସାମିଲ ହୋଇଥିଲେ।



ଭେଡ଼େନରେ ଅଙ୍ଗନୱାଡ଼ି କର୍ମୀ, ସହାୟିକାଙ୍କ ବିକ୍ଷୋଭ।